ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୭/୨୦୨୨ (୧୬ ପୃଷ୍ଠା) | Bhubaneswar, Monday, October 17/2022 | Page 16 | ₹ 7.00 | ★★★★★★
୪୮ଶ ଭାଗ ୩୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 321 | ମୂଲ୍ୟ₹୭/-



### ଶ୍ରାବଣୀ ନନ୍ଦଙ୍କୁ ସ୍ୱର୍ଣ୍ଣ

ବେଙ୍ଗାଲୁରୁସ୍ଥିତ ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଶ୍ରାବଣୀ ନନ୍ଦ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୬

୦୭

### ଉଁଚାଇରେ ପରିଣୀତି

ହିନ୍ଦୀ ଫିଲ୍ମ 'ଉଁଚାଇ'ରେ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଅଭିନୟ କରିଛନ୍ତି।



# ଆଜି କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ



ଶଶୀ ଥରୁର



ମଲ୍ଲିକାର୍ଜୁନ ଖାର୍ଗେ

## ୨୪ ବର୍ଷ ପରେ ଦଳର ନେତୃତ୍ୱ ନେବେ ଅଣଗାନ୍ଧୀ ସଦସ୍ୟ

**ନୂଆଦିଲ୍ଲୀ,୧୬।୧୦(ପି.ଟି.)**

ବହୁପ୍ରତୀକ୍ଷିତ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ସୋମବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ନିର୍ବାଚନରେ ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଶଶୀ ଥରୁର ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଖାର୍ଗେଙ୍କ ପଲା ଭାରି ଥିବା କୁହାଯାଉଛି। ୯,୦୦୦ରୁ ଊର୍ଦ୍ଧ୍ୱ ପିସିସି ପ୍ରତିନିଧି ଗୁପ୍ତ ଭୋଟ ଜରିଆରେ ନେତା ନିର୍ବାଚନ କରିବେ। ୨୪ ବର୍ଷ ପରେ ଗାନ୍ଧୀ ପରିବାର ବାହାରୁ ଜଣେ ବ୍ୟକ୍ତି ଦଳର ମଙ୍ଗ ଧରିବାକୁ ଯାଉଛନ୍ତି। ଶେଷ ଅଣଗାନ୍ଧୀ ସଦସ୍ୟ ଭାବେ ସୀତାରାମ କେଶରୀ ୧୯୯୬ରୁ ୧୯୯୮ କଂଗ୍ରେସ ଅଧ୍ୟକ୍ଷ ଥିଲେ।

ଦିଲ୍ଲୀର ଏଆଇସିସି ମୁଖ୍ୟାଳୟ ସମେତ ସାରା ଦେଶର ୬୫ଟି ବୁଥ୍‌ରେ ମତଦାନ ହେବ। କଂଗ୍ରେସର ୧୩୭ ବର୍ଷର ଇତିହାସରେ ଷଷ୍ଠ ଥର ପାଇଁ ଅଧ୍ୟକ୍ଷ ନିର୍ବାଚନ ☞ପୃଷ୍ଠା-୪

# ଅନିଶ୍ଚିତତାରେ ସୁବର୍ଣ୍ଣରେଖା ବନ୍ଦର

**ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ସହ ସ୍ଥାନୀୟ ଅଞ୍ଚଳର ବିକାଶ ଲକ୍ଷ୍ୟରେ ସରକାର ଏକାଧିକ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ଏଦିଗରେ ଜମି ଅଧିଗ୍ରହଣ ପ୍ରକ୍ରିୟା ବାଧକ ସାଜିଛି। ଜମି ଅଧିଗ୍ରହଣ ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗ ପାଇବା ପାଇଁ ପ୍ରଶାସନ ବିଫଳ ହେଉଛି। ଏଥିଯୋଗୁ ବାଲେଶ୍ୱର ଜିଲା ବାଲିଆପାଳ ଚୌମୁଖଠାରେ ସୁବର୍ଣ୍ଣରେଖା ମୁହାଣରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ଅନିଶ୍ଚିତତାରେ ରହିଛି।**

**ପ୍ରଦୀପ ଦାସ**
**ଭୋଗରାଇ, ୧୬।୧୦**

୨୦୦୬ ଡିସେମ୍ବର ୧୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୋଗରାଇ ଥାନାଛକଠାରେ ଏକ ସଭାରେ ସମ୍ବୋଧିତ କରି ବାଲେଶ୍ୱର ଜିଲା ସୁବର୍ଣ୍ଣରେଖା ମୁହାଣ ଭୋଗରାଇର କୀର୍ତ୍ତନିଆଠାରେ ୫ହଜାର କୋଟି ଟଙ୍କା ବ୍ୟୟରେ ଏକ ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।



ପ୍ରସ୍ତାବିତ ବନ୍ଦର ସ୍ଥାନ

ଏପରି କି ଏହି ବନ୍ଦର ପ୍ରତିଷ୍ଠା ହେଲେ ୧୫ ହଜାର କର୍ମ ସଂସ୍ଥାନ ସୃଷ୍ଟି ହେବ ବୋଲି କହିଥିଲେ। ଏହି ଘୋଷଣାର ୨ଦିନ ପରେ ଉକ୍ତ ସ୍ଥାନକୁ ପରିବର୍ତ୍ତନ କରାଯାଇ ନଦୀର ବିପରୀତ ପାର୍ଶ୍ୱରେ ଥିବା ବାଲିଆପାଳ ବ୍ଲକର ଚୌମୁଖଠାରେ ପ୍ରସ୍ତାବିତ ବନ୍ଦର ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଉକ୍ତ କାର୍ଯ୍ୟକୁ ୨୦୧୨ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ପରିବେଶ ଅନୁମତିରେ ବିଳମ୍ବ ଏବଂ ଜମି ଅଧିଗ୍ରହଣ ସମସ୍ୟା ଦେଖାଦେବାରୁ ତାହା ସମ୍ଭବ ହୋଇପାରି ନ ଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ଲଗାତର ବିରୋଧର ସମ୍ମୁଖୀନ ହେବା ପରେ ବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ସହ ଚୁକ୍ତି କରିଥିବା ଚେନ୍ନାଇ କ୍ରିଏଟିଭ ପୋର୍ଟ ଡେଭେଲପ୍‌ମେଣ୍ଟ ପ୍ରାଇଭେଟ ଲିମିଟେଡ ସଂସ୍ଥା ୨୦୧୩ରେ ପଛଘୁଞ୍ଚା ଦେଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ରାଜ୍ୟ ସରକାର ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ୨୦୧୮ରେ ଟାଟା ଷ୍ଟିଲ ସହ ଚୁକ୍ତି ସ୍ୱାକ୍ଷର କରିଥିଲେ। ଟାଟା ଷ୍ଟିଲ୍ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ୍ ପ୍ରକଳ୍ପ ପାଇଁ ୫୧% ପୁଞ୍ଜି ନିବେଶ କରିବ। ୨୦୧୯ ଫେବୃୟାରୀ ୧୩ରେ ମୁଖ୍ୟମନ୍ତ୍ରୀ ବାଲେଶ୍ୱର ଯୁବ ସମାବେଶରେ ଯୋଗଦେବା ସହ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ୫ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପ ପାଇଁ ବ୍ୟୟବରାଦ ଏବେ ୫ହଜାରରୁ ୧୫ହଜାର କୋଟିରେ ପହଞ୍ଚିଛି। ହେଲେ ପ୍ରସ୍ତାବିତ ସ୍ଥାନରେ

**▪ ୫ ହଜାର କୋଟିରୁ ୧୫ହଜାର କୋଟିରେ ପହଞ୍ଚିଛି ପ୍ରକଳ୍ପ ମୂଲ୍ୟ**
**▪ ଜମି ଅଧିଗ୍ରହଣ ହୋଇ ନ ପାରିବାରୁ କାର୍ଯ୍ୟରେ ବିଳମ୍ବ**
**▪ ୧୫ ହଜାର କର୍ମସଂସ୍ଥାନ ଲକ୍ଷ୍ୟ ଅସ୍ପଷ୍ଟ**

ଜନସାଧାରଣଙ୍କ ତୀବ୍ର ବିରୋଧ ଓ ପରିବେଶ ମଞ୍ଜୁରୀ ସହ ଜମି ଅଧିଗ୍ରହଣ ବିଳମ୍ବ ଯୋଗୁ କାର୍ଯ୍ୟ ଆଗେଇ ପାରୁନାହିଁ। ଗତ ନଭେମ୍ବର ୨୦ରେ ଉପକୂଳ ଭିଟାମାଟି ସୁରକ୍ଷା କମିଟି ସଦସ୍ୟମାନେ ବାଲିଆପାଳଠାରେ ହେବାକୁ ଥିବା ପ୍ରସ୍ତାବିତ ବନ୍ଦରକୁ ସର୍ଭେ ପାଇଁ ଯାଇଥିବା ଟିମ୍‌କୁ ବିରୋଧ କରିଥିଲେ। ସେମାନେ ବନ୍ଦର ନିକଟରେ ପେଟ୍ରୋକେମିକାଲ ପ୍ଲାଜା ନିର୍ମାଣ କରାଇ ଦେବୁ ନାହିଁ ବୋଲି କହିଥିଲେ। ଗତ ୪ ମାସ ତଳେ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ☞ପୃଷ୍ଠା-୪

### ବଞ୍ଚିବାକୁ ଯାଇ ୨ ଯାଆଁଙ୍କ ଜୀବନ ଗଲା

........୩........

**ଆଜିର ସମ୍ପାଦକୀୟ**

### ରାଜନୀତି ଚାଲୁ, ପଣ୍ଡିତ ମରନ୍ତୁ

**ଆଜିର ମନ୍ତବ୍ୟ**

"ଭାରତ କୌଣସି ଦେଶର ଅନିଷ୍ଟ କରିବାକୁ କଦାପି ଉଦ୍ୟମ କରିନାହିଁ। କେହି ଯଦି ଏହା ଉପରେ ଖରାପ ନଜର ପକାଇବାକୁ ଚେଷ୍ଟା କରେ ତେବେ ଠିକଣା ଜବାବ ଦିଆଯିବ।

–ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ




# ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମିତ ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ସଂକ୍ରାନ୍ତରେ ଶନିବାର ରାଜ୍ୟ ସରକାର ଘୋଷଣା କରିଥିବାବେଳେ ରବିବାର ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ। ଚୁକ୍ତିଭିତ୍ତିକ ଗ୍ରୁପ୍ 'ବି', 'ସି', 'ଡି' ପାହ୍ୟାର ନିଯୁକ୍ତି ଉଚ୍ଛେଦ କରାଯାଇ ୫୭ହଜାର ଠିକା କର୍ମଚାରୀଙ୍କୁ ନିୟମିତ ବା ସ୍ଥାୟୀ କରାଯିବାକୁ ଉଲ୍ଲେଖ କରାଯାଇଛି। ଛୁଟିଦିନ ସତ୍ତ୍ୱେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁସାରେ, ଚୁକ୍ତିଭିତ୍ତିକ ନିଯୁକ୍ତି ଦିନଠାରୁ ଇନ୍‌କ୍ରିମେଣ୍ଟ ଲାଗୁ ହେବ। ଯେଉଁମାନେ ୬ ବର୍ଷ ପୂରଣ କରିସାରିଛନ୍ତି, ତାଙ୍କୁ ମଧ୍ୟ ଏଥିରେ ଗଣନା କରାଯିବ। ସେହିପରି ନିୟମିତ ହେବା ପରେ ସେମାନଙ୍କ ପାଇଁ ପଦୋନ୍ନତି ଲାଗୁ କରାଯିବ। ସେମାନେ ବରିଷ୍ଠତା ଭିତ୍ତିରେ ସରକାରୀ ଚାକିରିର ସବୁ ସୁବିଧା ପାଇବେ। ସୂଚନାଯୋଗ୍ୟ, ସମାନ କାମକୁ ସମାନ ଦରମା ଦାବିକରି ଚୁକ୍ତିଭିତ୍ତିକ କର୍ମଚାରୀମାନେ ଚାକିରି ନିୟମିତ କରିବାକୁ ଦୀର୍ଘଦିନ ହେଲା ଆନ୍ଦୋଳନ ଚଳାଇ ଆସିଥିଲେ। ଶନିବାର କ୍ୟାବିନେଟ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଠିକା ନିଯୁକ୍ତିର ଯୁଗ ଶେଷ ☞ପୃଷ୍ଠା-୪

# ବାକି ରହିଗଲେ ଅନେକ

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ସରକାର ଶନିବାର ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ କରାଯାଇଥିବା ନେଇ ଘୋଷଣା କରିବା ପରେ ରବିବାର ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାଦ୍ୱାରା ପ୍ରାୟ ୫୭ ହଜାର ଚୁକ୍ତିଭିତ୍ତିକ କର୍ମଚାରୀ ଯେଉଁମାନେ ୬ ବର୍ଷ ପୂର୍ବରୁ ଆଶାବାନ୍ଧି ବସିଥିଲେ ସେମାନେ ଏବେ ସ୍ଥାୟୀ ହେବେ। ଫଳରେ ଉକ୍ତ କର୍ମଚାରୀମାନଙ୍କ ମଧ୍ୟରେ ଖୁସିର ବାତାବରଣ ଦେଖିବାକୁ ମିଳିଛି। ହେଲେ ସରକାରଙ୍କ ଏଭଳି ନିଷ୍ପତ୍ତିରେ ଅନେକ କର୍ମଚାରୀ ନିରାଶ ହେବା ସାଙ୍ଗକୁ ଏବେ ଭାଙ୍ଗିପଡ଼ିଛନ୍ତି। ଏହାକୁ ଐତିହାସିକ ନିଷ୍ପତ୍ତି କୁହାଯାଉଥିଲେ ମଧ୍ୟ ଏହାଦ୍ୱାରା ରାଜ୍ୟର ସମସ୍ତ ପ୍ରକାର ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସାମିଲ କରାଯାଇନାହିଁ। କେବଳ ଯେଉଁମାନେ ଆଗକୁ ସ୍ଥାୟୀ ହୋଇଥାଆନ୍ତେ ସେମାନେ କିଛିଦିନ ପୂର୍ବରୁ ଏହି ସୁବିଧା ପାଇଯିବେ। ଯେଉଁ କର୍ମଚାରୀମାନେ ଦୀର୍ଘବର୍ଷ ହେଲା (ପ୍ରାୟ ୧୦ରୁ ୨୫ ବର୍ଷ) ସରକାରଙ୍କ ପାଇଁ ଅସ୍ଥାୟୀ ଭାବେ ବିଭିନ୍ନ ଯୋଜନା ଲାଗି କାର୍ଯ୍ୟ କରିଆସୁଛନ୍ତି ସେମାନଙ୍କୁ ଏକ ପ୍ରକାର ଅଣଦେଖା କରାଯାଇଛି। କେବଳ ସେତିକି ନୁହେଁ ଆଉଟ ସୋର୍ସିଂ ମାଧ୍ୟମରେ ସରକାରଙ୍କ ଏକାଧିକ କାର୍ଯ୍ୟ କରୁଥିବା ରାଜ୍ୟର ଲକ୍ଷାଧିକ କର୍ମଚାରୀ ମଧ୍ୟ ଏଭଳି ନିଷ୍ପତ୍ତିରେ ନିରାଶ ହୋଇଛନ୍ତି।

ନଗର ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଜଣେ ଆଉଟସୋର୍ସିଂ କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଲୋକସେବା ଭବନଠାରୁ ଆରମ୍ଭକରି ଜିଲା ଏବଂ ବ୍ଲକସ୍ତର ପର୍ଯ୍ୟନ୍ତ ଅନୁଧ୍ୟାନ କଲେ ଦେଖିବେ ସବୁଠି ଆଉଟସୋର୍ସିଂ ପିଲାମାନେ ହିଁ କାର୍ଯ୍ୟ କରୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ କାର୍ଯ୍ୟକାରୀ ହେଉଥିବା ପ୍ରାୟ ସମସ୍ତ ଯୋଜନାରେ ଆଉଟସୋର୍ସିଂ ପିଲାମାନେ କାମ କରୁଛନ୍ତି। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଏହି ଯୋଜନାଗୁଡ଼ିକ ଲାଗି ରାଜ୍ୟ ସରକାର ଏକ ପିଏମ୍‌ୟୁ(ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍) ଗଠନ କରିବେ। ଏଥିରେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିଯୁକ୍ତି ଦେବେ, ଯେଉଁମାନେ ଯୋଜନାଗୁଡ଼ିକ କିପରି ଠିକ୍‌ଭାବେ କାର୍ଯ୍ୟକାରୀ ହେବ ସେଥିପାଇଁ କାମ କରିବେ। ହେଲେ ସରକାର ଜାଣିଶୁଣି ପିଲାଙ୍କୁ ଠିକାରେ ନିଯୁକ୍ତି ଦେବା ପରିବର୍ତ୍ତେ ଆଉଟସୋର୍ସିଂ ସଂସ୍ଥା ହାତରେ ଏହି ଦାୟିତ୍ୱ ଧରାଇ ଦେଇଛନ୍ତି। ଏହିଭଳି ବିଭିନ୍ନ ଯୋଜନାର କାର୍ଯ୍ୟ ଆଉଟସୋର୍ସିଂ ଜରିଆରେ ପ୍ରାୟ ୧୦ ବର୍ଷରୁ ଅଧିକ ଦିନ ହେଲା ☞ପୃଷ୍ଠା-୪

ଧରିତ୍ରୀ
**ଯୁବ ସମ୍ମିଳନୀ** ୨୦୨୨
ଜଳବାୟୁ ପରିବର୍ତ୍ତନ: ଯୁବବର୍ଗଙ୍କ ଶକ୍ତି

DHARITRI YOUTH CONCLAVE 2022 CLIMATE CHANGE: THE POWER OF YOUTH

**ଜଳବାୟୁ କାର୍ଯ୍ୟାନ୍ୱୟନ** ଦିଗରେ ପ୍ରୟାସରତ **ଯୁବବର୍ଗ** (ବ୍ୟକ୍ତିଗତ କିମ୍ବା ଗୋଷ୍ଠୀ)ଙ୍କଠାରୁ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସେହି ଦିଗରେ ନେଉଥିବା ପଦକ୍ଷେପ ସମ୍ପର୍କରେ **୧୫୦ ଶବ୍ଦ** ମଧ୍ୟରେ ଲେଖା ଆହ୍ୱାନ କରାଯାଉଛି। ଏଥିସହିତ ଆଗ୍ରହୀ ଯୁବତୀଯୁବକ ନିଜର କୃତୀ ସମ୍ପର୍କିତ **୪ଟି ହାଇ ରିଜୋଲ୍ୟୁଶନ ଫଟୋ** (୧ ଏମ୍‌ବି ଓ ତଦୂର୍ଦ୍ଧ୍ୱ) ମଧ୍ୟ ପଠାଇପାରିବେ।

ସେହି ଆଧାରରେ ସୁନିର୍ବାଚିତ ଯୁବତୀଯୁବକଙ୍କ କାର୍ଯ୍ୟ ଓ ଫଟୋକୁ ଏହି ସମ୍ମିଳନୀରେ ପ୍ରଦର୍ଶିତ କରାଯିବ। ଆବଶ୍ୟକସ୍ଥଳେ ଏହି ସମ୍ମିଳନୀରେ **ଯୁବ ଜଳବାୟୁ ପ୍ରେରଣାଦାୟୀ ବ୍ୟକ୍ତି** ଓ **ବିଶେଷଜ୍ଞ**ଙ୍କ ସହ ଭାବ ବିନିମୟ କରିବାର ସୁଯୋଗ ପାଇପାରିବେ।

ଆବେଦନ କରିବାର ଶେଷ ତାରିଖ: ୩୦ ଅକ୍ଟୋବର ୨୦୨୨
ସବିଶେଷ ବିବରଣୀ: youthconclave@dharitri.com କୁ ପଠାନ୍ତୁ
ଦେଖନ୍ତୁ: www.dharitriyouthconclave.com



# ଖାଦ୍ୟ ଥାଇ ୨୦୦ କୋଟି ଭୋକିଲା

## ଖାଦ୍ୟନଷ୍ଟରୁ ଜଳବାୟୁ ପରିବର୍ତ୍ତନ, ଜଳ ଅପଚୟ

**ନୂଆଦିଲ୍ଲୀ, ୧୬।୧୦**

ବିଶ୍ୱରେ ଆବଶ୍ୟକ ପରିମାଣର ଖାଦ୍ୟ ଉତ୍ପାଦନ ହେଉଥିଲେ ସୁଦ୍ଧା ଆନେକ ଦେଶ ଖାଦ୍ୟାଭାବ ସଙ୍କଟ ଦେଇ ଗତି କରୁଛନ୍ତି। ଏହାପଛର ପ୍ରମୁଖ କାରଣ ଖାଦ୍ୟ ନଷ୍ଟ। ତେବେ ଖାଦ୍ୟ ନଷ୍ଟ ଦ୍ୱାରା ଖାଲି ଯେ ବିଶ୍ୱ ଅର୍ଥବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି ତା' ନୁହେଁ, ଜଳବାୟୁ ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡୁଥିବା ପ୍ରକାଶିତ



ଡବ୍ଲ୍ୟୁଏଫ୍‌ପି ରିପୋର୍ଟରୁ ଜଣାପଡ଼ିଛି। ଅନେକ ସମୟରେ ବଳକା ଖାଦ୍ୟକୁ ଡଷ୍ଟବିନ୍‌ରେ ପକାଇ ଦିଆଯାଏ। ଏହି ଖାଦ୍ୟବର୍ଜ୍ୟ ବାୟୁମଣ୍ଡଳରେ କାର୍ବନ ପରିମାଣ ବୃଦ୍ଧି ପାଇଁ ଦାୟୀ। ଏହାଦ୍ୱାରା ଜଳର ଅପଚୟ ମଧ୍ୟ ଘଟେ। ବିଶ୍ୱରେ ପ୍ରତିବର୍ଷ ୧.୩ ବିଲିୟନ୍ ଟନ୍ ଖାଦ୍ୟ ନଷ୍ଟ ହେଉଛି, ଯାହାର ହାରାହାରି ମୂଲ୍ୟ ୧ ଟ୍ରିଲିୟନ୍ ଡଲାର। ଉତ୍ପାଦନ ହେଉଥିବା ମୋଟ ଖାଦ୍ୟର ତିନି ପ୍ରତିଶତ ପ୍ରତ୍ୟେକ ବର୍ଷ ନଷ୍ଟ ହେଉଥିବା ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ୍ (ଡବ୍ଲ୍ୟୁଏଫ୍‌ପି) ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନଷ୍ଟ ହେଉଥିବା ଖାଦ୍ୟର ପରିମାଣକୁ ଦେଖିଲେ ଏହାର ଆୟତନ ଏତେ ବିସ୍ତୃତ ଯେ, ତହିଁରୁ ଆମେରିକା ଓ ଚାଇନା ପରେ ସର୍ବାଧିକ ଅଙ୍ଗାରକାମ୍ଳ ବାହାରିଥାଏ। ବାୟୁମଣ୍ଡଳରୁ ନିର୍ଗତ ମୋଟ କାର୍ବନର ୮-୧୦% ଖାଦ୍ୟବର୍ଜ୍ୟରୁ ବାହାରିଥାଏ। ରିପୋର୍ଟ ଅନୁଯାୟୀ ଫିଙ୍ଗାଯାଉଥିବା ବଳକା ଖାଦ୍ୟରୁ ☞ପୃଷ୍ଠା-୪

କେତେଜଣ ବଡ଼ ଶିଳ୍ପପତିଙ୍କୁ ସହାୟତା ଉଦ୍ଦେଶ୍ୟରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଆଣିଥିବା ନୀତି କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କୁ କ୍ଷତି ପହଞ୍ଚାଉଛି।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

# ମୋଦିଙ୍କ ୧୧ ୱାଣ୍ଟେଡ୍ ମେଗ୍ନିଟ୍ସ୍କି

## 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ'ରେ ଭାରତୀୟ ଅଧିକାରୀଙ୍କ ବିରୋଧରେ ବିବାଦୀୟ ବିଜ୍ଞାପନ

**ସ୍ପାନିଶ୍ ଖବରକାଗଜ 'ଲା ଭାଙ୍ଗୁଆର୍ଡିଆ' ଭାରତୀୟ ଅର୍ଥନୀତିକୁ ସାପୁଆ କେଳା ସହ ତୁଳନା ପୂର୍ବକ କଟାକ୍ଷ କରିବା ପରେ ଆମେରିକାର 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ'ରେ ଏକ ଭାରତ ବିରୋଧୀ ବିଜ୍ଞାପନ ପ୍ରକାଶ ପାଇଛି। ଏହି ଫୁଲ୍ ପେଜ୍ ଆଡ୍‌ଭର୍ଟାଇଜ୍‌ମେଣ୍ଟ ନୂଆଦିଲ୍ଲୀ ଓ ୱାଶିଂଟନ ମଧ୍ୟରେ ବିଜ୍ଞାପନ ଯୁଦ୍ଧକୁ ଜନ୍ମ ଦେଇଛି। ଏଥିରେ ଭାରତକୁ ନିବେଶକଙ୍କ ପାଇଁ ଅସୁରକ୍ଷିତ ବୋଲି ଉଲ୍ଲେଖ କରାଯାଇଛି। ଏଥିସହ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣ ଯୋଗୁ ଦେଶ ଶକ୍ତିହୀନ ହୋଇଯାଇଥିବା କୁହାଯାଇଛି। କେବଳ ଏତିକି ନୁହେଁ, ଉକ୍ତ ବିଜ୍ଞାପନ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ସମେତ ସୁପ୍ରିମକୋର୍ଟ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କର୍ତ୍ତୃପକ୍ଷଙ୍କ ବିରୋଧରେ ନିଷେଧାଦେଶ ଜାରି ପାଇଁ ମଧ୍ୟ ଆହ୍ୱାନ ଦେଇଛି। ଏହାକୁ ନେଇ ଭାରତରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେଜଣ ଭାରତୀୟ 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ' ସମ୍ପାଦକଙ୍କଠାରୁ କ୍ଷମା ଦାବି କରିଛନ୍ତି। କେନ୍ଦ୍ର ଏହାକୁ ଭାରତୀୟ ସାର୍ବଭୌମତ୍ୱ ଉପରେ ଆକ୍ରମଣ ବୋଲି ଅଭିହିତ କରିଛି।**

ନୂଆଦିଲ୍ଲୀ/ୱାଶିଂଟନ,୧୬।୧୦

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୱାଶିଂଟନ ଗସ୍ତରେ ଥିବାବେଳେ ନ୍ୟୁୟର୍କ ସିଟିରୁ ପ୍ରକାଶିତ ବିଜ୍‌ନେସ୍‌ଭିତ୍ତିକ ଦୈନିକ ଖବରକାଗଜ 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ' ଏହାର ଅକ୍ଟୋବର ୧୩ ସଂସ୍କରଣରେ ଏକ ଭାରତ ବିରୋଧୀ ବିଜ୍ଞାପନ ଛାପିଛି, ଯାହାର ଶୀର୍ଷକ ରହିଛି, 'ୱାଣ୍ଟେଡ୍ ମୋଦିସ୍ ମେଗ୍ନିଟ୍ସ୍କି ୧୧'। ଭାରତକୁ ନିବେଶ କ୍ଷେତ୍ରରେ ଅସୁରକ୍ଷିତ କରିଦେଇଥିବା ଅଧିକାରୀମାନଙ୍କୁ ଦେଖନ୍ତୁ ବୋଲି ଶିରୋନାମା ତଳେ କ୍ୟାଚ୍‌ଲାଇନ୍ ଦିଆଯାଇଛି। ଲେଖାଯାଇଛି ଯେ, ମୋଦି ସରକାରଙ୍କ ଏହି ୧୧ ଅଧିକାରୀ ରାଜନୈତିକ ଓ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ବିରୋଧରେ ପ୍ରତିଶୋଧ ନେବା ପାଇଁ ସରକାରୀ ସଂସ୍ଥାଗୁଡ଼ିକୁ ଲଗାଇ ଆଇନକୁ ଶେଷ କରିଦେଇଛନ୍ତି। ତେଣୁ ଏହି ୧୧ ଜଣଙ୍କ ବିରୋଧରେ ଗ୍ଲୋବାଲ ମେଗ୍ନିଟ୍ସ୍କି ହ୍ୟୁମାନ ରାଇଟ୍ସ ଆକାଉଣ୍ଟାବିଲିଟି ଆକ୍ଟ ଅଧୀନରେ ଅର୍ଥନୈତିକ ଓ ଭିଜା କଟକଣା ଜାରି କରିବାକୁ ଆମେରିକା ସରକାରଙ୍କୁ ଅନୁରୋଧ। କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧୀନରେ ଭାରତ ଏକ ବିପଜ୍ଜନକ ନିବେଶସ୍ଥଳ ପାଲଟିଛି ବୋଲି ଏଥିରେ କୁହାଯାଇଛି। ବିଜ୍ଞାପନରେ ଅର୍ଥମନ୍ତ୍ରୀ ସୀତାରାମନଙ୍କ ସହ ଆଣ୍ଟ୍ରିକ୍ସ କର୍ପୋରେଶନ ଚେୟାରମ୍ୟାନ୍ ରାକେଶ ଶଶିଭୂଷଣ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ଅତିରିକ୍ତ ଆର୍ଟର୍ନି ଜେନେରାଲ ଏନ୍. ଭେଙ୍କଟରମଣ, ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ହେମନ୍ତ ଗୁପ୍ତା ଏବଂ ଭି.ରାମାସୁବ୍ରମଣ୍ୟମ୍, ପିସି ସ୍ପେଶାଲ ଲ' ଜଜ୍ ଚନ୍ଦ୍ରଶେଖର, ସିବିଆଇ ଡିଏସ୍‌ପି ଆଶିଷ ପାରିକ, ଇଡି ମୁଖ୍ୟ ସଞ୍ଜୟ କୁମାର ମିଶ୍ର, ଉପନିର୍ଦ୍ଦେଶକ ଆର୍. ରାଜେଶ ଏବଂ ଏ. ସାଦିକ୍ ମହମ୍ମଦ ପ୍ରମୁଖଙ୍କ ନାମ ଉଲ୍ଲେଖ କରାଯାଇଛି। ଏହି ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକର ତଦନ୍ତ କରୁଛନ୍ତି, ଯାହାକି ଭାରତକୁ ପଥଚ୍ୟୁତ କରିବା ନେଇ ଆମେରିକୀୟ ଲବିଷ୍ଟମାନଙ୍କ ଯୋଜନାକୁ ପ୍ରଭାବିତ କରିପାରେ। ତେଣୁ ଆମେରିକା ସରକାର ଏହି ସମସ୍ତଙ୍କ ବିରୋଧରେ କଠୋର କଟକଣା ଜାରି କରନ୍ତୁ। ଆମେରିକୀୟ ସଙ୍ଗଠନ ଫ୍ରଣ୍ଟିୟର ଅଫ୍ ଫ୍ରିଡମ୍ ପକ୍ଷରୁ ଏହି ବିଜ୍ଞାପନ ଜାରି କରାଯାଇଛି। ଏହା ପଛରେ ଦେବାସ୍ ମଲ୍ଟିମିଡିଆ ସହପ୍ରତିଷ୍ଠାତା ରାମଚନ୍ଦ୍ରନ ବିଶ୍ୱନାଥନ୍‌ଙ୍କ ହାତ ଥିବା କୁହାଯାଉଛି।




### ମେଗ୍ନିଟ୍ସ୍କି ଆଇନରେ କ'ଣ ଅଛି

ମେଗ୍ନିଟ୍ସ୍କି ଆଇନ ଆନୁଷ୍ଠାନିକ ଭାବେ ରୁଷିଆ ଆଣ୍ଡ ମୋଲ୍‌ଡୋଭା ଜ୍ୟାକ୍ସନ–ଭାନିକ୍ ରିପିଲ୍ ଆଣ୍ଡ ସର୍ଗେଇ ମେଗ୍ନିଟ୍ସ୍କି ରୁଲ୍ ଅଫ୍ ଦ ଆକାଉଣ୍ଟାବିଲିଟି ଆକ୍ଟ, ୨୦୧୨ ରୂପେ ପରିଚିତ। ଉକ୍ତ ଆଇନକୁ ଦୁଇ ପ୍ରମୁଖ ଦଳ ରିପବ୍ଲିକାନ୍ ପାର୍ଟି ଓ ଡେମୋକ୍ରାଟିକ୍ ପାର୍ଟିର ସମର୍ଥନ ମିଳିବା ପରେ ଏହା ଆମେରିକା କଂଗ୍ରେସରେ ଗୃହୀତ ହୋଇଥିଲା। ୨୦୧୨ ଡିସେମ୍ବରରେ ତତ୍କାଳୀନ ରାଷ୍ଟ୍ରପତି ବାରାକ୍ ଓବାମା ଏହା ଉପରେ ମୋହର ଦେଇଥିଲେ। ଗ୍ଲୋବାଲ ମେଗ୍ନିଟ୍ସ୍କି ଆକ୍ଟ, ୨୦୧୬ ଆମେରିକା ସରକାରଙ୍କୁ ବିଦେଶର ସରକାରୀ ଅଧିକାରୀମାନଙ୍କ ବିରୋଧରେ ବିଶ୍ୱବ୍ୟାପୀ କାର୍ଯ୍ୟାନୁଷ୍ଠାନର କ୍ଷମତା ପ୍ରଦାନ କରିଥାଏ। ମାନବାଧିକାର ଉଲ୍ଲଂଘନକାରୀ କିମ୍ବା ବଡ଼ ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗ ପ୍ରମାଣିତ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତି, ଭିଜା ରଦ୍ଦ ସହ ଆମେରିକାକୁ ସେମାନଙ୍କ ପ୍ରବେଶ ଉପରେ କଟକଣା ଜାରି ପାଇଁ ଏହି ଆଇନରେ ବ୍ୟବସ୍ଥା ରହିଛି।

### ମେଗ୍ନିଟ୍ସ୍କି କିଏ



ୟୁକ୍ରେନ୍‌ରେ ଜନ୍ମିତ ରୁଷୀୟ ଟ୍ୟାକ୍ସ ଲୟର ସର୍ଗେଇ ଲିଓନିଡୋଭିଚ୍ ମେଗ୍ନିଟ୍ସ୍କି ଜଣେ ଟ୍ୟାକ୍ସ ଆଡ୍‌ଭାଇଜର ଥିଲେ। ସେ ନିଜ କ୍ଲାଏଣ୍ଟ ମର୍ହିଟେଜ୍ କ୍ୟାପିଟାଲ ମ୍ୟାନେଜମେଣ୍ଟ ପକ୍ଷରୁ ପ୍ରତିନିଧିତ୍ୱ କରି ରୁଷିଆର ସରକାରୀ ଅଧିକାରୀମାନଙ୍କ ଅନେକ ଦୁର୍ନୀତି ଓ ଅନିୟମିତତାର ପର୍ଦ୍ଦାଫାସ କରିଥିଲେ। ରୁଷିଆ ସରକାର ୨୦୦୮ରେ ମେଗ୍ନିଟ୍ସ୍କିଙ୍କୁ ଗିରଫ କରି ଜେଲରେ ପୂରାଇବାର ୧୧ ମାସ ପରେ ଅର୍ଥାତ୍ ୨୦୦୯ ନଭେମ୍ବର ୧୬ରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ସେତେବେଳେ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲା। ରୁଷୀୟ ଅଧିକାରୀମାନଙ୍କୁ ଦଣ୍ଡିତ କରିବା ଲାଗି ଓବାମା ପ୍ରଶାସନ ମେଗ୍ନେଟ୍ସ୍କି ଆଇନ ପ୍ରଣୟନ କରିଥିଲେ। ପରବର୍ତ୍ତୀ ସମୟରେ ୟୁରୋପୀୟ ସଂଘ (ଇୟୁ) ସମେତ କାନାଡା, ବ୍ରିଟେନ ଓ ଅନ୍ୟ କେତେକ ଦେଶରେ ଅନୁରୂପ ଆଇନ ଗୃହୀତ ହୋଇଛି।

### ବିଜ୍ଞାପନ ପଛରେ ରାମଚନ୍ଦ୍ରନ୍



ବେଙ୍ଗାଲୁରୁସ୍ଥିତ ଦେବାସ୍ ମଲ୍ଟିମିଡିଆ ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ବ୍ୟବସାୟିକ ଶାଖା ଆଣ୍ଟ୍ରିକ୍ସ କର୍ପୋରେଶନ ଲିଃ ମଧ୍ୟରେ ଉପଗ୍ରହ ପରିଚାଳନା ସମ୍ପର୍କିତ ୨୦୦୫ର ଏକ ଡିଲ୍‌କୁ ନେଇ ବିବାଦ ସୃଷ୍ଟି ହେବାରୁ ତାହାକୁ ରଦ୍ଦ କରାଯାଇଥିଲା। ନିକଟରେ ଦେବାସ୍ ବିରୋଧରେ ସରକାରୀ କାର୍ଯ୍ୟାନୁଷ୍ଠାନ ନିଆଯିବା ପରେ ରାମଚନ୍ଦ୍ରନ ବିଶ୍ୱନାଥନ୍ ନିଜ ପ୍ରତିକ୍ରିୟାରେ ଏହି ବିଜ୍ଞାପନ ଛପାଇଥିବା କୁହାଯାଉଛି। ୨୦୧୫ରେ ଦେବାସ୍ ମଲ୍ଟିମିଡିଆ ସପକ୍ଷରେ ଇଣ୍ଟରନ୍ୟାଶନାଲ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ପ୍ରକାଶିତ ୧.୩ ବିଲିୟନ୍ ଡଲାର ଡିଲ୍ ସମ୍ପର୍କିତ ଏକ ରାୟକୁ ଦିଲ୍ଲୀ ହାଇକୋର୍ଟ ଗତ ଅଗଷ୍ଟରେ ଖାରଜ କରିଦେଇଥିଲେ। ସରକାର ବିଶ୍ୱନାଥନ୍‌ଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ମରିସସ୍‌ରେ ଥିବା ଦେବାସ୍ ମଲ୍ଟିମିଡିଆର ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ମ୍ୟୁଚୁଆଲ ଲିଗାଲ ଆସିଷ୍ଟାନ୍ସ ଟ୍ରିଟି ବା ପାରସ୍ପରିକ ଆଇନଗତ ସହଯୋଗ ଚୁକ୍ତି (ଏମ୍‌ଏଲ୍‌ଏଟି) ଜରିଆରେ ଅଚଳ କରିଦେଇଥିଲେ। ତାଙ୍କୁ ଆମେରିକାରୁ ପ୍ରତ୍ୟର୍ପଣ କରିଆଣିବା ଲାଗି ରେଡ୍ କର୍ନର ନୋଟିସ୍ ଜାରି କରିବାକୁ ଇଣ୍ଟରପୋଲକୁ ଅନୁରୋଧ କରିଥିଲେ। ସେହି ଅଗଷ୍ଟ ମାସରେ ଦେବାସ୍ ମଲ୍ଟିମିଡିଆ ଆମେରିକାରେ ଥିବା ଆଣ୍ଟ୍ରିକ୍ସ କର୍ପୋରେଶନ୍‌ର ଆକାଉଣ୍ଟରୁ ୮୭,୪୫୭.୪୭ ଡଲାର ସିଜ୍ କରିଥିଲା। ଏଥିସହ ଆମେରିକା, ଫ୍ରାନ୍ସ ଓ କାନାଡାର କେତେକ କୋର୍ଟରୁ ଆଇସିସି ଆୱାର୍ଡ ଭିତ୍ତିରେ ଅନୁକୂଳ ଅନୁମତି ମିଳିବା ପରେ ପ୍ୟାରିସ୍‌ରେ ଥିବା ଆଣ୍ଟ୍ରିକ୍ସର ଏକ ସମ୍ପତ୍ତିକୁ ମଧ୍ୟ ହାତେଇଥିଲା। ଏବେ ଆମେରିକାର ଜଣେ ରିପବ୍ଲିକାନ୍ ପାର୍ଟି ସିନେଟରଙ୍କ ପାଣ୍ଠିରେ ପରିଚାଳିତ ଦକ୍ଷିଣପନ୍ଥୀ ଏନ୍‌ଜିଓ ଫ୍ରଣ୍ଟିୟର୍ସ ଅଫ୍ ଫ୍ରିଡମ୍ ଦ୍ୱାରା ଏହି ବିବାଦୀୟ ବିଜ୍ଞାପନ ପ୍ରକାଶ ପାଇଛି। ବହୁକୋଟି ଟଙ୍କା ଧରି ଆମେରିକାକୁ ପଳାୟନ କରିଥିବା ରାମଚନ୍ଦ୍ର ଭାରତରେ ପୁଞ୍ଜିନିବେଶ କ୍ଷେତ୍ରରେ ନକାରାତ୍ମକ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ଏପରି କରିଥିବା ମନେକରାଯାଉଛି।

## ସଂକ୍ଷେପରେ

### ଅଭିନେତ୍ରୀ ବୈଶାଳୀ ଟକ୍କରଙ୍କ ଆତ୍ମହତ୍ୟା



ନୂଆଦିଲ୍ଲୀ,୧୬।୧୦ : ଟିଭି ସିରିଏଲ୍ ଅଭିନେତ୍ରୀ ବୈଶାଳୀ ଟକ୍କରଙ୍କ ଝୁଲନ୍ତା ମୃତଦେହ ରବିବାର ସକାଳେ ମଧ୍ୟପ୍ରଦେଶର ଇନ୍ଦୋର ବାସଭବନରୁ ମିଳିଛି। ତାଙ୍କୁ ୨୬ ବର୍ଷ ହୋଇଥିଲା। ମିଳିଥିବା ସୁଇସାଇଡ୍ ନୋଟ୍‌ରୁ ସେ ଅବସାଦରେ ଥିଲେ ଓ ପୂର୍ବତନ ବୟଫ୍ରେଣ୍ଡ ତାଙ୍କୁ ହଇରାଣ କରୁଥିଲେ ବୋଲି ଜଣାପଡ଼ିଥିବା ଇନ୍ଦୋର ଏସିପି ଏମ୍. ରହମନ କହିଛନ୍ତି। ୨୦୧୫ରୁ ସେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। 'ସସୁରାଲ ସିମର କା' ଏବଂ 'ୟେ ରିସ୍ତା କ୍ୟା କେହଲତା ହୈ'ରେ ଅଭିନୟ ପାଇଁ ସେ ବେଶ୍ ଜଣାଶୁଣା। ନିକଟରେ ତାଙ୍କୁ 'ରକ୍ଷାବନ୍ଧନ' ସିରିଏଲ୍‌ରେ ଦେଖିବାକୁ ମିଳିଥିଲା।

### ରାଷ୍ଟ୍ରପତିଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର

**ନୂଆଦିଲ୍ଲୀ,୧୬।୧୦:** ନୂଆଦିଲ୍ଲୀର ଆର୍ମି ରିସର୍ଚ୍ଚ ଆଣ୍ଡ ରେଫରାଲ୍ ହସ୍ପିଟାଲରେ ରବିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଛି। ଅସ୍ତ୍ରୋପଚାର ସଫଳ ହୋଇଛି ଓ ୬୪ ବର୍ଷୀୟ ମୁର୍ମୁ ହସ୍ପିଟାଲରୁ ଫେରିଥିବା ରାଷ୍ଟ୍ରପତି ଭବନ ମୁଖପାତ୍ର କହିଛନ୍ତି। ସେ ଜୁଲାଇ ୨୫ରେ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ।

### ପଞ୍ଜାବର ପୂର୍ବତନ ମନ୍ତ୍ରୀ ସୁନ୍ଦରଶାମ ଆରୋରା ଗିରଫ



**ଚଣ୍ଡିଗଡ଼,୧୬।୧୦(ପି.ଟି.):** ଜଣେ ଅଫିସରଙ୍କୁ ୫୦ ଲକ୍ଷ ଟଙ୍କା ଲାଞ୍ଚ ଯାଚିବା ଅଭିଯୋଗରେ ପଞ୍ଜାବର ପୂର୍ବତନ ମନ୍ତ୍ରୀ ସୁନ୍ଦରଶାମ ଆରୋରାଙ୍କୁ ରାଜ୍ୟ ଭିଜିଲାନ୍ସ ବ୍ୟୁରୋ ଗିରଫ କରିଛି। ତାଙ୍କ ବିରୋଧରେ ଏକ ତଦନ୍ତକୁ ରଫାଦଫା କରିବାକୁ ଆରୋରା ଲାଞ୍ଚ ଯାଚିଥିଲେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସେ ଗତ ଜୁନ୍‌ରେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିଲେ। ଶନିବାର ରାତିରେ ସେ ମୋହାଲିର ଜିରାକପୁରରେ ଭିଜିଲାନ୍ସ ବ୍ୟୁରୋର ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲଙ୍କୁ ଲାଞ୍ଚ ଅର୍ଥ ଦେବାକୁ ଉଦ୍ୟମ କରୁଥିବାବେଳେ ଗିରଫ ହୋଇଥିଲେ। ତାଙ୍କୁ ମୋହାଲିର ଏକ ଅଦାଲତ ୩ ଦିନିଆ ପୋଲିସ ରିମାଣ୍ଡରେ ପଠାଇଛନ୍ତି।

### ମେକ୍ସିକୋ ବାର୍‌ରେ ଗୁଳି: ୧୨ ମୃତ

**ମେକ୍ସିକୋ ସିଟି, ୧୬।୧୦:** ମେକ୍ସିକୋର ଗୁଆନାଜୁଆଟୋ ପ୍ରଦେଶର ଇରାପୁଆଟୋ ସହରରେ ଥିବା ଏକ ବାର୍‌ରେ ଶନିବାର ସନ୍ଧ୍ୟାରେ ଗୁଳିକାଣ୍ଡ ଘଟି ୧୨ ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ୬ ମହିଳା ଓ ୬ ପୁରୁଷ ରହିଛନ୍ତି। ଗୁଳିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି। ଏହି ପ୍ରଦେଶରେ ମାସକରୁ ବି କମ୍ ସମୟ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ଗୁଳିକାଣ୍ଡ। ପୂର୍ବରୁ ସାନ୍ ମିଗୁଏଲ୍ ଟୋଟୋଲାପାନ୍ ସହରରେ ଥିବା ଏକ ଟାଉନ୍ ହଲ୍‌ରେ ଆତତାୟୀଙ୍କ ଗୁଳିରେ ୧୮ ଜଣଙ୍କ ଜୀବନ ଯାଇଥିଲା।

# ସିସୋଡିଆଙ୍କୁ ସିବିଆଇ ସମନ

### ଅବକାରୀ ଦୁର୍ନୀତି



ନୂଆଦିଲ୍ଲୀ,୧୬।୧୦

ଦିଲ୍ଲୀରେ ନୂଆ ଅବକାରୀ ନୀତି ପ୍ରଣୟନ ଓ କାର୍ଯ୍ୟକାରିତାରେ ଦୁର୍ନୀତି ଅଭିଯୋଗରେ ଜେରା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ରବିବାର ସମନ ଜାରି କରିଛି। ତାଙ୍କୁ ସୋମବାର ପୂର୍ବାହ୍ନ ୧୧ଟାରେ ସିବିଆଇ ମୁଖ୍ୟାଳୟରେ ହାଜର ହେବା ଲାଗି କୁହାଯାଇଛି। ଅବକାରୀ ଦୁର୍ନୀତିକୁ ନେଇ ସିବିଆଇ ପୂର୍ବରୁ ସିସୋଡିଆଙ୍କ ଘରେ ୧୪ ଘଣ୍ଟା ଚଢ଼ାଉ କରିବା ସହ ତାଙ୍କ ବ୍ୟାଙ୍କ ଲକର ଯାଞ୍ଚ କରିଥିଲା। ସୋମବାର ତଦନ୍ତରେ ସେ ପୂର୍ଣ୍ଣ ସହଯୋଗ କରିବେ ବୋଲି ବରିଷ୍ଠ ଏଏପି ନେତା କହିଛନ୍ତି।

ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ପୂର୍ବରୁ ଇଣ୍ଡୋ ସ୍ପିରିଟ୍ ମାଲିକ ସମୀର ମହେନ୍ଦ୍ରୁ, ବୁଦ୍ଧି ରିଟେଲ ପ୍ରା.ଲିଃର ନିର୍ଦ୍ଦେଶକ ଅମିତ ଆରୋରା ଏବଂ ଇଣ୍ଡିଆ ଆହେଡ୍ ନ୍ୟୁଜ୍‌ର ପରିଚାଳନା ନିର୍ଦ୍ଦେଶକ ମୁଥା ଗୌତମଙ୍କୁ ଜେରା କରିଛି। ଏଥିସହିତ ଏଏପି କର୍ମୀ ତଥା ଓନ୍ଲି ମଚ୍ ଲାଉଡର୍‌ର ପୂର୍ବତନ ସିଇଓ ବିଜୟ ନାୟାର ଏବଂ ହାଇଦ୍ରାବାଦ ବ୍ୟବସାୟୀ ଅଭିଷେକ ବୋଏନପାଲ୍ଲିଙ୍କୁ ଗିରଫ କରାଯାଇଛି। ସିସୋଡିଆଙ୍କୁ ସମନ କରାଯାଇଥିବାରୁ ସୋମବାର ତାଙ୍କୁ ଗିରଫ କରାଯିବ ବୋଲି ଏଏପିର ବରିଷ୍ଠ ନେତା ସୌରଭ ଭରଦ୍ୱାଜ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଗୁଜରାଟ ନିର୍ବାଚନରେ ବଡ଼ ଦଳ ଭାବେ ଉଭାହେବାକୁ ଥିବା ଏଏପିକୁ ବଦ୍‌ନାମ କରିବା ଲାଗି ଭାଜପା ସିବିଆଇର ସହାୟତା ନେଉଥିବା ସେ ଅଭିଯୋଗ କରିଛନ୍ତି।



ଅହମଦାବାଦ ଆକାଶରେ ଭାରତୀୟ ବାୟୁସେନାର ସାରଙ୍ଗ ହେଲିକପ୍ଟର ସାମରିକ କୌଶଳ ପ୍ରଦର୍ଶନ କରୁଛି।

# ତାଇୱାନକୁ ବଳପୂର୍ବକ ଦଖଲ କରିବୁ

### ସିପିସି ବୈଠକରେ ଜିନ୍‌ପିଙ୍ଗଙ୍କ ଚେତାବନୀ



ବେଜିଂ, ୧୬।୧୦

ଚାଇନାରେ ଶାସକ ପରିବର୍ତ୍ତନ ଦାବିରେ ବିରଳ ବିକ୍ଷୋଭ ଭିତରେ ରବିବାର କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି)ର ପଞ୍ଚବାର୍ଷିକୀ ବୈଠକ ଆରମ୍ଭ ହୋଇଛି। ଶି ଜିନ୍‌ପିଙ୍ଗ୍ କ୍ରମାଗତ ତୃତୀୟ ଥର ପାଇଁ ଏହି ଏସୀୟ ଦେଶର ରାଷ୍ଟ୍ରପତି ପଦରେ ବସିବା ନିଶ୍ଚିତ ଥିବାବେଳେ ସେ ଆଜୀବନ କ୍ଷମତାରେ ରହିବା ପ୍ରସ୍ତାବକୁ ମଧ୍ୟ ସିପିସି କଂଗ୍ରେସରେ ମଞ୍ଜୁରୀ ମିଳିପାରେ। ଆମେରିକା ସହ ତିକ୍ତତା ବୃଦ୍ଧିକୁ ଦୃଷ୍ଟିକୁ ରଖି ଜିନ୍‌ପିଙ୍ଗ୍ ସାମରିକ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିସହ ସ୍ୱୟଂଶାସିତ ଦ୍ୱୀପରାଷ୍ଟ୍ର ତାଇୱାନକୁ ଚାଇନା ସହ ମିଶାଇବା ପାଇଁ ମିଲିଟାରି ଫୋର୍ସର ବ୍ୟବହାର ବିକଳ୍ପ ତାଙ୍କ ନିକଟରେ ରହିଛି ବୋଲି ସେ ଖୋଲାଖୋଲି ଚେତାବନୀ ଦେଇଛନ୍ତି। ଏହାବାଦ୍ ହଂକଂକୁ ଚାଇନା ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣକୁ ଆଣିସାରିଥିବା ୬୯ ବର୍ଷୀୟ ଜିନ୍‌ପିଙ୍ଗ୍ ଦାବି କରିଛନ୍ତି।

ତାଇୱାନ ନିଜକୁ ସ୍ୱତନ୍ତ୍ର ରାଷ୍ଟ୍ର ଘୋଷଣା କରିଥିଲେ ହେଁ ଚାଇନା ଏହାକୁ ନିଜ ଭୂଖଣ୍ଡ ବୋଲି ଦାବି କରିଆସୁଛି। ଏହା ଉପରେ ସିପିସି କଂଗ୍ରେସରେ ଜିନ୍‌ପିଙ୍ଗ୍ କହିଥିଲେ, ତାଇୱାନର ସ୍ୱାଧୀନତା ଦାବି କରୁଥିବା ବିଚ୍ଛିନ୍ନତାବାଦୀ କିମ୍ବା ସେଠାରେ ବାହ୍ୟ ହସ୍ତକ୍ଷେପକୁ ବେଜିଂ କେବେ ବରଦାସ୍ତ କରିବ ନାହିଁ। ଏହା ବିରୋଧରେ ଚାଇନା ଲଢ଼େଇ ଜାରି ରଖିଛି। ବେଜିଂ ନିଜ ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ରକ୍ଷା ସହ ତାଇୱାନ ସ୍ୱାଧୀନତା ବିରୋଧୀ ସଂକଳ୍ପ ଆଗକୁ ମଧ୍ୟ ବଜାୟ ରଖିବ ବୋଲି ସେ ଦୃଢ଼ୋକ୍ତି ବାଢ଼ିଥିଲେ। ତେବେ ଶାନ୍ତିପୂର୍ଣ୍ଣ ଉପାୟରେ ତାଇୱାନକୁ ବେଜିଂ ସହ ମିଶ୍ରଣ କରାଯିବା ପାଇଁ ଉଦ୍ୟମ ଜାରି ରହିବ। ତାଇୱାନ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି। ଏଥିସହ ଏହି ଦ୍ୱୀପ ପାଇଁ ଆମେ ଯତ୍ନବାନ ମଧ୍ୟ। ତାଇୱାନ ସହ ଚାଇନାର ଆର୍ଥିକ ଏବଂ ସାଂସ୍କୃତିକ ସମ୍ପର୍କ ରହିବ। ଉଭୟ ପକ୍ଷ ଚାଇନା ସଂସ୍କୃତିର ପ୍ରସାର କରିବା ଉପରେ ଗୁରୁତ୍ୱ ଦିଅନ୍ତୁ। ସେହିପରି ହଂକଂ ପ୍ରସଙ୍ଗରେ ଜିନ୍‌ପିଙ୍ଗ୍ କହିଥିଲେ, ଏହା ଉପରେ ଚାଇନା ବ୍ୟାପକ ନିୟନ୍ତ୍ରଣ ହାସଲ କରିସାରିଛି। ସେଠାରେ ଚାଲିଥିବା ଅରାଜକତାକୁ ଶାସନରେ ବଦଳାଯାଇପାରିଛି।

ଆସନ୍ତା ଅକ୍ଟୋବର ୨୨ ପର୍ଯ୍ୟନ୍ତ ସିପିସିର ୨୦ତମ ବୈଠକ ଚାଲିବ। ଏଥିରେ ଜିନ୍‌ପିଙ୍ଗଙ୍କୁ ପରବର୍ତ୍ତୀ ରାଷ୍ଟ୍ରପତି ଘୋଷଣା କରାଯିବା ସହ ସେ ଆଜୀବନ ଶାସନରେ ରହିବା ନିଷ୍ପତ୍ତି ମଧ୍ୟ ନିଆଯିବ ବୋଲି କୁହାଯାଉଛି। ମାଓ ସେତୁଙ୍ଗଙ୍କ ପରେ ସିପିସିର ମହାସଚିବ ଜିନ୍‌ପିଙ୍ଗ୍ କ୍ରମାଗତ ତୃତୀୟ ଥର ପାଇଁ ଚାଇନାର ସର୍ବୋଚ୍ଚ ପଦରେ ରହିବେ। ପିପୁଲ୍ସ ରିପବ୍ଲିକ ଅଫ୍ ଚାଇନାର ପ୍ରତିଷ୍ଠାତା ମାଓ ସେତୁଙ୍ଗଙ୍କ ପରେ ଜିନ୍‌ପିଙ୍ଗ୍ ଦେଶର ସବୁଠୁ ଶକ୍ତିଶାଳୀ ନେତା।

### ପଛକୁ ହଟିବନି ତାଇୱାନ

ଶି ଜିନ୍‌ପିଙ୍ଗଙ୍କ ଚେତାବନୀ ଦେବାପରେ ତାଇପେଇ ଏହାର ଜବାବ ରଖିଛି। ନିଜ ସାର୍ବଭୌମତ୍ୱ, ଗଣତନ୍ତ୍ର, ସ୍ୱାଧୀନତାକୁ ନେଇ ତାଇୱାନ କୌଣସି ପ୍ରକାର ବୁଝାମଣା କରିବ ନାହିଁ କି ପଛଘୁଞ୍ଚା ଦେବନାହିଁ ବୋଲି ଏହି ଦ୍ୱୀପଦେଶର ରାଷ୍ଟ୍ରପତି କାର୍ଯ୍ୟାଳୟ ମୁଖପାତ୍ର ଚାଙ୍ଗ୍ ତୁନ୍–ହାନ୍ କହିଛନ୍ତି। ତାଇୱାନ ପ୍ରଣାଳୀର ଉଭୟ ପଟରେ ସେନା ମୁହାଁମୁହିଁ କେବେ ବି ଏକ ଉଚିତ ବିକଳ୍ପ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।

# ବିଦା ହୋଇପାରନ୍ତି ଟ୍ରସ୍

ଲଣ୍ଡନ,୧୬।୧୦

ବ୍ରିଟିଶ ପ୍ରଧାନମନ୍ତ୍ରୀ ହେବାର ଗୋଟିଏ ମାସ ପରେ ଲିଜ୍ ଟ୍ରସ୍ ନିଜ ଦଳ କଞ୍ଜରଭେଟିଭ୍ ପାର୍ଟି ଏବଂ ଆର୍ଥିକ ବଜାରରୁ ତୀବ୍ର ବିରୋଧର ସମ୍ମୁଖୀନ ହୋଇଛନ୍ତି। ଟ୍ରସ୍‌ଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ହଟାଇ ପୂର୍ବତନ ପ୍ରତିଦ୍ୱନ୍ଦ୍ୱୀ ଋଷି ସୁନକଙ୍କ ହାତରେ କ୍ଷମତା ଦେବା ଲାଗି ଦଳ ଭିତରେ ଆଲୋଚନା ହେଉଥିବାବେଳେ ବୁକିମାନେ ତାଙ୍କ ସପକ୍ଷରେ ବାଜି ଲଗାଇଛନ୍ତି। ସପ୍ତାହେ ହେଲା ବ୍ରିଟିଶ ରାଜନୀତିରେ ଅଶାନ୍ତ ବାତାବରଣ ଲାଗିରହିବା ପରେ ଟ୍ରସ୍ ତାଙ୍କ ଘନିଷ୍ଠ ବନ୍ଧୁ କ୍ୱାସି କ୍ୱାର୍ଟେଙ୍ଗଙ୍କୁ ଅର୍ଥମନ୍ତ୍ରୀ ପଦରୁ ହଟାଇଥିଲେ। ଅର୍ଥମନ୍ତ୍ରୀ ଭାବେ କ୍ୱାର୍ଟେଙ୍ଗ୍ ପ୍ରଧାନମନ୍ତ୍ରୀ ଟ୍ରସ୍‌ଙ୍କ ନୀତିକୁ କାର୍ଯ୍ୟକାରୀ କରିଥିଲେ। ତାଙ୍କର ଟିକସ ହ୍ରାସ ନୀତି ଆର୍ଥିକ ବଜାରରେ ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ସୁନକ ପୂର୍ବରୁ ସତର୍କ କରାଇଥିଲେ। ପୂର୍ବତନ ବ୍ରିଟିଶ ଭାରତୀୟ ଅର୍ଥମନ୍ତ୍ରୀ ସୁନକ ଚଳିତ ସପ୍ତାହରେ କେନ୍ଦ୍ରୀୟ ଲଣ୍ଡନ ହୋଟେଲରେ ଦୁଇଟି ପାର୍ଟିରେ ଆୟୋଜନ କରି ତାଙ୍କ ନେତୃତ୍ୱ ପାଇଁ ପ୍ରଚାର ଚଳାଇଥିବା ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ବୁକିମାନଙ୍କ ବାଜି ଅନୁଯାୟୀ ସୁନକ ପ୍ରଧାନମନ୍ତ୍ରୀ ଟ୍ରସ୍‌ଙ୍କ ସ୍ଥାନ ନେଇପାରନ୍ତି ବୋଲି ଚର୍ଚ୍ଚା ହେଉଥିବାବେଳେ ଏହା ଉପରେ ସମସ୍ତଙ୍କର ନଜର ରହିଛି।

### ସୁନକ୍‌ଙ୍କ ସପକ୍ଷରେ ବାଜି



ଲିଜ୍ ଟ୍ରସ୍



ଋଷି ସୁନକ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୯୮,୪୮,୫୭୩ | ୬୫,୭୧,୨୪୦ | ୬୦,୮୮,୮୧,୨୪୫ |
| ଭାରତ | ୪,୪୬,୨୮,୮୨୮ | ୫,୨୮,୯୫ | ୪,୪୦,୭୩,୩୦୮ |
| ଓଡ଼ିଶା | ୧୩,୩୫,୪୫୪ | ୯୨୧୦(+୫୩) | ୧୩,୨୫,୫୯୪ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ମାଟିକାନ୍ଥ ଭୁଶୁଡ଼ି ଶିଶୁ ମୃତ

ରାଇରଙ୍ଗପୁର,୧୬।୧୦(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଧୀନ କଳସୀଭଙ୍ଗା ଗ୍ରାମରେ ରବିବାର ସକାଳେ ଏକ ପୁରୁଣା ଘରର ମାଟିକାନ୍ଥ ଭୁଶୁଡ଼ି ପଡ଼ିବାରୁ ଜଣେ ୫ ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ରସାନନ୍ଦ ମାଝିଙ୍କ ଝିଅ ମୌସୁମୀ। ସୂଚନା ଅନୁଯାୟୀ, ମୌସୁମୀ ସକାଳ ପ୍ରାୟ ୭ଟା ବେଳେ ପଡ଼ୋଶୀ ଘର ନିକଟରେ ତାଙ୍କ ସାଙ୍ଗମାନଙ୍କ ସହ ଖେଳୁଥିଲେ। ହଠାତ୍ ପଡ଼ୋଶୀଙ୍କ ଉକ୍ତ ପରିତ୍ୟକ୍ତ ଘର ମାଟିକାନ୍ଥ ଭୁଶୁଡ଼ି ତାଙ୍କ ଉପରେ ପଡ଼ିବାରୁ ସେ ଚାପି ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

# ବିକଳ୍ପ ଖୋଜିବେ ଖଣି, ଶିଳ୍ପ ସଂସ୍ଥା

## ଖଣି, ଶିଳ୍ପାଞ୍ଚଳରେ ଭୂତଳ ଜଳ ହ୍ରାସ ପ୍ରସଙ୍ଗ

ଯାଜପୁର ଅଫିସ,୧୬।୧୦

ରାଜ୍ୟର ଖଣି ଓ ଶିଳ୍ପାଞ୍ଚଳର ଲୋକେ ପାଣି ପାଇଁ ହାହାକାର। ଭୂତଳ ଜଳ ହ୍ରାସ ପାଇଚାଲିଛି। ଏହାର ସଂରକ୍ଷଣ ଏବଂ ଭରଣା ପାଇଁ ସରକାରଙ୍କ ବିଭିନ୍ନ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଭୂତଳ ଜଳ ନିମ୍ନଗାମୀ ହେବା ଅଣାୟତ୍ତ ହୋଇଛି। ତେଣୁ ଭୂତଳ ଜଳ ବିକାଶ ନିର୍ଦ୍ଦେଶାଳୟର ଭୂବିଜ୍ଞାନୀମାନେ ଖଣି ଏବଂ ଶିଳ୍ପାୟନ ଯୋଗୁ ଭୂତଳ ଜଳ ହ୍ରାସର ପ୍ରଭାବ ଅନୁମାନ କରିବେ। ଯଦି ଭୂତଳ ଜଳ ହ୍ରାସ ପାଇଥିବାର ଦେଖାଯାଏ, ତେବେ ପ୍ରଭାବିତ ଲୋକଙ୍କୁ ବିକଳ୍ପ ବ୍ୟବସ୍ଥାରେ ପାନୀୟ ଜଳ ଯୋଗାଇ ଦେବାକୁ ସମ୍ପୃକ୍ତ ଖଣି ଓ ଶିଳ୍ପ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବ। ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଗ୍ରାଉଣ୍ଡ ୱାଟର ରେଗୁଲେଶନ, ଡେଭଲପମେଣ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ନିୟମ-୨୦୨୦ର ବିଭିନ୍ନ ଧାରା ଉପରେ ହୋଇଥିବା ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ଓଡ଼ିଶା ଷ୍ଟେଟ୍ ଲେଭଲ୍ କମିଟି (ଏସ୍ଏଲ୍ସି) ଫର୍ ଆସେସ୍‌ମେଣ୍ଟ ଅଫ୍ ଗ୍ରାଉଣ୍ଡ ୱାଟର ରିସୋର୍ସ (ଜିଡବ୍ଲୁଆର୍ଏ)-୨୦୨୦ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଯାଜପୁର ଜିଲାର କୋରେଇ ବ୍ଲକ ସମେତ ବାଲେଶ୍ୱର ଜିଲାର ବାଲିଆପାଳ, କେନ୍ଦ୍ରାପଡ଼ାର ଗରଦପୁର, ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ଓ ବୋଲଗଡ ଏବଂ ନୂଆପଡା ଜିଲା ନୂଆପଡା ବ୍ଲକର ଭୂତଳ ଜଳ ସ୍ଥିତି ସେମି କ୍ରିଟିକାଲ୍ ରହିଛି। ୨୦୨୧ ନଭେମ୍ବରରେ ପ୍ରକାଶିତ ଏହି ରିପୋର୍ଟକୁ ଆଧାର କରି ଜଳ ଶକ୍ତି ମନ୍ତ୍ରଣାଳୟର ସଚିବ ପଙ୍କଜ କୁମାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି କରିଥିଲେ। ସେହିପରି ୧୨।୩।୨୦୨୧ରେ ଗ୍ଲୋବାଲ ୱାର୍ମିଂ ସଂକ୍ରାନ୍ତରେ ଲୋକ ସଭା ପ୍ରଶ୍ନସଂଖ୍ୟା ୭୪୫୭ ଉତ୍ତରରେ ହାଇଡ୍ରୋମେଟ୍ରି ନିର୍ଦ୍ଦେଶକ ୩ ବର୍ଷର ଭୂତଳ ଜଳସ୍ତର ତଥ୍ୟ ଦାଖଲ କରିଥିଲେ। ଉକ୍ତ ତଥ୍ୟରେ ମାଲକାନଗିରି ଜିଲାର କୁଡୁମୁଲୁଗୁମ୍ମା ଓ ଖଇରପୁଟ ସମେତ ଅନୁଗୁଳ ଜିଲା ଛେଣ୍ଡିପଦା, ବାଲେଶ୍ୱର ଜିଲା ବାଲିଆପାଳ, ବୌଦ୍ଧ ଜିଲା ହରଭଙ୍ଗା, ଗଜପତିର ଗୁମ୍ମା, ଗଞ୍ଜାମ ଜିଲାର ସୋରଡ଼ା, କୋରାପୁଟ ଜିଲାର କୁନ୍ଦ୍ରା, ନାରାୟଣପାଟଣା ଓ ପଟାଙ୍ଗି, ମୟୂରଭଞ୍ଜର ଯଶିପୁର, ନବରଙ୍ଗପୁର ଜିଲାର ଡାବୁଗାଁ ଓ ଝରିଗାଁ, ନୂଆପଡାର ବୋଡେନ ଓ ଖରିଆର, ରାୟଗଡା ଜିଲା ରାୟଗଡା, ସୁନ୍ଦରଗଡ ଜିଲା କୁତ୍ରା ଓ ସୁନ୍ଦରଗଡ ବ୍ଲକ ଅଞ୍ଚଳରେ ଭୂତଳ ଜଳସ୍ତର ୧୦ ଏମ୍‌ବିଜିଏଲ୍(ମିଟର ବିଲୋ ଗ୍ରାଉଣ୍ଡ ଲେଭଲ)ରୁ ଅଧିକ ନିମ୍ନରେ ରହିଥିଲା। ଅନ୍ୟପକ୍ଷରେ ରାଜ୍ୟର ପ୍ରାୟ ୯୦% ବ୍ଲକ ଅଞ୍ଚଳରେ ୫ ଏମ୍‌ବିଜିଏଲ୍‌ରୁ ଅଧିକ ନିମ୍ନରେ ଜଳସ୍ତର ରହିଛି। ଏହି ତଥ୍ୟକୁ ଆଧାର କରି ଜଳ ସମ୍ପଦ ବିଭାଗର ଡେପୁଟି ସେକ୍ରେଟାରୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଥିଲେ। ଇତିମଧ୍ୟରେ ଗ୍ରାଉଣ୍ଡୱାଟର ରେଗୁଲେଶନ, ଡେଭଲପମେଣ୍ଟ ଆଣ୍ଡ୍ ମ୍ୟାନେଜମେଣ୍ଟ ନିୟମ-୨୦୨୦ ପ୍ରଣୟନ ହୋଇଛି। ଏଥିରେ ପୂର୍ବ ପ୍ରଣିତ ବିଭିନ୍ନ ନିୟମ ଉପରେ ଆବଶ୍ୟକ ପରିବର୍ତ୍ତନ ଉପରେ ଅନୁଧ୍ୟାନ ହୋଇଛି। ୨୪।୯।୨୦୨୦ରେ ପ୍ରକାଶିତ ସେଣ୍ଟ୍ରାଲ ଗେଜେଟ୍ ଅଫ୍ ଇଣ୍ଡିଆ ବିଜ୍ଞପ୍ତି ଅନୁଯାୟୀ ଏମ୍ଏସ୍ଏମ୍ଇ ସେକ୍ଟରରେ ଦିନକୁ ୧୦ ଘନମିଟରରୁ କମ୍ ଭୂତଳ ଜଳ ବ୍ୟବହାର କରିପାରିବେ। ସେହିପରି ଘରୋଇ, ଗ୍ରାମୀଣ ପାନୀୟ ଜଳ ଯୋଗାଣ, ସଶସ୍ତ୍ର ବାହିନୀ କ୍ୟାମ୍ପ, କୃଷି କାର୍ଯ୍ୟ ନିମନ୍ତେ ୧୦ ଘନମିଟରରୁ କମ୍ ଭୂତଳ ଜଳ ବ୍ୟବହାର କରାଯାଇପାରିବ।

ଭୂତଳ ଜଳ ବିକାଶ ନିର୍ଦ୍ଦେଶାଳୟର ମୁଖ୍ୟ ଇଞ୍ଜିନିୟର ତଥା ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ଯେ ଭୂତଳ ଜଳ ଉତ୍ତୋଳନ ପର୍ଯ୍ୟାୟ ୧୭୫%ରୁ ଅଧିକ କିମ୍ବା ଭୂତଳ ଜଳର ଗୁଣବତ୍ତା ସମସ୍ୟା ରହିଲେ ବିଭାଗକୁ ସୂଚିତ କରାଯିବ। ଏହାସହ ଭୂତଳ ଜଳ ଉପରେ ନିୟମିତ ଭାବେ ସର୍ଭେ କରିବାକୁ ନିଷ୍ପତ୍ତି ହୋଇଛି। ଲବଣାକ୍ତ ଅଞ୍ଚଳରେ ଭୂତଳ ଜଳ ସମ୍ପର୍କରେ ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରାଯିବ। ଏହାସହ ଭୂତଳ ଜଳ ବ୍ୟବହାର ପାଇଁ ଅନୁମତି, ନବୀକରଣ ଆଦି କାର୍ଯ୍ୟକାରୀ କରିବାକୁ ରାଜ୍ୟ ଗ୍ରୁପ୍ ୱାଟର ଅଥରିଟି ଦ୍ୱାରା ଏକ ୱେବ୍ ପୋର୍ଟାଲ ସୃଷ୍ଟି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଉପରୋକ୍ତ ସମସ୍ତ ନିଷ୍ପତ୍ତିଗୁଡିକୁ କାର୍ଯ୍ୟକାରୀ କରିବାକୁ ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଅନିଲ କୁମାର ପଟ୍ଟନାୟକ ୧୩।୧୦।୨୦୨୨ରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, କୃଷି ଏବଂ କୃଷକ ସଶକ୍ତୀକରଣ, ଗୃହ ଓ ନଗର ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଏମଏସ୍ଏମଇ ଏବଂ ଶିଳ୍ପ ବିଭାଗକୁ ସୂଚିତ କରିଛନ୍ତି।

## ଆଜିଠାରୁ ପିଜି ପାଠପଢ଼ା

ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)

୨୦୨୨-୨୩ ଶିକ୍ଷା ବର୍ଷରେ ନାମ ଲେଖାଇଥିବା ସ୍ନାତକୋତ୍ତର(ପିଜି) ଛାତ୍ରୀଛାତ୍ରଙ୍କ ପାଠପଢ଼ା ସୋମବାରରୁ ଆରମ୍ଭ ହେବ। ଯେଉଁ ଛାତ୍ରୀଛାତ୍ର ହଷ୍ଟେଲରେ ରହିବା ପାଇଁ ନାମ ଲେଖାଇଛନ୍ତି, ସେମାନଙ୍କ ପାଇଁ ହଷ୍ଟେଲରେ ସବୁ ପ୍ରକାର ସୁବିଧା ରଖିବା ପାଇଁ ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଚେୟାରମ୍ୟାନ ଏବଂ ସମସ୍ତ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି। ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟ ଏହି ନିର୍ଦ୍ଦେଶକୁ ପାଳନକରିପାରିବେବୋଲିଚିଠିରେଉଲ୍ଲେଖ ରହିଥିଲା। ସେପଟେ ପିଜି ନାମଲେଖା ପ୍ରକ୍ରିୟା ଏଯାଏ ଶେଷ ହୋଇନାହିଁ। ପ୍ରଥମ ପର୍ଯ୍ୟାୟ ନାମଲେଖା ସେପ୍ଟେମ୍ବର ୧୬ ଓ ୧୭ରେ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ୨୪ ଓ ୨୫ ତାରିଖରେ ଅନୁଷ୍ଠିତ ହୋଇଥିଲା। ସ୍ପଟ୍ ନାମଲେଖା ପାଇଁ ଗତ ୧୦ ତାରିଖରେ ମେଧା ତାଲିକା ପ୍ରକାଶ ପାଇଥିଲାବେଳେ ୧୮ତାରିଖରେ ସିଟ୍ ଆବଣ୍ଟନ ତାଲିକା ପ୍ରକାଶ ପାଇବ। ତେବେ ନାମଲେଖା ଶେଷ ହୋଇ ନ ଥିଲେ ସୁଦ୍ଧା ପାଠପଢ଼ା ବହୁ ବିଳମ୍ବ ହୋଇଯାଇଥିବାରୁ ରାଜ୍ୟ ସରକାର କ୍ଲାସ୍ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## ଦନ୍ତାର ଗଳିତ ମୃତଦେହ ଠାବ

ଢେଙ୍କାନାଳ ଅଫିସ,୧୬।୧୦

ଢେଙ୍କାନାଳ ସଦର ରେଞ୍ଜ ଅଧୀନ ମହୁଲପଡ଼ା ଗ୍ରାମ ନିକଟରୁ ରବିବାର ଏକ ଦନ୍ତାହାତୀର ଗଳିତ ମୃତଦେହ ଠାବ କରାଯାଇଛି। ଆନୁମାନିକ ୨୦ବର୍ଷ ବୟସର ଉକ୍ତ ହାତୀର ଗୋଟିଏ ଦାନ୍ତ ସନ୍ଦେହଜନକ ଭାବେ ଗାଏବ ଅଛି। ଦୁଇ ଦିନ ମଧ୍ୟରେ ଜିଲାରେ ଏହା ଦ୍ୱିତୀୟ ହାତୀ ମୃତ୍ୟୁ ହୋଇଥିବାବେଳେ ବନ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି।

# ଜନ୍ମଦିନରେ ନବୀନଙ୍କୁ ଶୁଭେଚ୍ଛାର ସୁଅ

## ଫୋନ୍ କରି ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

- ଯୁବ, ଛାତ୍ର ବିଜେଡି ପକ୍ଷରୁ ୧୬୯୮୩ ସଂଖ୍ୟକ ୟୁନିଟ୍ ରକ୍ତ ସଂଗ୍ରହ
- ସବୁ ନିର୍ବାଚନମଣ୍ଡଳୀରେ କେକ୍ କାଟି ଗଛ ଲଗାଇଲେ ନେତା

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୭୭ ବର୍ଷରେ ପଦାର୍ପଣ କରିଛନ୍ତି। ମେକ୍ଇନ୍ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ହାଇଦ୍ରାବାଦ ଗସ୍ତରେ ଯାଉଥିବାରୁ ଶୁଭେଚ୍ଛା ଜଣାଇବା ପାଇଁ ନବୀନ ନିବାସ ନ ଆସିବାକୁ ସେ ଶନିବାରଠାରୁ ଅନୁରୋଧ କରିଥିଲେ। ଏହି ପରିପ୍ରେକ୍ଷୀରେ ତାଙ୍କ ନିକଟକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସାମାଜିକ ଗଣମାଧ୍ୟମରେ ବହୁ ବିଶିଷ୍ଟ ବ୍ୟକ୍ତି ନବୀନଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଦୀର୍ଘାୟୁ କାମନା କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେଲିଫୋନ୍ କରି ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେବା ସହିତ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ପ୍ରହ୍ଲାଦ ଯୋଶୀ, ବିଶ୍ୱେଶ୍ୱର ଟୁଡୁଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡୀ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଭଳି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ବହୁ ଏମ୍‌ପି ଏବଂ ବିଧାୟକ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ପାଇଁ ଧନ୍ୟବାଦ ଦେଇଛନ୍ତି। ଏଥିସହ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ କର୍ମଚାରୀମାନେ କେକ୍ କାଟି ନବୀନଙ୍କ ଜନ୍ମଦିନ ପାଳନ କରିଛନ୍ତି। ରାଜ୍ୟର ସବୁ ନିର୍ବାଚନମଣ୍ଡଳୀରେ ବିଜେଡି ନେତାମାନେ



ନିଜ କର୍ମୀମାନଙ୍କ ଗହଣରେ କେକ୍ କାଟିବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଛନ୍ତି। ଏହି ଅବସରରେ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ସେବା ଦିବସ ରୂପେ ପାଳନ କରାଯାଇଛି। ସମଗ୍ର ରାଜ୍ୟରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର, ବୃକ୍ଷ ରୋପଣ, ଅଙ୍ଗଦାନ ଶିବିର, ବିଭିନ୍ନ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀଙ୍କ ସଫଳତା ବିଷୟରେ କହିଛନ୍ତି। ଓଡ଼ିଶା ମୋ ପରିବାର-ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ସମଗ୍ର ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରି ଯୁବ-ଛାତ୍ର ବିଜେଡି ଅଭୂତପୂର୍ବ ସଫଳତା ହାସଲ କରିଛି ବୋଲି ଦଳ କହିଛି। ଗୋଟିଏ ଦିନରେ ୧୬,୯୮୩ ୟୁନିଟ୍ ରକ୍ତ ସଂଗ୍ରହ କରି ଏକ ରାଜନୈତିକ ଦଳ ଭାବେ ସର୍ବକାଳୀନ ରେକର୍ଡ ହାସଲ କରାଯାଇପାରିଛି।

## ମହାପ୍ରଭୁଙ୍କ ନିକଟରେ ଦୀର୍ଘଜୀବନ କାମନା କଲେ ୫-ଟି ସଚିବ

ପୁରୀ ଅଫିସ, ୧୬।୧୦

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୭୭ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ସକାଳେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପରେ ବେଢ଼ା ପରିକ୍ରମା ସହ ବିମଳା ମନ୍ଦିର ଓ ପାର୍ଶ୍ୱଦେବଦେବୀଙ୍କୁ



ଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ହୋଇଥିବାରୁ ୫-ଟି ସଚିବ ମହାପ୍ରଭୁଙ୍କ ନିକଟରେ ତାଙ୍କ ଦୀର୍ଘ ଓ ସୁସ୍ଥ ଜୀବନ କାମନା କରିଥିଲେ। ଶ୍ରୀମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ସେ ସିଧାସଳଖ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ। ତାଙ୍କ ସହିତ କେତେଜଣ ଅଧିକାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ହାଇଦ୍ରାବାଦରେ ମୁଖ୍ୟମନ୍ତ୍ରୀ, ଆଜି ନିବେଶକ ସମ୍ମିଳନୀ

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ଓଡ଼ିଶା ନିବେଶକ ସମ୍ମିଳନୀ ସୋମବାର ହାଇଦ୍ରାବାଦରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ଯୋଗଦେଇ ପୁଞ୍ଜିପତିଙ୍କ ସହ ସିଧାସଳଖ ଆଲୋଚନା କରିବେ। ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ନିବେଶକଙ୍କୁ ଆମନ୍ତ୍ରଣ କରିବେ। ରବିବାର ନବୀନଙ୍କ ଜନ୍ମଦିନ ହୋଇଥିବା ସତ୍ତ୍ୱେ ଏହି କାର୍ଯ୍ୟକ୍ରମ ପାଇଁ ସେ ହାଇଦ୍ରାବାଦ ଗସ୍ତ କରିଛନ୍ତି। ସୂଚନା ଅନୁସାରେ, ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ଯାଏ ଭୁବନେଶ୍ୱରରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ୩ୟ ସଂସ୍କରଣ ଆୟୋଜିତ ହେବ। ଏହାକୁ ସଫଳ କରିବାକୁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ନିବେଶକ ସମ୍ମିଳନୀ ଜରିଆରେ ପୁଞ୍ଜିପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରି ଶିଳ୍ପପତିଙ୍କୁ ମୁଖ୍ୟମନ୍ତ୍ରୀ ନିଜେ ଆକୃଷ୍ଟ କରୁଛନ୍ତି। ଏହିକ୍ରମରେ ହାଇଦ୍ରାବାଦ ତାଜକ୍ରିଷ୍ଣା ହୋଟେଲରେ ସୋମବାର ନିବେଶକ ସମ୍ମିଳନୀ ଅନୁଷ୍ଠିତ ହେବ। ପ୍ରାୟ ୩୫ ବ୍ୟବସାୟିକ ସଂସ୍ଥାର ମାଲିକଙ୍କୁ ନବୀନ ଭେଟିବାର କାର୍ଯ୍ୟକ୍ରମ ରହିଛି। ଦେଶର ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶା ଅଧିକ ପ୍ରୋତ୍ସାହନ ଦେବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଉଛନ୍ତି। ହାଇଦ୍ରାବାଦରେ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ୧୩ଟି ଶିଳ୍ପସଂସ୍ଥାର ମୁଖ୍ୟଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ହାଇଦ୍ରାବାଦ ସମ୍ମିଳନୀରେ ମୁଖ୍ୟତଃ ଆଇଟି/ଆଇଟିଇଏସ, ସ୍ୱାସ୍ଥ୍ୟସେବା, ପେଟ୍ରୋକେମିକାଲ୍ସ, ଇଏସଡିଏମ୍ ଏବଂ ଡାଟା ସେଣ୍ଟର, ମେଟାଲ ଏବଂ ମେଟାଲ ଡାଉନଷ୍ଟ୍ରିମ, ବୟନ ଓ ପୋଷାକ, ଖାଦ୍ୟ ପ୍ରକ୍ରିୟାକରଣ, ଅକ୍ଷୟ ଶକ୍ତି ଆଦି କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଛି।

## ନିବେଶ ପାଇଁ ଓଡ଼ିଶା ଉତ୍ତମ ସ୍ଥାନ

### ନିବେଶକଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ଭାରତୀୟ ଶିଳ୍ପ ଏବଂ ବାଣିଜ୍ୟ ମହାସଂଘ (ଫିକି) ସହଯୋଗରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସୋମବାର ହାଇଦ୍ରାବାଦରେ ଓଡ଼ିଶା ନିବେଶକ ସମ୍ମିଳନୀ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ପ୍ରତିନିଧି ଦଳ ଏହି ସମ୍ମିଳନୀରେ ଯୋଗଦେବାକୁ ହାଇଦ୍ରାବାଦରେପହଞ୍ଚିଛନ୍ତି।ଶିଳ୍ପମନ୍ତ୍ରୀପ୍ରତାପକେଶରୀଦେବ,ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ବୈଦ୍ୟୁତିକ ଏବଂ ପ୍ରଯୁକ୍ତିବିଦ୍ୟା ସଚିବ ମନୋଜ ମିଶ୍ର ଏବଂ ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଓମ୍‌କାର ରାୟ ଏହି ସମ୍ମିଳନୀରେ ଯୋଗଦେବେ।

ନିବେଶକ ସମ୍ମିଳନୀ ପୂର୍ବରୁ ମୁଖ୍ୟ ଶାସନ ସଚିବ ରବିବାର ୧୩ ନିବେଶକଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି। ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶର ଖାଦ୍ୟ ପ୍ରକ୍ରିୟାକରଣ, ମେଟାଲ ଡାଉନଷ୍ଟ୍ରିମ, ଅକ୍ଷୟ ଶକ୍ତି, ସ୍ୱାସ୍ଥ୍ୟସେବା, ବୟନ, ପ୍ଲାଷ୍ଟିକ୍ ଆଦି କ୍ଷେତ୍ରର କମ୍ପାନୀଗୁଡ଼ିକ ସହ ମୁଖ୍ୟ ସଚିବ ଆଲୋଚନା କରିବା ସହିତ ନଭେମ୍ବର ୩୦ରୁ ଭୁବନେଶ୍ୱରରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ରେ ଭାଗନେବାକୁ ନିମନ୍ତ୍ରଣ କରିଛନ୍ତି। ବିଜ୍ଞାରାଜକା ଭାଲ୍ୟୁ ପ୍ରଡକ୍ଟ, ଜେମିନି ଅଏଲ୍ସ ଆଣ୍ଡ ଫ୍ୟାଟ୍ସ, ସୁଧାକର ପାଇପ୍ସ, ଏସକେ ଫାବ୍ରିକେଶନ, ଲକ୍ଷ୍ମୀ ସ୍ପିନିଂ ମିଲ୍ସ ଏବଂ ଗ୍ରୀନକୋ ଏନର୍ଜୀ ଭଳି ଅଗ୍ରଣୀ କମ୍ପାନୀ ଏହି ବୈଠକରେ ଭାଗ ନେଇଛନ୍ତି। ଏଥିରେ ଯୋଗ ଦେଇଥିବା ବିଭିନ୍ନ କମ୍ପାନୀର ସିଇଓ ଏବଂ ଉଚ୍ଚ ଅଧିକାରୀ ସ୍ଥିର ପ୍ରଶାସନ, ବ୍ୟବସାୟ ପାଇଁ ଶାନ୍ତିପୂର୍ଣ୍ଣ ବାତାବରଣ, ଦକ୍ଷ ପ୍ରଶାସନିକ କଳ ନେଇ ରାଜ୍ୟ ସରକାରଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେମାନେ କହିଛନ୍ତି, ନିବେଶ ପାଇଁ ଓଡ଼ିଶା ହେଉଛି ଏକ ଉତ୍ତମ ସ୍ଥାନ। ସୋମବାର ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ବିଶିଷ୍ଟ ଶିଳ୍ପପତିଙ୍କ ସହ ସିଧାସଳଖ ଆଲୋଚନା କରିବେ। ୩୭ କମ୍ପାନୀ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିବା ସହିତ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁବ୍ୟକ୍ତିଗତ ଭାବେ ନିମନ୍ତ୍ରଣ କରିବେ। ଏହିସମ୍ମିଳନୀରେ ଯୋଗଦେବାକୁ ୩୦୦ରୁ ଅଧିକ ଶିଳ୍ପପତି, ନିବେଶକ ପଞ୍ଜୀକରଣ କରିଥିବା ଜଣାପଡ଼ିଛି।




# ବଞ୍ଚିବାକୁ ଯାଇ ୨ ଯାଆଙ୍କ ଜୀବନ ଗଲା



ଦୁର୍ଘଟଣାଗ୍ରସ୍ତ ଟାଭେରା ଓ ଦୁର୍ଘଟଣା ଘଟାଇଥିବା ଟ୍ରକ୍।

- ଗାଡ଼ି ଗଡ଼ିବାରୁ ଡେଇଁ ପଡ଼ିଲେ, ଚାପିଦେଲା ଟ୍ରକ୍
- ମା' ବିରଜାଙ୍କ ଦର୍ଶନ ପାଇଁ ଯାଉଥିଲେ ଶହୀଦନଗର ଅଞ୍ଚଳର ପରିବାର
- ଡ୍ରାଇଭର ଗାଡ଼ିର ହ୍ୟାଣ୍ଡ୍ ବ୍ରେକ୍ ଦେଇ ନ ଥିଲେ

ଚଣ୍ଡିଖୋଲ/ଛତିଆ,୧୬।୧୦(ଡି.ଏନ୍.ଏ.)

ମା' ବିରଜାଙ୍କ ଦର୍ଶନ ପାଇଁ ଯାଜପୁର ବିରଜା କ୍ଷେତ୍ରକୁ ବାହାରିଥିଲେ ଭୁବନେଶ୍ୱର ଶହୀଦନଗର ଅଞ୍ଚଳର ଏକ ପରିବାର। ହେଲେ ମା'ଙ୍କ ଦର୍ଶନ ପୂର୍ବରୁ ଘଟିଲା ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଫଳରେ ଅକାଳରେ ଚାଲିଗଲା ୨ ଯାଆଙ୍କ ଜୀବନ। ମୃତ ୨ ଯାଆ ହେଲେ ଭୁବନେଶ୍ୱର ଶହୀଦ ନଗର ଅଞ୍ଚଳର ରଜନୀକାନ୍ତ ପାଢ଼ୀଙ୍କ ସ୍ତ୍ରୀ ଗୀତାଞ୍ଜଳି ପାଢ଼ୀ(୬୬) ଓ ଅବନୀକାନ୍ତ ପାଢ଼ୀଙ୍କ ସ୍ତ୍ରୀ ଶୁଚିସ୍ମିତା ପାଢ଼ୀ(୫୩)। ୧୬ ନଂ. ଜାତୀୟ ରାଜପଥର ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ଛତିଆ ନିକଟରେ ରବିବାର ସକାଳ ପ୍ରାୟ ୮ଟାରେ ଘଟିଛି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ମୃତ ମହିଳା ଦ୍ୱୟ ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତ୍ରୀ ସୁରମା ପାଢ଼ୀଙ୍କ ଭାଉଜ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ଭୁବନେଶ୍ୱରରୁ ଏକ ଟାଭେରା ଗାଡ଼ି (ନଂ.ଓଡି-୦୨-ଏଏଲ୍-୭୮୩୪)ରେ ସମ୍ପୃକ୍ତ ପରିବାର ବାହାରିଥିଲେ। ସେମାନେ ବୈରୀ ଥାନା ଅନ୍ତର୍ଗତ ଛତିଆ ନିକଟ ଭଟିଆ ଛକରେ ଗାଡ଼ି ରଖି ଚା' ପିଉଥିଲେ। ଏହି ସମୟରେ ଗାଡ଼ିର ଡ୍ରାଇଭର କାକରା ପିଠା ଆଣିବା ପାଇଁ ରାସ୍ତାର ଅପରପାର୍ଶ୍ୱକୁ ଯାଇଥିଲେ। ତେବେ ଡ୍ରାଇଭର ଗାଡ଼ିର ହ୍ୟାଣ୍ଡ ବ୍ରେକ୍ ପକାଇ ନ ଥିବାରୁ ଗାଡ଼ିଟି ରାସ୍ତାର ଡାହାଣ ପାର୍ଶ୍ୱକୁ ଗଡ଼ିବା ଆରମ୍ଭ କରିଥିଲା। ଏହା ଦେଖି ଭୟଭୀତ ହୋଇ ଗାଡ଼ିରେ ବସିଥିବା ୨ ଯାଆ ଗୀତାଞ୍ଜଳି ଓ ଶୁଚିସ୍ମିତା ଗାଡ଼ିର ଡୋର ଖୋଲି ରାସ୍ତାର ଡାହାଣ ପାର୍ଶ୍ୱକୁ ଡେଇଁ ପଡ଼ିଥିଲେ। ଦୁର୍ଭାଗ୍ୟବଶତଃ ଏହି ସମୟରେ କଟକ ଆଡୁ ଆସୁଥିବା ଏକ ମାଲ୍ ବୋଝେଇ ଟ୍ରକ୍ (ନଂ.ଏପି-୨୬-ଟିଡି-୫୪୪୫) ସେମାନଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ହୋଇଥିଲା। ଏହାଦେଖି ଟ୍ରକ୍ ଡ୍ରାଇଭର ସେ ସ୍ଥାନ ଛାଡ଼ି ଦୌଡ଼ି ପଳାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ବୈରୀ ଥାନାଧିକାରୀ ସଂଘମିତ୍ରା ନାୟକ ଓ ଛତିଆ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ଥାନାକୁ ନେଇଥିଲେ। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଟାଭେରା ଡ୍ରାଇଭରଙ୍କ ଅବହେଳା ଯୋଗୁ ଏପରି ଘଟଣା ଘଟିଲା ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମୃତକଙ୍କ ପରିବାର ପକ୍ଷରୁ ଗୋପାଳକୃଷ୍ଣ ପାଢ଼ୀଙ୍କ ଏତଲାକ୍ରମେ ପୋଲିସ ନଂ.୧୭୫/୨୨ରେ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ଏହି ଛକରେ ବେଆଇନ ଭାବେ ଜାତୀୟ ରାଜପଥକୁ ଲାଗି ବିଭିନ୍ନ ଦୋକାନ ରହିଛି। ଫଳରେ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ତେଣୁ ଦୋକାନଗୁଡ଼ିକୁ ତୁରନ୍ତ ଉଚ୍ଛେଦ ପାଇଁ ଦାବି ହୋଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦନ୍ତାର ଗଳିତ ମୃତଦେହ ଠାବ



**ଢେଙ୍କାନାଳ ଅଫିସ,୧୬।୧୦**

ଢେଙ୍କାନାଳ ସଦର ରେଞ୍ଜ ଅଧୀନ ମହୁଲପଡ଼ା ଗ୍ରାମ ନିକଟରୁ ରବିବାର ଏକ ଦନ୍ତାହାତୀର ଗଳିତ ମୃତଦେହ ଠାବ କରାଯାଇଛି। ଆନୁମାନିକ ୨୦ବର୍ଷ ବୟସର ଉକ୍ତ ହାତୀର ଗୋଟିଏ ଦାନ୍ତ ସନ୍ଦେହଜନକ ଭାବେ ଗାଏବ ଅଛି। ଦୁଇ ଦିନ ମଧ୍ୟରେ ଜିଲାରେ ଏହା ଦ୍ୱିତୀୟ ହାତୀ ମୃତ୍ୟୁ ହୋଇଥିବାବେଳେ ବନ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଦୁଇ ଦନ୍ତା ମଧ୍ୟରେ ସଂଘର୍ଷ ଯୋଗୁ ହାତୀଟିର ମୃତ୍ୟୁ ଘଟିଥିବା ବନ ବିଭାଗ ସନ୍ଦେହ କରୁଛି। ତେବେ ମୃତ ହାତୀର ଗୋଟିଏ ଦାନ୍ତ ମିଳୁ ନ ଥିବାରୁ ଏହା ଭିନ୍ନ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ହାତୀର ମୃତଦେହରୁ କେହି ଦାନ୍ତ କାଟି ନେଇଯାଇଥିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଜଙ୍ଗଲରେ ଦୁଇ ହାତୀ ମଧ୍ୟରେ ସଂଘର୍ଷରୁ ଉକ୍ତ ଦନ୍ତାର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। କପିଳାସ ଅଭୟାରଣ୍ୟରେ ବିଚରଣ କରୁଥିବା ଉକ୍ତ ହାତୀ ସୀମା ଡେଇଁ ସଦର ରେଞ୍ଜ ଅଞ୍ଚଳକୁ ଚାଲିଆସିବାରୁ ଏହି ସଂଘର୍ଷ ଘଟିଥାଇପାରେ। ପ୍ରାୟ ୩ଦିନ ପୂର୍ବେ ହାତୀଟିର ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି। ସୋମବାର ବିଧିବଦ୍ଧ ତଦନ୍ତ କରାଯିବା ପରେ କେଉଁ କାରଣରୁ ହାତୀଟିର ମୃତ୍ୟୁ ଘଟିଛି, ତାହା ସ୍ପଷ୍ଟ ହେବ ବୋଲି ଜିଲା ବନଖଣ୍ଡ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ଶୁକ୍ରବାର ଭୁବନ ରେଞ୍ଜ୍ ରାଙ୍କିଆଠାରେ ଚାଷୀ ବିଛାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଏକ ଦନ୍ତାର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ୩ଜଣ ଗିରଫ ହୋଇଥିବାବେଳେ ଅନ୍ୟ ୪ଜଣ ଫେରାର ଅଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଇବ ଦଉଡ଼ି ମଣିଷ ଗାଈ**
**ଯେଣିକି ଟାଣଇ ତେଣିକି ଯାଇ ।**

ମଣିଷ ସବୁବେଳେ ସମୟର ଅଧୀନ। ସମୟ ବା ପରିସ୍ଥିତି ତାକୁ ଯେଉଁଆଡ଼େ ନେଇଯାଏ ସେ ସେଇଆଡ଼େ ଯିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେଖା ସୁନ୍ଦର ପଳାଶ ଫୁଲ;**
**ବାସ ଗୁଣ ନାହିଁ ଅମୂଲ ମୂଲ ।**

ପଳାଶ ଫୁଲ ଦେଖିବାକୁ ସୁନ୍ଦର। ଏହି ଫୁଲ ବାସହୀନ ହୋଇଥିବା ବେଳେ ଏହାର ମୂଲ୍ୟ କିନ୍ତୁ ଅନ୍ୟ ଫୁଲଠାରୁ ଢେର ଅଧିକ ହୋଇଥାଏ। ଫଳରେ ପଳାଶ ଫୁଲ ପ୍ରତି ମନରେ ଆଗ୍ରହ ସୃଷ୍ଟି ନ ହେବା ସ୍ୱାଭାବିକ। ପରୋକ୍ଷରେ ରୂପଠାରୁ ଗୁଣ ଶ୍ରେଷ୍ଠ। ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଗୁଣ ଯଦି ସେତେ ଭଲ ବା ଉତ୍କୃଷ୍ଟ ହୋଇ ନ ଥାଏ ତା'ହେଲେ ସେ ବ୍ୟକ୍ତି ସେତେ ଆଦର ଓ ସମ୍ମାନ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୧୧୧ କଇଁଛ ଜବତ, ଜଣେ ଗିରଫ

**ଭୋଗରାଇ,୧୬।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଜଳସୋହରିଆ ଗ୍ରାମରୁ ରବିବାର ବନ୍ୟପ୍ରାଣୀ ବିଭାଗ ୧୧୧ଟି କଇଁଛ ଜବତ କରିଛି। ଏହି ଘଟଣାରେ ଜଣେ ବେପାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଗୌରାଙ୍ଗ ମଣ୍ଡଳ। ପଶ୍ଚିମବଙ୍ଗକୁ ଚୋରାରେ ବିକ୍ରି ଉଦ୍ଦେଶ୍ୟରେ ସେ ଏହି କଇଁଛଗୁଡ଼ିକୁ ଘରେ ରଖିଥିଲେ ବୋଲି ବନ୍ୟପ୍ରାଣୀ ବିଭାଗ ସୂଚନା ଦେଇଛି। ଏହି ଚଢ଼ାଉରେ ଫରେଷ୍ଟର ଭକ୍ତିଲତା ଦାସ, ଫରେଷ୍ଟ ଗାର୍ଡ ରଞ୍ଜିତା ବିଶ୍ୱାଳ, ମନୋହର ସିଂ, ଦିଲ୍ଲୀପ ସିଂ, ସଞ୍ଜୟ ମହାନ୍ତି, ମିନତୀ ମାଝୀ, ଭକ୍ତିଲତା ଦାସ ସାମିଲ ଥିଲେ।


## classifieds Everyday 0674-2580101, 2549302



**SALE**

Bhubaneswar Old Town Keutasahi Chhakaରେ 2BHK flat ବିକ୍ରି ହେବ। First Floor immediate sale fully furnished. Contact: 8895308301, 8895748762. D-71357

**30ft. gharabari plot sale Gangapada near Maharaja College sqft.-850/- (Bank loan available). 9439364818, 9337766961.** D-1716

ବରମୁଣ୍ଡାରୁ ୧୩କି.ମି. ଦୂରରେ ବର୍ଗଫୁଟକୁ 850/-, 650/-, 410/- ଘରବାଡ଼ି ପ୍ଲଟ୍ କିଣନ୍ତୁ। Pinky- 9853150290. D-74136

**Simplex, Duplex and Triplex available for sale within gated community and facilities like Childrens Play Area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1680

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

**Sum Hospital ପାଖରେ (60x40) BDA plotରେ ୩ ମହଲା ଘର ଓ ଏକ 3BHK Apartment ବିକ୍ରିହେବ। 7978124465, 7991006699.** D-1702

**ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067.** D-74127

**PURCHASE**

ଭୁବନେଶ୍ୱର ତହସିଲ/ଜଟଣୀ ତହସିଲ ଅଧିନରେ ଥିବା ଘରବାଡ଼ି ପାଚେରି ହୋଇଥିବା ପ୍ଲଟ୍ ଦରକାର। 9439493164. D-74138



**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295



Herbal full body massage by smart / expert therapist. Contact: 8455985899. D-73986

Newly open full body massage ladies and gents. 8327740003, 8093860513. D-73985

Newly open Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-73988

Fullbody relax massage refresh your body with trend therapist. 7008773793. D-73650

**Relax, Refresh your body, Mind at Saikrupa Spa with best therapies. 8984068077.** D-1743

Newly opened full body massage center by expert therapist. 7381172169. D-73651

Newly open Spa positively health benefit with expert. Contact: 7749976301. D-73882

**AFFIDAVIT**

As per the affidavit of SK. RIYA, prove that her Father name is SK HAIBUR REHAMAN my Father name wrongly mentioned in his (Aadhaar Card No) SK. HABIB instead of SK. HAIBUR REHAMAN. As such SK. HABIB and SK. HAIBUR REHAMAN is same and one person. D-1785


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ଅନିଶ୍ଚିତତାରେ ସୁବର୍ଣ୍ଣରେଖା ...

ଭାଉସାହେବ ଶିନ୍ଦେ ପ୍ରସ୍ତାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ, ସୁଦ୍ଧା ଅଦ୍ୟାବଧି କୌଣସି ଅଗ୍ରଗତି ହୋଇନାହିଁ। ଅଧିଗ୍ରହଣ ପ୍ରକ୍ରିୟା ପାଇଁ ପ୍ରଶାସନ ଅଞ୍ଚଳବାସୀଙ୍କୁ ବୁଝାଇବାରେ ଏକପ୍ରକାର ଅସଫଳ ହୋଇଛି। ବାଲିଆପାଳ ଚୌମୁଖ ନଦୀଭିତ୍ତିକ ବନ୍ଦର ପାଇଁ ଧାନ, ପାନ, ମୀନ, ତୈଳବୀଜର ଗନ୍ତାଘର କୁହାଯାଉଥିବା ସ୍ଥାନକୁ କମ୍ପାନୀ କିମ୍ବା ସରକାରଙ୍କୁ ଟେକି ଦେବେନାହିଁ ବୋଲି ଆନ୍ଦୋଳନକାରୀ ବଜ୍ର ଶପଥ ନେଇଥିବାରୁ ଜଟିଳ ସ୍ଥିତି ଉପୁଜିଛି। ୬ପଞ୍ଚାୟତର ୬୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଭିଟାମାଟି ସୁରକ୍ଷା କମିଟି ନାମରେ ଆନ୍ଦୋଳନ କରୁଥିବାରୁ ଶାନ୍ତିଶୃଙ୍ଖଳା ବ୍ୟାହତ ହେବା ଆଶଙ୍କା ଦେଖାଦେଇଛି।

ଅପରପକ୍ଷରେ ୨୦୨୦ରେ ପଶ୍ଚିମବଙ୍ଗ ସରକାର ଓଡ଼ିଶା ସୀମାନ୍ତରେ ତାଜପୁର ସାମୁଦ୍ରିକ ବନ୍ଦର ନିମନ୍ତେ ୨୫ହଜାର କୋଟି ଟଙ୍କା ବ୍ୟୟ ମଞ୍ଜୁର କରିଛନ୍ତି। ୨୦୨୨ ଅଗଷ୍ଟ ୩୦ରେ ଏହାକୁ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରାଯାଇ ଆଦାନୀ ଗ୍ରୁପ୍‌ର ( ଆଦାନୀ ପୋର୍ଟସ ଆଣ୍ଡ ସ୍ପେଶିଆଲ ଇକୋନୋମିକ ଜୋନ୍)କୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତାଜପୁର ନିକଟସ୍ଥ ଶଙ୍କରପୁର ସମୁଦ୍ର କୂଳରେ ଏକ କାର୍ଯ୍ୟାଳୟ ଖୋଲାଯାଇ କାର୍ଯ୍ୟ ଆରମ୍ଭ ମଧ୍ୟ ହୋଇଛି। ନିକଟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିର୍ମାଣକାରୀ ସଂସ୍ଥାକୁ ଇଚ୍ଛାପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ସମୁଦ୍ର କୂଳ ୧୨କି.ମି. ଦୂର ପର୍ଯ୍ୟନ୍ତ ଗଭୀର କରାଯିବା ସହିତ ବନ୍ଦର ସ୍ଥାନରେ ୧ହଜାର ଏକର ଜାଗାକୁ ଚିହ୍ନଟ କରାଯାଇଛି। ଏହି ବନ୍ଦର ପ୍ରତିଷ୍ଠା ପାଇଁ ୧ହଜାର ଲୋକଙ୍କ ଜମି ଅଧିଗ୍ରହଣ ହେବାକୁ ଥିବାରୁ ସେମାନଙ୍କୁ ନିୟମ ଅନୁଯାୟୀ ଅନ୍ୟତ୍ର ଥଇଥାନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସରକାରୀସ୍ତରରେ କୁହାଯାଉଛି। ତାଜପୁର ଏବଂ ଚୌମୁଖ ସମୁଦ୍ରକୂଳ ଦୂରତା ସଡ଼କ ପଥରେ ୨୫ କିମି ହୋଇଥିବାବେଳେ ସମୁଦ୍ରପଥରେ ୧୮ରୁ ୨୦ ନର୍ଟିକାଲ ମାଇଲ ହେବ। ତେଣୁ ତାଜପୁର ବନ୍ଦର ଆଗୁଆ ସମ୍ପୂର୍ଣ୍ଣ ହେଲେ ଚୌମୁଖ ବନ୍ଦର ପ୍ରଭାବିତ ହେବାର ଆଶଙ୍କା ରହିଛି। ବାଲିଆପାଳ ବନ୍ଦର ଏବଂ ଏହା ନିକଟରେ ୭୫ହଜାର କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ପେଟ୍ରୋକେମିକାଲ୍‌ସ ମେଗା ପ୍ରକଳ୍ପ ବିରୋଧୀ ଆନ୍ଦୋଳନକୁ ପରିବେଶବିତ୍ ଓ ବିରୋଧୀ ଦଳ ସମର୍ଥନ କରୁଥିବାରୁ ବନ୍ଦର ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଆମେ ଲଢେଇ କରି ବଞ୍ଚିବୁ, ମରିବୁ ପଛେ ଆମ ଭିଟାମାଟି ଛାଡିବୁନାହିଁ ବୋଲି ଭିଟାମାଟି ସୁରକ୍ଷା କମିଟି ଆବାହକ ଅରୁଣ ଜେନା କହିଛନ୍ତି। ପ୍ରସ୍ତାବିତ ବନ୍ଦର ନିର୍ମାଣ କରୁଥିବା ଟାଟା ପ୍ରୋଜେକ୍ଟର ସିଇଓ ପ୍ରକାଶ ସିଂଙ୍କ କହିବା ହେଲା, ପ୍ରକଳ୍ପ ପାଇଁ ୬୨୫ ଏକର ଜାଗା ସହ ସମୁଦ୍ର ଗର୍ଭକୁ ୪୦୦ଏକର ନିଆଯାଉଛି। ସମୁଦ୍ରରେ ଗଭୀରତା କାର୍ଯ୍ୟ କରାଯାଉଛି। ବାକି ରେଳପଥ, ସଡ଼କ ପଥ(ବାଲିଆପାଳରୁ ଅମର୍ଦ୍ଦା) ପାଇଁ ଉଭୟ ସରକାରୀ ଏବଂ ଘରୋଇ ୮୦ପ୍ରତିଶତ ଜମିକୁ ରେଜିଷ୍ଟ୍ରେଶନ କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଚେଷ୍ଟା ଜାରି ରହିଛି ବୋଲି ସିଂ କହିଛନ୍ତି। ଅପରପକ୍ଷରେ ବନ୍ଦର ଗଢିଉଠିଲେ ବାଲେଶ୍ୱର ଜିଲା ସହିତ ଓଡ଼ିଶାର ଆର୍ଥିକ ଏବଂ ସାମାଜିକ ସ୍ଥିତିର ଅଭୂତପୂର୍ବ ଉନ୍ନତି ଘଟିବ ବୋଲି ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ପ୍ରକାଶ କରିଛନ୍ତି। ଜନପ୍ରିୟ ସରକାର ଯାହା ନିଷ୍ପତ୍ତି ନେବେ ତାକୁ ମୁଁ ସମର୍ଥନ କରିବି, ଏଥିରେ ମୋର କିଛି କହିବାର ନାହିଁ ବୋଲି ଭୋଗରାଇ ବିଧାୟକ ଅନନ୍ତ ଦାସ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣରେ ବିଳମ୍ବ ପାଇଁ ବନ୍ଦର ହୋଇପାରୁନି ବୋଲି ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି। ସେହିପରି ସ୍ଥାନୀୟ ଚୌମୁଖ ଗ୍ରାମର ଲକ୍ଷ୍ମୀକାନ୍ତ ଖଟୁଆଙ୍କ କହିବା ହେଲା ତାଙ୍କ ପରିବାରର ୭ଜଣ ବର୍ଷକୁ ୪ ରୁ ୫ ଏକର ଜମିରେ ଧାନ, ପାନ ଏବଂ ଚିନାବାଦାମ ଚାଷ କରି ବାର୍ଷିକ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ସରକାର ଯଦି ଜାଗା ନେଇଯିବେ ତେବେ ଆମେ ସର୍ବହରା ହୋଇଯିବୁ ବୋଲି ଲକ୍ଷ୍ମୀଧର କହିଛନ୍ତି। ସ୍ଥାନୀୟ ଡୋଗ୍ରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି ମଧ୍ୟ ଏହି ବନ୍ଦର ପ୍ରକଳ୍ପକୁ ବିରୋଧ କରିଛନ୍ତି। ଚୌମୁଖ ଗ୍ରାମର ମନୋରଞ୍ଜନ ବେହେରାଙ୍କ ମତରେ ବନ୍ଦର ପ୍ରତିଷ୍ଠା ହେଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସ୍ଥାନୀୟ ଲୋକେ କର୍ମ ନିଯୁକ୍ତି ପାଇବା ସହ ଅର୍ଥନୀତିର ବିକାଶ ହେବ। ବିରୋଧୀମାନେ ଯେଉଁ ଉଦ୍ଦେଶ୍ୟରେ ଆନ୍ଦୋଳନ କରୁଛନ୍ତି, ତାହା କେବେ ଫଳପ୍ରଦ ହେବ ନାହିଁ।

ପାରାଦୀପରେ ୧୯୬୬ ମାର୍ଚ୍ଚ ୧୨, ଭଦ୍ରକ ଧାମରାରେ ୨୦୧୧ ଓ ଗଞ୍ଜାମର ଗୋପାଳପୁର ବନ୍ଦର ୨୦୧୩ରୁ କାର୍ଯ୍ୟକ୍ଷମ ହୋଇଥିବାବେଳେ ୨୦୧୭ରୁ ରାଜ୍ୟ ସରକାର ୧୨ଟି କ୍ଷୁଦ୍ର ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି। ସେଥିମଧ୍ୟରେ ବାଲେଶ୍ୱର ଜିଲାର ସୁବର୍ଣ୍ଣରେଖା, ବିଚିତ୍ରପୁର, ବାହାବଳପୁର, ଇଞ୍ଚୁଡ଼ି ଏବଂ ଚାନ୍ଦିପୁର, ଭଦ୍ରକ ଜିଲାର ଚୁଡ଼ାମଣି, କେନ୍ଦ୍ରାପଡ଼ା ଜିଲାର ଆଖଡ଼ାଶାଳି, ଜଗତ୍‌ସିଂହପୁର ଜିଲାର ଜଟାଧାରୀ, ପୁରୀ ଜଲାର ଅସ୍ତରଙ୍ଗ ଓ ବାଲି ହରଚଣ୍ଡୀ ଏବଂ ଗଞ୍ଜାମ ଜିଲାର ପାଲୁର ଓ ବାହୁଦା ରହିଛି। ହେଲେ ଅଦ୍ୟାବଧି ବିଭିନ୍ନ କାରଣରୁ ଏଗୁଡ଼ିକ କାର୍ଯ୍ୟକାରୀ ହୋଇପାରି ନାହିଁ।

### ଖାଦ୍ୟ ଥାଇ ୨୦୦ ...

୩.୩ ବିଲିୟନ୍ ଟନ୍ ପରିମାଣର କାର୍ବନ ଡାଇଅକ୍ସାଇଡ୍ ବାହାରିଥାଏ। ତେବେ ସମାନ ପରିମାଣର ଅଙ୍ଗାରକାମ୍ଳ ପ୍ରତିବର୍ଷ ସବୁଜଗୃହରୁ ନିର୍ଗତ ହେଉଛି। ବାହାରେ ପିଙ୍ଗାଯାଉଥିବା ଖାଦ୍ୟ ସକାଶେ ବ୍ୟବହୃତ ଜଳର ଏକ ଚତୁର୍ଥାଂଶ ନଷ୍ଟ ହେଉଛି, ଯାହାର ପରିମାଣ ୧୭୨ ବିଲିୟନ୍ ଡଲାର ଆକଳନ କରାଯାଇଛି। ଜାତିସଂଘର ଏନ୍‌ଭାରନ୍‌ମେଣ୍ଟ ପ୍ରୋଗ୍ରାମ (ୟୁଏନ୍‌ଇପି) ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ବୈଶ୍ୱିକ ଖାଦ୍ୟ ଉତ୍ପାଦନର ୧୭ ପ୍ରତିଶତ ଖାଦ୍ୟ ନଷ୍ଟ ହୋଇଛି। ଏହି ଖାଦ୍ୟ ବର୍ଜ୍ୟର ୬୧% ଖାଦ୍ୟ ଘରୁ ଆସୁଥିବାବେଳେ ୨୬% ଫୁଡ୍ ସର୍ଭିସ୍ ଏବଂ ୧୩% ଦୋକାନରୁ ଆସିଥାଏ। ଖାଦ୍ୟ ନଷ୍ଟ କରିବାକୁ ଦାୟିତ୍ୱହୀନତା ବୋଲି କୁହାଯାଇପାରିବ। ଅନ୍ୟପକ୍ଷେ ଏହା ୱେଷ୍ଟ ମ୍ୟାନେଜ୍‌ମେଣ୍ଟ ମେକାନିଜମ୍ ଉପରେ ଏକ ପ୍ରକାର ଚାପ ପକାଉଥିବା ଜଣାପଡ଼ିଛି। ସ୍ଥଳଭାଗରେ ଖାଦ୍ୟବର୍ଜ୍ୟ ଜମା ହେବା ସହ ଅନେକ ସମୟରେ ଏହା ପ୍ରବାହିତ ଜଳରେ ଭାସି ଯାଉଥିବା ମଧ୍ୟ ଦେଖିବାକୁ ମିଳିଛି। ଖାଦ୍ୟ ନଷ୍ଟ କରିବା ଦ୍ୱାରା ବିଶ୍ୱରେ ଖାଦ୍ୟ ସଙ୍କଟର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ୨୦୧୯ରେ ଖାଦ୍ୟାଭାବ କାରଣରୁ ବିଶ୍ୱର ୬୯୦ ନିୟୁତ ଲୋକ ଭୋକିଲା ରହୁଥିବା ଏଫ୍‌ଏଓ (ଫୁଡ୍ ଆଣ୍ଡ୍ ଏଗ୍ରିକଲଚର୍ ଅର୍ଗାନାଇଜେଶନ୍)ର ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ୨ ବିଲିୟନ୍ ଲୋକଙ୍କ ପାଖରେ ଖାଦ୍ୟ ଗ୍ରହଣ କରିବାର ସୁଯୋଗ ଥିଲେ ମଧ୍ୟ ସେମାନେ ଉପାସ ରହୁଛନ୍ତି। ଖାଦ୍ୟ ନଷ୍ଟକୁ ରୋକିବା ପାଇଁ ବ୍ରିଟେନ୍ ପକ୍ଷରୁ ପଦକ୍ଷେପ ନିଆଯାଉଥିବାବେଳେ ଆସନ୍ତା ୨୦୩୦ ବେଳକୁ ବୈଶ୍ୱିକ ଖାଦ୍ୟ ନଷ୍ଟକୁ ମୂଳତ୍ପାଟିତ କରିବ ବୋଲି ଯୋଜନା ରଖିଛି। ବଳକା ଖାଦ୍ୟରୁ କମ୍ପୋଷ୍ଟ ଖତ ତିଆରି କରାଗଲେ ଏହା ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ଅନ୍ୟପଟେ ଫୁଡ୍ ବ୍ୟାଙ୍କ ଜରିଆରେ ଭୋକିଲାଙ୍କୁ ଖାଦ୍ୟ ଯୋଗାଗଲେ ମଧ୍ୟ ଖାଦ୍ୟନଷ୍ଟକୁ ରୋକିହେବ।

### ଆଜି କଂଗ୍ରେସ ଅଧ୍ୟକ୍ଷ...

ହେବାକୁ ଯାଉଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏଆଇସିସି ମୁଖ୍ୟାଳୟରେ ଭୋଟ ଦେବାକୁ ଥିବାବେଳେ ଭାରତ ଯୋଡ଼ୋ ଯାତ୍ରାରେ ଥିବା ରାହୁଲ ଗାନ୍ଧୀ କର୍ନାଟକର ବେଲାରୀ ଜିଲା ଅନ୍ତର୍ଗତ ସାଙ୍ଗନାକାଲ୍ଲୁଠାରେ ଭୋଟ ଦେବେ। ଖାର୍ଗେଙ୍କ ପଛରେ ଗାନ୍ଧୀ ପରିବାର ଏବଂ ବରିଷ୍ଠ ନେତାମାନଙ୍କ ସମର୍ଥନ ରହିଥିବାବେଳେ ଥରୁର ନିଜକୁ ପରିବର୍ତ୍ତନର ପ୍ରାର୍ଥୀ ବୋଲି କହିଆସୁଛନ୍ତି। ବାଲଟ ପେପରରେ ୧ ନମ୍ବରରେ ଖାର୍ଗେ ଏବଂ ୨ ନମ୍ବରରେ ଥରୁରଙ୍କ ନାଁ ରହିଛି। ପିସିସି ପ୍ରତିନିଧିମାନେ ଯାହାଙ୍କୁ ଅଧ୍ୟକ୍ଷ ନିର୍ବାଚିତ କରିବାକୁ ଚାହୁଁଛନ୍ତି, ତାଙ୍କ ନାମ ପାଖରେ ୧ ଲେଖିବାକୁ କୁହାଯାଇଥିଲା। ଥରୁରଙ୍କ ଟିମ୍ ଏହାର ପ୍ରତିବାଦ କରିବାରୁ ୧ ପରିବର୍ତ୍ତେ ଟିକ୍ ଚିହ୍ନ ଗ୍ରହଣ କରାଯିବ ବୋଲି ଦଳର କେନ୍ଦ୍ରୀୟ ନିର୍ବାଚନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମଧୁସୂଦନ ମିସ୍ତ୍ରୀ କହିଛନ୍ତି।

### ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମିତ ...

ହେଲା ବୋଲି ଘୋଷଣା କରିଥିଲେ। ସେ କହିଥିଲେ, ରାଜ୍ୟରୁ ଠିକା ନିଯୁକ୍ତିର ଯୁଗ ଶେଷ ହୋଇଛି। ରାଜ୍ୟର ସମସ୍ତ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ନିଯୁକ୍ତି ନିୟମିତ ହେବ। ଏହାଦ୍ୱାରା ୫୭ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ୧୩ ଶହ କୋଟି ଟଙ୍କା ଅଧିକ ଖର୍ଚ୍ଚ ହେବ। ସେପଟେ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଦୁଇ ପ୍ରମୁଖ ବିରୋଧୀ ରାଜନୈତିକ ଦଳ ଭାଜପା ଓ କଂଗ୍ରେସ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ୨୦୧୩ରେ ସରକାର ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ଆଣି କରିଥିବା ବଡ଼ ଭୁଲ୍‌କୁ ଏବେ ସୁଧାରିବାକୁ ଚେଷ୍ଟା କରିଛନ୍ତି ବୋଲି ଭାଜପା କହୁଥିବାବେଳେ କଂଗ୍ରେସ ଏହାକୁ ନିର୍ବାଚନୀ ଚାଲ୍ ବୋଲି କହିଛି।

### ବାକି ରହିଗଲେ ...

କର୍ମଚାରୀମାନେ କରୁଛନ୍ତି। ଏହି କର୍ମଚାରୀମାନେ ସରକାରୀ କାର୍ଯ୍ୟ ପାଇଁ ଦୀର୍ଘ ସମୟ ଦିନକୁ ଦେଉଛନ୍ତି। ହେଲେ ସରକାର ଯେଉଁମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଉଛନ୍ତି ସେମାନେ କ'ଣ କାମ କରୁଛନ୍ତି ସେକଥା ଅଫିସ୍‌କୁ ଗଲେ ଜଣାପଡ଼ିଯିବ। ଏହି ଆଉଟସୋର୍ସିଂ ଜରିଆରେ କାର୍ଯ୍ୟ କରୁଥିବା ଅନେକ କର୍ମଚାରୀଙ୍କ ଯୁବା ବୟସ ମଧ୍ୟ ଚାଲିଗଲାଣି। ଫଳରେ ଉକ୍ତ କର୍ମଚାରୀମାନଙ୍କ ଭବିଷ୍ୟତ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ସରକାର କହୁଛନ୍ତି ରାଜ୍ୟରେ ଆର୍ଥିକ ସ୍ଥିତିରେ ସୁଧାର ଆସିଛି ତେବେ ଯେଉଁମାନେ ପାଖାପାଖି ୨୦ ବର୍ଷ ହେବ ଠିକା କର୍ମଚାରୀ ଭାବେ କାର୍ଯ୍ୟ କଲେଣି ସେମାନଙ୍କ ନିମନ୍ତେ ସ୍ଥାୟୀ ନିଯୁକ୍ତି ସମ୍ପର୍କିତ ଘୋଷଣା କାହିଁକି କଲେନାହିଁ ବୋଲି ସେ କହିଛନ୍ତି।

ସେହିପରି ରାଜ୍ୟରେ ଡିଏଲ୍‌ଆର ଏବଂ ଏନ୍‌ଏମ୍‌ଆର୍ ଭାବେ ୧୯୯୬ ମସିହାରୁ ବହୁ କର୍ମଚାରୀ କାମ କରିଆସୁଛନ୍ତି। ସେମାନଙ୍କ ଚାକିରି ସ୍ଥାୟୀ ହେବା ନେଇ ୧୯ ମେ ୧୯୯୭ ମସିହାରେ ରାଜ୍ୟ ସରକାରଙ୍କ ଅର୍ବାନ ବିଭାଗ ପକ୍ଷରୁ ଏକ ଚିଠି ପ୍ରକାଶ ପାଇଥିଲା। ଯେଉଁମାନଙ୍କ ଚାକିରି ୧୦ ବର୍ଷ ହୋଇଥିବ ସେମାନେ ସ୍ଥାୟୀ ହେବେ ବୋଲି ସେଥିରେ ଉଲ୍ଲେଖ ଥିଲା। ହେଲେ ଉକ୍ତ ନିର୍ଦ୍ଦେଶ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ରାଜ୍ୟରେ ଡିଏଲ୍‌ଆର ଏବଂ ଏନ୍‌ଏମ୍‌ଆର୍ ଭାବେ ମୋଟ ୩୮୦୦ କର୍ମଚାରୀ କାମ କରୁଛନ୍ତି। ତେବେ ପୌର ଅସ୍ଥାୟୀ କର୍ମଚାରୀ ମହାସଂଘ ସାଧାରଣ ସମ୍ପାଦକ ରଶ୍ମୀ ରଞ୍ଜନ ଗୁରୁ କହିଛନ୍ତି, ସରକାର ମନଇଚ୍ଛା ୬ ବର୍ଷ ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେଲେ କିନ୍ତୁ ୨୫ ବର୍ଷ ହେଲା ସେମାନେ କାମ କରିବା ସତ୍ତ୍ୱେ ତାଙ୍କ କଥା ଚିନ୍ତା କଲେ ନାହିଁ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଅଳ୍ପ କିଛିଦିନ ମଧ୍ୟରେ ଅବସର ନେବେ। ସେମାନଙ୍କ ପରିବାର ଆଗକୁ କେମିତି ଚଳିବେ ସେନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ରାତି, ଦିନ ଏକ କରି ସରକାରଙ୍କ ପାଇଁ କାମ କରିବା ସତ୍ତ୍ୱେ କାହିଁକି ସେମାନଙ୍କ କଥାକୁ ସରକାର ଗୁରୁତ୍ୱ ଦେଉନାହାନ୍ତି ବୋଲି ଗୁରୁ ପ୍ରଶ୍ନ କରିଛନ୍ତି।

ସେହିପରି ଏନ୍‌ଆର୍‌ଏଚ୍‌ଏମ୍(ନ୍ୟାଶନାଲ ରୁରାଲ ହେଲ୍‌ଥ ମିଶନ), ସର୍ବଶିକ୍ଷା ଅଭିଯାନ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଯେଉଁମାନଙ୍କୁ ରାଜ୍ୟ ସରକାର ଠିକା ନିଯୁକ୍ତି ଦେଇଛନ୍ତି ପ୍ରତିବର୍ଷ ସେମାନଙ୍କ କାର୍ଯ୍ୟକାଳ ରିନ୍ୟୁ କରାଯାଉଛି। ଏହି ଯୋଜନାଗୁଡ଼ିକ ଦୀର୍ଘବର୍ଷ ହେଲା ଆରମ୍ଭ ହୋଇଥିବା ବେଳେ ଆଗକୁ ମଧ୍ୟ ଏହି ଯୋଜନା ଚାଲିବ। ହେଲେ ସରକାର ସେଥିରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ମଧ୍ୟ କିଛି ନିଷ୍ପତ୍ତି ନେଇନାହାନ୍ତି। ଏହିଭଳି କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ରାଜ୍ୟରେ ପ୍ରାୟ ୪୦ ହଜାରରୁ ଅଧିକ ହେବ। ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧୀ ଏବଂ ପୂର୍ବତନ ପ୍ରଶାସନିକ ଅଧିକାରୀମାନେ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ସେହିପରି ରାଜ୍ୟରେ ଶତାଧିକ ସଂଖ୍ୟାରେ ଗ୍ରାମରକ୍ଷୀ, ହୋମ୍‌ଗାର୍ଡ, ଜିଆର୍‌ଏସ୍ ଏବଂ ବ୍ଲକଗ୍ରାଣ୍ଟ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ସେମାନଙ୍କ କଥାକୁ ମଧ୍ୟ ସରକାର ଧ୍ୟାନ ଦେଇନାହାନ୍ତି। ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଛନ୍ତି, ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ବହୁ ଯୁବକଙ୍କ ଭବିଷ୍ୟତ ଅନ୍ଧାରକୁ ଚାଲିଯାଇଛି। ସରକାର ଯଦି ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ କଲେ ତେବେ ସରକାରଙ୍କ ପାଇଁ କାର୍ଯ୍ୟ କରୁଥିବା ସମସ୍ତଙ୍କ ଲାଗି ଚିନ୍ତା କରିବାର ଆବଶ୍ୟକତା ଥିଲା। ଏଭଳି କରି ସରକାର ଏକପାଖିଆ ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଛନ୍ତି। ଏସବୁ ସତ୍ତ୍ୱେ ଭୁବନେଶ୍ୱର ସ୍ଥିତ ଜଣେ ବରିଷ୍ଠ ଖବରଦାତା କହିଛନ୍ତି, ଠିକା କର୍ମଚାରୀମାନେ ସ୍ଥାୟୀ ହୋଇଗଲେ ସେମାନଙ୍କ ପୂର୍ବ ଦକ୍ଷତା ବାଧାପ୍ରାପ୍ତ ହେବ ଏବଂ ସରକାରୀ ସେବାରେ ତା'ର କୁପ୍ରଭାବ ପଡ଼ିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ରମଙ୍ଗଳ ଯୋଗରୁ ଯାତ୍ରା, ବନ୍ଧୁ ମିଳନ ଓ ମନୋରଞ୍ଜନ ପାଇଁ ବହୁତ ଭଲ । ସଭାସମିତି, ମାଲିମକଦ୍ଦମା କିମ୍ବା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପ୍ରତିଶ୍ରୁତିରୁ ଓହରିବା କାରଣରୁ ଶେଷ ସମୟରେ ବନ୍ଧୁଙ୍କ ଉପରୁ ବିଶ୍ୱାସ ହରାଇ ପାରନ୍ତି। ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବାରେ ସଫଳ ହେବେ।

**ବୃଷ** ରାଶ୍ୟାଧିପତିଙ୍କ ଦୁର୍ବଳତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ପରିସ୍ଥିତିର ତାଡ଼ନାରେ ଆକସ୍ମିକ ଭାବେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ । ଅଳ୍ପ କେତେଦିନ ହେଲା ଖୋଜୁଥିବା ଜିନିଷର ସନ୍ଧାନ ଆଜି ହିଁ ମିଳିବ। ଘରେ ବନ୍ଧୁମିଳନ କିମ୍ବା ବନ୍ଧୁଙ୍କ ଅପ୍ରତ୍ୟାଶିତ ଆଗମନରୁ ଖୁସି ହୋଇଯିବେ।

**ମିଥୁନ** ଆକସ୍ମିକ ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବେ। ଭଲ ପଡୁ ନ ଥିବା ବ୍ୟକ୍ତି ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡା ଲାଗିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭ ଅକ୍ଷୁଣ୍ଣ ରହିବ।

**କର୍କଟ** କର୍ମକ୍ଷେତ୍ରରେ ସାମାନ୍ୟ ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି ହେଲେ ମଧ୍ୟ ଅନ୍ୟ କୌଣସି ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅତୀତରେ ଘଟିଯାଇଥିବା ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିପାରନ୍ତି । ଦୀର୍ଘଦିନରୁ ଚିନ୍ତା କରିଥିବା ଜମିଜମା କାରବାର ସମ୍ପର୍କିତ କାମଟି ହଠାତ୍ ହୋଇଯିବ।

**ସିଂହ** ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରୁ ଫେରିବା ବାଟରେ ଅପରାହ୍ନେ କଳହର ସମ୍ମୁଖୀନ ହୋଇପାରନ୍ତି। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ । ହିତୈଷୀମାନଙ୍କ କଥା ମାନି ଚଳିଲେ କେତେକାଂଶରେ ଉପକୃତ ହେବେ।

**କନ୍ୟା** ଅଭିଳଷିତ ଜିନିଷ ନ ପାଇବା କାରଣରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା କ୍ରମଶଃ ହ୍ରାସ ପାଇପାରେ। ପରିବାରର ବରାଦ ଅନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିପାରନ୍ତି। ଜଣେ ବନ୍ଧୁଙ୍କ ସହଯୋଗରୁ ନିର୍ମାଣାଧୀନ କାମଟି ସମ୍ପନ୍ନ କରିପାରିବେ। ପ୍ରତିଯୋଗିତାରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ ।

**ତୁଳା** ଆଜିର କର୍ମକ୍ଷେତ୍ରରେ ଯେକୌଣସି ପରିସ୍ଥିତି ଆସୁନା କାହିଁକି, ଆପଣ ସମସ୍ୟାକୁ ସୁଧାରି ନେଇ ପାରିବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ଫଳରେ ଧୈର୍ଯ୍ୟଚ୍ୟୁତି ଘଟିପାରେ। ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବା ପାଇଁ ଲବି କରିପାରନ୍ତି। ସକାଳୁ ସକାଳୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିବ।

**ବିଛା** ପରିବାରରେ ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟରେ ସମସ୍ୟା ସୁଧୁରି ଯିବାରୁ ଆଶ୍ୱସ୍ତି ଅନୁଭବ କରିବେ । କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଜୀବନଚର୍ଯ୍ୟାରେ ବ୍ୟତିକ୍ରମ ମାନସିକ ଅଶାନ୍ତିର କାରଣ ପାଲଟି ଯିବ।

**ଧନୁ** ପାରିବାରିକ କ୍ଷେତ୍ରରେ ନିକଟ ସମ୍ପର୍କୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। କଠୋର ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। କେତେକ ନୂତନ କାମର ପରିକଳ୍ପନା କରି ସଫଳତା ପ୍ରାପ୍ତ ହେବେ।

**ମକର** ବନ୍ଧୁମାନଙ୍କ ସାହାଯ୍ୟ ସହଯୋଗ କାରଣରୁ ଆଜିର କାମ ଠିକ୍‌ଠାକ୍ ହୋଇଯିବ। ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ପାଇବେ ଏବଂ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ପୂର୍ବ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପରିସ୍ଥିତିରେ ପଡ଼ି ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ବାଧ ହେବେ।

**କୁମ୍ଭ** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା ନ କଲେ ପଶ୍ଚାତ୍ତାପ କରିବେ। ଆତ୍ମୀୟମାନେ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଆପଣଙ୍କ କାମକୁ ଅବହେଳା କରିପାରନ୍ତି। ଭାବୁଥିବା କାମଟି ସମ୍ପନ୍ନ ସକାଶେ ବନ୍ଧୁଙ୍କ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଗୃହ, ଭୂମି, ପବ୍ଲିକେଶନ ସମ୍ପର୍କିତ ଦୁଶ୍ଚିନ୍ତା ଆସିବ।

**ମୀନ** ଆଜିର କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପାରିବାରିକ ସମସ୍ୟା କ୍ଷେତ୍ରରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ଅଥବା ଧାର୍ମିକ ବାତାବରଣ ମଧ୍ୟରେ ଆନନ୍ଦ ଅନୁଭବ କରିବେ।

ଆଜି ଅକ୍ଟୋବର ୧୭ ତାରିଖ, ଜଳ ବିଷୁବ ଗର୍ଭଣା ସଂକ୍ରାନ୍ତି, ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ ଦିବସ, କାର୍ତ୍ତିକ କୃଷ୍ଣ ସପ୍ତମୀଯୁକ୍ତ ଅଷ୍ଟମୀ ସୋମବାର, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫/୪୫ ଗତେ, ଘ.୦୭/୧୨ ମଧ୍ୟେ, ଘ.୦୮/୫୦ ଗତେ, ଘ.୧୧/୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭/୧୨ ମି ଗତେ, ଘ.୦୮/୩୮ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ନାଳକଡ଼ରୁ ନବଜାତ ଶିଶୁପୁତ୍ର ଉଦ୍ଧାର

କେନ୍ଦୁଝର,୧୬।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅଧୀନ ତେନ୍ତୁଳାପଶି ପଞ୍ଚାୟତ ଗୋପୀନାଥପୁର ଗାଁ ନିକଟ ନାଳକଡ଼ରୁ ଏକ ଶିଶୁପୁତ୍ର ଉଦ୍ଧାର ହୋଇଛି। ବ୍ୟାଗ୍‌ରେ ଅସହାୟ ଅବସ୍ଥାରେ ପଡ଼ିଥିବା ଶିଶୁପୁତ୍ରକୁ ଗ୍ରାମବାସୀ ଆଣି ଅଙ୍ଗନୱାଡ଼ି ଓ ଆଶାକର୍ମୀଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ଗୋପୀନାଥପୁର ଗ୍ରାମର ଧାନକ୍ଷେତ ଜଗିଥିବା କିଛି ଲୋକ ସକାଳୁ ଘରକୁ ଫେରୁଥିବା ବେଳେ ଅଶୋକ ଝରଣ ନାଳ କୂଳରେ ଛୋଟ ଶିଶୁଟିଏ କାନ୍ଦୁଥିବା ଶବ୍ଦ ଶୁଣିଥିଲେ। ନାଳ କୂଳରେ ପଡ଼ିଥିବା ବ୍ୟାଗ ଭିତରୁ ନବଜାତ ଶିଶୁପୁତ୍ରକୁ ବାହାର କରି ଗାଁକୁ ନେଇ ଆସିଥିଲେ। ପରେ ଅଙ୍ଗନୱାଡ଼ି ଓ ଆଶା କର୍ମୀଙ୍କୁ ସୂଚନା ଦେଇଥିଲେ। ଅଙ୍ଗନୱାଡ଼ି କର୍ମୀ ଚାଇଲ୍ଡଲାଇନ୍‌କୁ ଖବର ଦେବା ସହ ଶିଶୁକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଶିଶୁର ଚିକିତ୍ସା ଚାଲିଥିବା ବେଳେ ଅବସ୍ଥା ଭଲଥିବା ଜଣାପଡ଼ିଛି।



# 'ଓଡ଼ିଶା ଦେଶର ଟେକ୍ନୋଲୋଜି ରିସୋର୍ସ ହବ୍'

## ଆଇବିଏମ୍ କ୍ଲାଏଣ୍ଟ ଇନୋଭେଶନ୍ ସେଣ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)

ରାଜ୍ୟରେ ଆଇଟି ଇକୋସିଷ୍ଟମକୁ ବ୍ୟାପକ କରିବା ପାଇଁ ଭୁବନେଶ୍ୱରର ଚନ୍ଦକା ଶିଳ୍ପାଞ୍ଚଳର ଇନ୍‌ଫୋସିଟି ନିକଟ ଓ-ହବ୍‌ଠାରେ ଆଇବିଏମ୍‌ର କ୍ଲାଏଣ୍ଟ ଇନୋଭେଶନ୍ ସେଣ୍ଟର(ସିଆଇସି)କୁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ପୂର୍ବ ଭାରତରେ ବହୁରାଷ୍ଟ୍ରୀୟ ଆଇଟି କମ୍ପାନୀ ଆଇବିଏମ୍‌ର ଏହା ପ୍ରଥମ ଶାଖା କାର୍ଯ୍ୟାଳୟ। ଏହି ନୂତନ କେନ୍ଦ୍ରଟି ଭାରତର ଟେକ୍ନୋଲୋଜି ରିସୋର୍ସ ହବ୍ ଭାବେ ଓଡ଼ିଶାକୁ ସ୍ଥାନିତ କରିବ। ଭାରତରୁ ବିଶ୍ୱସ୍ତରୀୟ ଗ୍ରାହକଙ୍କୁ ସେବା ଯୋଗାଇବା ପାଇଁ କମ୍ପାନୀ ଏହାର କ୍ଷମତା ବୃଦ୍ଧି କରିବାକୁ ଚାହୁଁଥିବାବେଳେ ଏହି ଇନୋଭେଶନ ସେଣ୍ଟରରେ ୫୦୦ କର୍ମଚାରୀଙ୍କ ପାଇଁ କ୍ଷମତା ରହିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ କିଛିବର୍ଷ ମଧ୍ୟରେ ଓଡ଼ିଶା ଅନେକ କ୍ଷେତ୍ରରେ ସଫଳତା ପାଇଛି। ଓଡ଼ିଶା ବର୍ତ୍ତମାନ ଭାରତର ଏକ ଟେକ୍ନୋଲୋଜି ରିସୋର୍ସ ହବ୍ ଭାବେ ଗଣାହେଉଛି। ଭୁବନେଶ୍ୱରରେ ଥିବା ବହୁ ସୁଯୋଗକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି,



ଅଧିକାଂଶ ଆଇଟି କମ୍ପାନୀ ଭୁବନେଶ୍ୱରରେ ପାଦ ଦେଇଛନ୍ତି। ଏଠିକାର ପରିବେଶ, ସୁବିଧା ସେବା ଓଡ଼ିଶାକୁ ଏକ ପସନ୍ଦ ସ୍ଥଳରେ ପରିଣତ କରିଛି ବୋଲି ସେ କହିଛନ୍ତି। ଆଇବିଏମ୍ ସେଣ୍ଟର ରାଜ୍ୟ ଆଇଟି ଇକୋସିଷ୍ଟମକୁ ଆହୁରି ବୃଦ୍ଧି କରିବ ଏବଂ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ ବୋଲି ରାଜ୍ୟ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଆଇଟି ସଚିବ ମନୋଜ କୁମାର ମିଶ୍ର କହିଛନ୍ତି।

'ମେକ୍ ଇନ୍ ଓଡ଼ିଶା'ରେ ଆଇବିଏମ୍ ଓଡ଼ିଶା ଆସିଛି। ସେପ୍ଟେମ୍ବରରେ ଆଇବିଏମ୍ ଓଡ଼ିଶାରେ ତା'ର କାର୍ଯ୍ୟାଳୟ ଖୋଲିବା ପାଇଁ ଘୋଷଣା କରିଥିଲା। ମାତ୍ର ମାସକ ପରେ ଓଡ଼ିଶାରେ ଆଇବିଏମ୍ ତା'ର କାର୍ଯ୍ୟାଳୟ ଖୋଲିଛି। ଓଡ଼ିଶା ସରକାରଙ୍କ ଶିଳ୍ପନୀତିକୁ ଏଥିପାଇଁ ପ୍ରଶଂସା କରାଯାଉଛି।

ସୂଚନାଯୋଗ୍ୟ, ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ ସହରକୁ ଯାଇ ଓଡ଼ିଶାରେ ପୁଞ୍ଜି ବିନିଯୋଗ ପାଇଁ ଶିଳ୍ପପତିଙ୍କୁ ଆମନ୍ତ୍ରଣ କରୁଛନ୍ତି। ନିକଟରେ ମୁମ୍ବାଇ, ବେଙ୍ଗାଲୁରୁରେ ଇନ୍‌ଭେଷ୍ଟର୍ସ ମିଟ୍ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିଭଳି ଆଉ ଏକ ଇନ୍‌ଭେଷ୍ଟର୍ସ ମିଟ୍ ପାଇଁ ମୁଖ୍ୟମନ୍ତ୍ରୀ ରବିବାର ହାଇଦ୍ରାବାଦ ଯାଇଛନ୍ତି।

# ୨୦୨୩ ମାର୍ଚ୍ଚରେ ରାଜ୍ୟର ୮ ସହରରେ ମିଳିବ ୫ଜି ସେବା

ଭୁବନେଶ୍ୱର, ୧୬।୧୦ (ବ୍ୟୁରୋ)




ଆସନ୍ତା ବର୍ଷ ଓଡ଼ିଶାରେ ୫ଜି ସେବା ଆରମ୍ଭ କରାଯିବ। ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ୨ଶହଟି ବଡ଼ ବଡ଼ ସହରରେ ଏହି ସେବା ଉପଲବ୍ଧ ହେବ। ଏଥିମଧ୍ୟରେ ଓଡ଼ିଶାର ୮ଟି ସହରକୁ ସାମିଲ କରାଯାଇଛି। ତେବେ ବର୍ତ୍ତମାନ ଏହି ସହରଗୁଡ଼ିକର ନାମ କହିବା ଠିକ୍ ହେବ ନାହିଁ ବୋଲି ରେଳ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ରବିବାର ଭୁବନେଶ୍ୱର ରେଳଷ୍ଟେଶନଠାରେ ରେଳୱେର ପ୍ରଥମ ଆଲୁମିନିୟମ ପଣ୍ୟବାହୀ ଟ୍ରେନ୍ ରେକ୍‌ର ଉଦ୍‌ଘାଟନ ସହ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶା ଆସିଥିବାବେଳେ ୫ଜି ସେବା ସଂକ୍ରାନ୍ତରେ କେନ୍ଦ୍ରମନ୍ତ୍ରୀ ଏହି ସୂଚନା ଦେଇଥିଲେ। ଏଥିସହ ସେ କହିଲେ, ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟର ୮୦ ପ୍ରତିଶତ ସହରରେ ୫ଜି ସେବା ଆରମ୍ଭ କରାଯିବ। ଏହାପରେ ଧୀରେଧୀରେ ରାଜ୍ୟର ଅନ୍ୟ ଛୋଟ ସହର ଏବଂ ଗ୍ରାମାଞ୍ଚଳକୁ ମଧ୍ୟ ଏହି ସେବା ବ୍ୟାପ୍ତ କରାଯିବ। ଫଳରେ ସମସ୍ତେ ୫ଜି ସେବାର ଲାଭ ଉଠାଇ ପାରିବେ। ଏହାଦ୍ୱାରା ଇଣ୍ଟରନେଟ୍ ୟୁଜର୍ସମାନେ ବହୁ କ୍ଷେତ୍ରରେ ଲାଭବାନ ହୋଇପାରିବେ। ବର୍ତ୍ତମାନ ଦେଶର କେତେକ ସହରରେ ଏହି ସେବା ଆରମ୍ଭ ହୋଇ ସାରିଥିବାବେଳେ ଆସନ୍ତାବର୍ଷ ରାଜ୍ୟବାସୀ ଏହାର ସୁବିଧା ପାଇବେ ବୋଲି ମନ୍ତ୍ରୀ କହିଥିଲେ।

# ଗଢ଼ିଲା ପ୍ରଥମ ଆଲୁମିନିୟମ ପଣ୍ୟବାହୀ ରେଳ ରେକ୍

ଭୁବନେଶ୍ୱର, ୧୬।୧୦ (ବ୍ୟୁରୋ)

## ଉଦ୍‌ଘାଟନ କଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ଭାରତର ପ୍ରଥମ ଆଲୁମିନିୟମ ପଣ୍ୟବାହୀ ରେଳ ରେକ୍ (ୱାଗନ) ଓଡ଼ିଶାରୁ ଗଡ଼ିଛି। ରେଳ, ଯୋଗାଯୋଗ ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭୁବନେଶ୍ୱର ରେଳଷ୍ଟେଶନର ୬ନମ୍ବର ପ୍ଲାଟଫର୍ମଠାରେ ଏହି ରେଳ ରେକ୍‌କୁ ଉଦ୍‌ଘାଟନ କରିଛନ୍ତି। ଏହି ଟ୍ରେନ ଭୁବନେଶ୍ୱରରୁ ବିଳାସପୁର ଯାତ୍ରା କରିଛି। ଭାରତୀୟ ରେଳ କ୍ଷେତ୍ରରେ ଏହି ଆଲୁମିନିୟମ୍ ରେଳ ରେକ୍ ଏକ ଉଦ୍ଭାବନ। ତେବେ ଓଡ଼ିଶାରୁ ଏହାର ଶୁଭାରମ୍ଭ ହୋଇଥିବାରୁ ସବୁଠାରୁ ବେଶି ଖୁସି ଲାଗୁଛି ବୋଲି ମନ୍ତ୍ରୀ କହିଛନ୍ତି। ବହୁଳ ପରିବହନ ପାଇଁ ଭାରତର ଆଧୁନିକୀକରଣ ଅଭିଯାନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ପଣ୍ୟବାହୀ ଟ୍ରେନ୍ ରେକ୍‌କୁ ଆଲୁମିନିୟମକୁ ପରିବର୍ତ୍ତନ କରିବା ଦ୍ୱାରା ଭାରତୀୟ ରେଳପଥ ପାଇଁ କାର୍ବନ ଫୁଟ୍‌ପ୍ରିଣ୍ଟକୁ ଯଥେଷ୍ଟ ହ୍ରାସ କରିବାରେ ସହାୟକ ହେବ। ଆଲୁମିନିୟମ ପଣ୍ୟବାହୀ ଟ୍ରେନର ଗୋଟିଏ ରେକ୍ ଏହାର ଜୀବନକାଳ ମଧ୍ୟରେ ୧୪,୫୦୦ ଟନ୍ କାର୍ବନ ଡାଇଅକ୍ସାଇଡ୍ ଅଧିକ ସଞ୍ଚୟ କରିପାରିବ। ଏହା ହାଲୁକା, କମ୍ ଖର୍ଚ୍ଚଦାୟକ ଏବଂ ସ୍ଥାୟୀ ଅଟେ। ହାଲୁକା ୱାଗନ ହୋଇଥିବାରୁ ଏଥିରେ କମ୍ ଶକ୍ତି ଖର୍ଚ୍ଚ ହେବ। ଆଲୁମିନିୟମ ୱାଗନ ପଣ୍ୟ ବୋଝେଇ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଏହି ମାଲବାହୀ ଟ୍ରେନ୍ ରେକ ହିଣ୍ଡାଲ୍‌କୋ ଦ୍ୱାରା ବିକଶିତ କରାଯାଇଛି। ଏବେ ପ୍ରଚଳିତ ଇସ୍ପାତ ରେକ୍ ଅପେକ୍ଷା ଏହା ଅଧିକ ଚମକପ୍ରଦ, ୧୮୦ ଟନ୍ ହାଲୁକା ଏବଂ ୫-୧୦% ଅଧିକ ପରିମାଣର ମାଲ ପରିବହନ କରିପାରିବ। ଶକ୍ତି ସଞ୍ଚୟ କରିବା ସହିତ ଷ୍ଟକ୍ ଏବଂ ରେଲ୍‌କୁ ଅପେକ୍ଷାକୃତ ସୁରକ୍ଷିତ ରଖିବ ଏବଂ ଲାଭଦାୟକ ହେବ। ଆଲୁମିନିୟମ ମାଲବାହୀ ୱାଗନ ତଳପାର୍ଶ୍ୱରୁ ପଣ୍ୟ ଖଲାସ କରିବ। ଏହା ବିଶେଷ ଭାବରେ କୋଇଲା ପରିବହନ ପାଇଁ ଡିଜାଇନ ହୋଇଛି। ଏହି ୱାଗନର ଆଜୀବନ କାର୍ବନ ଡାଇଅକ୍ସାଇଡ୍ ସଞ୍ଚୟ କ୍ଷମତା ପ୍ରାୟ ୮ରୁ ୧୦ ଟନ ରହିଥିବା ଆକଳନ କରାଯାଉଛି। ଏହି ଅବସରରେ ମନ୍ତ୍ରୀ ରେଳ ଅଧିକାରୀଙ୍କ ସହ ଓଡିଶାର ବିଭିନ୍ନ ରେଳ ପ୍ରକଳ୍ପର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ, ହିଣ୍ଡାଲ୍‌କୋ କାର୍ଯ୍ୟବାହୀ ନିର୍ଦ୍ଦେଶକ ସତୀଶ ପାଇ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରୟ, ରେଳପଥର ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଶ୍ୱସ୍ତରୀୟ ରେଳ ଷ୍ଟେଶନ ପାଇଁ ଖୁବ୍‌ଶୀଘ୍ର କାର୍ଯ୍ୟାରମ୍ଭ

ଭୁବନେଶ୍ୱର ରେଳ ଷ୍ଟେଶନର ନବକଳେବର କରାଯିବ। ଖୁବ୍‌ଶୀଘ୍ର ଏହା ବିଶ୍ୱସ୍ତରୀୟ ଷ୍ଟେଶନର ରୂପ ନେବ ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ପ୍ଲାନିଂ, ଡିଜାଇନ ସହ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଯଥାଶୀଘ୍ର ଭୂମି ପୂଜନ ହୋଇ କାମ ଆରମ୍ଭ ହେବ। ଶୀଘ୍ର ଭୂମି ପୂଜନ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଶ୍ୱିନୀ ଅନୁରୋଧ କରିଛନ୍ତି। ଏଥିସହ ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ୍ କାମ ମଧ୍ୟ ଖୁବ୍‌ଶୀଘ୍ର ଶେଷ ହେବ। ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ୍ କାମ ଜୋର୍‌ସୋରରେ ଆଗେଇ ଚାଲିଛି। ତେବେ ୧୦୦ କିମି ଜଙ୍ଗଲ ଜମି ନେଇ ସମସ୍ୟା ରହିଥିଲା। ଏହାର ସମାଧାନ ଲାଗି ରାଜ୍ୟ ସରକାରଙ୍କ ପଛରେ ଲାଗିଥିଲୁ। ଏବେ ରାଜ୍ୟ ସରକାର ଏଥିପାଇଁ ସୁପାରିଶ କରିଛନ୍ତି। ଖୁବ୍‌ଶୀଘ୍ର ଅନୁମତି ମିଳିଯିବ। ଅପରପକ୍ଷେ ବଲାଙ୍ଗୀର ଓ ନୟାଗଡ଼ ଉଭୟ ପାର୍ଶ୍ୱରୁ ରେଳଲାଇନ କାମ ତ୍ୱରାନ୍ୱିତ ହୋଇଛି। ଓଡ଼ିଶାର ଏହି ସ୍ୱପ୍ନର ପ୍ରକଳ୍ପ କାମ ଶୀଘ୍ର ବାସ୍ତବ ରୂପ ନେବାକୁ ଯାଉଛି ବୋଲି ରେଳମନ୍ତ୍ରୀ ସୂଚନା ଦେଇଛନ୍ତି।

# ପରିତ୍ୟକ୍ତ ଖଣିରୁ ଖଣିଜ ଚୋରି

ଯୋଡ଼ା,୧୬।୧୦(ଡି.ଏନ.ଏ)

## ମାଟିର ରାଜସ୍ୱ ଦେଇ ନେଇଯାଉନ୍ତି ଖଣିଜ



କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଜଜାଙ୍ଗଠାରେ ଥିବା ଏକ ପରିତ୍ୟକ୍ତ ଖଣିରୁ ବିପୁଳ ପରିମାଣର ଲୁହାପଥର ଚୋରି ହୋଇଛି। ମେଶିନ ଯୋଗେ ହଜାର ହଜାର ମେଟ୍ରିକ୍ ଟନ୍ ଖଣିଜ ଖୋଳି ଚୋରି ହୋଇଥିଲେ ସୁଦ୍ଧା ଖଣି ବିଭାଗ ନିକଟରେ କୌଣସି ଖବର ନ ଥିବା କୁହାଯାଉଛି। ଉକ୍ତ ଅଞ୍ଚଳରେ ଏବେ ଖଣିଜ ଖାତ ସୃଷ୍ଟି ହୋଇଥିବାବେଳେ ବଡ଼ ବଡ଼ ଲୁହାପଥର ବୋଲ୍ଡର ମଧ୍ୟ ପଡ଼ିରହିଛି। ଏହି ଖଣିଜ ଚୋରା ଚାଲାଣ ସମ୍ପର୍କରେ ରାଜସ୍ୱ ବିଭାଗ ଅବଗତ ଥିବା ସହ କେବଳ ମାଟି ଉଠାଣ ଚାଲାଣ ଅଭିଯୋଗରେ ଜରିମାନା ଆଦାୟ କରି ଖଣିଜ ଉତ୍ତୋଳନକାରୀଙ୍କୁ ଛାଡ଼ି ଦିଆଯାଇଥିବା ଚର୍ଚ୍ଚା ଜୋର ଧରିଛି। ତେବେ ଏହି ପରିତ୍ୟକ୍ତ ଖଣି ଅଞ୍ଚଳ ନିକଟରେ ଏକ ବୃହତ୍ ଖଣି ରହିଥିଲେ ସୁଦ୍ଧା, ଏହି ବ୍ୟାପକ ଚୋରି ସମ୍ପର୍କରେ ଖଣି ବିଭାଗର ନଜର କିପରି ପଡ଼ିଲା ନାହିଁ ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ମୁତାବକ, ଉକ୍ତ ପରିତ୍ୟକ୍ତ ଖଣିଟି ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଜଜାଙ୍ଗ ନିକଟସ୍ଥ ରେଳ ଧାରଣା ନିକଟରେ ରହିଛି। ଉକ୍ତ ଖଣିର ଲିଜ୍ ଅବଧି ୨୦୨୦ ପୂର୍ବରୁ ଶେଷ ହୋଇଥିବାରୁ ତାହା ଏବେ ସରକାରଙ୍କ ଅକ୍ତିଆରରେ ରହିଛି। ୨୦୨୦ରେ ହୋଇଥିବା ଏକାଧିକ ବୃହତ୍ ଖଣିକୁ ଶତକଡ଼ା ଶହେ ପ୍ରତିଶତରୁ ଅଧିକ ପ୍ରିମିୟମ ଦେଇ କିଛି ବଡ଼ ବଡ଼ କମ୍ପାନୀ ହାତେଇଛନ୍ତି। ଅପରପକ୍ଷରେ କେତକ ଖଣି ମାଲିକ ସୁପ୍ରିମକୋର୍ଟଙ୍କ ଦ୍ୱାରା ହୋଇଥିବା ଏମ୍ଏମ୍‌ଡିଆର ଆକ୍ଟ ୨୧(୫) ଅନୁଯାୟୀ ନିର୍ଦ୍ଧାରିତ ଜରିମାନା ପୈଠ ନ କରିବାରୁ ଏକାଧିକ ଖଣି ବନ୍ଦ ମଧ୍ୟ ରହିଛି। ନିୟମଅନୁସାରେ ବନ୍ଦ ଖଣିଗୁଡ଼ିକ ଖଣି ବିଭାଗର ଦାୟିତ୍ୱରେ ରହିବା ଉଚିତ୍ ଏବଂ ଯେଉଁ ଖଣିର ଲିଜ୍ ସରେଣ୍ଡର ହୋଇ ନାହିଁ, ତାହାର ଉତ୍ତରଦାୟିତ୍ୱ ସମ୍ପୃକ୍ତ ଲିଜ୍‌ଧାରୀଙ୍କ ନିକଟରେ ରହିଥାଏ। ପରିତ୍ୟକ୍ତ ବନ୍ଦ ଖଣିଗୁଡ଼ିକ ଉପରେ ଉଭୟ ଖଣି ବିଭାଗ ଓ ସମ୍ପୃକ୍ତ ଲିଜ୍‌ଧାରୀଙ୍କ ଦାୟିତ୍ୱହୀନତା ଯୋଗୁ ଏହା ଖଣିଜ ଚୋରଙ୍କ ଚୋରାଭୂଇଁ ପାଲଟିଛି। ଜଜାଙ୍ଗ ସ୍ଥିତ ବନ୍ଦ ପଡ଼ିଥିବା ପରିତ୍ୟକ୍ତ ଖଣିରେ ମେଶିନ ଲଗାଇ ବଡ଼ ବଡ଼ ଟ୍ରେଞ୍ଚ ଖୋଳି ହଜାର ହଜାର ମେଟ୍ରିକ୍ ଟନ ଖଣିଜ (ଲୁହାପଥର) ଚାଲାଣ ହୋଇଯାଇଛି। ଖନନ ଏପରି ଭାବେ ହୋଇଛି ଯେ, ସେଠାରେ ଏକ ପ୍ରକାର କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବହୁ ବିଳମ୍ବରେ ହେଲେ ବି ରାଜସ୍ୱ ବିଭାଗ ଜାଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜଣେ ରାଜସ୍ୱ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ପ୍ରାୟ ୩୭ ଲକ୍ଷ ଟଙ୍କାର ଜରିମାନା ଆଦାୟ ହୋଇଛି। ସରକାରୀ ହିସାବରେ ପ୍ରତି କ୍ୟୁବିକ୍ ଫୁଟ୍ ମାଟିର ମୂଲ୍ୟ ପ୍ରାୟ ୩୫ ଟଙ୍କା। ଏକ ମେଟ୍ରିକ ଟନ୍ ଲୁହାପଥରର ମୂଲ୍ୟ ସର୍ବନିମ୍ନ ୨ ହଜାର ଟଙ୍କା। ଚୋରି ହୋଇଥିବା ଖଣିଜକୁ ଯଦି ସରକାରୀ ଭାବେ ହିସାବ କରାଯାଏ, ତେବେ ତାହା ଆଦାୟ ହୋଇଥିବା ଜରିମାନାଠାରୁ ବହୁ ଗୁଣ ହେବ ବୋଲି ଖଣି ବିଶାରଦ ମତ ଦେଉଛନ୍ତି। ତେବେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ, ଏହି ଖନନ ଅଞ୍ଚଳର ମାଲିକାନା କାହାର, ହାନୀ ହୋଇଥିବା ରାଜସ୍ୱ ପରିମାଣ, ଖଣିଜ ପଦାର୍ଥରୁ ରାଜସ୍ୱ ବିଭାଗ କିପରି ଜରିମାନା ଆଦାୟ କଲା ସେସବୁର ପର୍ଦ୍ଦାଫାଶ ହୋଇପାରିବ ବୋଲି ସାଧାରଣରେ ଦାବି ହୋଇଛି। ଏ ନେଇ ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦୀନେଶ ଅଗ୍ରୱାଲ୍ କହିଛନ୍ତି ଯେ, ଏ ସମ୍ପର୍କରେ ସେ କିଛି ଜାଣି ନାହାନ୍ତି। ଯଦି ଉକ୍ତ ଖଣିରୁ ଖଣିଜ ଚାଲାଣ ହୋଇଛି, ଏହାର ଆପଣ ପ୍ରମାଣ ଦିଅନ୍ତୁ। ଯଦି ଏ ସମ୍ପର୍କରେ ଆପଣ ଜାଣିଥିଲେ ତା' ହେଲେ ଆଗରୁ ଖବର ଦେଲେ ନାହିଁ କାହିଁକି ବୋଲି ଓଲଟା ପ୍ରଶ୍ନ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ସେ କହିଥିଲେ ଯେ, ରାଜସ୍ୱ ବିଭାଗରୁ ସେ ଜାଣିଛନ୍ତି। ଖଣି ନିରୀକ୍ଷକଙ୍କୁ ପଠାଇ ତଦନ୍ତ କରିଛନ୍ତି। ସେଠାରେ କୌଣସି ଖଣିଜ ପଦାର୍ଥ ନାହିଁ। ଏହା ଖଣି ଲିଜ୍ ପରିସୀମା ବାହାରେ ହୋଇଛି ବୋଲି ଅଗ୍ରୱାଲ୍ କହିଛନ୍ତି।

# ଅଜଣା ରୋଗପୋକରୁ ଉଜୁଡ଼ିବ ଫସଲ

ସମ୍ବଲପୁର,୧୬।୧୦(ବ୍ୟୁରୋ)

- ■ କ୍ଷୀର ଢୋକିପାରୁ ନାହିଁ ଧାନ
- ■ ୩ବର୍ଷ ହେବ ଲାଗିରହିଛି ସମସ୍ୟା

ଧାନକେଣ୍ଡା ବାହାରି କ୍ଷୀର ଢୋକିବା ସମୟ ଚାଷୀଙ୍କୁ ବେଶ୍ ଖୁସି ଆଣିଦେଇଥାଏ। ବିଲରେ ଧାନ କେଣ୍ଡା ବାହାରୁଥିବା ଫସଲକୁ ଦେଖି ସେ ତା'ର ସବୁ ଦୁଃଖକଷ୍ଟ ଭୁଲି ଯାଇଥାଏ। ହେଲେ କିଛିବର୍ଷ ହେଲା କେତେକ ଅଜଣା ରୋଗ ପୋକକୁ ନେଇ ସମ୍ବଲପୁର ଜିଲା ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ସହିତ ମାନେଶ୍ୱର, ରେଙ୍ଗାଲି, ଧନକଉଡା, ଝୁଜୁମୁରା, ଜମନକିରା ବ୍ଲକର ଚାଷୀ ଚିନ୍ତାରେ ପଡିଯାଇଛନ୍ତି। ଏଥିରେ ଧାନକେଣ୍ଡା ଲାଲ ରଙ୍ଗ ହୋଇଯିବା ସହ କ୍ଷୀର ଢୋକିପାରୁ ନାହିଁ। ଏହି ରୋଗର ପ୍ରତିକାର କରିପାରୁ ନ ଥିବା ଚାଷୀମାନେ କହିଛନ୍ତି। ହୀରାକୁଦ ଜଳଭଣ୍ଡାର ପାଣି ଉପରେ ନିର୍ଭର କରି ହୋଇଥିବା ଚାଷଜମିରେ ଏଭଳି ରୋଗପୋକ ଅତ୍ୟଧିକ ମାତ୍ରାରେ ଲାଗିଥିବା ଅଭିଯୋଗ ହେଉଛି। ପୂର୍ବରୁ ନଳୀ ପୋକ, ଗଣ୍ଡିପୋକ, ଚକଡା ପୋକ ଲାଗି ଫସଲ ନଷ୍ଟ ହେଉଥିଲା। ହେଲେ ଏବେ ଏହି ନୂଆ ରୋଗପୋକ ଯୋଗୁ ଧାନ ଫସଲ ଉଜୁଡିବାକୁ ବସିଛି। ଚାଷୀ ଦେବେନ୍ଦ୍ର ପ୍ରଧାନ କହିଛନ୍ତି, ରୋଗପୋକ ଏବେ ପ୍ରଚୁର ପରିମାଣରେ ଫସଲରେ ଲାଗିଛି। କୀଟନାଶକ ଓ ରୋଗର ପ୍ରତିକାର ପାଇଁ ଔଷଧ ଦରଦାମ ବୃଦ୍ଧି ହୋଇଛି। କେତେକ ରୋଗ ପାଇଁ ମିଳୁଥିବା ଔଷଧ ଲିଟର ପିଛା ୧୫ ହଜାର ଟଙ୍କା ରହିଛି। ଏତେ ଦାମ୍‌ରେ ବାରମ୍ବାର ଔଷଧ ଦେବା ଚାଷୀମାନଙ୍କ ପଇଁ ସମ୍ଭବପର ନୁହେଁ। ଅନ୍ୟପଟେ ନଳୀ ଓ ଚକଡା ପୋକ ସହିତ ଅନ୍ୟାନ୍ୟ ରୋଗପୋକ ଦେଖିବାକୁ ମିଳୁଛି। ଉଚିତ ସମୟରେ ପ୍ରତିକାର ବ୍ୟବସ୍ଥା ନ କଲେ ଫସଲ ନଷ୍ଟ ହୋଇଯିବ ବୋଲି କହିଥିଲେ। ସେହିପରି ଚାନ୍ଦମୁଣ୍ଡା ଗ୍ରାମର ଚାଷୀ ଜି ଶ୍ରୀନିବାସ କହିଛନ୍ତି, ଧାନ ଏବେ ବାହାରିଯାଇଛି। ଧାନ କେଣ୍ଡାର ଅଗ୍ରଭାଗ ପ୍ରଥମେ ଲାଲ ରଙ୍ଗ ହୋଇଯାଉଛି। ପରେ ଧୀରେ ଧୀରେ ପୂରା କେଣ୍ଡା ଲାଲ ରଙ୍ଗ ହେବା ସହ ଧାନ କ୍ଷୀର ଢୋକିପାରୁ ନାହିଁ। ଅଜଣା ପୋକ ପାଇଁ ଏଭଳି ହେଉଛି। ଏଥି ନିମନ୍ତେ ଆବଶ୍ୟକ ମେଡିସିନ ମିଳୁନାହିଁ। ସ୍ୱର୍ଣ୍ଣ କିସମ ଧାନରେ ଏହି ରୋଗ ଅଧିକ ହୋଇଥିବା ଦେଖାଦେଇଛି ବୋଲି କହିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ଟଙ୍କଧର ସାହୁ କହିଛନ୍ତି, ଏଭଳି ଘଟଣା ଆମ ଚିନ୍ତା ବଢାଇଛି। ଘଟଣାସ୍ଥଳ ପରିଦର୍ଶନ କରି ରୋଗପୋକ ଉପରେ ପରୀକ୍ଷା କରାଯିବ। କେଉଁ କାରଣରୁ ଏଭଳି ହେଉଛି ଓ ପ୍ରତିକାର ନେଇ ଚାଷୀମାନଙ୍କୁ ପରାମର୍ଶ ଦିଆଯିବ ବୋଲି ସେ କହିଥିଲେ।



ରୋଗପୋକରେ ନଷ୍ଟ ହେବାକୁ ବସିଥିବା ଧାନଫସଲ।

# ୩ ବାଘଛାଲ ଜବତ



## ■ ୩ ଚାଲାଣକାରୀ ଗିରଫ

ଝାରସୁଗୁଡ଼ା ଅଫିସ/ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ରାଜ୍ୟରେ ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ ବେଧଡ଼କ ଭାବେ ବଢ଼ି ଚାଲିଛି। ଶିକାରୀ ଓ ଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିଲେ ମଧ୍ୟ ଏପରି ଆପରାଧିକ କାର୍ଯ୍ୟକଳାପରେ ରୋକ ଲାଗିପାରୁନାହିଁ। ଶନିବାର ବିଳମ୍ବିତ ରାତିରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅନ୍ତର୍ଗତ ଝାରସୁଗୁଡା-କୁଚିଣ୍ଡା ୪୯ନଂ ଜାତୀୟ ରାଜପଥରେ ଚଢ଼ାଉ କରି ୩ ବାଘଛାଲ ଜବତ କରିଛି। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ୩ ଚାଲାଣକାରୀଙ୍କୁ ମଧ୍ୟ ଗିରଫ କରିଛି। ସେମାନେ ହେଲେ ଝାରସୁଗୁଡା ଜିଲା କୋଲାବିରା ଥାନା ଅନ୍ତର୍ଗତ ଯୋଗିଆଡିହି ଗ୍ରାମର ସୁମିତ କୁମାର ପଟେଲ, ବଲାଙ୍ଗୀର ଜିଲା ଟାଉନ ଥାନା ଅନ୍ତର୍ଗତ ସୁଦୁପଡାର କୃପା ସାହୁ ଓ ସମ୍ବଲପୁର ଜିଲା ଝୁଜୁମୁରା ଥାନା ଅନ୍ତର୍ଗତ ପଲସାମାଲ ଗ୍ରାମର ଆଦିତ୍ୟ ପାତ୍ର। ଅଭିଯୁକ୍ତଙ୍କଠାରୁ ବାଘଛାଲ ସହ କେତେକ ଆପରାଧିକ ସାମଗ୍ରୀ ଜବତ କରାଯାଇଛି। ଏହି ଛାଲଗୁଡ଼ିକର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ଲେଖାଏ ହେବ। ଏ ସଂକ୍ରାନ୍ତରେ ଏସ୍‌ଟିଏଫ୍ ଏକ ମାମଲା (ନଂ.୨୨/୨୦୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ ଝାରସୁଗୁଡା ଏସ୍‌ଡିଜେଏମ୍ କୋର୍ଟକୁ ରବିବାର ଚାଲାଣ କରିଥିଲା। ତେବେ ଅଭିଯୁକ୍ତମାନେ ଏକ ରାକେଟ ଚଳାଇଥିବା ଏସ୍‌ଟିଏଫ୍ ସୂଚନା ପାଇଛି। ଏମାନଙ୍କ ସହ ଆଉ କିଏ ସମ୍ପୃକ୍ତ ଅଛନ୍ତି, ଏହା ପୂର୍ବରୁ ବାଘ ଛାଲ ଚାଲାଣ କରିଥିଲେ କି, କେଉଁଠୁ ଶିକାର ହେଲା ବାଘ ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ତଦନ୍ତ ଚଳାଇଥିବାବେଳେ ଅଧିକ ତଥ୍ୟ ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରୁଛି।

**Government of Odisha**
**Higher Education Department**

**Dateline for Collection of admission fees from First Year U.G. & P.G. students (freshly admitted) for the Academic Session 2022-23**

**No. N-49:-** Dateline for collection of admission fees at the respective HEIs from First Year U.G. & P.G. students (freshly admitted) in Universities and Colleges for the Academic Session 2022-23 for State Public Universities and Colleges under project 'Student Academic Management System (SAMS)' is given below.

1. U.G. Students, who were finally admitted in Phase-I admission process and **not willing to apply again in Phase-II process** have to deposit their admission fees from **14.10.2022 to 31.10.2022** directly at the admitted HEIs in online mode. Similarly, Students who will finally admitted in Phase-II admission process have to deposit their admission fees from **01.11.2022 to 15.11.2022** directly at the admitted HEIs in online mode (Net Banking/ Bank Challan/NEFT) only. Cash transaction is strictly prohibited.
2. P.G. Students, who were finally admitted in Phase-I admission process (1st selection & 2nd selection) and who will be finally admitted in SPOT selection process have to deposit their admission fees from **17.10.2022 to 15.11.2022** directly at the admitted HEIs in online mode (Net Banking/ Bank Challan/NEFT) only. Cash transaction is strictly prohibited.
3. The Higher Education Institutions can also collect the Hostel fees from the desired students (both U.G. & P.G.) withing the dateline.
4. The non-payment of admission fees within the dateline will **lead to cancellation of admission**. Hence, Students are requested to deposit the admission fees within the timeline mentioned above.

**For more details please contact: e-Admission Helpline (Toll Free) Number 155335 / 1800-345-6770**

OIPR-11001/11/0038/2223
Sd./- Deputy Director, PTC Section

କୌଣସି ସମାଜରେ ଇତର ଭାବେ ବଞ୍ଚିରହିବା ପାଇଁ ସାଧାରଣ ଉପାଦାନ ଆଉ ପରିବେଶ ସବୁ ଥାଏ। କିନ୍ତୁ ଜୀବନ ଯଦି ବିରାଟ ଆଶା, ଅଭୀପ୍ସା ଓ ଆଦର୍ଶରେ ଊର୍ଦ୍ଧ୍ୱଗାମୀ ନ ହୁଏ, ତା'ହେଲେ ଆମେ କହିବା–ସେ ସମାଜ ପ୍ରକୃତରେ ବଞ୍ଚିନାହିଁ। ମାନବାତ୍ମାର ଯେଉଁ ମହାନ୍ ବୈଶିଷ୍ଟ୍ୟ, ତାହା ସେଠାରେ ଅସଂପୂର୍ଣ୍ଣ। –ଶ୍ରୀଅରବିନ୍ଦ

# ରାଜନୀତି ଚାଲୁ, ପଣ୍ଡିତ ମରନ୍ତୁ

ସମ୍ବିଧାନର ଅନୁଚ୍ଛେଦ ୩୭୦ ବଳରେ ଜମ୍ମୁ ଓ କଶ୍ମୀରକୁ ଦିଆଯାଇଥିବା ସ୍ୱତନ୍ତ୍ର କ୍ଷମତାକୁ ୫ ଅଗଷ୍ଟ ୨୦୧୯ରେ କେନ୍ଦ୍ର ସରକାର ଉଚ୍ଛେଦ କରିଥିଲେ। ସରକାର ସେତେବେଳେ କହିଥିଲେ ଯେ, ଏହି ପଦକ୍ଷେପ ଦ୍ୱାରା କଶ୍ମୀରରେ ପରିବର୍ତ୍ତନ ଆସିବ। ଏପରି କି ପଳାୟନ କରିଥିବା କଶ୍ମୀରୀ ପଣ୍ଡିତମାନେ ନିଜ ଘରକୁ ଫେରିପାରିବେ। ସୋସିଆଲ ମିଡିଆରେ ସରକାର ସମର୍ଥକମାନେ କଶ୍ମୀରରେ ଜମି କିଣିବା ସମ୍ପର୍କରେ ମଧ୍ୟ ଆଲୋଚନା କରିଦେଇଥିଲେ। ଅଳ୍ପ କିଛି ପଣ୍ଡିତ ନିଜର ପାଣ୍ଡିତ୍ୟ ଦର୍ଶାଇ ଏବଂ ସରକାରଙ୍କ କଥା ଉପରେ ବିଶ୍ୱାସ କରି ବାସ୍ତବରେ ଫେରିବା ପାଇଁ ଚେଷ୍ଟା କଲେ। ଏବେ ଦେଖାଯାଉଛି ଖବର ପ୍ରସାରଣକୁ ବନ୍ଦ କରିଦେଇ ସ୍ୱାଭାବିକ ବାତାବରଣ ଫେରିଛି ବୋଲି ଦର୍ଶାଇବାର ଉଦ୍ୟମ ହେଉଥିବା ବେଳେ ଜଣଙ୍କ ପରେ ଜଣେ ବ୍ରାହ୍ମଣଙ୍କୁ ହତ୍ୟା କରାଯିବାର ପ୍ରକ୍ରିୟା ଆରମ୍ଭ ହେଲାଣି। ଯେହେତୁ କଶ୍ମୀରରେ ହିନ୍ଦୁମାନେ ସଂଖ୍ୟାଲଘୁ, ସେହେତୁ ସେଠାରେ ସେମାନଙ୍କୁ ମାରି ପକାଇବା ସହଜ ହେଉଛି। ଏହାର ଏକ ମୂଳ କାରଣ ହୋଇପାରେ ଯେ, ଭାରତବର୍ଷର କେତୋଟି ଭାଜପା ଶାସିତ ରାଜ୍ୟରେ ମୁସଲମାନଙ୍କ ଉପରେ ହେଉଥିବା ଦମନର ଏହା ଏକ ପ୍ରତିକ୍ରିୟା।

୧୫ ଅକ୍ଟୋବରରେ ଜମ୍ମୁ–କଶ୍ମୀରର ଶୋପିଆନ୍ ଜିଲା ଚୌଧରୀଗୁଣ୍ଡ ଅଞ୍ଚଳର କଶ୍ମୀର ପଣ୍ଡିତ ପୁରନ କ୍ରିଷ୍ଣନ୍ ଭଟ୍ଟ ତାଙ୍କ ଫଳ ବଗିଚାକୁ ଯାଉଥିବା ବେଳେ ଆତଙ୍କବାଦୀ ତାଙ୍କୁ ଗୁଳିକରି ହତ୍ୟା କରିଥିଲେ। ସୂଚନା ମିଳିଛି ଯେ, ଏକ ସେନା ଶିବିରଠାରୁ ମାତ୍ର କିଛି ଶହ ମିଟର ଦୂରରେ ଏହି ହତ୍ୟା କରାଯାଇଛି। ଭଟ୍ଟଙ୍କୁ ମିଶାଇ ୨୦୨୦ରୁ କେବଳ ୭ ଜଣ କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟା କରାଗଲାଣି। ଏହି ହତ୍ୟା ସେମାନଙ୍କ ପୁରୁଣା କ୍ଷତକୁ ମନେ ପକାଇ ଦେଇଛି। ଏଥିସହିତ ନିର୍ଯାତିତ ପଣ୍ଡିତଙ୍କ ମଧ୍ୟରୁ ଯେଉଁମାନେ ଉପତ୍ୟକାକୁ ଫେରିଆସି ସରକାରୀ ଯୋଜନାରେ ବାସଗୃହ ପାଇବା ସହ ଚାକିରି କରିଛନ୍ତି, ସେମାନେ ଏବେ ସରକାରଙ୍କ ଉପରୁ ବିଶ୍ୱାସ ତୁଟାଇଲେଣି। କାରଣ ପଣ୍ଡିତ ଓ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସବୁଠାରୁ ବଡ଼ ଚିନ୍ତା ସେମାନଙ୍କ ମୂଲ୍ୟବାନ ଜୀବନ ରକ୍ଷା। ସେହି ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାରେ କେନ୍ଦ୍ର ସରକାର ବିଫଳ ହୋଇଥିବା ଏଭଳି ଟାର୍ଗେଟ କିଲିଂରୁ ବୁଝାପଡ଼ିଯାଉଛି। କେନ୍ଦ୍ରଶାସିତ ଅଞ୍ଚଳ ହୋଇଥିବାରୁ ଜମ୍ମୁ ଓ କଶ୍ମୀରର ପ୍ରତ୍ୟେକ ନିରାପତ୍ତା ବ୍ୟବସ୍ଥା କେନ୍ଦ୍ର ଦ୍ୱାରା ପରିଚାଳିତ ହେଉଛି।

> ନିଜ ଘରକୁ ସଜାଡ଼ିବାରେ ଅସଫଳ ହେଉଥିବା କେନ୍ଦ୍ର ସରକାର ନିଜର ବ୍ୟବହାର ଏବଂ କାର୍ଯ୍ୟର ସମୀକ୍ଷା କରିବାର ଅନେକ ପୂର୍ବରୁ ସମୟ ଆସିଗଲାଣି। ଯେତିକି ବିଳମ୍ବ ହେଉଛି, ସେତିକି ଭାରତୀୟଙ୍କ ଜୀବନ ଯାଉଛି।

୧୧ ମାର୍ଚ୍ଚ ୨୦୨୨ରେ ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ 'କଶ୍ମୀର ଫାଇଲ୍ସ' ମୁକ୍ତିଲାଭ କରିବା ପରେ କେନ୍ଦ୍ର ସରକାର ତାହାକୁ ଉଚ୍ଚ ପ୍ରଶଂସା କରିଥିଲେ। ଗତ ୯୦ ଦଶକରେ କଶ୍ମୀରୀ ପଣ୍ଡିତମାନଙ୍କୁ କରାଯାଇଥିବା ହତ୍ୟା ଓ ଅତ୍ୟାଚାରର କରୁଣ କାହାଣୀ ବହନ କରୁଥିବା ଚଳଚ୍ଚିତ୍ରକୁ ସର୍ବଜନବିଦିତ କରିବା ଲାଗି ପ୍ରୟାସ ହୋଇଥିଲା। ଭାରତୀୟ ଜନତା ପାର୍ଟି ଶାସନରେ ନ ଥିବା ବେଳେ ଏଭଳି ଅମାନୁଷିକ କାର୍ଯ୍ୟ ହେଉଥିଲା ବୋଲି ସାଧାରଣରେ ଧାରଣା ସୃଷ୍ଟି କରାଯାଇଥିଲା। କିନ୍ତୁ ୩୭୦ ଅନୁଚ୍ଛେଦ ଉଚ୍ଛେଦ ହେବା ପରଠାରୁ କଶ୍ମୀରୀ ପଣ୍ଡିତ ଓ ଦେଶର ଅନ୍ୟାନ୍ୟ ଭାଗରୁ ଆସି କଶ୍ମୀରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟ କରାଯାଇ ହତ୍ୟା କରାଯିବା ଭଳି ଘଟଣା ଘଟୁଥିଲେ ମଧ୍ୟ କେନ୍ଦ୍ର ସରକାର ନୀରବତା ଅବଲମ୍ବନ କରୁଛନ୍ତି। ଯଦି ଜବାବ ଦେବାକୁ କୁହାଯାଉଛି ସେତେବେଳେ ହତ୍ୟାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଗୋଟେ ଫମ୍ପା ପ୍ରତିଶ୍ରୁତି ଭାଜପା ଶୀର୍ଷ ନେତାଙ୍କ ତରଫରୁ ଦିଆଯାଉଛି।

ସମସ୍ତେ ଜାଣିଲେଣି ଭାଜପା ସରକାର ୨୦୧୪ରେ କ୍ଷମତାକୁ ଆସିବା ପରଠାରୁ ଏହାର ଦୁର୍ବଳ ବୈଦେଶିକ ନୀତି ଯୋଗୁ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ଶତ୍ରୁ ପାଲଟିଗଲେଣି। ଏହି ସମୟର ସର୍ବାଧିକ ଆଲୋଚିତ ରୁଷିଆ–ୟୁକ୍ରେନ୍ ଯୁଦ୍ଧରେ ଭାରତର ଭୂମିକା ସ୍ପଷ୍ଟ ହୋଇ ନ ଥିବାରୁ ଅନ୍ତର୍ଜାତୀୟ ମଞ୍ଚରେ ବାରମ୍ବାର ଅପଦସ୍ଥ ହେବାକୁ ପଡୁଛି। ଏଭଳି ସ୍ଥଳେ ଆଭ୍ୟନ୍ତରୀଣ ନିରାପତ୍ତା ବଜାୟ ରଖିବାରେ କେନ୍ଦ୍ର ସରକାର ବିଫଳ ହେବାର ଅନେକ ଦୃଷ୍ଟାନ୍ତ ମଧ୍ୟରୁ ଜମ୍ମୁ ଓ କଶ୍ମୀରରେ ଦେଖାଦେଇଥିବା ଅରାଜକତା ଅନ୍ୟତମ। ସେଥିପାଇଁ ବିଦେଶୀ ମଞ୍ଚରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଯେଉଁଭଳି ଭାବେ ଆତଙ୍କବାଦ ବିରୋଧରେ ମତ ଦେଉଛନ୍ତି, ତାହା ଏବେ ଦେଶକୁ ଶୋଭା ଦେଉନାହିଁ। ନିଜ ଘରକୁ ସଜାଡ଼ିବାରେ ଅସଫଳ ହେଉଥିବା କେନ୍ଦ୍ର ସରକାର ନିଜର ବ୍ୟବହାର ଏବଂ କାର୍ଯ୍ୟର ସମୀକ୍ଷା କରିବାର ଅନେକ ପୂର୍ବରୁ ସମୟ ଆସିଗଲାଣି। ଯେତିକି ବିଳମ୍ବ ହେଉଛି, ସେତିକି ଭାରତୀୟଙ୍କ ଜୀବନ ଯାଉଛି।

# ମାଗଣା ଯୋଜନା ଓ ଭବିଷ୍ୟତ



ନାରାୟଣ ମିଶ୍ର

ଏବେ ଆମ ଜନପ୍ରିୟ ଗଣତାନ୍ତ୍ରିକ ସରକାର ନିର୍ବାଚନରେ ବାରମ୍ବାର ଜିତି ଶାସନ କ୍ଷମତା ଅକ୍ତିଆର କରିବାକୁ କେବଳ ଟଙ୍କା, ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷ ବାଣ୍ଟିବାର ଯୋଜନାମାନ ପ୍ରସ୍ତୁତ କରିଚାଲିଛନ୍ତି। ମାଗଣାରେ ଚାଉଳ, ଗହମ, ସ୍କୁଲ ୟୁନିଫର୍ମ, ଜୋତା, ଲାପ୍‌ଟପ୍, ମୋବାଇଲ, ସାଇକେଲ ଇତ୍ୟାଦି ବଣ୍ଟା ଚାଲୁଥିଲା ଓ ସବୁ ରାଜ୍ୟରେ ଚାଲିଛି ମଧ୍ୟ। କିନ୍ତୁ ଏବେ ଟଙ୍କାବଣ୍ଟା ଯୋଜନା ଚାଲିଛି। ଚାଷୀମାନଙ୍କୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ନିୟମିତଭାବେ ଟଙ୍କା ବାଣ୍ଟି ଚାଲିଛନ୍ତି। ବାଣ୍ଟିବାରେ ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ମଧ୍ୟରେ ଏକରକମ ପ୍ରତିଯୋଗିତା ଆରମ୍ଭ କରିଦେଇଛନ୍ତି। ପଞ୍ଜାବର ଚରଣଜିତ ସିଂ ମାନ୍‌ଙ୍କ କଂଗ୍ରେସ ସରକାର ସାଧାରଣବର୍ଗର ଅଢ଼େଇ ଲକ୍ଷ ଛାତ୍ରଙ୍କ ପାଇଁ ମାଗଣା ଡ୍ରେସ୍‌ର ବ୍ୟବସ୍ଥା କରି ଦେଇଗଲେ ଏବଂ ତେପନ ଲକ୍ଷ ଲୋକଙ୍କର ବାକି ଥିବା ଇଲେକ୍ଟ୍ରିବିଲ୍ ଛାଡ଼ କରିଦେଲେ। ସମସ୍ତ ମହିଳାଙ୍କ ପାଇଁ ବସ୍‌ଭଡ଼ା ଛାଡ଼ କରିଦେଲେ ଏବଂ କେବଳ ଟିଭି ଦେୟକୁ ମାସିକ ଶହେ ଟଙ୍କାରେ ସୀମିତ କରିଦେଲେ। କରତାରପୁର ପାଇଁ ବସ୍ ସେବାକୁ ମାଗଣା କରିଦେଇଗଲେ। ନିର୍ବାଚନରେ ଜିତିବା ପାଇଁ ପ୍ରତିଶ୍ରୁତି ଦେଇ ପଞ୍ଜାବର ପ୍ରଥମ ଆମ୍ ଆଦ୍‌ମୀ ପାର୍ଟି ସରକାର କ୍ଷମତାକୁ ଆସିବା ପରେ ଘୋଷଣା କରିଦେଲେ ଯେ ପଞ୍ଜାବର ସମସ୍ତ ମହିଳା ମାସକୁ ହଜାରେ ଟଙ୍କା ଲେଖାଁଏ ପାଇବେ। ମୁକ୍ତ ପାଣି ଓ ବିଜୁଳି ବିଲ୍ ସହ କୋଡ଼ିଏ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହସ୍ପିଟାଲ ଅପରେଶନ ଖର୍ଚ୍ଚ ସରକାର ବହନ କରିବେ।

ୟୁପିରେ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ଗତ ନିର୍ବାଚନରେ ପଚିଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ଛାଡ଼ କରିବାକୁ ଏକ ସ୍ୱତନ୍ତ୍ର ସରକାରୀ ଫଣ୍ଡ୍ ସୃଷ୍ଟି କରିବେ ବୋଲି କହିଥିଲେ ଏବଂ ତିନିଶହ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବିଲ୍ ଛାଡ଼ ସହ ପାଞ୍ଚବର୍ଷଯାଏ ମାଗଣା ରାଶନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଠିକ୍ ଏକା ସମୟରେ କଂଗ୍ରେସର ପ୍ରିୟଙ୍କା ଭଦ୍ରା କଂଗ୍ରେସ କ୍ଷମତାକୁ ଆସିଲେ ସମସ୍ତ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ସ୍ମାର୍ଟ ଫୋନ୍ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କେବଳ ଏତିକି ନୁହେଁ, କଂଗ୍ରେସ ୟୁପିରେ କ୍ଷମତାକୁ ଆସିଲେ ସମସ୍ତ ଗ୍ରାଜୁଏଟ୍ ଛାତ୍ରୀଛାତ୍ରଙ୍କୁ ମାଗଣାରେ 'ସ୍କୁଟି' ଦେବେ ବୋଲି ମଧ୍ୟ କହିଥିଲେ। ମହିଳାଙ୍କୁ ମାଗଣା ବସ୍‌ଯାତ୍ରା ସହ ପରିବାର ପାଇଁ ବର୍ଷକୁ ତିନୋଟି ଗ୍ୟାସ୍ ସିଲିଣ୍ଡର ମାଗଣା ଦିଆଯିବ ବୋଲି ମଧ୍ୟ କହିଥିଲେ। ଏବେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବାଣ୍ଟୁଥିବା ଟଙ୍କା ଓ ଜିନିଷପତ୍ରର ଆନୁମାନିକ ମୂଲ୍ୟ କେତେ ଲକ୍ଷ କୋଟି ହେବ ସଠିକ୍ କହି ହେବ ନାହିଁ, କାରଣ ଏହା ପ୍ରତିବର୍ଷ ଦ୍ରୁତଗତିରେ ବଢ଼ି ଚାଲିଛି। ଏ ସମସ୍ତ ବଣ୍ଟାବଣ୍ଟି ମାଗଣା ଟଙ୍କା ଓ ଜିନିଷ ପ୍ରକୃତ ଚାଷୀ, ଛାତ୍ର ବା ସାଧାରଣ ଜନତା ପାଆନ୍ତୁ ବା ନ ପାଆନ୍ତୁ ପଛେ, କିନ୍ତୁ ବାଣ୍ଟୁଥିବା ରାଜନୈତିକ ଦଳର କର୍ମୀ ଓ ଭାଟମାନେ ନିୟମିତ ପାଇ ଚାଲିଛନ୍ତି।



ଏବେ ଆସନ୍ତୁ ଗୋଟିଏ ରାଜ୍ୟ ସରକାରଙ୍କର ଗୋଟିଏ ମାତ୍ର ଯୋଜନାର ଖର୍ଚ୍ଚ ହିସାବ କରିବା। ପଞ୍ଜାବରେ ମହିଳାଙ୍କ ସଂଖ୍ୟା କୋଟିଏରୁ ଊର୍ଦ୍ଧ୍ୱ ହୋଇଥିଲେ ବି ଧରାଯାଉ ଏହା ମାତ୍ର ଏକ କୋଟି। ମାସକୁ ହଜାରେ ଟଙ୍କା ଲେଖାଏଁ ସରକାର ପ୍ରତି ମାସରେ ଏକ ହଜାର କୋଟି ଅର୍ଥାତ୍ ବର୍ଷକରେ ବାର ହଜାର କୋଟି ବାଣ୍ଟିବେ। ପଞ୍ଜାବ ସରକାରଙ୍କର ଆନୁମାନିକ ବାର୍ଷିକ ରେଭିନ୍ୟୁ ଆଦାୟ ଏକ ଲକ୍ଷ ବାଷଠି ହଜାର କୋଟି ଓ ଖର୍ଚ୍ଚ ଏକ ଲକ୍ଷ ଅଠଷଠି ହଜାର କୋଟି। ଅର୍ଥାତ୍ ପ୍ରତିବର୍ଷ ଛଅ ହଜାର କୋଟି ନିଅଣ୍ଟ । ଏ ବାର ହଜାର କୋଟିର ଗୋଟିଏ ମାଗଣା ଯୋଜନାରେ ବାର୍ଷିକ ନିଅଣ୍ଟ ପରିମାଣ ହେବ ଅଠର ହଜାର କୋଟି ଟଙ୍କା। ତେବେ ଭାବନ୍ତୁ, ପଞ୍ଜାବ ସରକାରଙ୍କ ସମସ୍ତ ''ମାଗଣା ଓ ଛାଡ଼'' କାର୍ଯ୍ୟକାରୀରେ ଏ ନିଅଣ୍ଟ କେତେରେ ପହଞ୍ଚିବ! ସେଇ ଅନୁସାରେ ଦେଶର ସମସ୍ତ ରାଜ୍ୟର ମାଗଣା ବଣ୍ଟା ଯୋଜନାରେ ଆସନ୍ତା ୫ ବର୍ଷ ପରେ ଦେଶର ଆର୍ଥିକ ସ୍ଥିତି ଶ୍ରୀଲଙ୍କାର ଏବକା ଅର୍ଥନୈତିକ ଦେବାଳିଆ ସ୍ଥିତିରେ ପହଞ୍ଚିଯିବ ନାହିଁ ତ! ଦେଶର କୋଟି କୋଟି ଜନତା ଏ ମାଗଣା ଯୋଜନା ଭରସାରେ ଅଳସୁଆ ଓ ନିକମା ହୋଇଯିବେନି ତ!

ଗତ ୩୧.୩.୨୦୨୨ ସୁଦ୍ଧା ପଞ୍ଜାବ ରାଜ୍ୟ ସରକାରଙ୍କ ଋଣ ଭାର ଥିଲା ଦୁଇ ଲକ୍ଷ ବୟାଅଶୀ ହଜାର କୋଟି, ଯାହାକି ଅବିଳମ୍ବେ ପନ୍ଦର ଲକ୍ଷ ବା କୋଡ଼ିଏ ଲକ୍ଷ କୋଟିରେ ପହଞ୍ଚିଯିବ। ଏହିପରି ଦେଶର ତିରିଶଟିଯାକ ରାଜ୍ୟର ଋଣଭାର ବର୍ତ୍ତମାନ ଅସମ୍ଭାଳ ଅବସ୍ଥା ଆଡ଼କୁ ଦ୍ରୁତଗତିରେ ଆଗେଇ ଚାଲିଛି। ଏଣେ ଦୁର୍ନୀତି ନିବାରଣ ବିଭାଗ ଏପରିକି ସି.ବି.ଆଇ. ମଧ୍ୟ ସରକାରଙ୍କ ନିର୍ଦ୍ଦେଶରେ ନିରପେକ୍ଷ ନ ରହି ବିରୋଧୀ ଦଳ ନେତା ଓ ଶିଳ୍ପପତିଙ୍କ ଘର ରେଡ୍ କରି ଚାଲିଛି। ଏ ପ୍ରକ୍ରିୟା ଏବକା ଶାସନକର୍ତ୍ତା ବିରୋଧୀ ଦଳ ହେବା ପରେ ବି ଚାଲୁରହିବ ବୋଲି କ୍ଷମତାସୀନ ସରକାର ହୃଦୟଙ୍ଗମ କରିପାରୁନାହାନ୍ତି।

ସରକାରଙ୍କ ନିୟନ୍ତ୍ରଣରେ ଥିବା ବ୍ୟାଙ୍କମାନଙ୍କରୁ ପ୍ରତିଷ୍ଠିତ ଶିଳ୍ପପତିମାନେ ସରକାରରେ ଥିବା ନେତା(ମନ୍ତ୍ରୀ)ମାନଙ୍କ ସହାୟତାରେ ଲକ୍ଷ ଲକ୍ଷ କୋଟି ଟଙ୍କା ଋଣ ନେଇ ଫେରାଇବା କଥା ଚିନ୍ତା ନ କରି ଦେଶ ଛାଡ଼ି ବିଦେଶ ପଳାଇଲେ। ସେମାନଙ୍କ ଯିବା ବାଟକୁ ପରିଷ୍କାର କରି ବିଭିନ୍ନ ସମୟରେ ଆମ କ୍ଷମତାସୀନ ସରକାର ସେମାନଙ୍କ ବିରୋଧରେ ସେମାନେ ଦେଶ ଛାଡ଼ି ଚାଲିଯିବା ପରେ ଟଙ୍କା ଆଦାୟ ପାଇଁ କୋର୍ଟରେ ମକଦ୍ଦମା ରୁଜୁ କଲେ। ସେମାନଙ୍କର ଆମ ଦେଶକୁ ଫେରିବା ଓ ଟଙ୍କା ଫେରାଇବା ଏକରକମ ଅସମ୍ଭବ ଜାଣି ଆମ ଏବକା କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କ ମାଧ୍ୟମରେ ଟଙ୍କା ଛପାଇ ସେ ସବୁ ଋଣରୁ ଅଧିକାଂଶକୁ ଏନ୍.ପି.ଏ. (ନନ୍ ପରଫରମିଂ ଆସେଟ୍) ବା ଅନାଦାୟ ଋଣ ଆଖ୍ୟା ଦେଇ ବ୍ୟାଙ୍କଗୁଡ଼ିକୁ ପୁନଃ ସାହାଯ୍ୟ ଯୋଜନାରେ ଗତିଶୀଳ କରାଇଦେଲେ। ଫଳ ଏତିକି ଯେ, ସ୍ୱାଧୀନତା ବେଳେ ଗୋଟିଏ ଡଲାର ଏକ ଟଙ୍କାରେ ମିଳୁଥିବା ବେଳେ ଏବେ ଅଶୀ ଟଙ୍କା ଦେବାକୁ ପଡୁଛି– ଏ ପ୍ରକାର ନିଷ୍ପତ୍ତି ଓ ତଜ୍ଜନିତ ମୁଦ୍ରାସ୍ଫୀତି କ୍ରମଶଃ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ଦେଶର ସମସ୍ତ ସରକାରୀ ନେତା, ପଦାଧିକାରୀ, ଦୁର୍ନୀତି ଓ ଲାଞ୍ଚ ମାଧ୍ୟମରେ ଏବଂ ବ୍ୟବସାୟୀମାନେ ନିର୍ବାଚନରେ ସାହାଯ୍ୟ କରି ସରକାରଙ୍କ ପ୍ରୋତ୍ସାହନରେ ନିଜର ବ୍ୟକ୍ତିଗତ ସମ୍ପତ୍ତି ବଢ଼ାଇବାରେ ବ୍ୟସ୍ତ ଅଛନ୍ତି। ସୀମାନ୍ତର ସୈନିକମାନଙ୍କ ଛଡ଼ା ଆଉ ଦେଶ କଥା କାହା ମୁଣ୍ଡରେ ନାହିଁ। ଆମ କୋଟିପତି ନେତା ଓ ଶିଳ୍ପପତିମାନେ ଥରେ ୟୁକ୍ରେନ୍ ବା ଶ୍ରୀଲଙ୍କାକୁ ଯାଇ ଦେଶ ଚାଲିଗଲେ କିଭଳି ସର୍ବହରା ହୋଇ ଅନ୍ୟ ଦେଶର ଭିକାରି ସାଜିବାକୁ ହୁଏ, ଦେଖି ଆସନ୍ତୁ। ବୋଧହୁଏ କୌଣସି ପ୍ରତିଷ୍ଠିତ ନେତା ବା ବ୍ୟବସାୟୀ ଏହା କରିବେନି, କାରଣ ମୃତ୍ୟୁ ନ ଆସିବା ପର୍ଯ୍ୟନ୍ତ ସମ୍ପତ୍ତି ବାଡ଼ି ବଢ଼ାଇ ଚାଲିଥିବା ମଣିଷ ହଠାତ୍ ମରିଯିବ ବୋଲି ଭାବେ ନାହିଁ!

**ଗୁରୁକୃପା, ୪୯/୭୦୦, ଲକ୍ଷ୍ମୀବିହାର, ଭୁବନେଶ୍ୱର, ମୋ: ୯୯୩୭୪୪୬୩୭୭**

# ଛୋଟ ଛୋଟ ଖୁସି



ଦ୍ୱିତୀ ଚନ୍ଦ୍ର ସାହୁ

ବନ୍ଧୁ ଶିବାଶିଷ ନିକଟରେ ଫୋନ କଲେ। ଫୋନର କାରଣ ଥିଲା ସେ ଓଡ଼ିଆ ପିଜି ପରୀକ୍ଷାରେ ପାଶ୍ କଲେ। ବହୁତ ହର୍ଷର ସହ ନିଜର ଭାବକୁ ବ୍ୟକ୍ତ କରୁଥିଲେ। ବିଶେଷକରି ରଖିଥିବା ପ୍ରତିଶତକୁ ନେଇ ବେଶ୍ ଖୁସି ଥିଲେ। ମୁଁ ବି ତାଙ୍କ ଖୁସିରେ ବି ସାମିଲ ହୋଇଗଲି। କିଛି ମୁହୂର୍ତ୍ତ ପରେ ସେ ନିଜର ଫୋନ ରଖିଦେଲେ। ଯଦିଓ ଏହି ଶିକ୍ଷାଗତ ଯୋଗ୍ୟତା ତୁରନ୍ତ ତାଙ୍କ ବୃତ୍ତିଗତ ଜୀବନରେ କୌଣସି ସୁଫଳ ଦେବନି। ତଥାପି ସେ ବେଶି ଖୁସି ଥିଲେ। ଏକଥା ସୂଚେଇ ଥିଲେ ହୁଏତ ତାଙ୍କ ଖୁସିରେ ତୁରନ୍ତ ଭଟ୍ଟା ପଡ଼ିଯାଆନ୍ତା। ଜଣେ ଯଦି ଛୋଟ ଖୁସିରେ ବି ଉତ୍‌ଫୁଲ୍ଲିତ। ଏମିତିରେ ଜୀବନର କିଛି ସମୟକୁ ସୁଖକର କରିପାରୁଛି। ତାକୁ କରିବାକୁ ସୁଯୋଗ ଦେବା ଅନିବାର୍ଯ୍ୟ। ମଣିଷ ଜୀବନରେ ଅନେକ ସମୟରେ ଏମିତି ଅବସର ଆସିଥାଏ। ତାକୁ ଅନୁଭବ କରିବା ମଣିଷର ଧେୟ। କାର୍‌ରେ ବସି ନ ଥିବା ଲୋକଟିକୁ କାରରେ ବସି ବୁଲିବାର ସୁଯୋଗ ମିଳେ ତ ସେ ଖୁସି ହୋଇଯାଏ। ଗରିବ ଲୋକଟିକୁ ତା'ର ପ୍ରାପ୍ୟ ଜିନିଷ ମିଳିଲେ କୋଟିନିଧି ମିଳିଗଲା ଭଳି ଅନୁଭବ କରେ। ଅଭାବକୁ ଭାବ ମିଳିଲେ, ଦୁଃଖୀକୁ ସୁଖ ମିଳିଲେ ଜୀବନଟା ରସମୟ ହୋଇଯାଏ। ରସର ଫୁଆରା ସୃଷ୍ଟି ହୁଏ। ମନ ଓ ହୃଦୟ ଗୋଟାପଣେ ଉଛୁଳି ପଡ଼େ।

ଦୈନନ୍ଦିନ ଜୀବନରେ ମଣିଷ ନିକଟରେ ଏମିତି ଅଜସ୍ର ଛୋଟ ଛୋଟ ଖୁସି ଆସି ପହଞ୍ଚି ଯାଇଥାଏ। ଏଇ ଖୁସି ହୁଏତ କିଛି ସମୟ ପାଇଁ ହୋଇପାରେ ଅବା କିଛି ଦିନ ପାଇଁ ହୋଇପାରେ କିନ୍ତୁ ମଣିଷର ତମାମ ଶରୀରକୁ ପୁର୍ତ୍ତି ରଖେ। ମନକୁ ଚଞ୍ଚଳ କରେ। ହୃଦୟ ଭରିଯାଏ ଅଜଣା ଭାବରେ। ଏହିତକ ସମୟ ମଣିଷ ଅଜଣା ରାଇଜରେ ଘୂରି ବୁଲେ। ନିଜକୁ ହାଲୁକା ମନେକରେ। ଦୁନିଆର ବାକିତକ ଜଞ୍ଜାଳ ପଛ ହୋଇଯାଏ। ସବୁତକ ଦାୟିତ୍ୱ ଗୁରୁତ୍ୱହୀନ ହୋଇଯାଏ। ଗୋଟିଏ ଅଜବ ନିଶାରେ ଝୁମି ଉଠେ। ଏଇ ଭାବ ମଣିଷକୁ ଆହୁରି ଅଧିକ ସମୟ ବଞ୍ଚିବାକୁ ବଳ ଗୋଟାଏ। ଏସବୁ ସତ୍ତ୍ୱେ ମଣିଷ ଛୋଟ ଛୋଟ ଖୁସିକୁ ଅଣଦେଖା କରିଥାଏ। ଜୀବନରେ ଅଜସ୍ର ଦୁଃଖ ଆଗୁଆ ସୂଚନା ନ ଜଣେଇ ହିଁ ଆସିଯାଏ। ଜୀବନର ଝର୍କା ଡେଇଁ ଆସିଗଲେ ଜୀବନକୁ ନିରସ କରେ। ଜୀବନର ସବୁତକ ରଙ୍ଗ ଛଡ଼େଇ ନିଏ। ସ୍ୱାଭାବିକ ଜୀବନକୁ ଅସ୍ତବ୍ୟସ୍ତ କରିଦିଏ। ଜୀବନ ଦୁଃଖର ସାଗର। ଜୀବନ ଦୁଃଖମୟ। ଜୀବନର କଷଟି ପଥରରେ ମୁହୂର୍ମୁହୁଃ ବଞ୍ଚିବାକୁ ପଡ଼େ। ଏସବୁ ଆମେ ଭୁକ୍ତଭୋଗୀ। ସବୁ ମଣିଷର ଜୀବନରେ ଦୁଃଖ ପାହାଡ଼ ଭଳି ଆସି ପଡ଼ିଯାଏ। ମେରୁଦଣ୍ଡକୁ ଭାଙ୍ଗିଦିଏ। ବେଳେବେଳେ ଦୁଃଖକୁ ଏଡ଼େଇ ଯିବା ବି ଭାରି କଷ୍ଟକର ହୋଇପଡ଼େ। ଏମିତି କି ଦୁଃଖର ସମୟରେ ଆପଣାର ଲୋକମାନେ ବି କେଳି କରନ୍ତି। ଦୁଃଖକୁ ଉପଭୋଗ କରନ୍ତି। ଏସବୁ ଦୁଃଖ ଭୋଗୁଥିବା ମଣିଷକୁ ଅସହ୍ୟ କରିଦିଏ। ଅନେକେ ଦୁଃଖରେ ଏମିତି ଭାଙ୍ଗି ପଡ଼ନ୍ତି ଜୀବନ ମରୁମୟ ଲାଗେ। ଜୀବନ ପିତା ହୋଇଯାଏ। ମଣିଷ ଜୀବନର ଦୁଃଖର ସଂଜ୍ଞାକୁ ବ୍ୟାଖ୍ୟା କରିବା ସହଜ ନୁହଁ। କାହାକୁ କେଉଁ ରୂପରେ ଦୁଃଖ ଆସେ ତାହା ବ୍ୟକ୍ତିଗତ ସ୍ତରରେ ଭିନ୍ନ ଭିନ୍ନ ହୋଇଥାଏ। ଏକଥା ସତ ଯେ ଦୁଃଖ ମନ ଓ ହୃଦୟକୁ କୋରି ପକାଏ। ତେବେ କଥା ହେଲା ଜୀବନ ଦୁଃଖର ସାଗରରେ ସବୁବେଳେ ବୁଡ଼ ପକାଇଲାବେଳେ ଆମ ପାଖରେ ପହଞ୍ଚୁଥିବା ଖୁସିକୁ ଅଣଦେଖା କରିବା ଉଚିତ ନୁହଁ। ସୁଖକୁ ସାଉଁଟିବା ଲୋଡ଼ା।



ସୁଖ ଆସେ ଅନେକ ଖୁସିର ପସରା ନେଇ। ମହକାଏ ମନ ଅଗଣାକୁ। ଉଚ୍ଚାଟିତ କରେ। ତା'ର ମହମହ ବାସ୍ନାରେ ଚାରିପାଖର ପୃଥିବୀ ମହକିତ ହୁଏ। ମଣିଷ ବାସ୍ନାରେ ବିଭୋର ହୋଇପାରେନା। ସେ ଖୁସିରେ ନିଜକୁ ସାମିଲ କରିପାରେନା। ଏହାର ବଡ଼ କାରଣ ହେଲା ମଣିଷର ଅତି ଆଶା। ବଡ଼ ବଡ଼ ସ୍ୱପ୍ନ ଓ ଉଚ୍ଚ ଅଭିଳାଷରେ ବୁଡ଼ି ରହିଥାଏ ମଣିଷ। ସେସବୁ ଲକ୍ଷ୍ୟକୁ ହାସଲ କଲେ ହିଁ ସୁଖକୁ ପ୍ରାପ୍ତି କରିହେବ ବୋଲି ମାନସିକ ସ୍ତରରେ ଧରି ନେଇଥାଏ। ସେଇ ସେଇ ଅବଦମିତ ଲାଲସାକୁ ଚରିତାର୍ଥ କରିବା ଲାଗି ଗୋଟାପଣେ ଲାଗି ପଡ଼ିଥାଏ ସେ। ସେ ନିଶାରେ ନିଜ ପାଖକୁ ଆସୁଥିବା ଛୋଟ ଛୋଟ ସୁଖକୁ ହେୟ ମନେକରେ। ମୂଲ୍ୟହୀନ ଓ ଅର୍ଥହୀନ ମନେକରେ। କିନ୍ତୁ ଅନିଶ୍ଚିତ ଭବିଷ୍ୟତ ପାଖରେ ଛୋଟ ଛୋଟ ଖୁସିର ଗୁରୁତ୍ୱ ଢେର ଅଧିକ। ବଡ଼ ଖୁସିରେ ବିଭୋର ମଣିଷ ହୁଏତ ଗୋଟେ ଲମ୍ବା ସମୟର ଅପେକ୍ଷାରେ ଜୀବନର ସମସ୍ତ ଖୁସିକୁ ଅପାଂକ୍ତେୟ ମନେକରେ।

ହୁଏତ ସେଇ ସୁଖ ନାମ୍ନୀ ପକ୍ଷୀକୁ ଧରିବାର ଲୋଭରେ ଜୀବନ ବି ଚାଲିଯାଏ। ଅଥଚ ଜୀବନର ଖୁସିକୁ ଅନୁଭବ କରିବା ସମ୍ଭବ ହୋଇପାରେନା। ବ୍ୟସ୍ତବହୁଳ ତଥା ଦୁଃଖ ଓ ଯନ୍ତ୍ରଣାମୟ ଜୀବନରେ ଛୋଟ ଛୋଟ ଖୁସି ଏକ ମହୌଷଧି ଭଳି କାମ କରେ। ଏକଥାକୁ ଯିଏ ବୁଝେ ସେ ଜୀବନରେ ସୁଖୀ ମଣିଷ ବୋଲାଯାଏ। ନିତିଦିନ ନିଜ ପାଖକୁ ପହଞ୍ଚୁଥିବା ଖୁସିରେ ଯେ ସୁଖ ଅନୁଭବ କରେ ତାକୁ ଜୀବନ ଛୋଟ ଲାଗେ। ଜୀବନ ଗୋଟେ ସିଧା ଓ ସରଳ ରାସ୍ତା ଭଳି ଲାଗେ। ଜୀବନକୁ ସୁଗମ, ସରଳ, ରୁଚିପୂର୍ଣ୍ଣ ଏବଂ ସର୍ବୋପରି ଅର୍ଥମୟ କରିବାକୁ ହେଲେ ଛୋଟ ଛୋଟ ଖୁସିରେ ଖୁସି ହୁଅନ୍ତୁ। ପାଦକୁ ପାଦ ପକାଇ ଆଗକୁ ଗଲା ବେଳେ ଛୋଟ ଛୋଟ ଖୁସିକୁ ନେଇ ଜୀବନର ଗତିପଥକୁ ଆଗେଇ ନିଅନ୍ତୁ। ଦେଖିବେ ଜୀବନ କେତେ ମହାର୍ଘ ଲାଗିବ। ଖୁସିକୁ ନିଜର ମାପକାଠିରେ ତଉଲିବା ଅପେକ୍ଷା ବେଧଡ଼କ ନିଜକୁ ଖୁସିରେ ସାମିଲ କରନ୍ତୁ। ଅପରପକ୍ଷେ ଆମ ପାଇଁ ନ୍ୟୁନ ମନେହେଉଥିଲେ ବି ଛୋଟ ଛୋଟ ଖୁସିରେ ସୁଖ ଅନୁଭବ କରୁଥିବା ଅନ୍ୟ ମଣିଷକୁ ତା' ଖୁସିରେ ବଞ୍ଚିବାକୁ ଛାଡ଼ିଦିଆଯାଉ। ସେଇ ଅକୁଳଣ ଖୁସି ଆମକୁ ବି ସଂକ୍ରମିତ କରୁ। ସଂକ୍ରମଣରେ ଆପଣ, ସେ ଓ ଅନ୍ୟମାନେ ଖୁସିରେ ମସ୍‌ଗୁଲ ହୁଅନ୍ତୁ। ଜୀବନ ଗୀତକୁ ନିଜେ ଗାଇବା ଆରମ୍ଭ କରନ୍ତୁ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା, ମୋ–୯୪୩୭୯୦୯୬୭୧**

## ଏଇ ଭାରତରେ

ବହୁ ସମୟରେ ଏକ ନିଷ୍ପତ୍ତି ଜଣଙ୍କ ଜୀବନର ମୋଡ଼ ବଦଳାଇଦିଏ, ଯାହା ଘଟିଛି ହରିୟାଣାର କୃଷକ କମ୍‌ଲ ସିଂ ଚୌହାନ୍‌ଙ୍କ କ୍ଷେତ୍ରରେ। ଚୌହାନ୍ ୧୬ ବର୍ଷ ବୟସରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ସେଥିରେ ଲାଭ ନ ହେବାରୁ ସେ ୧୯୯୮ରେ ମକାଚାଷ କରିବାକୁ ନିଷ୍ପତ୍ତି ନେଲେ ଓ ଏବେ ସେ ମକାଚାଷର ବାଦ୍‌ଶାହ ପାଲଟି ଯାଇଛନ୍ତି। ସୋନିପତ୍ ଜିଲା ନିବାସୀ କମ୍‌ଲ ସିଂ ଛୋଟ କିସମର ମକାଚାଷରୁ ବିପୁଳ ଲାଭ ପାଇବା ପରେ ଆଖପାଖର ୧୫ରୁ ୨୦ଟି ଗାଁରେ କୃଷକମାନଙ୍କୁ ଏହି ଚାଷ ସହ ଯୋଡ଼ି ସେମାନଙ୍କ ଆୟ ବୃଦ୍ଧି କରିଛନ୍ତି। କୃଷକମାନଙ୍କ ମାର୍କେଟିଂ ବ୍ୟବସ୍ଥା ମଧ୍ୟ ବହନ କରୁଛନ୍ତି। ସେ ନିଜେ ୪ଟି ମକା ପ୍ରୋସେସିଂ ୟୁନିଟ୍ ପ୍ରତିଷ୍ଠା କରି କୃଷକମାନଙ୍କଠାରୁ ମକା ସଂଗ୍ରହ କରୁଛନ୍ତି। ଏହାଦ୍ୱାରା କୃଷକମାନେ ସେମାନଙ୍କ ଆୟ ଦୁଇଗୁଣ ବୃଦ୍ଧି କରିବାକୁ ସକ୍ଷମ ହୋଇଛନ୍ତି। କମ୍‌ଲ ସିଂ ନିଜର ମକାଚାଷକୁ ଏତେ ବଢ଼ାଇ ପାରିଛନ୍ତି ଯେ, ପ୍ରତ୍ୟେକ ଦିନ ତାଙ୍କ କ୍ଷେତରେ ୪୦୦ କୃଷି ଶ୍ରମିକ କାମ କରୁଛନ୍ତି। ମକା ଉତ୍ପାଦନ ଓ ଏହାର ପ୍ରୋସେସିଂରେ ମୋଟରେ ଅନେକ ହଜାର ଲୋକଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଅକ୍ଟୋବର ୧୯୯୭

- ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ସାନି ସଂଘର୍ଷ ଘଟି ୧୩ ଜଣ ତାମିଲ ଗେରିଲାଙ୍କ ସମେତ ୧୬ ନିହତ।
- ଖ୍ୟାତନାମା ଆମେରିକୀୟ ଔପନ୍ୟାସିକ ହାରୋଲ୍ଡ ରବିନ୍ସଙ୍କ ୮୧ ବର୍ଷ ବୟସରେ ପରଲୋକ।
- କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପଲବୟର ବ୍ରିଟେନର ଅରୁଜୀବ ବିଜ୍ଞାନୀ ଜନ୍ ୱାକର ଏବଂ ଆରାହୁସ ବିଶ୍ୱବିଦ୍ୟାଳୟର ଡାନେ ଜେନସ ସ୍କୋଭଙ୍କୁ 'ଏନ୍‌ଜାଇମ୍' ଉପରେ ଉଲ୍ଲେଖନୀୟ ଗବେଷଣା ପାଇଁ ନୋବେଲ ପୁରସ୍କାର ପ୍ରଦାନ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | 3 | | | 1 |
| 2 | 9 | | | 7 | | | | 4 |
| | | 5 | | | | | 3 | |
| 7 | | | | | | | | 5 |
| | 1 | 6 | | 9 | | | | |
| | | 2 | | | 8 | | | |
| | | | 2 | | | | 4 | |
| | | 1 | 4 | | | 7 | | 3 |
| | | 4 | | 1 | 6 | | 2 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 8 | 5 | 3 | 4 | 9 | 6 | 2 |
| 5 | 2 | 9 | 8 | 7 | 6 | 4 | 3 | 1 |
| 3 | 6 | 4 | 2 | 1 | 9 | 8 | 5 | 7 |
| 2 | 8 | 5 | 7 | 4 | 3 | 1 | 9 | 6 |
| 9 | 4 | 3 | 6 | 2 | 1 | 5 | 7 | 8 |
| 1 | 7 | 6 | 9 | 5 | 8 | 2 | 4 | 3 |
| 6 | 3 | 1 | 4 | 8 | 5 | 7 | 2 | 9 |
| 8 | 5 | 7 | 3 | 9 | 2 | 6 | 1 | 4 |
| 4 | 9 | 2 | 1 | 6 | 7 | 3 | 8 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବିଦ୍ୟାଳୟ ରୂପାନ୍ତରଣ କେତେ ଫଳପ୍ରଦ ?

ମହାଶୟ,

ଏବେ ରାଜ୍ୟ ସରକାର ପ୍ରତ୍ୟେକ ବିଦ୍ୟାଳୟକୁ ରୂପାନ୍ତରଣ କରିଛନ୍ତି। ଗୃହଗୁଡ଼ିକୁ ଚକାଚକ୍ କରାଯାଇଛି ସତ, ମାତ୍ର ଶିକ୍ଷାର ମାନଦଣ୍ଡକୁ ସରକାର ଭୁଲି ଯାଇଛନ୍ତି। ପ୍ରାୟ ବିଦ୍ୟାଳୟରେ ବହୁତ ଶିକ୍ଷକ ପଦବୀ ଖାଲି। ବର୍ତ୍ତମାନ ଦେଖାଯାଉଛି ସବୁ କିଛିରେ ସ୍ଥାନ ପାଇଛି ମଧ୍ୟାହ୍ନଭୋଜନ କାର୍ଯ୍ୟ। ପିଲାଙ୍କୁ ଯେଉଁ ପୁଷ୍ଟିକର ଖାଦ୍ୟ ଦିଆଯାଉଛି ତାହା ଅଣ୍ଡାପାଣି, ଆଉ ଦରସିଝା ସୋୟାବିନ ତରକାରି, ଯାହାକୁ କି ଅଧେ ଛାତ୍ରୀଛାତ୍ର ଖାଉନାହାନ୍ତି। ଏହା ମୁଖ୍ୟ ଅଂଗ ହୋଇଥିବା ବେଳେ ଶିକ୍ଷାଦାନ ସମ୍ପୂର୍ଣ୍ଣ ଅଣଦେଖା ହୋଇଯାଇଛି। ଏତିକି ଲାଭ ହୋଇଛି, ଶିକ୍ଷୟିତ୍ରୀ ଶିକ୍ଷକମାନେ ଘରେ ନ ଖାଇ ଅଧିକ କିଛି ସ୍ପେଶାଲ ଆଇଟମ୍ କରି ସ୍କୁଲରେ ଖାଉଛନ୍ତି। ତା' ପରେ ସ୍କୁଲ ଛୁଟି। ଏହା ହେଉଛି ରୂପାନ୍ତକରଣ।

– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

## ଜନଗଣନା ବଳବତ୍ତର ରଖାଯାଉ

ସାରା ଦେଶରେ ଜନଗଣନା ୨୦୨୧ରେ କୋଭିଡ୍ କଟକଣା ଯୋଗୁ ହୋଇପାରି ନ ଥିଲା, ଯାହା ପାରିବାରିକ ତଥ୍ୟ ସଂଗ୍ରହରେ ବାଧା ଉପୁଜିଥିଲା। ତୁରନ୍ତ କେନ୍ଦ୍ର ସରକାର ଧାର୍ଯ୍ୟ ସମୟସୀମା ନିର୍ଦ୍ଧାରଣ କରିବାକୁ ଚୂଡ଼ାନ୍ତ କରାଯାଉ। ବିଶେଷତଃ ଜନଗଣନା ଆଧାରରେ ପୁରୁଷ, ମହିଳା ଓ ଶିଶୁମାନଙ୍କ ସ୍ଥିତି ସ୍ପଷ୍ଟ ହୋଇଯିବ। ଉନ୍ନୟନ ପ୍ରକ୍ରିୟାରେ ଯଥେଷ୍ଟ ସହାୟକ ହୋଇପାରିବ। ଜନ୍ମ–ମୃତ୍ୟୁ ସଂଖ୍ୟା ଏବଂ ଜନସଂଖ୍ୟା ସ୍ପଷ୍ଟ ହେବ।

– ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚିରନ୍ତନ କୁହୁ ଆଜି
ଜାଗେ ମମ ପ୍ରାଣେ
ମୂକର ଫିଟଇ ମୁଖ
ନବ ନବ ଗାନେ।
–(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

କଂଗ୍ରେସର ସଭାପତି ନିର୍ବାଚିତ ହେଲେ ଦଳ ପରିଚାଳନା ପାଇଁ ଗାନ୍ଧୀ ପରିବାରର ପରାମର୍ଶ ଓ ସହଯୋଗ ଲୋଡ଼ିବାକୁ ଲଜ୍ଜାବୋଧ କରିବି ନାହିଁ।
–ମଲ୍ଲିକାର୍ଜ୍ଜୁନ ଖାର୍ଗେ, କଂଗ୍ରେସ ନେତା

## ସଂକ୍ଷେପରେ

### ପିଏମ୍-କିଷାନ: ଦ୍ୱାଦଶ କିସ୍ତି ଆଜି

ନୂଆଦିଲ୍ଲୀ, ୧୬।୧୦: ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାର ଦ୍ୱାଦଶ କିସ୍ତିରେ ୧୬ ହଜାର କୋଟି ଟଙ୍କା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କୃଷକଙ୍କ ଆକାଉଣ୍ଟକୁ ପଠାଇବେ। ଏଥିରେ ୧୦ ଲକ୍ଷରୁ ଅଧିକ କୃଷକ ଉପକୃତ ହେବେ ବୋଲି କୃଷି ଓ କୃଷକ ମଙ୍ଗଳ ମନ୍ତ୍ରଣାଳୟ ପକ୍ଷରୁ ରବିବାର ଜାରି ଏକ ବିବୃତିରେ କୁହାଯାଇଛି। ଏହି ଅର୍ଥ ପ୍ରଦାନ ସହ କୃଷକମାନଙ୍କ ଆକାଉଣ୍ଟରେ ମୋଟ ଜମାରାଶି ୨.୧୬ ଟ୍ରିଲିୟନ ଟଙ୍କା ଅତିକ୍ରମ କରିବ। ଜମିଜମା ଥିବା ଦେଶର ସମସ୍ତ କୃଷକ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ଲକ୍ଷ୍ୟରେ ୨୦୧୯ରେ ପ୍ରଧାନମନ୍ତ୍ରୀ ମୋଦି ଏହାର ଶୁଭାରମ୍ଭ କରିଥିଲେ। ପିଏମ୍-କିଷାନ ଯୋଜନାରେ ବର୍ଷକୁ ୩ଟି କିସ୍ତିରେ ହିତାଧିକାରୀଙ୍କ ଆକାଉଣ୍ଟକୁ ପ୍ରତ୍ୟକ୍ଷ ଭାବେ ୬ ହଜାର ଟଙ୍କା ପଠାଯାଉଛି।

### ଆଉ କୋଭିଡ୍ ଟିକା କିଣିବନି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ
#### ୪,୨୩୭ କୋଟି ଫେରାଇଲା

ନୂଆଦିଲ୍ଲୀ,୧୬।୧୦(ପି.ଟି.) କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଆଉ ଟିକା ନ କିଣିବା ଲାଗି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଟିକା ପାଇଁ ୨୦୨୨-୨୩ ବଜେଟରେ ମଞ୍ଜୁର ହୋଇଥିବା ଅର୍ଥରୁ ପାଖାପାଖି ୮୫ ପ୍ରତିଶତ ଅର୍ଥାତ୍ ୪,୨୩୭ କୋଟି ଟଙ୍କା ମନ୍ତ୍ରଣାଳୟ ଫେରାଇ ଦେଇଛି। ସୂଚନା ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ବର୍ତ୍ତମାନ ସୁଦ୍ଧା ୧.୮ କୋଟିରୁ ଅଧିକ ଡୋଜ୍ କୋଭିଡ୍ ଟିକା ଗଚ୍ଛିତ ରହିଛି, ଯାହାକି ଟିକାକରଣ ଅଭିଯାନକୁ ଆଉ ୬ ମାସ ଆଗେଇ ନେଇପାରିବ। ସଂକ୍ରମଣ ମାମଲା ହ୍ରାସ ପାଇଥିବାରୁ ଲୋକମାନଙ୍କ ମଧ୍ୟରେ ଟିକା ନେବା ପାଇଁ ଆଗ୍ରହ କମୁଥିବା ଦେଖାଯାଇଛି। ସରକାରଙ୍କ ଷ୍ଟକ୍ ସରିଯିବା ପରେ ବଜାରରେ ଏହି ଟିକା ଉପଲବ୍ଧ ହେବ। ୬ ମାସ ପରେ ପରବର୍ତ୍ତୀ କୋଭିଡ୍ ସ୍ଥିତିକୁ ଦେଖି ଟିକା କିଣିବା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ୨୦୨୧ ଜାନୁୟାରୀ ୧୬ରୁ ଦେଶରେ କୋଭିଡ୍ ଟିକାକରଣ ଅଭିଯାନ ବିଭିନ୍ନ ପର୍ଯ୍ୟାୟରେ ଆରମ୍ଭ ହୋଇଥିଲା। ଅଧିକାଂଶ ଲୋକ ଦୁଇଟି ଡୋଜ୍ ଟିକା ନେଇଥିବାବେଳେ ଏବେ ପ୍ରିକଶନ ଡୋଜ୍ ପ୍ରଦାନ କରାଯାଉଛି।

# ଆଜିଠୁ ଆଣବିକ ଡ୍ରିଲ୍
# ମୁହାଁମୁହିଁ ହେବେ ରୁଷିଆ, ନାଟୋ

ମସ୍କୋ/କିଭ୍/ୱାଶିଂଟନ୍ ୧୬।୧୦: ଆଗକୁ ସାମରିକ ଉତ୍ତେଜନା ସୁରକ୍ଷା ପର୍ଯ୍ୟବେକ୍ଷକଙ୍କ ନିଦ ହଜାଇପାରେ। କାରଣ ସୋମବାରଠାରୁ ଅକ୍ଟୋବର ୩୦ ପର୍ଯ୍ୟନ୍ତ ରୁଷିଆ ଏବଂ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟ୍ରି ଅର୍ଗାନାଇଜେଶନ(ନାଟୋ) ନିଜ ନିଜ ଶକ୍ତି ପ୍ରଦର୍ଶନ କରିବେ। ସାଧାରଣତଃ ରୁଷିଆ ବର୍ଷର ଏହି ମାସରେ ଆଣବିକ ଅସ୍ତ୍ର ପରୀକ୍ଷଣ କରିଥାଏ। ସମାନ ସମୟରେ ଆମେରିକା ଓ ଏହାର ପାଶ୍ଚାତ୍ୟ ସହଯୋଗୀ ନ୍ୟୁକ୍ଲିୟର ଡ୍ରିଲ୍ 'ଷ୍ଟିଡ୍‌ଫାଷ୍ଟ୍ ନୁନ୍' କରିବାକୁ ପ୍ରସ୍ତୁତ ହୋଇଛନ୍ତି। ଦୁଇ ପକ୍ଷ ମୁହାଁମୁହିଁ ହେଲେ ବିଶ୍ୱ ପାଇଁ ଆଣବିକ ବିପର୍ଯ୍ୟୟ ସୃଷ୍ଟି ହେବ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁରୋପୀୟ ରାଷ୍ଟ୍ରଗୁଡ଼ିକୁ ଅନେକଥର ନ୍ୟୁକ୍ଲିୟର ୱିପନ୍‌ର ଭୟ ଦେଖାଇସାରିଛନ୍ତି। ଏହି ପରିପ୍ରେକ୍ଷୀରେ ନିକଟରେ ନାଟୋ ପ୍ରତିରକ୍ଷା ମନ୍ତ୍ରୀମାନଙ୍କର ଏକ ସମ୍ମିଳନୀ ବ୍ରସେଲ୍ସରେ ଅନୁଷ୍ଠିତ ହୋଇଛି। ସମ୍ମିଳନୀ ପରେ ନାଟୋ ମହାସଚିବ ଜେନ୍ସ ଷ୍ଟୋଲଟେନ୍‌ବର୍ଗ କହିଥିଲେ, ରୁଷିଆର ନ୍ୟୁକ୍ଲିୟର ଡ୍ରିଲ୍ 'ଗ୍ରୋମ୍' ଉପରେ ସାମରିକ ମେଣ୍ଟର କଡ଼ା ନଜର ରହିଛି।





ରୁଷିଆ ବାୟୁସେନା ପକ୍ଷରୁ ଏକ ଏସ୍‌ୟୁ-୨୫ ଯୁଦ୍ଧବିମାନ ଯୋଗେ ୟୁକ୍ରେନ୍ ଆକାଶରେ ରକେଟ୍ ଛଡ଼ାଯାଉଛି।

### ୟୁକ୍ରେନ୍‌ରେ ବଳାତ୍କାର ପାଇଁ ସୈନ୍ୟଙ୍କୁ ଭାଏଗ୍ରା

ୟୁକ୍ରେନ୍ ମହିଳାଙ୍କୁ ବଳାତ୍କାର କରିବା ପାଇଁ ରୁଷିଆ ନିଜ ସୈନ୍ୟଙ୍କୁ ଭାଏଗ୍ରା (ଯୌନ ଉତ୍ତେଜକ ଔଷଧ) ଦେଉଥିବା ସାମାଜିକ କାର୍ଯ୍ୟକର୍ତ୍ତା ତଥା ଜାତିସଂଘ ରାଷ୍ଟ୍ରଦୂତ ପ୍ରମିଳା ପାଟେନ୍ ଏକ ସାକ୍ଷାତକାରରେ କହିଛନ୍ତି। ବଳାତ୍କାର ଓ ଯୌନ ନିର୍ଯାତନା ଭଳି ଅମାନବୀୟ ବ୍ୟବହାର ରୁଷିଆର ଅନ୍ୟତମ ଯୁଦ୍ଧ ରଣନୀତି ବୋଲି ଯୌନ ହିଂସା ସମ୍ବନ୍ଧିତ ଜାତିସଂଘର ସ୍ୱତନ୍ତ୍ର ପ୍ରତିନିଧି ପାଟେନା ଅଭିଯୋଗ କରିଛନ୍ତି।

### ରୁଷିଆ ସେନା ଶିବିରରେ ଆକ୍ରମଣ
#### ୧୧ ନିହତ

ୟୁକ୍ରେନ୍‌ରେ ରୁଷିଆର ସ୍ୱତନ୍ତ୍ର ସାମରିକ ଅଭିଯାନକୁ ଆଉ ଏକ ଝଟକା ଲାଗିଛି। ୟୁକ୍ରେନ ସୀମା ନିକଟ ରୁଷିଆର ବେଲଗୋରୋଡ୍ ସେନା ତାଲିମ କେନ୍ଦ୍ରରେ ଶନିବାର ଦୁଇ ବନ୍ଧୁକଧାରୀ ଆକ୍ରମଣ କରିଛନ୍ତି। ଏଥିରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୫ ଜଣ ଆହତ ହୋଇଛନ୍ତି। ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହାକୁ ଆତଙ୍କବାଦୀ ଆକ୍ରମଣ ଅଭିହିତ କରାଯାଇଛି। ମସ୍କୋ ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ସମ୍ପୃକ୍ତ ୨ ବନ୍ଧୁକଧାରୀ ମଧ୍ୟ ନିହତ ହୋଇଛନ୍ତି।

ରିପୋର୍ଟ ଅନୁସାରେ, ସ୍ୱତନ୍ତ୍ର ସାମରିକ ଅଭିଯାନରେ ୟୁକ୍ରେନ୍ ବିରୋଧରେ ଲଢ଼ିବା ପାଇଁ ପୂର୍ବ ସୋଭିଏତ୍ ସଂଘର ୨ ସ୍ୱେଚ୍ଛାସେବୀ ରୁଷିଆ ସେନାରେ ସାମିଲ ହୋଇଥିଲେ। ତାଲିମ ଶିବିରରେ ସେମାନଙ୍କୁ ଆକ୍ରମଣ କୌଶଳ ଶିଖାଯାଉଥିଲା। ସେହି ସମୟରେ ଉଭୟେ ରୁଷିଆ ସେନା ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କ ଉପରକୁ ଗୁଳି ଚଳାଇଥିଲେ ବୋଲି ମସ୍କୋ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବିବୃତିରେ କୁହାଯାଇଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଜଣେ ପରାମର୍ଶଦାତା ଓଲେସ୍କି ଆରେଷ୍ଟୋଭିଚ୍ କହିଛନ୍ତି, ସମ୍ପୃକ୍ତ ଦୁଇ ବନ୍ଧୁକଧାରୀ ତାଜିକିସ୍ତାନର ନାଗରିକ। ଧର୍ମକୁ ନେଇ ଯୁକ୍ତିତର୍କ ହେବାରୁ ସେମାନେ ରୁଷିଆ ସେନା ଶିବିରରେ ଗୁଳି ଚଳାଇଥିଲେ।



ଉତ୍ତରପ୍ରଦେଶର ବାରାଣସୀ ରେଳଷ୍ଟେଶନରେ ପରୀକ୍ଷାର୍ଥୀଙ୍କ ଭିଡ଼।

### ଷ୍ଟେଶନରେ ଶୋଇଲେ ଲକ୍ଷାଧିକ ପରୀକ୍ଷାର୍ଥୀ

ଲକ୍ଷ୍ନୌ, ୧୬।୧୦ ଉତ୍ତରପ୍ରଦେଶର ସବ୍‌ଅର୍ଡିନେଟ୍ ସର୍ଭିସ୍ ସିଲେକ୍ସନ କମିଶନର ପ୍ରିଲିମିନାରୀ ଏଲିଜିବିଟି ଟେଷ୍ଟ (ପିଇଟି) ଦେବା ପାଇଁ ଶୁକ୍ରବାର ଓ ଶନିବାର ବିଭିନ୍ନ ବସ୍‌ଷ୍ଟାଣ୍ଡ ଏବଂ ରେଳଷ୍ଟେଶନରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ରବିବାର ଏହ ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପାଇଁ ଲକ୍ଷାଧିକ ପରୀକ୍ଷାର୍ଥୀ ବସ୍ ଓ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଟ୍ରେନ୍ ଓ ବସ୍ ପାଇବା ପାଇଁ ଦୁଇ ଦିନ ଆଗରୁ ଛାତ୍ରୀଛାତ୍ରମାନେ ଷ୍ଟେଶନ ଏବଂ ଷ୍ଟାଣ୍ଡରେ ଶୋଇଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଦୂରରେ ପରୀକ୍ଷାକେନ୍ଦ୍ର କରାଯାଇଥିବାରୁ ପରୀକ୍ଷାର୍ଥୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିବା ଅଭିଯୋଗ ହୋଇଛି। ତେବେ ଏପରି ଫଟୋ ଓ ଭିଡିଓ ମିଛ ଏବଂ ବିରୋଧୀ ଦଳଗୁଡ଼ିକ ତାହାର ପ୍ରସାର କରିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଅତିରିକ୍ତ ବସ୍ ଓ ଟ୍ରେନ୍ ବ୍ୟବସ୍ଥା କରାଯାଇଥିବା ବୋଲି ୟୁପି ସରକାର ସଫେଇ ଦେଇଛନ୍ତି।

### ବିଶିଷ୍ଟ ବ୍ୟକ୍ତିଙ୍କ ନାଁରେ ୨୯ ବିମାନବନ୍ଦର, ଟର୍ମିନାଲ

ନୂଆଦିଲ୍ଲୀ,୧୬।୧୦(ପି.ଟି.) ଦେଶର ମୋଟ ୨୪ ବିମାନବନ୍ଦର ଏବଂ ୫ ଟର୍ମିନାଲକୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ନାମରେ ନାମିତ କରାଯାଇଛି। ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ଆବେଦନ ବଳରେ ଏହି ସୂଚନା ମିଳିଛି। ଗତ ସେପ୍ଟେମ୍ବର ୨୮ ଶହୀଦ ଭଗତ ସିଂଙ୍କ ୧୧୫ତମ ଜନ୍ମବାର୍ଷିକୀରେ ଚଣ୍ଡିଗଡ଼ ଅନ୍ତର୍ଜାତୀୟ ବିମାନବନ୍ଦରକୁ ତାଙ୍କ ନାମରେ ନାମିତ କରାଯାଇଥିଲା। ୪ଟି ବିମାନବନ୍ଦରକୁ ପୂର୍ବତନ ପ୍ରଧାନମନ୍ତ୍ରୀମାନଙ୍କ ନାମରେ ନାମିତ କରାଯାଇଛି। ସେଗୁଡ଼ିକ ହେଲା ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର, ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର, ବାରାଣସୀର ଲାଲ୍‌ବାହାଦୁର ଶାସ୍ତ୍ରୀ ବିମାନ ବନ୍ଦର ଏବଂ ଲକ୍ଷ୍ନୌର ଚୌଧରୀ ଚରଣ ସିଂ ବିମାନବନ୍ଦର। ଭୁବନେଶ୍ୱର ବିମାନବନ୍ଦରକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରାଯାଇଛି। ସେହିପରି ଅନ୍ୟ କେତେକ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନାମରେ ବିମାନବନ୍ଦର ରହିଛି। ବିଶିଷ୍ଟ ବ୍ୟକ୍ତିଙ୍କ ନାମରେ ନାମିତ ଏୟାରପୋର୍ଟ ଟର୍ମିନାଲ ମଧ୍ୟରେ ରହିଛି ଚେନ୍ନାଇର ଆନ୍ନା ଅନ୍ତର୍ଜାତୀୟ ଟର୍ମିନାଲ ଏବଂ କାମରାଜ ଘରୋଇ ଟର୍ମିନାଲ, ହାଇଦ୍ରାବାଦରେ ଦୁଇଟି ଏନ୍.ଟି. ରାମାରାଓ ଟର୍ମିନାଲ। ଭାରତରେ ଏବେ ୨୯ଟି ଅନ୍ତର୍ଜାତୀୟ ଏବଂ ୯୨ଟି ଘରୋଇ ବିମାନବନ୍ଦର ରହିଛି। ଏହା ବ୍ୟତୀତ ୧୦ଟି କଷ୍ଟମ୍ସ ଏୟାରପୋର୍ଟ, ୮ ହେଲିପୋର୍ଟ ଏବଂ ୨ଟି ୱାଟରଡ୍ରୋମ୍ ରହିଛି।

### ୩ ଗାଡ଼ି ଧକ୍କା: ୯ ମୃତ

ହାସନ,୧୬।୧୦ କର୍ଣାଟକର ହାସନ ଜିଲାରେ ରବିବାର ଭୋର୍ ସମୟରେ ୩ଟି ଗାଡ଼ି ମଧ୍ୟରେ ଧକ୍କା ଲାଗି ଘଟଣାସ୍ଥଳରେ ୯ ଜଣଙ୍କ ଜୀବନ ଯିବା ସହ ଅନ୍ୟ ୧୨ ଜଣ ଆହତ ହୋଇଛନ୍ତି। ଜିଲାର ବନଭରା ଥାନା ଅନ୍ତର୍ଗତ ଚାଲୁଭନହାଲି ନିକଟରେ କର୍ଣାଟକ ରାଜ୍ୟ ପରିବହନ ନିଗମର ବସ୍, ଏକ ଟେମ୍ପୋ ଟ୍ରାଭେଲର ଏବଂ ଏକ କ୍ଷୀର ଟ୍ୟାଙ୍କର ପରସ୍ପରକୁ ଧକ୍କା ଦେଇଥିଲେ। ମୃତକମାନେ ଟେମ୍ପୋ ଟ୍ରାଭେଲରର ଯାତ୍ରୀ। ସେମାନେ ତୀର୍ଥଯାତ୍ରାରୁ ଫେରୁଥିବାବେଳେ ଟ୍ରାଭେଲରଟି ବେଙ୍ଗାଲୁରୁରୁ ଶିବମୋଗା ଯାଉଥିବା ବସ୍ ଏବଂ କେଏମ୍‌ଏଫ୍ ମିଲ୍କଭ୍ୟାନ୍‌କୁ ଧକ୍କା ଦେଇଥିଲା। ମିଲ୍କ ଭ୍ୟାନ୍ ଡ୍ରାଇଭର ଡାଇଭର୍ସନ ନିୟମ ଉଲ୍ଲଂଘନ କରି ଭୁଲ୍ ଦିଗରେ ଯାଉଥିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ମୃତକଙ୍କ ମଧ୍ୟରୁ ୪ ଜଣ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି।

## ଫୁର୍‌ସତ୍

### ଦୟା କଲେ ସୌନ୍ଦର୍ଯ୍ୟ ବଢ଼େ

ନୂଆଦିଲ୍ଲୀ

ଦୟାମନୋଭାବ ଦ୍ୱାରା ମଣିଷର ସୁନ୍ଦରତା ବୃଦ୍ଧି ପାଇଥାଏ। ନିକଟରେ ବୈଜ୍ଞାନିକଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ସୁନ୍ଦର ଦେଖାଯିବା ପାଇଁ ଅନେକ ଲୋକ ବିଭିନ୍ନ ପ୍ରକାର ପ୍ରଣାଳୀକୁ ଆପଣାଇଥାନ୍ତି। କେହି କେହି ଦାମୀ ମେକ୍‌ଅପ୍ ଲଗାନ୍ତି ତ ଆଉ କେତେଜଣ ବ୍ୟୁଟି ପାର୍ଲରରେ ହଜାର ହଜାର ଟଙ୍କା ଖର୍ଚ୍ଚ କରନ୍ତି। କେମିକାଲ ପ୍ରଡକ୍ଟ ବ୍ୟବହାର କରିବା ଦ୍ୱାରା ଚର୍ମ ଖରାପ



ହେବା ସହ ବହୁ ରୋଗ ହେବାର ଅଶଙ୍କା ରହିଛି। କିନ୍ତୁ ଯଦି ଜଣେ ବ୍ୟକ୍ତି ଅନ୍ୟମାନଙ୍କୁ ଦୟାପରବଶ ହୋଇ ନମ୍ର ବ୍ୟବହାର କରନ୍ତି ସେହି ବ୍ୟକ୍ତିଙ୍କ ସୁନ୍ଦରତା ସକାରାତ୍ମକ ଭାବେ ବୃଦ୍ଧି ପାଏ ଏବଂ ଏହି ସୌନ୍ଦର୍ଯ୍ୟତା ଚିର ସମୟ ପାଇଁ ରହିଥାଏ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ମନୋବିଜ୍ଞାନୀଙ୍କ ମତରେ ପ୍ରତ୍ୟେକଙ୍କ ପାଇଁ ମେଡିଟେଶନ୍ କରିବା ମଧ୍ୟ ଜରୁରୀ। କାରଣ ଏହାଦ୍ୱାରା ମନୁଷ୍ୟର ମସ୍ତିଷ୍କ ସ୍ଥିର ରହିଥାଏ। ସେହିପରି ନିୟମିତ ବ୍ୟାୟାମକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଅନ୍ୟ ପ୍ରତି ଦୟାଭାବ ପ୍ରଦର୍ଶନ କରିବା ସାଙ୍ଗକୁ ସବୁବେଳେ ଅନ୍ୟର ମଙ୍ଗଳ କାମନା କରିବା ଆବଶ୍ୟକ। ପ୍ରତ୍ୟେକ ଦିନ କିଛି ସମୟ ଧ୍ୟାନରେ ବସିବା ଅଭ୍ୟାସ ନିଜଠାରେ ପରୋପକାର ମନୋଭାବକୁ ଦୃଢ଼ କରିବାରେ ସାହାଯ୍ୟ କରେ। ନିୟମିତ ଧ୍ୟାନ କରିବା ଦ୍ୱାରା ଏହାର ସକାରାତ୍ମକ ପ୍ରଭାବ ମଣିଷର ଡିଏନ୍ଏ ଉପରେ ପଡ଼ିଥାଏ, ଯାହାଫଳରେ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ମନୁଷ୍ୟଠାରେ ରହିଥାଏ। ଦୟାମନୋଭାବ ଖାଲି ଯେ ମନୁଷ୍ୟର ସୁନ୍ଦରତା ବୃଦ୍ଧି କରିଥାଏ ତା' ନୁହେଁ, ଏହା ଦ୍ୱାରା ସବୁବେଳେ ମନ ପ୍ରଫୁଲ୍ଲ ରହିଥାଏ।

### 'ଉଁଚାଇ'ରେ ପରିଣୀତି

**ମୁମ୍ବାଇ:** ବଲିଉଡ୍ ଚଳଚ୍ଚିତ୍ର ଉଁଚାଇରେ ଅଭିନୟ କରିଛନ୍ତି ପରିଣୀତି ଚୋପ୍ରା। ନିକଟରେ ଫିଲ୍ମର ଫାଷ୍ଟଲୁକ୍ ରିଲିଜ୍ ହୋଇଥିବାବେଳେ ଏଥିରେ ନାୟିକାଙ୍କ ଛବି ଦେଖିବାକୁ ମିଳିଛି। ପୂର୍ବରୁ ଉଁଚାଇରେ ଅଭିନୟ କରିବା ନେଇ ପରିଣୀତି କୌଣସି ଖୁଲାସା କରି ନ ଥିଲେ। ଫିଲ୍ମରେ ଅର୍ଜ୍ଜୁନ୍ କପୁର ଓ ଅମିତାଭ ବଚ୍ଚ, ବମନ ଇରାନୀ, ଅନୁପମ ଖେର୍, ନୀନା ଗୁପ୍ତା ମଧ୍ୟ ଅଭିନୟ କରିଛନ୍ତି। । ସୁରଜ ଆର୍. ବରଜାତିୟା ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ଆସନ୍ତା ମାସ ଅର୍ଥାତ୍ ନଭେମ୍ବର ୧୧ ତାରିଖରେ ଚଳଚ୍ଚିତ୍ରଟି ମୁକ୍ତି ଲାଭ କରିବ। ମଙ୍ଗଳବାର ଫିଲ୍ମର ଟ୍ରେଲର୍ ରିଲିଜ୍ ହେବ। ୨୦୧୨ରେ ପରିଣୀତି 'ଇଶକ୍‌ଜାଦେ' ଜରିଆରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ନାୟକ ଅର୍ଜୁନ କପୁରଙ୍କର ମଧ୍ୟ ଏହା ବଲିଉଡ୍ ଡେବ୍ୟୁ ଥିଲା।



### ଭଲ ବ୍ୟବହାର ପ୍ରଦର୍ଶନ କଲେ ମିଳିବ ରିହାତି

ଲଣ୍ଡନ

ବ୍ରିଟେନ୍‌ର ପ୍ରେଷ୍ଟୋନ୍‌ରେ ଥିବା ଏକ ଚା-କଫି ଦୋକାନ ନିଜ ମେନୁରେ ନୂଆ ଜିନିଷ ସାମିଲ କରିଛନ୍ତି। ଚା କିମ୍ବା କଫି ପିଇବାକୁ ଆସୁଥିବା ଗ୍ରାହକ ଯଦି ଭଲ ବ୍ୟବହାର ପ୍ରଦର୍ଶନ କରିବେ ତେବେ ତାଙ୍କୁ ବିଲ୍‌ରୁ ଡିସ୍କାଉଣ୍ଟ ବା ରିହାତି ମିଳିବ। ଆଉ ଯଦି କେହି ଖରାପ ବ୍ୟବହାର ଦେଖାନ୍ତି ତେବେ ତାଙ୍କୁ ବିଲ୍ ବାବଦକୁ ଦ୍ୱିଗୁଣା ଟଙ୍କା ଦେବାକୁ ପଡ଼ିବ। ଉଦାହରଣ ସ୍ୱରୂପ 'ଚା' ଷ୍ଟପ୍'ରେ ଜଣେ ବ୍ୟକ୍ତିଙ୍କୁ ଦେଶୀ ଚା' ଅର୍ଡର କରିବାର ଅଛି। ଯଦି ବ୍ୟକ୍ତି ଜଣକ ଖାଲି ଦେଶୀ ଚା କହିବେ ତେବେ ତାଙ୍କୁ ଏହାର ଉପଯୁକ୍ତ ମୂଲ୍ୟ ୫ ପାଉଣ୍ଡ ଦେବାକୁ ପଡ଼ିବ। କିନ୍ତୁ ଯଦି ଜଣେ ବ୍ୟକ୍ତି ପ୍ଲିଜ୍ କହି ଦେଶୀ ଚା'ର ଅର୍ଡର ଦିଅନ୍ତି ତେବେ ସେହି ବ୍ୟକ୍ତିଙ୍କୁ ଏହା ବାବଦକୁ ୩ ପାଉଣ୍ଡ ପୈଠ




କରିବାକୁ ପଡ଼ିବ। ୨୯ ବର୍ଷୀୟ ଉସ୍‌ମାନ ହୁଶେନ୍ ନିଆରା ପ୍ରଥାକୁ ନେଇ ଏହି କାଫେ ତିଆରି କରିଛନ୍ତି। ଅଧିକାଂଶ ଲୋକ ନିଜ ବ୍ୟକ୍ତିଗତ କାରଣ ପାଇଁ ଅବସାଦରେ ଥିବାବେଳେ ଅନ୍ୟମାନଙ୍କୁ ଖରାପ ବ୍ୟବହାର କରିଥାନ୍ତି। ଏ ପ୍ରକାର ବ୍ୟବହାରକୁ ରୋକିବା ଲାଗି ଏହା ଏକ ଛୋଟ ପ୍ରୟାସ ବୋଲି ହୁଶେନ୍ କହିଛନ୍ତି।

### ବିକାଶରେ ବାଧକ ଦାରିଦ୍ର୍ୟ
#### ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ

**ପୃ**ଥିବୀର ପ୍ରତି ଦେଶର ବିକାଶ ପଥରେ ଦାରିଦ୍ର୍ୟ ବାଧକ ସାଜିଥାଏ। ଏହାକୁ ଦୂର କଲେ ବିକାଶର ଧାରା ସଫଳ ହୋଇପାରିଥାଏ। ତେଣୁ ଦାରିଦ୍ର୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ଏହାର ଉପଯୁକ୍ତ ସମାଧାନ ପାଇଁ ପ୍ରତିବର୍ଷ ଅକ୍ଟୋବର ୧୭ରେ ଅନ୍ତର୍ଜାତୀୟ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରାଯାଇଥାଏ। ୧୯୮୭ ମସିହାରେ ଫ୍ରାନ୍ସର ପ୍ୟାରିସରେ ପ୍ରଥମ ଦାରିଦ୍ର୍ୟକୁ ଦୂର କରିବା ପାଇଁ ଏକ ଲକ୍ଷ ଲୋକ ଟ୍ରୋକାଡେରୋରେ ଦାରିଦ୍ର୍ୟ, କ୍ଷୁଧା, ହିଂସା ଏବଂ ଭୟର ଶିକାର ହୋଇଥିବା ଲୋକଙ୍କୁ ସମ୍ମାନିତ କରିବା ପାଇଁ ଏକତ୍ରିତ ହୋଇଥିଲେ ଏବଂ ଫ୍ରାନ୍ସର ମାନବିକ କାର୍ଯ୍ୟକର୍ତ୍ତା ଜୋସେଫ ୱ୍ରେସିନସ୍କିଙ୍କ ସ୍ମୃତି ସ୍ତମ୍ଭର ଲୋକାର୍ପଣ କରିଥିଲେ। ୧୯୮୮ରେ ୱ୍ରେସିନସ୍କିଙ୍କ ଦେହାନ୍ତ ହେବା ପରେ ଏହାର ଚାରି ବର୍ଷ ପରେ ମିଳିତ ଜାତିସଂଘ ସାଧାରଣ ସଭା ୨୨ ଡିସେମ୍ବର ୧୯୯୨ରେ ଆନୁଷ୍ଠାନିକ ଭାବରେ ଅକ୍ଟୋବର ୧୭ କୁ ଦାରିଦ୍ର୍ୟ ଦୂରୀକରଣ ଦିବସ ଭାବେ ପାଳନ ପାଇଁ ମନୋନୀତ କରିଥିଲା। ଦାରିଦ୍ର୍ୟ ଦୂରୀକରଣ ପାଇଁ ଏହି ଅନ୍ତର୍ଜାତୀୟ ଦିବସକୁ ପ୍ରୋତ୍ସାହିତ କରିବା ପାଇଁ ଅକ୍ଟୋବର ୧୭ ପାଇଁ ଏକ ଅନ୍ତର୍ଜାତୀୟ କମିଟି ୨୦୦୮ରେ ଆରମ୍ଭ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

## ନାବାଳିକାଙ୍କୁ ଯୌନ ନିର୍ଯାତନା, ଅଭିଯୁକ୍ତ ଗିରଫ

**ପୁରୀ ଅଫିସ:** ଜଣେ ନାବାଳିକାଙ୍କୁ ବାରମ୍ବାର ଯୌନ ନିର୍ଯାତନା ଦେବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସିଟି ରୋଡ ଅଲସୁଆ ମଠ ଅଞ୍ଚଳର ବାବୁନି ଓରଫ ବୀରଭଦ୍ର ବେହେରା। ଏନେଇ ପୋଲିସ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୨୩୫/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଥିଲା। ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ମୁହଁ ଖୋଲିଲେ ବ୍ୟବସାୟୀ, ଫସାଉଥିଲେ ଅର୍ଚ୍ଚନା

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ଅଭିନେତା, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ବ୍ଲାକ୍‌ମେଲିଂ କରି ଟଙ୍କା ଲୁଟୁଥିବା ରହସ୍ୟମୟୀ ମହିଳା ଅର୍ଚ୍ଚନା ନାଗ ଏବେ ଜେଲରେ ଅଛନ୍ତି। ତାଙ୍କୁ ନେଇ ଏବେ ବି ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ଏପରିସ୍ଥିତିରେ ଅର୍ଚ୍ଚନାଙ୍କ ବିରୋଧରେ ବରମୁଣ୍ଡାରେ ରହୁଥିବା ଶଶାଙ୍କ ଶେଖର ସାହୁ ନାମକ ଜଣେ ବ୍ୟବସାୟୀ ଗଣମାଧ୍ୟମ ଜରିଆରେ ରବିବାର ମୁହଁ ଖୋଲିଛନ୍ତି। ସେ କହିଛନ୍ତି, କିଛିମାସ ତଳେ ରାଜ୍ୟର ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚାମ୍ବରକୁ ସେ ଯାଇଥିବା ବେଳେ ସେଠାରେ ଅର୍ଚ୍ଚନା ଥିଲେ। ସେଠାରେ ଅର୍ଚ୍ଚନାଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଅର୍ଚ୍ଚନା ତାଙ୍କୁ ଠିକଣା ଏବଂ ନାମ ପଚାରିଥିଲେ। ପରେ ଅର୍ଚ୍ଚନା ତାଙ୍କୁ ଫେସ୍‌ବୁକରେ ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଇଥିଲେ। ସେ ଏହି ନିବେଦନକୁ ସ୍ୱୀକାର କରିବା ପରେ ଅର୍ଚ୍ଚନା ତାଙ୍କୁ ଫସାଇବାକୁ ଚେଷ୍ଟା କରିଥିଲେ। ମେସେଞ୍ଜରରେ ଚାଟିଂ କରିବା ପରେ ମୋବାଇଲ ନମ୍ବର ନେଇଥିଲେ। ତେବେ ତାଙ୍କୁ ଫୋନ୍ କରି ପୁଅ ଦେହ ଅସୁସ୍ଥ ଥିବା



କହି ଫେବୃୟାରୀ ୯ରେ ୨୫ ହଜାର ଟଙ୍କା ମାଗିଥିଲେ। ସେ ଟଙ୍କା ଦେଇ ନ ଥିଲେ। ପରେ ହ୍ୱାଟ୍ସଆପ୍‌ରେ ଅର୍ଚ୍ଚନାଙ୍କୁ ସେ ବ୍ଲକ୍ କରିଦେଇଥିଲେ। ଏହାର କିଛିଦିନ ପରେ ସେ ମେସେଞ୍ଜରରେ ପୁଣି କଲ୍ କରିଥିଲେ। ଫୋନ୍ ଉଠାଇବା ପରେ ଅର୍ଚ୍ଚନା ପୁଣି ତାଙ୍କୁ ବୁଝାଇ ଗାଡ଼ି କିସ୍ତି ଦେବା ପାଇଁ ୧୫ ହଜାର ଟଙ୍କା ମାଗିଥିଲେ। ଏହାପରେ ତାଙ୍କୁ ଘରକୁ ଡାକିଥିଲେ। ହେଲେ ସେ ଅର୍ଚ୍ଚନାଙ୍କ ଘରକୁ ଯାଇ ନ ଥିଲେ। ତେବେ ଏନେଇ ପୋଲିସ ପଚାରିଲେ ସହଯୋଗ କରିବେ ବୋଲି ଶଶାଙ୍କ କହିଛନ୍ତି।

## ବଡ଼ବଡ଼ିଆଙ୍କ ମୁଖା ଖୋଲିଦେବା ଭୟ

ରହସ୍ୟମୟୀ ଅର୍ଚ୍ଚନା ଗିରଫ ମାମଲାରେ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ଥିବାରୁ ତଦନ୍ତ ବାଟବଣା ହେବାରେ ଲାଗିଛି। ଭୟ ଓ ଚାପରେ ଥିବା କମିଶନରେଟ ପୋଲିସ କିଛି ପଦକ୍ଷେପ ନେବା ପୂର୍ବରୁ ବାରମ୍ବାର ଚିନ୍ତା କରୁଛି। ଅର୍ଚ୍ଚନାଙ୍କ ମାୟାଜାଲରେ କେଉଁ ବଡ଼ ବଡ଼ ନେତା, ଅଫିସର, ବିଲ୍ଡର, ଚଳଚ୍ଚିତ୍ର ପ୍ରଯୋଜକ ଫସିଛନ୍ତି, କାହା ବଳରେ ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏତେ କମ୍ ସମୟ ଭିତରେ ବିଶାଳ କଳା ସାମ୍ରାଜ୍ୟ ଛିଡ଼ା କରିଥିଲେ, ତାହା ବି ହାଟରେ ପଡ଼ି ଦାଣ୍ଡରେ ଗଡ଼ୁଛି। ତଥାପି ତଦନ୍ତକୁ ଆଗକୁ ନେବାକୁ କମିଶନରେଟ ପୋଲିସର ବଳ ପାଉନି। ପ୍ରଥମେ ଚୁପ୍‌ଚାପ ଗିରଫ କଲା, ଗଣମାଧ୍ୟମ ଘଟଣାକୁ ପଦାକୁ ଆଣିବା ପରେ ବି ସତ ଉକାଳିବାକୁ ବାରମ୍ବାର ଛେପ ଢ଼ୋକିଥିଲା କମିଶନରେଟ ପୋଲିସ। ଛୋଟ ଘଟଣା ଉପରେ ନଜର ରଖିବାକୁ ସମୟ କାହିଁ କହି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏଡ଼ାଇ ଯାଇଥିବାବେଳେ ଡିସିପି, ଏସିପି, ଥାନା ଅଧିକାରୀମାନେ ମୁହଁ ଖୋଲି ନ ଥିଲେ। ଏପିରି କି କିଛି ଦିନ ପର୍ଯ୍ୟନ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ଫୋନ୍‌କୁ ମଧ୍ୟ ଉଠାଇ ନ ଥିଲେ। ଖାକି ଉପରୁ ଦାଗ ହଟାଇବାକୁ ଡିସିପି ପ୍ରତୀକ ସିଂ ବିଳମ୍ବରେ ମୁହଁ ଖୋଲିଥିଲେ ମଧ୍ୟ ପୂର୍ବରୁ ଗଣମାଧ୍ୟମ ପଦାକୁ ଆଣିଥିବା ମାମଲା ସଂକ୍ରାନ୍ତ କିଛି ତଥ୍ୟ ଦେଇଥିଲେ ମଧ୍ୟ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ପ୍ରସଙ୍ଗରେ ଏଯାଏ କିଛି ବି ମୁହଁ ଖୋଲିନାହାଁନ୍ତି। ଏପରିସ୍ଥିତିରେ ଜାମିନ ଆବେଦନବେଳେ ଅର୍ଚ୍ଚନା ଭିଡିଓ କନ୍‌ଫରେନ୍ସରେ କୋର୍ଟରେ ହାଜର ହେବା ଓ ଏବେ ଅର୍ଚ୍ଚନାଙ୍କୁ ଜେଲ୍‌ରେ ଜେରା କମିଶନରେଟ ପୋଲିସର ଯୋଜନା କେବଳ ନେତା, ଅଫିସରଙ୍କ କଳାମୁଖାରେ ଧଳା ବୋଳିବାକୁ ପ୍ରୟାସ ବୋଲି କୁହାଯାଉଛି। ବଡ଼ ବଡ଼ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଯେତେବେଳେ ରିମାଣ୍ଡରେ ଅଣାଯାଇପାରୁଛି, ଅର୍ଚ୍ଚନାଙ୍କୁ କାହିଁକି ଥାନାକୁ ଆଣି ଜେରା କରିବାକୁ ସୁରକ୍ଷା ଆଳ କରାଯାଉଛି, ତାହା କମିଶନରେଟ ପୋଲିସର ପ୍ରକୃତ କାର୍ଯ୍ୟଧାରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## ସଂକ୍ଷେପରେ

### 'ମୋ ଅଭିଯୋଗ ସଂଚାଳନ ବ୍ୟବସ୍ଥା' ଆପ୍ ଲୋକାର୍ପିତ

### ଘରେ ବସି ଅଭିଯୋଗ ଜଣାଇବେ ଆଇଆର୍‌ସି ଭିଲେଜ୍ ବାସିନ୍ଦା

ଭୁବନେଶ୍ୱର, ୧୫।୧୦ (ବ୍ୟୁରୋ) - ୱାର୍ଡ ନଂ. ୨୫ର କର୍ପୋରେଟର ମାନସୀ ସୁନ୍ଦରାୟ ନିଜସ୍ୱ ପ୍ରଚେଷ୍ଟାରେ ସ୍ୱତନ୍ତ୍ର ଆପ୍ 'ମୋ ଅଭିଯୋଗ ସଂଚାଳନ ବ୍ୟବସ୍ଥା' ଆରମ୍ଭ କରାଯାଇଛି। ଶନିବାର ମେୟର ସୁଲୋଚନା ଦାସ ଏହାକୁ ଉଦ୍‌ଘାଟନ କରିଛନ୍ତି। ସ୍ୱଚ୍ଛତା ହେଉ ଅବା ସ୍ୱେରେଜ, ରାସ୍ତା ଆଲୋକ ହେଉ ଅବା ଡ୍ରେନେଜ ସମସ୍ୟା ଏ ସବୁର ସମାଧାନ ପାଇଁ ଆଇଆର୍‌ସି ଭିଲେଜ ବାସିନ୍ଦାମାନେ ଏହି ଆପ୍ ମାଧ୍ୟମରେ ଅଭିଯୋଗ ଜଣାଇପାରିବେ। ଏଥିପାଇଁ ଆଇଆର୍‌ସିଭିଲେଜ୍‌ସ୍ଥିତ ୧୩୨୪ଟି ଘର ବାହାରେ କ୍ୟୁ ଆର୍ କୋଡ୍ ଲଗାଯାଇଛି। ଲୋକେ ଉକ୍ତ କ୍ୟୁ ଆର୍ କୋଡ୍‌କୁ ସ୍କାନ୍ କରି ଅଭିଯୋଗ ଜଣାଇବେ। ଏହାପରେ ତୁରନ୍ତ ଅଭିଯୋଗ ଉପରେ ପଦକ୍ଷେପ ନିଆଯିବ। ରିଜଲ୍ଟ ସିଭିକ୍ ନାମକ ଏକ ସଫ୍ଟୱେର ପ୍ଲାଟ୍‌ଫର୍ମରେ ଏହି ଆପ୍ କାର୍ଯ୍ୟ କରୁଛି। ୫ ମାସ ହେବ ଏହି ସୁବିଧା ସ୍ଥାନୀୟ ଅଞ୍ଚଳରେ ପରୀକ୍ଷାମୂଳକ ଭାବେ ଚାଲୁଥିଲାବେଳେ ଲୋକାଦୃତ ହୋଇପାରିଛି।
ଆପ୍‌କୁ ଉଦ୍‌ଘାଟନ କରି ମେୟର କହିଲେ, ଏହି ବ୍ୟବସ୍ଥା ଦ୍ୱାରା ଲୋକମାନେ ସମ୍ପୃକ୍ତ ୱାର୍ଡରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇ ପାରିବେ। ବିଏମ୍‌ସି ପକ୍ଷରୁ ରାଜଧାନୀରେ ଅଭିଯୋଗ ପାଇଁ ଏଭଳି କ୍ୟୁ ଆର୍ କୋଡ୍ ବ୍ୟବସ୍ଥା ଆରମ୍ଭ ହୋଇଥିଲେ ବି କୌଣସି କର୍ପୋରେଟରଙ୍କ ଦ୍ୱାରା ଏହି ପଦକ୍ଷେପ ନିଆଯାଇ ନ ଥିଲା। ଏହି ବ୍ୟବସ୍ଥା ସଫଳ ହେଲେ ଏହା ଅନ୍ୟ ୱାର୍ଡ ଏବଂ କର୍ପୋରେଟରଙ୍କ ପାଇଁ ଉଦାହରଣ ପାଲଟିବ। ତେବେ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢ଼ି ତୋଳିବା କେବଳ କର୍ପୋରେଟର ବା ବିଏମ୍‌ସିର ଦାୟିତ୍ୱ ନୁହେଁ। ଏହା ସମସ୍ତ ଜନସାଧାରଣଙ୍କ ଦାୟିତ୍ୱ ବୋଲି ମେୟର କହିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ସୁଶାନ୍ତ କୁମାର ରାଉତ, ନୟାପଲ୍ଲୀ କମ୍ୟୁନିଟି କେୟାର ଆସୋସିଏଶନ୍ ସଭାପତି ଶରତ ଚନ୍ଦ୍ର ଭଦ୍ର, ସମ୍ପାଦକ ସଞ୍ଜୀବ ପତି, ସ୍ଥାନୀୟ ବାସିନ୍ଦା ଦେବାଶିଷ ପଟ୍ଟନାୟକ, ଅପରାଜିତା ରାୟ, କର୍ପୋରେଟର ମାନସୀ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୁଣା ଭୁବନେଶ୍ୱର: ଆନି ହାଉସ ଛକଠାରେ ଗଣେଶ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ରବିବାର ଗଜଲକ୍ଷ୍ମୀ ଭସାଣି ଉତ୍ସବ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଅନ୍ୟମାନେ।

## ସନ୍‌ସାଇନରେ ଅତ୍ୟାଧୁନିକ ସ୍ପାଇନ ସର୍ଜରି ସୁବିଧା



### 'ଏଣ୍ଡୋ-ସ୍ପାଇନ୍' ଓ 'ଲେଜର୍ ସ୍ପାଇନ୍ ସର୍ଜରି' ଉପଲବ୍ଧ

ଭୁବନେଶ୍ୱର,୧୬।୧୦ (ବ୍ୟୁରୋ)

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ସନସାଇନ୍ ହସ୍ପିଟାଲ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଆଧୁନିକ ଯନ୍ତ୍ରପାତି 'ଏଣ୍ଡୋ-ସ୍ପାଇନ୍' ଓ 'ଲେଜର୍ ସ୍ପାଇନ୍ ସର୍ଜରି' ଜରିଆରେ ଅଣ୍ଟା ଯନ୍ତ୍ରଣାର ସଫଳ ଅସ୍ତ୍ରୋପଚାର କରାଯାଉଛି। ଏପରିକି ନିକଟରେ ହସ୍ପିଟାଲ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସ୍ନାୟୁ ଓ ମେରୁଦଣ୍ଡ ବିଭାଗର ବରିଷ୍ଠ ଚିକିତ୍ସକ ଡା. ପ୍ରଫୁଲ୍ଲ କୁମାର ସାହୁ, ଡା. ଆତ୍ମା ରଞ୍ଜନ ଦାସ ମିଳିତ ଭାବେ ଉକ୍ତ ଚିକିତ୍ସା, ସେବା ଓ ସୁବିଧା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ବିଶେଷ କରି ଆଧୁନିକ ପଦ୍ଧତିରେ ସନସାଇନ ହସ୍ପିଟାଲ ପକ୍ଷରୁ ରୋଗୀଙ୍କ ଅସ୍ତ୍ରୋପଚାର ସରଳ ଓ ସୁଲଭ ମୂଲ୍ୟରେ କରାଯାଉଛି। ଏପରିକି ସନସାଇନ୍ ହସ୍ପିଟାଲରେ ଜଟିଳ ଅଣ୍ଟା ଯନ୍ତ୍ରଣାର ସରଳ ଚିକିତ୍ସା ମଧ୍ୟ କରାଯାଇପାରୁଛି। ସେହିଭଳି ଅଣ୍ଟା ବା ମେରୁଦଣ୍ଡ ପାଖରେ ୨ଟି ଛୋଟ ରନ୍ଧ୍ର ବା କଣା କରି ବାୟୋପୋର୍ଟାଲ ତଥା ଏଣ୍ଡୋସ୍ପାଇନ୍ ଉନ୍ନତ ଅସ୍ତ୍ରୋପଚାର କରାଯାଉଛି। ଅସ୍ତ୍ରୋପଚାର ପରେ ରୋଗୀକୁ ପିଠି ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ମୁକ୍ତି ମିଳିଥାଏ। ଅସ୍ତ୍ରୋପଚାର ସମୟରେ କିମ୍ବା ପରେ ରୋଗୀକୁ ବିଶେଷ କଷ୍ଟ ମଧ୍ୟ ଅନୁଭବ ହୋଇନଥାଏ। ସେହିପରି ଅସ୍ତ୍ରୋପଚାରର ୨ ଦିନ ପରେ ରୋଗୀ ନିଜେ ନିଜେ ସଳଖି ଚାଲିବା ସାଙ୍ଗକୁ ନିଜ କାମ ମଧ୍ୟ ନିଜେ କରିବାରେ ସକ୍ଷମ ହୋଇଥାଏ। ଏହି ବିରଳ ଅସ୍ତ୍ରୋପଚାର ପାଇଁ ସନସାଇନ୍ ହସ୍ପିଟାଲ ସାରା ରାଜ୍ୟରେ ତଥା ପୂର୍ବ ଭାରତରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି ବୋଲି ସିଇଓ ଭିନିତ କୁମାର ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଅସ୍ତ୍ରୋପଚାର ପାଇଁ ହସ୍ପିଟାଲ ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ମଧ୍ୟ ଚୟନ କରାଯାଇଛି। ସେହିଭଳି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସାଙ୍ଗକୁ ସ୍ୱାସ୍ଥ୍ୟବୀମା କାର୍ଡ ଜରିଆରେ ମଧ୍ୟ ଉପଯୁକ୍ତ ଚିକିତ୍ସା ସବୁ ବର୍ଗର ଲୋକଙ୍କୁ ପ୍ରଦାନ କରାଯାଉଛି ବୋଲି ହସ୍ପିଟାଲର ଡିଏମ୍ଏସ୍ ଡା. ପି.ଆର. ସ୍ୱାଇଁ କହିଛନ୍ତି।

## ବରିଷ୍ଠ ନାଗରିକଙ୍କ ସୁରକ୍ଷା ସମାଜର ଦାୟିତ୍ୱ

ପୁରୁଣା ଭୁବନେଶ୍ୱର,୧୬।୧୦(ଡି.ଏନ୍.ଏ.)

ବରିଷ୍ଠ ନାଗରିକଙ୍କ ସୁରକ୍ଷା ସମାଜର ଦାୟିତ୍ୱ। ତେଣୁ ବୃଦ୍ଧାବସ୍ଥାରେ ନିଃସଙ୍ଗତା ଦୂର ପାଇଁ ପରିବାର ପରିଜନଙ୍କ ସହ ସମାଜର କର୍ତ୍ତବ୍ୟ ଅଛି ବୋଲି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ରବିବାର ସ୍ଥାନୀୟ ମହତାବ ରୋଡ୍‌ସ୍ଥିତ ଆନି ହାଉସ୍ ଛକଠାରେ ଗଣେଶ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ଭସାଣି ଉତ୍ସବ ଅବସରରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ପଣ୍ଡା ଯୋଗଦେଇ ଏହା କହିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ, କୃତୀ କ୍ରୀଡ଼ାବିତ୍ ଓ ସମାଜକୁ ଅବଦାନ ଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଜପା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ, କର୍ପୋରେଟର ଚନ୍ଦ୍ରଶେଖର ମଳିଆ, ଶିବ ନାରାୟଣ ରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସମ୍ପାଦକ ଲିଙ୍ଗରାଜ ପୃଷ୍ଟି, ସହସମ୍ପାଦକ ବାସୁଦେବ ମିଶ୍ର, ସୁଭାସିନୀ ପୃଷ୍ଟି, ସୁକାନ୍ତ ମଳିଆ, ଦେବଦତ୍ତ ମହାନ୍ତି, ବେଣୁଧର ମହାପାତ୍ର, ପ୍ରଦୀପ ପୃଷ୍ଟି, ଅନିଲ ଗଡ଼ନାୟକ, ଯୋଗେନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୟା ନଦୀବନ୍ଧ ରାସ୍ତାର ଉନ୍ନତୀକରଣ କରାଯାଉ

ପୁରୁଣା ଭୁବନେଶ୍ୱର, ୧୬।୧୦(ଡି.ଏନ୍.ଏ.)

### ଭାଜପାର ବାଇକ୍ ଶୋଭାଯାତ୍ରା

ଭୁବନେଶ୍ୱର ବ୍ଲକ ଅଧୀନ ଲିଙ୍ଗିପୁର ଠାରୁ କଲ୍ୟାଣପୁର ଶାସନ ପର୍ଯ୍ୟନ୍ତ ଦୟା ନଦୀ ବନ୍ଧ ରାସ୍ତାର ଉନ୍ନତୀକରଣ ଦାବିରେ ରବିବାର ଭାଜପା ପକ୍ଷରୁ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ବିଭିନ୍ନ ନାରାବାଜି ଦେବା ସହ କାର୍ଯ୍ୟ ପାଇଁ ଅନୁମୋଦିତ ୨୫ କୋଟି ଟଙ୍କା କୁଆଡ଼େ ଗଲା ବୋଲି କହିଥିଲେ। ତୁରନ୍ତ ଏହି ରାସ୍ତାର ଉନ୍ନତୀକରଣ କରା ନ ଗଲେ ଆଗାମୀ ଦିନରେ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦେଇଥିଲେ। ଗ୍ରାମୀଣ ମଣ୍ଡଳ ସଭାପତି ଅରୁଣ ପୁରୋହିତ, ଭୁବନେଶ୍ୱର ଯୁବମୋର୍ଚ୍ଚା ସଭାପତି ସ୍ୱୟଂସେବକ ରାୟ, ବିଭୂତି ଭୂଷଣ ପ୍ରଧାନ, ପଞ୍ଚାନନ ସ୍ୱାଇଁ, ଭଗବାନ ଦାଶ, ରାଜେନ୍ଦ୍ର ଖଟୁଆ, ଟିକିନା ମଲିକ, ସରୋଜିନୀ ପରିଡ଼ା, ସୁଶୀଲ ଛୁଆଳସିଂ, ମନୋଜ ପଶ୍ଚିମକବାଟ, ନିରଞ୍ଜନ କାଣ୍ଡି, କୃତିମୟୀ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ।



ଭାଜପା ପକ୍ଷରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

## କଲାମଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ) - ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଜୟନ୍ତୀ ତଥା ବିଶ୍ୱ ଛାତ୍ର ଦିବସ ପାଳନ ଅବସରରେ ଜ୍ଞାନ ଦୀପ ଫାଉଣ୍ଡେଶନ ପକ୍ଷରୁ ଦୁଇ ଦିନିଆ ବିଜ୍ଞାନ ମେଳାର ଆୟୋଜନ କରାଯାଇଛି। ବିଜ୍ଞାନ ମେଳା ଉଦଘାଟନୀ ଉତ୍ସବରେ ମୋ କଲେଜ ଅଭିଯାନ ଅଧକ୍ଷ ଆକାଶ ଦାଶନାୟକ, ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ, ୟଙ୍ଗ୍ ଥିଙ୍କର ଏକାଡେମୀ ସିଇଓ ଅନିଲ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆକାଶ ଦାଶନାୟକ ଛାତ୍ରୀଛାତ୍ରଙ୍କ ଲକ୍ଷ୍ୟ କିପରି ହେବା ଆବଶ୍ୟକ ଓ ଲକ୍ଷ୍ୟକୁ ପ୍ରାପ୍ତ କରିବା ପାଇଁ କିଛି କୌଶଳ କହିଥିଲେ। ସଂଗ୍ରାମ କେଶରୀ ପାଇକରାୟ ସଭା ପରିଚାଳନା ସହିତ ଛାତ୍ରୀଛାତ୍ରଙ୍କୁ ଅବଦୁଲ କଲାମଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନିଲ ପ୍ରଧାନ, ପ୍ରେମାନନ୍ଦ ଜେନା, ସସ୍ମିତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ମାଟ୍ରିକ ଟପ୍ପର ଶିବରାମଙ୍କୁ ୧ ଲକ୍ଷର ପୁରସ୍କାର

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ଚଳିତ ବର୍ଷ (୨୦୨୧-୨୨) ର ମାଟ୍ରିକ ଟପ୍ପର ଶିବରାମ ପାତ୍ରଙ୍କୁ ୨୦୨୨ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଶିକ୍ଷା ସ୍ୱାଭିମାନ ଓ ତ୍ୟାଗ ମେଧାବୃତ୍ତି ସମ୍ମାନ ସତ୍ୟ ସୂତାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ରବିବାର ଏକ ସ୍ୱତନ୍ତ୍ର ଉତ୍ସବରେ ଶିବରାମଙ୍କୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର ଦେଇ ଟପ୍ପର ସମ୍ବର୍ଦ୍ଧନା କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନମ୍ରତା ଚଢ଼ଢ଼ା କହିଥିଲେ ସମାଜ ଗଠନରେ ଶିକ୍ଷାକୁ ଆଗେଇ ନେବାର ଆବଶ୍ୟକ ରହିଛି। ସେହିଭଳି ସତ୍ୟ ସୂତାରଙ୍କ କାର୍ଯ୍ୟକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ରବି ଦାସ କହିଥିଲେ ଶିକ୍ଷା ହିଁ ସମାଧାନ, ସେ ସମ୍ପର୍କରେ ଦାସ ବିସ୍ତୃତ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ସିନେଷ୍ଟାର ଅଶ୍ରୁମୋଚନ ମହାନ୍ତି କହିଥିଲେ ଶିକ୍ଷା ସମାଜ ଗଠନର ଏକ ମହତ୍ୱ ପୂର୍ଣ୍ଣ ଭୂମିକା ତୁଲାଇଥାଏ। ସତ୍ୟସୂତାରଙ୍କ ଏଭଳି ପଦକ୍ଷେପକୁ ଆଗାମୀ ଦିନରେ ଛାତ୍ରୀଛାତ୍ରମାନଙ୍କୁ ଅନେକ ପ୍ରେରଣା ଦେବ। ଉକ୍ତ ଉତ୍ସବରେ ଡ଼ଃ ତ୍ରିଲୋଚନ ନାୟକ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ ।




ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଶିକ୍ଷା ସ୍ୱାଭିମାନ ଓ ତ୍ୟାଗ ମେଧାବୃତ୍ତି-୨୦୨୨ ପ୍ରଦାନ ଅବସରରେ ଉପସ୍ଥିତ ଅତିଥି ଓ ବୃତ୍ତିଧାରୀ ଶିବାରମ ।

## 5 ଫୁଟର ନାଗ ଉଦ୍ଧାର

ବାରଙ୍ଗ,୧୬।୧୦(ଡି.ଏନ୍.ଏ.)

ମେଣ୍ଢାଶାଳ ପଞ୍ଚାୟତ ଅଧୀନ ଗିରିଙ୍ଗାପୁଟ ଗାଁ ଅନ୍ତରା ଦେଉରିଙ୍କ ଘରୁ ରବିବାର ରାତିରେ ଏକ ୫ ଫୁଟ ଲମ୍ବର ନାଗସାପ ଉଦ୍ଧାର ହୋଇଛି। ସାପଟି ରୋଷେଇଘରେ ଥିବା ପରିବାର ସଦସ୍ୟ ଜାଣିବା ପରେ ସାପଧରାଳିଙ୍କୁ ଜଣାଇଥିଲେ। ମେଣ୍ଢାଶାଳ ଗ୍ରାମର ସାପଧରାଳି ସଂଯୁକ୍ତ ପାତ୍ର ପହଞ୍ଚି ସାପକୁ ଧରିବା ସହ ଚନ୍ଦକା ଜଙ୍ଗଲରେ ଛାଡ଼ିଥିବା କହିଛନ୍ତି।

## କିଟ୍ ଟିବିଆଇକୁ ନ୍ୟାଶନାଲ ଇଣ୍ଟେଲେକ୍‌ଚୁଆଲ ପ୍ରପର୍ଟି ପୁରସ୍କାର



ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)

କିଟ୍ ଟିବିଆଇକୁ ୨୦୨୧ ଓ ୨୦୨୨ ଲଗାତାର ଦୁଇବର୍ଷ ପାଇଁ ନ୍ୟାଶନାଲ୍ ଇଣ୍ଟେଲେକ୍‌ଚୁଆଲ୍ ପ୍ରପର୍ଟି ପୁରସ୍କାର ମିଳିଛି। ପେଟେଣ୍ଟ, ଡିଜାଇନ୍ ଓ ଟ୍ରେଡ୍‌ମାର୍କ (ସିଜିପିଡିଟିଏମ୍) କଣ୍ଟ୍ରୋଲ୍ ଜେନେରାଲ୍ କାର୍ଯ୍ୟାଳୟ ଦ୍ୱାରା ଆରମ୍ଭ କରାଯାଇଥିବା 'ବେଷ୍ଟ ଇନ୍‌କ୍ୟୁବେଟର୍ ଫର୍ ନର୍ଚରିଂ ଦି ଆଇପି' ବର୍ଗରେ କିଟ୍ ଟିବିଆଇକୁ ଏହି ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର ଡ. ଆମ୍ବେଡକର ଇଣ୍ଟରନ୍ୟାଶନାଲ୍ ସେଣ୍ଟରଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋୟଲ, ଡିପିଆଇଆଇଟି ସଚିବ ଅନୁରାଗ ଜୈନ୍, ଡିପିଆଇଆଇଟି ଆଇପିଆର ଯୁଗ୍ମ ସଚିବ ଶ୍ରୁତି ସିଂହ ଏବଂ ସିଜିପିଡିଟିଏମ୍‌ର ପ୍ରଫେସର ଉନ୍ନତ ପି ପଣ୍ଡିତଙ୍କ ଉପସ୍ଥିତିରେ କିଟ୍ ଟିବିଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୃତ୍ୟୁଞ୍ଜୟ ସୁଆର ଏହି ପୁରସ୍କାର ଗ୍ରହଣ କରିଥିଲେ। କିଟ୍ ଟିବିଆଇକୁ ଏହି ସମ୍ମାନ ମିଳିଥିବାରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ପ୍ରଫେସର ସୁଆରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବାଳିକା, ବାଳକ ବର୍ଗରେ ବିଏମ୍‌ସି ଚାମ୍ପିୟନ

### ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା ଅଫିସ,୧୬।୧୦

ଖୋର୍ଦ୍ଧା ଷ୍ଟାଡିୟମଠାରେ ଫିଫା ଦ୍ୱାରା ଆୟୋଜିତ ଆନ୍ତଃ ବିଦ୍ୟାଳୟ ୧୭ ବର୍ଷରୁ କମ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବାଳକ ବର୍ଗରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୨-୧ ଗୋଲରେ ଭୁବନେଶ୍ୱର ବ୍ଲକକୁ ହରାଇ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ସେହିପରି ବାଳିକା ବର୍ଗରେ ବିଏମ୍‌ସି ୨-୦ ଗୋଲରେ ଜଟଣୀ ବ୍ଲକକୁ ହରାଇ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ବ୍ଲକ ଶିକ୍ଷାଧିକାରୀ ଡ. ନିରଞ୍ଜନ ମହାନ୍ତି, ସନାତନ ଜାଲି, ନଳିନୀକାନ୍ତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ।

## ୩ ଦିନରେ ୩୪ ସିନେମା ପ୍ରଦର୍ଶିତ





### ଭାରତୀୟ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ ଉଦ୍‌ଯାପିତ

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ଭୁବନେଶ୍ୱର ଫିଲ୍ମ ସୋସାଇଟି ପକ୍ଷରୁ ଆୟୋଜିତ ଭାରତୀୟ ଡକ୍ୟୁମେଣ୍ଟାରୀ ଫିଲ୍ମ ଫେଷ୍ଟିଭାଲ୍ ଭୁବନେଶ୍ୱର (ଆଇଡିଏଫ୍ଏଫ୍‌ବି) ୨୦୨୨ ରବିବାର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ୩ ଦିନିଆ ବୃତ୍ତଚିତ୍ର ଫିଲ୍ମ ଫେଷ୍ଟିଭାଲରେ ଦର୍ଶକମାନେ ଜୀବନର ବିଭିନ୍ନ ରଙ୍ଗକୁ ଦେଖିବା ଓ ଉପଭୋଗ କରିବାର ସୁଯୋଗ ପାଇଥିଲେ। ଏହି ଫିଲ୍ମ ଫେଷ୍ଟିଭାଲରେ ବିଭିନ୍ନ ଭାଷାରେ ୩୪ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସେଥିରୁ ୧୨ଟି ଫିଲ୍ମକୁ ମହିଳା ସିନେ ନିର୍ମାତାମାନେ ତିଆରି କରିଛନ୍ତି। ଶେଷଦିନର ମୁଖ୍ୟ ଆକର୍ଷଣ ଥିଲା ସିନେ ନିର୍ମାତା ସ୍ୱପ୍ନା ଭବନାନିଙ୍କ 'ସିନ୍ଧୁସ୍ଥାନ' ଓ ସୁରଭି ଦିୱାନଙ୍କ 'ଟ୍ରାନ୍ସ କାଶ୍ମୀର' । ଉଭୟ ସିନେମା କାଶ୍ମୀର ଉପରେ ଆଧାରିତ ଥିଲା। ଉଭୟ ନିଜ ସିନେମାର କାହାଣୀ ଉପରେ ଆଲୋଚନା କରିଥିଲେ। ଭୁବନେଶ୍ୱର ଫିଲ୍ମ ସୋସାଇଟି ପକ୍ଷରୁ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତୃତୀୟ ଦିନରେ ମଧୁଲିକା ଜଲାଲିଙ୍କ 'ଘର କା ପତା', ସ୍ୱପ୍ନା ଭବନାନିଙ୍କ 'ସିନ୍ଧୁସ୍ଥାନ', ସୌରଭ ଷଡ଼ଙ୍ଗୀଙ୍କ 'କରବାଲା ମେମୋୟର୍ସ' ଓ ବିଶାଲ ସ୍ୱାର୍ଗିଆରିଙ୍କ 'ଗୋସାଇଁ', ମୁନ୍ତାହ ଅମିନଙ୍କ 'ସିଜ୍ ଇନ୍ ଦି ଏୟାର', ସୌନକ ସେନ୍‌ଙ୍କ 'ଅଲ ଦାଟ୍ ବ୍ରିଦ୍ସ', ସୃଷ୍ଟି ଲାଖେରାଙ୍କ 'ଏକ୍ ଥା ଗାଓଁ', ନିଲାଂଶ ମିତ୍ରଙ୍କ 'ବୁବାତି ନଦିର ଡୋର', ଅଭିଜିତ ଦାସଙ୍କ 'ଛମ୍' ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଫିଲ୍ମ ସୋସାଇଟିର ଈଶ୍ୱର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଜାତୀୟ ରାଜପଥରେ ସିରିଜ୍ ଦୁର୍ଘଟଣା, ୫ ଗାଡ଼ି କ୍ଷତିଗ୍ରସ୍ତ, ଜଣେ ଆହତ



ବାଲିଅନ୍ତା,୧୬।୧୦(ଡି.ଏନ୍.ଏ.): ୧୬ନଂ. ଜାତୀୟ ରାଜପଥ ଭୁବନେଶ୍ୱର-କଟକ ରାସ୍ତାର ପାହାଳ ଥାନା ଅଧୀନ ରୁଦ୍ରପୁରସ୍ଥିତ ଏକ ମଲ୍ ନିକଟରେ ରବିବାର ମଧ୍ୟାହ୍ନରେ ସିରିଜ୍ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୫ ଗାଡି କ୍ଷତିଗ୍ରସ୍ତ ହୋଇଥିବାବେଳେ ଜଣେ ବାଇକ୍ ଚାଳକ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣା ଘଟାଇଥିବା କାର୍‌ଟିକୁ ପୋଲିସ ଜବତ କରି ଚାଳକଙ୍କୁ ଅଟକ ରଖିଛି। ଏନେଇ ପୋଲିସ ବାଇକ୍ ଚାଳକଙ୍କ ନାମରେ ଏକ ମାମଲା (ନଂ. ୧୯୩/୨୨) ରୁଜୁ କରି ତଦନ୍ତ କରୁଛି। ସୂଚନା ମୁତାବକ, ଭୁବନେଶ୍ୱର ପଟୁ କଟକ ଅଭିମୁଖେ ଯାଉଥିବା କାର୍ ପ୍ରଥମେ ଏକ ବାଇକ୍, ପରେ ଅନ୍ୟ ଏକ ବାଇକ୍, କାର୍, କ୍ଷୀର ଗାଡ଼ି ଓ କାର୍‌କୁ ଧକ୍କା ଦେଇଥିଲା। କାର୍‌ଟି ପ୍ରଥମେ ଧକ୍କା ଦେଇଥିବା ବାଇକ୍ ଚାଳକ ଆହତ ହୋଇଥିବାବେଳେ କ୍ଷୀର ଗାଡି ଓଲଟି ପଡିଥିଲା। କାର୍ ଚାଳକଙ୍କ ବେପରୁଆ ଗାଡିଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ କହିଛି।

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ବାଲିଅନ୍ତା,୧୬।୧୦(ଡି.ଏନ୍.ଏ.): ହଂସପାଳ-ବନମାଳୀପୁର ଅଭିମୁଖୀ ରାସ୍ତାର ଭିଙ୍ଗାରପୁର ନିକଟସ୍ଥ କେନାଲ କାଜ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଲିଅନ୍ତା ଥାନା ବେଣୁପୁର ଗ୍ରାମର ଦେବେନ୍ଦ୍ର ଜେନା। ଗୁରୁତର ଉକ୍ତ ଗ୍ରାମର କେଶବ ଜେନାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଦେବେନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ବାବଦରେ ସ୍ଥାନୀୟ ଲୋକେ କୌଣସି ସଠିକ୍ ତଥ୍ୟ ଦେଇପାରୁ ନାହାନ୍ତି। ରବିବାର ଏହି ରାସ୍ତାର ବାଲିଅନ୍ତାଠାରୁ ଭିଙ୍ଗାରପୁର ମଧରେ ପୃଥକ୍ ପୃଥକ୍ ୫ଟି ଦୁର୍ଘଟଣା ଘଟିଛି।

### ଗାନ୍ଧୀପୀଠରେ ଶ୍ରଦ୍ଧାଞ୍ଜଳି ସଭା

ବାଲିଅନ୍ତା,୧୬।୧୦(ଡି.ଏନ୍.ଏ.): ଜୟଦେବ ନିର୍ବାଚନମଣ୍ଡଳୀର ବରିଷ୍ଠ ଭାଜପା ନେତା ଆଇନଜୀବୀ ନରେନ୍ଦ୍ର ନାଥ ନାୟକଙ୍କ ପରଲୋକରେ ଏକ ଶ୍ରଦ୍ଧାଞ୍ଜଳି ସଭା ରବିବାର ବାଲିଅନ୍ତାସ୍ଥିତ ଗାନ୍ଧୀପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜୟଦେବ ଓକିଲ ସଂଘ ପକ୍ଷରୁ ଆୟୋଜିତ ଏହି ସଭାରେ ବିଭୂତି ଭୂଷଣ ମର୍ଦ୍ଦରାଜ ରାୟ ଅଧକ୍ଷତା କରିଥିଲେ। ସଭାରେ ବିନୋଦ ସାହୁ, ଅଶୋକ ରାଉତରାୟ, ମନୋଜ ନାୟକ, କୃଷ୍ଣ କେଶବ ଆପଟ ଓ ସମରେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ତାଙ୍କ କର୍ମମୟ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ।

### ବିଦ୍ୟାଧର ବାରିକ ଥିଲେ ଶ୍ରମିକମାନଙ୍କ ଅଦ୍ୱିତୀୟ ନେତା

ଭୁବନେଶ୍ୱର,୧୬।୧୦(ବ୍ୟୁରୋ) ଶ୍ରମିକ ନେତା ବିଦ୍ୟାଧର ବାରିକ ଥିଲେ ଶ୍ରମିକମାନଙ୍କ ଅଦ୍ୱିତୀୟ ନେତା। ବିପ୍ଳବୀ ଭାବେ ସେ ଜୀବନବ୍ୟାପୀ ଲଢ଼ି ଶ୍ରମିକମାନଙ୍କ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ତାଙ୍କର ସମାଜବାଦୀ ଚିନ୍ତାଧାରା ହିଁ ତାଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଥିଲା ବୋଲି ରବିବାର ବିଦ୍ୟାଧର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବୁଦ୍ଧ ମନ୍ଦିରଠାରେ ୪ର୍ଥ ସ୍ମୃତି ସମାରୋହରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ରାଜ୍ୟ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, କର୍ପୋରେଟର ରାଜକିଶୋର ଦାସ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଶ୍ରୀପତି ଆଚାର୍ଯ୍ୟ, ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୋଧୂଳି ସାହିତ୍ୟ ସଂସଦ ଆନୁକୂଲ୍ୟରେ କବିତା ପାଠର ଆୟୋଜନ କରାଯାଇଥିଲା। ଟ୍ରଷ୍ଟର ଆବାହକ ମନୋଜ କୁମାର ବାରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଟ୍ରଷ୍ଟି ନାନା ବାରିକ ଏବଂ ମୋନାଲିସା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବିଡିଏ ପାଇଁ ଭୁବନେଶ୍ୱର ବିଶ୍ୱସ୍ତରରେ ପ୍ରଶଂସିତ

ଭୁବନେଶ୍ୱର, ୧୬।୧୦ (ବ୍ୟୁରୋ)



କାର୍ଯ୍ୟକ୍ରମରେ ଅତିଥିମାନେ ବିଡିଏର ବାର୍ଷିକ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

ବିଡିଏ ପାଇଁ ଭୁବନେଶ୍ୱର ବିଶ୍ୱସ୍ତରରେ ପ୍ରଶଂସିତ। ପ୍ରବଳ ବର୍ଷାରେ ମୁମ୍ବାଇ, ଚେନ୍ନାଇରେ ଯେଉଁ ପରିସ୍ଥିତି ଉପୁଜୁଛି ସେଭଳି ପରିସ୍ଥିତି ଭୁବନେଶ୍ୱରରେ ହେଉନାହିଁ। ଏହା ବିଡିଏର ଅବଦାନ। କର୍ମଚାରୀଙ୍କ ଦକ୍ଷତା, ମନୋବଳ ଓ ଅକ୍ଳାନ୍ତ ପରିଶ୍ରମ ବଳରେ ଏସବୁ ସମ୍ଭବ ହୋଇ ପାରିଛି। ଏହି କର୍ମଚାରୀଙ୍କୁ ଆର୍ଥିକ ମଜଭୁତ କରିବାକୁ ଋଣ ଓ ମିତବ୍ୟୟ ସମିତି ଉଦ୍ୟମ କରିବା ଆବଶ୍ୟକ ବୋଲି ବିଧାୟକ (ମଧ) ଅନନ୍ତ ନାରାୟଣ ଜେନା କହିଛନ୍ତି। ରବିବାର ବିଡିଏ କର୍ମଚାରୀ ସମବାୟ ଋଣ ଓ ମିତବ୍ୟୟ ସମିତିର ରୌପ୍ୟ ଜୟନ୍ତୀ ବିଡିଏ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ବିଡିଏର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱଜିତ ମହାନ୍ତି ଯୋଗଦେଇ ଅର୍ଥ ଜମା ହୋଇ

**ବିଡିଏ କର୍ମଚାରୀ ସମବାୟ ଋଣ ଓ ମିତବ୍ୟୟ ସମିତିର ରୌପ୍ୟ ଜୟନ୍ତୀ**

ରହିବା ଅପେକ୍ଷା ଏହାକୁ ବିନିଯୋଗ କରି ଆର୍ଥିକ ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଡିଏର ଅର୍ଥ ସଦସ୍ୟ ରୁଦ୍ରନାରାୟଣ ଆଚାର୍ଯ୍ୟ ଯୋଗଦେଇ, ପଡି ରହିଥିବା ଜମି କିଭଳି ବିନିଯୋଗ ହୋଇପାରିବ ଓ କର୍ମଚାରୀଙ୍କ ହିତ ପାଇଁ ବିଡିଏର କିଭଳି ଏକ କର୍ପସ ଫଣ୍ଡ୍ ସୃଷ୍ଟି କରାଯାଇ ପାରିବ ତାହା ଉପରେ ଆଲୋକପାତ କରିଥିଲେ। ସମିତି ସଭାପତି ଶୁଭ୍ରାଂଶୁ ଶେଖର ମହାନ୍ତି ସଭା ପରିଚାଳନା କରିଥିଲେ। ସମ୍ପାଦକ କୁଳମଣୀ ଦାସ ସମ୍ପାଦକୀୟ ବିବରଣୀ ପାଠରେ ସମିତି ସଦସ୍ୟଙ୍କ ପାଇଁ ୨ ଲକ୍ଷରେ ସୀମିତ ଥିବା ଋଣ ପରିମାଣ ୫ ଲକ୍ଷକୁ ବୃଦ୍ଧି କରାଯାଇଥିବା ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବାର୍ଷିକ ରିପୋର୍ଟ ଉନ୍ମୋଚନ କରିବା ସହ ସମିତି ସଦସ୍ୟଙ୍କୁ ଉପହାର ପ୍ରଦାନ କରିଥିଲେ।

# ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୧୬।୧୦(ବ୍ୟୁରୋ):

ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀ ଗର୍ଭବତୀ ହେବା ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ମାନବାଧିକାର କର୍ମୀ ତଥା ସୁପ୍ରିମକୋର୍ଟ ଓକିଲ ରାଧାକାନ୍ତ ତ୍ରିପାଠୀ ଗତ କିଛିମାସ ତଳେ ଏନେଇ ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି କମିଶନ କ'ଣ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେନେଇ ଆଗାମୀ ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଧାକାନ୍ତ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ ଯେ, କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବେଲଘର ଗ୍ରାମପଞ୍ଚାୟତର ଏସ୍‌ସି/ଏସ୍‌ଟି ବିଭାଗ ଦ୍ୱାରା ପରିଚାଳିତ ଏକ ଆବାସିକ ଉଚ୍ଚ ବାଳିକା ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ମୃତ ଶିଶୁପୁତ୍ର ଜନ୍ମ ଦେଇଥିଲେ। ପରେ ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହାର ୨୪ ଘଣ୍ଟା ମଧ୍ୟରେ ଅର୍ଥାତ ଅକ୍ଟୋବର ୬ରେ ଛାତ୍ରୀଙ୍କର ମଧ ମୃତ୍ୟୁ ଘଟିଥିଲା। ପରିବାର ଲୋକ ବିଦ୍ୟାଳୟ

**ସରକାରୀ ଆବାସିକ ବିଦ୍ୟାଳୟରେ ଛାତ୍ରୀ ଗର୍ଭବତୀ ଘଟଣା**

କର୍ତ୍ତୃପକ୍ଷ ଏବଂ ଡାକ୍ତରଙ୍କ ଅବହେଳା ପାଇଁ ଏପରି ଘଟିଥିବା ଅଭିଯୋଗ କରିଥିଲେ। ସେହିପରି ଗତ ଜୁଲାଇରେ ମାଲକାନଗିରି ଜିଲା ଚମ୍ପାନଗରସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଥିଲେ। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ୨୦୧୫ ମାର୍ଚ୍ଚରେ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଅନୁସୂଚିତ ଜନଜାତି ବିଭାଗ ମନ୍ତ୍ରୀ ଲାଲ ବିହାରୀ ହିମିରିକା ବିଭିନ୍ନ ଆବାସିକ ବିଦ୍ୟାଳୟରେ ଯୌନ ନିର୍ଯ୍ୟାତନାର ଶିକାର ହୋଇଥିବା ୧୭ଜଣ ନାବାଳିକାଙ୍କ ପରିଚୟ ଦେଇଥିଲେ। ଏହା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ହୋଇଥିଲେ ମଧ ତାଙ୍କ ବିରୋଧରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ତେବେ ଏସବୁ ଘଟଣାରେ ଅଭିଯୁକ୍ତ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ବିଭିନ୍ନ ଘଟଣାରେ ପୀଡିତାଙ୍କୁ କ୍ଷତିପୂରଣ ରାଶି ଦିଆଯାଇଛି କି ନାହିଁ ଏବଂ ଭବିଷ୍ୟତରେ ଏଭଳି ନ ଘଟିବା ପାଇଁ କି ପଦକ୍ଷେପ ନିଆଯାଇଛି, ଏସବୁ ଜାଣିବାକୁ କମିଶନଙ୍କ ନିକଟରେ ଅଭିଯୋଗକାରୀ ଆବେଦନ କରିଛନ୍ତି।

# ସବ୍ୟସାଚୀ ମହାପାତ୍ରଙ୍କୁ 'ମିଟି କା ଗୁମାନ' ସମ୍ମାନ


ଚଳଚ୍ଚିତ୍ର ପ୍ରଯୋଜକ ସବ୍ୟସାଚୀ ମହାପାତ୍ର ଅତିଥିଙ୍କଠାରୁ 'ମିଟି କା ଗୁମାନ' ସମ୍ମାନ ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ଅନେକ ପ୍ରତିଭା ଅଛନ୍ତି, ଯେଉଁମାନେ ଆଗକୁ ଆସି ପାରୁନାହାନ୍ତି। ବିଶେଷକରି ମହିଳାମାନେ ଆଗକୁ ଆସି ପ୍ରତିଭା ପ୍ରଦର୍ଶନ କରିବାକୁ ସୁଯୋଗ ପାଉନାହାନ୍ତି। କୀର୍ତ୍ତନ, ଭାଗବତ ଓ ଲୋକକଳା ଆଦି ଗାଁର କଳା ସଂସ୍କୃତି ଧୀରେ ଧୀରେ ହଜିଯାଉଛି। ଲୁଚି ରହିଥିବା ପ୍ରତିଭାକୁ ଆଗକୁ ଆଣିବା ସହ ଗାଁ ଗହଳିର କୁଟୀର ଶିଳ୍ପଠାରୁ ଆରମ୍ଭ କରି ଓଡ଼ିଶାର ନିଛକ କଳା ଓ ସଂସ୍କୃତିକୁ ଖୋଜିବାର ଏକ ନୂଆ ପ୍ରୟାସ ସ୍ୱରୂପ ରବିବାର ସୂଚନା ଭବନରେ ଅନୁଷ୍ଠିତ ହୋଇଥିଲା 'ମିଟି କା ଗୁମାନ' – ଆମ ମାଟିର କଳା। ସ୍ଥାପନା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଲୋକକଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ କଳା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଚଳଚ୍ଚିତ୍ର ପ୍ରଯୋଜକ ସବ୍ୟସାଚୀ ମହାପାତ୍ରଙ୍କୁ 'ମିଟି କା ଗୁମାନ', ସାହିତ୍ୟ ପାଇଁ ଶ୍ରୀ ସାହିତ୍ୟର ସମ୍ପାଦକ କୃଷ୍ଣ ନାୟକଙ୍କୁ 'ଆମ ମାଟିର କଳା ସମ୍ମାନ'ଏବଂ ସାମାଜିକ ସେବା କ୍ଷେତ୍ରରେ ଗାନ୍ଧୀବାଦୀ ନେତ୍ରୀ ସମାଜସେବୀ କୃଷ୍ଣା ମହାନ୍ତିଙ୍କୁ 'ସ୍ୱପ୍ନ ବିନୋଦିନୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହା ସହ ୨୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ସମ୍ମାନିତ ଅତିଥି ମହିଳା କମିଶନ ଅଧକ୍ଷା ଡ. ମିନତି ବେହେରା, ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ମନ୍ଦାକିନୀ କର, ମେୟର ସୁଲୋଚନା ଦାସ, ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ଡ. ଦିଲୀପ ରାଉତରାୟ, ବିଶେଷ ଅତିଥି ଭାବେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ଓ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇଥିଲେ। ଟ୍ରଷ୍ଟ ପ୍ରତିଷ୍ଠାତା ନିବେଦିତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟ୍ରଷ୍ଟର ସମ୍ପାଦକ ସରୋଜ କୁମାର ଭୂୟାଁ, ଶାନ୍ତା ବଳିୟାରସିଂହ, ଗିତା ବଳିଆରସିଂହ, ସଚିକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସରୋଜ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।

# ୫ ଲୁଟ୍ ଅଭିଯୁକ୍ତ ଧରାପଡ଼ିଲେ

**ଟ୍ୟାବ୍ ସମେତ ୧୪ ମୋବାଇଲ୍ ଜବତ**

ଭୁବନେଶ୍ୱର,୧୬।୧୦ (ବ୍ୟୁରୋ):

ଖଣ୍ଡଗିରି ଥାନା ପୋଲିସ ୫ ମୋବାଇଲ୍ ଲୁଟ୍ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅଞ୍ଚଳରେ ରହୁଥିବା ଗଞ୍ଜାମର ବଳରାମ ଗୌଡ଼ (୧୯), ବାପି ସାହୁ(୧୯), ଅରୁଣ ନାୟକ(୨୪), ମିଥୁନ୍ ଭୂୟାଁ(୨୫) ଓ ସଲିମ୍ ଶେଖ୍(୩୧)। ସେମାନଙ୍କଠାରୁ ଗୋଟିଏ ଟ୍ୟାବ୍ ସମେତ ୧୪ ଟି ଦାମୀ ମୋବାଇଲ୍ ଜବତ କରାଯାଇଥିଲା।

ସୂଚନାନୁସାରେ, ଗତ ୧୩ ତାରିଖରେ ଖଣ୍ଡଗିରି ଅଞ୍ଚଳର ଅଜିତ୍ ମଲ୍ଲିକ୍ ନାମକ ବ୍ୟକ୍ତି ଘରେ ଶୋଇଥିବା ବେଳେ ଅଭିଯୁକ୍ତମାନେ ଘରେ ପଶି ଗୋଟିଏ ଫୋନ, ଗୋଟିଏ ଟ୍ୟାବ୍ ଏବଂ ୨ ହଜାର ଟଙ୍କା ଚୋରାଇ ନେଇଥିଲେ। ଏ ସମ୍ପର୍କରେ ଅଜିତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କ ସହିତ ଜଣେ ଚୋରା ମୋବାଇଲ କ୍ରେତାଙ୍କୁ ଗିରଫ କରିଥିଲା।

# ସେପ୍ଟେମ୍ବରରେ ୧୨୦ ଅପରାଧୀ ଗିରଫ

ଭୁବନେଶ୍ୱର,୧୬।୧୦ (ବ୍ୟୁରୋ):

ରାଜଧାନୀରେ ଦିନକୁ ଦିନ ଲୁଟ୍, ଛିନତାଇ, ଚୋରି, ନିଶା କାରବାର ମାମଲା ବଢ଼ିବାରେ ଲାଗିଛି । ଏଥିରେ ରୋକ ଲଗାଇବାକୁ ଭୁବନେଶ୍ୱର ସହରାଞ୍ଚଳ ବିଭିନ୍ନ ଥାନାମାନଙ୍କରେ ଗଠିତ ସମ୍ପତ୍ତି ଅପରାଧ ପ୍ରତିରୋଧ ଏବଂ ଚିହ୍ନଟ (ପିଓପିଡି) ଓ ଟିମ୍-୬୦ ମିଳିତ ଭାବେ ଚଢ଼ାଉ କରି ସେପ୍ଟେମ୍ବର ମାସରେ ବିଭିନ୍ନ ଚୋରି, ଛିନତାଇ ଘଟଣାରେ ସଂପୃକ୍ତ ଥିବା ୧୨୦ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ମଧ୍ୟରୁ ୨୧ଜଣ ଜେଲରୁ ରିମାଣ୍ଡରେ ଆସିଥିବା ବେଳେ ୨୦ ଅପରାଧୀଙ୍କ ବିରୋଧରେ ସିଆରିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କଠାରୁ ୧୦୫ ଦାମୀ ମୋବାଇଲ ସହ ଗୋଟିଏ ଲାପଟପ ଜବତ କରାଯାଇଛି । ସେହିପରି

**୧୦୫ ମୋବାଇଲ, ସାଢ଼େ ୧୨ ଗ୍ରାମ ସୁନା, ୮ ଗ୍ରାମ ରୁପା ଜବତ**

୧୨.୫୪ ଗ୍ରାମ ସୁନା, ୭.୦୧୮ ଗ୍ରାମ ରୁପା ଓ ୩୨ ହଜାର ୭୦୦ ଟଙ୍କା ଉଦ୍ଧାର ହୋଇଛି । ସେହିଭଳି ୩୧ଟି ଚୋରା ଗାଡି ଜବତ କରାଯାଇଛି। ଅନ୍ୟପଟେ ଜୁଲାଇ ମାସରେ ୪୧ଟି ନିଶା କାରବାର ମାମଲାରେ ୭ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ନିଶା ବିକ୍ରି ଜନିତ ଆୟରୁ ସର୍ବମୋଟ ୨ ଲକ୍ଷ ୭୩ ହଜାର ୬୦୦ ଟଙ୍କା ମଧ ଜବତ ହୋଇଛି। ଚୋରି ତଥା ଛିନତାଇ କିମ୍ବା ନିଶା କାରବାର ବିଷୟରେ ସୂଚନା ଦେବା ନିମନ୍ତେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ତରଫରୁ ଜନସାଧାରଣଙ୍କୁ ଏକ ହ୍ୱାଟସ୍‌ଆପ ନମ୍ବର-୭୦୭୭୭୯୮୧୧୧ ଜାରି କରାଯାଇଛି ।

# ଭାଷାଗତ ଭିନ୍ନତା ସତ୍ତ୍ୱେ ସାହିତ୍ୟ ସମସ୍ତଙ୍କୁ ବାନ୍ଧିରଖେ

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

**ଓଡ଼ିଶା ଉତ୍ସବ ଉଦ୍‌ଯାପିତ**

ଜୀବନକୁ ସୁନ୍ଦର ଓ ଅର୍ଥପୂର୍ଣ୍ଣ କରିବା ସାହିତ୍ୟର ଲକ୍ଷ୍ୟ। ଭାଷାଗତ ଭିନ୍ନତା ସତ୍ତ୍ୱେ ସାହିତ୍ୟ ସମସ୍ତଙ୍କୁ ବାନ୍ଧି ରଖିଥାଏ। କର୍ଣ୍ଣାଟକ ମାଟିରେ 'ଓଡ଼ିଶା ଉତ୍ସବ' ପ୍ରକୃତରେ 'ଜୀବନ ଉତ୍ସବ' ବୋଲି ରବିବାର ବେଙ୍ଗାଲୁରୁର ରବୀନ୍ଦ୍ର କଳାକ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ୩ ଦିନିଆ ଓଡ଼ିଶା ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ଣ୍ଣାଟକ ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ପ୍ରଫେସର ବି.ଭି.ବସନ୍ତ କୁମାର କହିଛନ୍ତି। ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି କହିଛନ୍ତି, କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ଓଡ଼ିଶାରେ କିପରି ଅନୁରୂପ 'କର୍ଣ୍ଣାଟକ ଉତ୍ସବ' ଆୟୋଜିତ ହୋଇପାରିବ, ସେ ଦିଗରେ ସବୁପ୍ରକାର ଉଦ୍ୟମ କରିବେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଛନ୍ତି, ୩ ଏକାଡେମୀକୁ ନେଇ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବ କନ୍ନଡ଼ ଏବଂ ଓଡ଼ିଆ ଭାଷା ସାହିତ୍ୟର ସମ୍ପର୍କ ସୁଦୃଢ଼ କରିପାରିଛି। ଉଭୟ ଭାଷାର ଲୋକେ ଏହାକୁ ଆପଣାର ପର୍ବ ଭାବେ ଗ୍ରହଣ କରି ଏହି ଉତ୍ସବରେ ସାମିଲ ହୋଇଛନ୍ତି। ଦିଲ୍ଲୀ ଓ କୋଲକାତାରେ ଏହି ଉତ୍ସବ ଆୟୋଜନ ପାଇଁ ଉଦ୍ୟମ କରାଯିବ। ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ଡ. ସୁବୋଧ ଆଚାର୍ଯ୍ୟ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ପ୍ରବାସୀ ଓଡ଼ିଆଙ୍କ ପକ୍ଷରୁ ଏହି ୩ଦିନିଆ ଉତ୍ସବର ଉପଲବ୍ଧି ବ୍ୟକ୍ତ କରିଥିଲେ। ଏକାଡେମୀର ଉପସଭାପତି ଡ. ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ପ୍ରଦାନ କରିଥିଲେ। କନ୍ନଡ଼ ଲେଖକ ବି.ଭି.ବସନ୍ତ କୁମାର, ମହାଦେବ ଶଙ୍କନାପୁରା ଓ ମଧୁରାଣୀ ମୟିସୁରୁଙ୍କୁ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶନିବାର ଏକାଡେମୀ ପକ୍ଷରୁ ପ୍ରବାସୀ ଲେଖକମାନଙ୍କୁ ନେଇ ଏକ ମନୋଜ୍ଞ ଗଳ୍ପ ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାକୁ ଏକାଡେମୀ ସଭାପତି ଡ. ମଲ୍ଲିକ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଏଚ୍.ଏସ୍.ଶିବପ୍ରକାଶ ଓ ସମ୍ମାନିତ ଅତିଥି ଭାବେ କନ୍ନଡ଼ ଲେଖିକା ଛାୟା ଭଗବତ ଯୋଗ ଦେଇଥିଲେ। ଗାଳ୍ପିକା ପ୍ରବୀଣା ମହାନ୍ତି ପାଠୋତ୍ସବ ଓ ଆଲୋଚନାଚକ୍ର ପରିଚାଳନା କରିଥିଲେ। ଉପସଭାପତି ଡ. ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକାଡେମୀ ପକ୍ଷରୁ ପୁସ୍ତକ ପ୍ରଦର୍ଶନୀ ମଧ ଆୟୋଜିତ ହୋଇଥିଲା।

# ଆରମ୍ଭ ହେଲା ଗାନ୍ଧୀ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଗାନ୍ଧିଜୀଙ୍କ ଉପରେ ଚିତ୍ରାଙ୍କନ କରୁଛନ୍ତି।

ଭୁବନେଶ୍ୱର, ୧୬।୧୦ (ବ୍ୟୁରୋ)

ହେଲ୍ପମେଟ୍ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗାନ୍ଧୀ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରବିବାର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା, ଭାଗବତ ଗୀତା ପାଠ, ଦେଶାତ୍ମକ ସଙ୍ଗୀତ, ଗାନ୍ଧୀ ଭଜନ, ଗାନ୍ଧୀ କୁଇଜ୍, ଖଦି ଫେସନ ଶୋ' ସହିତ ଗାନ୍ଧୀ ଓଡ଼ିଶା ଆଗମନର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ଯୋଗଗୁରୁ ସୁଧାଂଶୁ ଅଧିକାରୀ, ଜୟଶ୍ରୀ ଧଳ, ତାରାକାନ୍ତ ପରିଡା, ସିନେ କଳାକାର ଦିଲ୍ଲୀପ ନାୟକ ବିଚାରକ ଭାବେ ଯୋଗ ଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ର ଗାନ୍ଧୀଙ୍କ ଦିଗ୍‌ଦର୍ଶନ ଓ ଜୀବନାଦର୍ଶରେ ପ୍ରଭାବିତ ହୋଇ ଶୃଙ୍ଖଳିତ ନାଗରିକ ଭାବେ ଉଭା ହେବେ ବୋଲି ଅନୁଷ୍ଠାନର ଉପସଭାପତି ନିହାରିକା ପଟ୍ଟନାୟକ ଏବଂ ସମ୍ପାଦିକା ନିବେଦିତା ଭଞ୍ଜ କହିଥିଲେ। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏଭଳି ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି ଡ. ଅଞ୍ଜଳୀ ତ୍ରିପାଠୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ସହ ସମ୍ପାଦିକା ଲୀନ ମିଶ୍ର ଏବଂ ସଦସ୍ୟମାନେ ପରିଚାଳନା କରିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜୟନ୍ତୀ ପାଳନ ଅବସରରେ ଏକାମ୍ର ନିର୍ବଚନ ମଣ୍ଡଳୀ ଅନ୍ତର୍ଗତ ୫୩ ନଂ. ୱାର୍ଡର ପଳାସପଲ୍ଲୀରୁ ଝରଣାସାହି ଅଭିମୁଖେ ବାହାରିଥିବା ଜନସମ୍ପର୍କ ପଦଯାତ୍ରା।


ଭୁବନେଶ୍ୱର ଜିଲା ମହିଳା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିବସରେ ଏଜିଛକଠାରେ ଔଷଧୀୟ ଚାରା ବଣ୍ଟନ କରାଯାଉଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- କୃଷକ ସମ୍ମିଳନୀ, ଆଇସିଏଆର୍-ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜମେଣ୍ଟ, ଚନ୍ଦ୍ରଶେଖରପୁର, କଳିଙ୍ଗ ହସ୍ପିଟାଲ ପାଖ, ପୂର୍ବାହ୍ନ ୧୦ଟା।
- ଉଠା ଦୋକାନ ଉଚ୍ଛେଦ ବିରୋଧରେ ବିଏମ୍‌ସି ଅଫିସ ଘେରାଉ, ଅଶୋକ ନଗରଠାରୁ ବିଏମ୍‌ସି ଅଫିସ୍ ପର୍ଯ୍ୟନ୍ତ ଶୋଭାଯାତ୍ରା, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ପୁନଃ ସଭାପତି ଭାବେ ମନୋନୀତ ସଂଗ୍ରାମ କେଶରୀ ପାଇରାୟଙ୍କ ଦାୟିତ୍ୱ ଗ୍ରହଣ, ଖାରବେଳ ନିଗରସ୍ଥିତ ବୋର୍ଡ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଖବରଦାତା ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା, ଆନନ୍ଦ ଆଶ୍ରମ, ଖାରବେଳ ନଗର, ନୀଳାଚଳ ହସ୍ପିଟାଲ ପାଖ, ମଧ୍ୟାହ୍ନ ୧୨ଟା।
- ମୁକ୍ତି ପକ୍ଷରୁ ୨ ଦିନିଆ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା ୩୦।

କଟକ

- ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସୋସିଓଲୋଜି ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ସିମ୍ପୋସିୟମ, ଆନେକ୍ସ-୧, ସେଭେନ ପିଲାର ଅଫ୍ ୱିସ୍‌ଡମ୍, ବିଶ୍ୱବିଦ୍ୟାଳୟ ପରିସର, ଅପରାହ୍ନ ୨ଟା ୩୦।

## ଆସୁଛି 'ହକି ମ୍ୟାନ୍'




ଭୁବନେଶ୍ୱର,୧୬।୧୦(ବ୍ୟୁରୋ) ପ୍ରଥମଥର ପାଇଁ କ୍ରୀଡ଼ାକୁ ନେଇ ଆସୁଛି ଫିଲ୍ମ 'ହକି ମ୍ୟାନ'। ଓଡ଼ିଶାରେ ହକିକୁ ନେଇ ହୋଇଥିବା ବୈପ୍ଳବିକ ପରିବର୍ତ୍ତନ ଉପରେ ଏକ କାଳ୍ପନିକ ଫିଲ୍ମ ପ୍ରସ୍ତୁତ ହେଉଛି। ରବିବାର ଏହାର ପୋଷ୍ଟର ରିଲିଜ ହୋଇଛି। ଋତୁପ୍ରିୟା ପ୍ରଯୋଜନାରେ ଅସିତ୍ କୁମାର ରାଉତ୍ ପ୍ରଯୋଜକ ଥିବାବେଳେ ଅବିନାଶ ପ୍ରଧାନ ଓ ଦେବାଶିଷ ମହାପାତ୍ର ନିର୍ଦ୍ଦେଶନା ଦେଇଛନ୍ତି। ପୂର୍ବରୁ ଉଭୟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାରେ 'ଦ ମାଉଣ୍ଟେନ ହକି' ଓଟିଟି ପ୍ଲାଟ୍‌ଫର୍ମ ହଟଷ୍ଟାରରେ ରିଲିଜ ହୋଇଥିଲା, ଯାହା ଲୋକପ୍ରିୟତା ହାସଲ କରିବା ସହ ଜାତୀୟସ୍ତରରେ ଖ୍ୟାତି ଆଣିଦେଇଥିଲା। ନିର୍ଦ୍ଦେଶକ ଅବିନାଶ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ କ୍ରୀଡ଼ା କ୍ଷେତ୍ରରେ ବହୁ ଉନ୍ନତି ଆସିଲାଣି। ବିଶେଷ କରି ହକି କ୍ଷେତ୍ରରେ ହେଉଥିବା ଉନ୍ନତି ହିଁ ଆମକୁ ଏହି ଫିଲ୍ମ କରିବାକୁ ପ୍ରେରଣା ଯୋଗାଇଥିଲା।

## ୱେବ୍ ପୋର୍ଟାଲର ୨ ସାମ୍ବାଦିକ ଅଟକ

### ହୋଟେଲ ମାଲିକଙ୍କୁ ମାଗୁଥିଲେ ୭୦ ହଜାର ବଟି

ଭୁବନେଶ୍ୱର,୧୬।୧୦(ବ୍ୟୁରୋ): ରାଜଧାନୀର ଏକ ହୋଟେଲ ମାଲିକଙ୍କୁ ୭୦ ହଜାର ଟଙ୍କା ବଟି ମାଗିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଦୁଇ ଜଣ ୱେବ ପୋର୍ଟାଲ ସାମ୍ବାଦିକଙ୍କୁ ସୋମବାର ଅଟକ ରଖି ପଚରାଉଚରା କରୁଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଗିରଫ ପରେ ମଙ୍ଗଳବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ, କଳିଙ୍ଗନଗର କେ-୮ ଅଞ୍ଚଳରେ ଥିବା ହୋଟେଲକୁ ଅଭିଯୁକ୍ତଦ୍ୱୟ ଟାର୍ଗେଟ କରିଥିଲେ। ଉକ୍ତ ହୋଟେଲର ବୈଧ କାଗଜପତ୍ର ନାହିଁ ଏବଂ ସେଠାରେ ସେକ୍ସ ରାକେଟ ଚାଲିଥିବା କହି ମାଲିକଙ୍କୁ ସାମ୍ବାଦିକଦ୍ୱୟ ଫଶାଇ ଦେବାକୁ ଧମକ ଦେଇ ୩ ଦିନହେବ ୭୦ହଜାର ଟଙ୍କା ମାଗି ଆସୁଥିଲେ। ଗତ ୩ ଦିନ ହେଲା ସାମ୍ବାଦିକଦ୍ୱୟ ହୋଟେଲ ମାଲିକଙ୍କୁ ଏଭଳି କହି ୭୦ ହଜାର ଟଙ୍କା ମାଗୁଥିଲେ।

# କ୍ଳୋକ୍ ରୁମ୍ ସଙ୍କୁଚିତ: ଶ୍ରଦ୍ଧାଳୁ ହନ୍ତସନ୍ତ

- ଶୋଷଣ କରୁଛନ୍ତି ଘରୋଇ ଜୋତାଷ୍ଟାଣ୍ଡ
- ଆସବାବପତ୍ର ରଖିବାକୁ ମୁଣ୍ଡ ପିଛା ନେଉଛନ୍ତି ୩୦ ଟଙ୍କା

ପୁରୀ ଅଫିସ,୧୬।୧୦



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସ୍ୱେରେଜ୍ ଲାଇନ୍ ସମେତ ଅନ୍ୟ ଭୂତଳ ସୁବିଧା ପାଇଁ ସମ୍ପ୍ରତି କାର୍ଯ୍ୟକ୍ଷମ ଥିବା କ୍ଳୋକ୍ ରୁମ୍ ଓ ଜୋତାଷ୍ଟାଣ୍ଡକୁ ସଙ୍କୁଚିତ କରିଦିଆଯାଇଛି। କ୍ଳୋକ୍ ରୁମ୍ ପଛ ପଟେ ଜମି ଅଧିଗ୍ରହଣ ପରେ ପୁରୁଣା କ୍ଳକ୍ ରୁମ୍‌ର କିଛି ଅଂଶ ଭାଙ୍ଗିଦିଆଯାଇଥିବାବେଳେ ସମ୍ପ୍ରତି ସ୍ୱେରେଜ କାର୍ଯ୍ୟ ଚାଲିଛି। ଏଭଳି ସ୍ଥିତିରେ ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ନିଜ ଆସବାବପତ୍ର ରଖିବା ଲାଗି ହଇରାଣ ହେଉଛନ୍ତି। ସେହିଭଳି ସଙ୍କୁଚିତ କ୍ଳକ୍ ରୁମ୍‌ର ସୁଯୋଗ ନେଇ ଘରୋଇ ଜୋତାଷ୍ଟାଣ୍ଡଗୁଡ଼ିକ ଶ୍ରଦ୍ଧାଳୁଙ୍କୁ ଆର୍ଥିକ ଶୋଷଣ କରିବାରେ ବ୍ୟସ୍ତ। ଅନ୍ୟପକ୍ଷରେ ଆସନ୍ତା ୨ମାସ ମଧ୍ୟରେ ବର୍ଦ୍ଧିତ କ୍ଳୋକ୍ ରୁମ୍ କାର୍ଯ୍ୟକ୍ଷମ ହେବ ଓ ଉକ୍ତ ସମସ୍ୟାର ସମାଧାନ ହୋଇଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କହିଛି।

ମହାପ୍ରଭୁଙ୍କ ଦର୍ଶନ ପାଇଁ ଦୈନିକ ଅତିକମ୍‌ରେ ୧୦ ହଜାର ଶ୍ରଦ୍ଧାଳୁ ଆସୁଛନ୍ତି। ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁମାନେ ପ୍ରବେଶ କରିବା ପୂର୍ବରୁ କ୍ଳୋକ୍ ରୁମ୍‌ରେ ବ୍ୟାଗ, ଜୋତା, ଚମଡ଼ା ବେଲ୍ଟ, ମୋବାଇଲ ଫୋନ୍ ଏବଂ ଅନ୍ୟ ଆସବାବପତ୍ର ରଖିଥାଆନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିନା ମୂଲ୍ୟରେ ଶ୍ରଦ୍ଧାଳୁଙ୍କୁ ଏହି ସେବା ଯୋଗାଇ ଦିଆଯାଇଥାଏ। ମାତ୍ର ସମ୍ପ୍ରତି ଏହି କ୍ଳୋକ୍ ରୁମ୍ ପୂର୍ଣ୍ଣ କ୍ଷମତାରେ ଚାଲୁ ନ ଥିବାରୁ ଶ୍ରଦ୍ଧାଳୁମାନେ ବାଧହୋଇ ଘରୋଇ ଷ୍ଟାଣ୍ଡରେ ଟଙ୍କା ଦେଇ ଆସବାବପତ୍ର ରଖୁଛନ୍ତି। ଷ୍ଟାଣ୍ଡ ମାଲିକମାନେ ଗୋଟିଏ ବ୍ୟାଗ୍ ରଖିବା ଲାଗି ୩୦ ଟଙ୍କା ନେଉଛନ୍ତି। ସିଂହଦ୍ୱାରକୁ ମିଶାଇ ଶ୍ରୀମନ୍ଦିର ଚାରିପଟେ ୧୫ରୁ ୨୦ଟି ଏଭଳି ଦୋକାନ ରହିଛି। ଶ୍ରଦ୍ଧାଳୁ ସରୋଜ ବରାଳ ନିଜ ପରିବାର ସଦସ୍ୟଙ୍କ ସହ ଶ୍ରୀମନ୍ଦିର ବୁଲିବାକୁ ଆସିଥିବା ବେଳେ ତାଙ୍କୁ କେବଳ ଆସବାବପତ୍ର ରଖିବା ପାଇଁ ୨ଶହ ଟଙ୍କା ଦେବାକୁ ପଡ଼ିଥିଲା। ସରୋଜ କହିଛନ୍ତି, ଜୋତାଷ୍ଟାଣ୍ଡରେ ଜୁଲମ୍ ଦେଖି କଷ୍ଟ ଲାଗିଲା। ପ୍ରଶାସନ ପକ୍ଷରୁ ବିଶେଷ ସୁବିଧା ନ ଥିବାରୁ ଆମେ ବାଧହୋଇ ଘରୋଇ ଜୋତାଷ୍ଟାଣ୍ଡରେ ଆସବାବପତ୍ର ରଖିଥିଲୁ। ତେବେ ଅର୍ଥ କମାଇବାକୁ ଅନୁରୋଧ କରିବା ସତ୍ତ୍ୱେ ଷ୍ଟାଣ୍ଡ କର୍ମଚାରୀ କିଛି ଶୁଣି ନ ଥିଲେ। ଓଲଟା ଇଚ୍ଛା ହେଲେ ରଖ ନ ହେଲେ ନାହିଁ ବୋଲି ରୋକଠୋକ୍ କହିଥିଲେ। ଏଣୁ ପ୍ରଶାସନ ଏ ନେଇ ବିକଳ୍ପ ବ୍ୟବସ୍ଥା କରିବା ଦରକାର। ଫଳରେ ଶ୍ରଦ୍ଧାଳୁଙ୍କ ସହ ହେଉଥିବା ଏଭଳି ବ୍ୟବହାର ଓ ଶୋଷଣ ବନ୍ଦ ହେବ।

ଶ୍ରୀମନ୍ଦିର କ୍ଳୋକ୍ ରୁମ୍‌ରେ ସାଧାରଣ ଦିନରେ ୨୦ ହଜାର ଲୋକଙ୍କ ଆସବାବପତ୍ର ରଖିବା ପାଇଁ ବ୍ୟବସ୍ଥା ରହିଛି। ମାତ୍ର ଏବେ ଏହି ସଂଖ୍ୟା କମି ଆସି ୪ରୁ ୫ ହଜାରରେ ପହଞ୍ଚିଛି। ଏଣୁ ଗହଳି ହେଲେ ଘରୋଇ ଜୋତାଷ୍ଟାଣ୍ଡଗୁଡ଼ିକୁ ଲୁଟିବାର ସୁଯୋଗ ମିଳିଯାଉଛି। ଏଭଳି ସ୍ଥିତିରେ ପ୍ରଶାସନ ପକ୍ଷରୁ କୌଣସି ବିକଳ୍ପ ବ୍ୟବସ୍ଥା କରା ନ ଯିବାକୁ ସାଧାରଣରେ ସମାଲୋଚନା କରାଯାଇଛି। ଏନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସ୍ୱେରେଜ ଲାଇନ୍ ପାଇଁ ଭଙ୍ଗାଯାଇ ଭୂତଳ କାର୍ଯ୍ୟ ଚାଲିଛି। ଫଳରେ ସାମାନ୍ୟ ଅସୁବିଧା ହେଉଛି। କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ବିକଳ୍ପ ବ୍ୟବସ୍ଥା ଦିଆଯାଇଛି। ଶ୍ରଦ୍ଧାଳୁଙ୍କ ଆସବାବପତ୍ର ରଖିବା ପାଇଁ ଯଥାସମ୍ଭବ ଉଦ୍ୟମ ହେଉଛି ବୋଲି ସାହୁ ପ୍ରକାଶ କରିଛନ୍ତି। ସେହିପରି ଆସନ୍ତା ୨ମାସ ମଧ୍ୟରେ ବର୍ଦ୍ଧିତ କ୍ଳୋକ୍ ରୁମ୍ କାର୍ଯ୍ୟକ୍ଷମ କରାଯିବ ଏବଂ ଏଥିଯୋଗୁ ସମସ୍ୟା ଦୂର ହୋଇପାରିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୬ତମ ଜନ୍ମଦିବସ ଅବସରରେ ତାଙ୍କୁ ଶୁଭେଚ୍ଛା ଜଣାଇ ରବିବାର ପୁରୀ ବେଳାଭୂମିରେ ସୁଦର୍ଶନ ସ୍ୟାଣ୍ଡ୍ ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ଅନୁଭବଙ୍କ ନାଁରେ ନକଲି ଆକାଉଣ୍ଟ

### ସାଇବର ଥାନାରେ ଏତଲା

କଟକ ଅଫିସ,୧୬।୧୦

କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ନାଁରେ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍‌ରେ ଦୁଇଟି ନକଲି ଆକାଉଣ୍ଟ ଖୋଲାଯାଇଛି। ଏ ନେଇ ସେ କଟକ ସାଇବର ଥାନାରେ ରବିବାର ଅଭିଯୋଗ କରିଛନ୍ତି। ଥାନାରେ ଏକ ମାମଲା(ନଂ.୩୩/୨୨) ରୁଜୁ ହୋଇଥିବା ଆଇଆଇସି ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି। ଉକ୍ତ ଆକାଉଣ୍ଟ ଦ୍ୱୟରେ ଜଣେ ବାଳିକାଙ୍କ ଫଟୋକୁ ପ୍ରଦର୍ଶିତ କରାଯାଇ ତାଙ୍କ ଚିକିତ୍ସା ପାଇଁ ଅର୍ଥ ଦାନ କରିବାକୁ ନିବେଦନ କରାଯାଇଛି। ଟଙ୍କା ଦେବା ପାଇଁ ଏକ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମଧ୍ୟ ଦିଆଯାଇଛି। ଏ ସମ୍ପର୍କରେ ଡିସିପି ପିନାକ ମିଶ୍ର କହିଛନ୍ତି, ଅନୁଭବଙ୍କ ନାଁରେ କିଏ ନକଲି ଆକାଉଣ୍ଟ ଖୋଲି ଟଙ୍କା ମାଗୁଛନ୍ତି, ସେ ସମ୍ପର୍କରେ ତଦନ୍ତ ଆରମ୍ଭ ହୋଇଛି। ଆକାଉଣ୍ଟ ଖୋଲିଥିବା ବ୍ୟକ୍ତିଙ୍କ ବିରୋଧରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କୁଶୁପୁରରେ ଖନନ କାର୍ଯ୍ୟ ଆରମ୍ଭ

### ଗୋପରେ ତୈଳ ଓ ପ୍ରାକୃତିକ ଗ୍ୟାସର ସନ୍ଧାନ ମିଳିବା ଘଟଣା

ଗୋପ,୧୬।୧୦(ଡି.ଏନ୍.ଏ.)



ପୁରୀ ଜିଲା ଗୋପ ବ୍ଲକ୍ ଅନ୍ତର୍ଗତ କୁଶୁପୁର ଠାରେ ତୈଳ ଓ ପ୍ରାକୃତିକ ଗ୍ୟାସର ସନ୍ଧାନ ମିଳିବା ପରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ରବିବାର ଠାରୁ ପ୍ରାଥମିକ ଭାବେ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ୪ ଇଞ୍ଚର ବୋରିଂ କରାଯାଉଥିବାବେଳେ ମୋଟ ୩୦ ମିଟର ବୋରିଂ କରାଯିବ। ଖନନ କରାଯାଇ ମାଟିର ନମୁନା ସଂଗ୍ରହ କରାଯିବ ଓ ପରେ ପରୀକ୍ଷା ଲାଗି ଦିଲ୍ଲୀ ପଠାଯିବ। ରିପୋର୍ଟ ଆସିଲେ ଚୂଡ଼ାନ୍ତ ଖନନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ମିଳିଛି। କୁଶୁପୁର ମୌଜାରୁ ଚିହ୍ନଟ କରାଯାଇଥିବା ୭ ଏକର ଜମିରେ ତିନୋଟି ପୋଖରୀ ଖୋଳାଯାଇଥିବା ବେଳେ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। ରବିବାର ଠାରୁ ବୋରିଂ କାର୍ଯ୍ୟ ଜାରି ରହିଛି। ପ୍ରକାଶ ଯେ, ସେସମିକ୍ ସର୍ଭେ ପରେ ଗୋପ ବ୍ଲକ୍‌ର କୁଶୁପୁର ଓ ଚିତ୍ରା ମୌଜାରେ ପ୍ରାକୃତିକ ଗ୍ୟାସ ଓ ତୈଳର ସନ୍ଧାନ ମିଳିଥିବା ଅଏଲ ଇଣ୍ଡିଆ ଜଣାପଡ଼ିବା ପରେ କମ୍ପାନୀ ପକ୍ଷରୁ କୁଶୁପୁର ମୌଜାରୁ ୩୭ ଜଣ ଚାଷୀଙ୍କ ଠାରୁ ୩ ବର୍ଷୀୟା ଲିଜ୍ ସୂତ୍ରରେ ୭ ଏକର ଜମି ନିଆଯାଇ ୯୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଅନୁରୂପ ଭାବେ ଚିତ୍ରା ମୌଜାର ଚିତ୍ରା ଠାରେ ପାଖାକା ୭ ଏକର ଜମି ଚିହ୍ନଟ କରାଯାଇଥିବା ବେଳେ ୧୩୦ ଜଣ ଚାଷୀଙ୍କୁ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ତେବେ ଅଏଲ ଇଣ୍ଡିଆ ପକ୍ଷରୁ କୁଶୁପୁର ଠାରେ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପୂର୍ବରୁ ପ୍ରସ୍ତୁତ ଯୋଜନା ମୁତାବକ ସମସ୍ତ କାର୍ଯ୍ୟ ଜାରି ରହିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଶିଷ



@ ରଶ୍ମିରଞ୍ଜନ



@ କବିନାରାୟଣ



@ ଶ୍ରୀନିବାସ



@ ରାକେଶ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ୭ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ରବିବାର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଜ୍ଞାନପୀଠ ବିଜେତା କନ୍ନଡ଼ ଲେଖକ ପ୍ର. ଚନ୍ଦ୍ରଶେଖର କମ୍ବରଙ୍କୁ ବେଙ୍ଗାଲୁରୁସ୍ଥିତ ତାଙ୍କ ବାସଭବନରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ଼. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା ଓ କର୍ଣାଟକ ସାହିତ୍ୟ ଏକାଡେମୀ ସଭାପତି ଡ.ବି.ଭି.ବସନ୍ତ କୁମାର ସମ୍ବର୍ଦ୍ଧିତ କରୁଛନ୍ତି ।



ବାଲ୍ୟ ବିବାହ ମୁକ୍ତ ଭାରତ ଦାବିରେ ଓଏସ୍‌ସିପିସିଆର ଓ ଚୁଟିକା ଚାଇଲ୍ଡ ଲାଇନ୍ ପକ୍ଷରୁ ରବିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ସଚେତନତା ଶୋଭାଯାତ୍ରାକୁ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**୧୩,୩୩୫ ଲିଟର ପୋଚ ନଷ୍ଟ**

ଟିଗିରିଆ: ଟିଗିରିଆ ଥାନା ଅନ୍ତର୍ଗତ ବାଲିପୁଟ ପଞ୍ଚାୟତ ସଂଲଗ୍ନ ବରମାଣ ଓ କାଳିଚିଆବଲ୍ଲଭ ସଂରକ୍ଷିତ ଜଙ୍ଗଲରେ ଦେଶୀ ମଦ ରନ୍ଧା ଯାଉଥିବା ଖବର ପାଇ କଟକ ଜିଲା ଅବକାରୀ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଇଛି। ୧୩ ହଜାର ୩୩୫ ଲିଟର ପୋଚ ନଷ୍ଟ କରାଯିବା ସହିତ ୨୬୮୫ ଲିଟର ଦେଶୀ ମଦ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୩୯ ଲକ୍ଷ ଟଙ୍କା ବୋଲି କୁହାଯାଇଛି। ଏହି ଚଢ଼ାଉରେ ଆଇଆଇସି କେଶବ ଚନ୍ଦ୍ର ଦାଶ, ସଞ୍ଜୀତ ବାର୍ଲା, ବିଜୟ କୁମାର ଭଞ୍ଜ, ତେଲେସ୍ଫୋର ଲାକ୍ରା, ଦୁର୍ଯ୍ୟୋଧନ ଦିଗାଲ, ଦେବେନ୍ଦ୍ର କୁମାର ପାତ୍ର, ଦେବାନନ୍ଦ ଭୂୟାଁଙ୍କ ସମେତ ଆଠଗଡ ଅବକାରୀ ବିଭାଗ କର୍ମଚାରୀ ସହଯୋଗ କରିଥିଲେ। ଅବକାରୀ ବିଭାଗ ପକ୍ଷରୁ ୩ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି।

## ସଂକ୍ଷେପରେ

### ଏନ୍‌ଏଲ୍‌ୟୁଓ ପକ୍ଷରୁ ଆଇନ ଶିବିର

କଟକ ଅଫିସ, ୧୬।୧୦- ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା (ଏନ୍‌ଏଲ୍‌ୟୁଓ) ପକ୍ଷରୁ ପ୍ରୋଜେକ୍ଟ କୁଟୁମ୍ବ ତତ୍ତ୍ୱାବଧାନରେ କଟକ ସିଡିଏ ବାବାଟିଲ୍‌କା ନଗରରେ ମେଡିକୋ ଆଇନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବିବାଦର ସମାଧାନରେ ମଧ୍ୟସ୍ଥତାର ମହତ୍ତ୍ୱ ସମ୍ପର୍କିତ ଏକ ନାଟକ ପରିବେଷଣ କରିଥିଲେ। ଉକ୍ତ ଶିବିରରେ ଆୟୋଜିତ ମେଡିକାଲ କ୍ୟାମ୍ପରେ ଡାକ୍ତରୀ ସେବା ଯୋଗାଇବା ସହ ଛାତ୍ରୀଛାତ୍ରମାନେ ମଧ୍ୟସ୍ଥତା ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା, ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ।

### ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଖୁଣ୍ଟୁଣୀ,୧୬।୧୦(ଡି.ଏନ.ଏ.)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଆଠଗଡ଼ ବ୍ଲକ ଓରନ୍ଦା ପଞ୍ଚାୟତରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳ ତରଫରୁ ରବିବାର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଳୀୟ କର୍ମୀମାନେ ବାଳି ଜଗନ୍ନାଥ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ। ପରେ ବାଳିଠାରୁ ପଦଯାତ୍ରା ବାହାରି କପୁରସିଂଠାରେ ଶେଷ ହୋଇଥିଲା। ଏଥିରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁଅ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏହି ପଦଯାତ୍ରାରେ ଆଠଗଡ ବ୍ଲକ ୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ମିନତୀ ଗାଗରାଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ପୂର୍ବତନ ଜିଲା ପରିଷଦ ସଦସ୍ୟ କେଶବ ଦଳେଇ, କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ, ଜ୍ଞାନରଞ୍ଜନ ପଟ୍ଟନାୟକ, ମୀତା ରାଉତ, ପ୍ରଣତୀ ନାୟକ, ରିନଝିନା ରାଉତ, ବର୍ଷା ରଣା, ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ବିନୋଦ କୁମାର ମାଝୀଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

### କାଳୀପୂଜା ପ୍ରସ୍ତୁତି ବୈଠକ

କଟକ ଅଫିସ,୧୬।୧୦- କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ ଚାଉଳିଆଗଞ୍ଜ ପୂଜା କମିଟି ସଭାଗୃହରେ କାଳୀ ପୂଜା ଓ ଭଷାଣୀ ଉତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଚଳିତବର୍ଷ ଦୁର୍ଗା ପୂଜାର ସଫଳତା ପାଇଁ ସମସ୍ତ ପୂଜା କମିଟିର ସଭାପତି ଓ ସମ୍ପାଦକ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, କଟକ ମହାନଗର ନିଗମ, ଲୋକପ୍ରତିନିଧି ଓ ରାଜନୈତିକ ନେତୃବୃନ୍ଦଙ୍କୁ ଧନ୍ୟବାଦ ଦେଇଥିଲେ। ଆସନ୍ତା ୨୪ରେ କାଳୀପୂଜା, ୨୬ ଓ ୨୭ରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ ୨୮ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏହାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଯୋବ୍ରା ପୂଜା କମିଟି ସଭାପତି ପ୍ରମୋଦ ଜେନା, ସମ୍ପାଦକ ଶ୍ରୀମନ୍ତ ଦାସ, ଅନ୍ଦରପୁର ପୂଜା କମିଟି ସଭାପତି ନିଶିଥ କରଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପୂର୍ବାଞ୍ଚଳ ଶାନ୍ତି କମିଟି ଅଧୀନ ସମସ୍ତ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ। ଚାଉଳିଆଗଞ୍ଜ ପୂଜା କମିଟି ସମ୍ପାଦକ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ମାସକରେ ୧୩ ପିଲା ନିଖୋଜ

## ଅପରାଧ ସମୀକ୍ଷା ବୈଠକ

- ୧୮,୮୪୦ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ
- ଅପରାଧୀଙ୍କୁ ଧରିବା ଉପରେ ଗୁରୁତ୍ୱାରୋପ

କଟକ ଅଫିସ,୧୬।୧୦

କମିଶନରେଟ ପୋଲିସ ଅଧୀନସ୍ଥ କଟକ ସହରାଞ୍ଚଳରେ ଗତ ସେପ୍ଟେମ୍ବରରେ ୧୩ ପିଲା ନିଖୋଜ ସମ୍ପର୍କିତ ମାମଲା ପୋଲିସକୁ ଚିନ୍ତାରେ ପକାଇଛି। ଅବଶ୍ୟ ୧୩ ପିଲାଙ୍କ ମଧ୍ୟରୁ ୫ ଜଣଙ୍କୁ ଉଦ୍ଧାର କରାଯାଇସାରିଲାଣି। ବାକି ପିଲାଙ୍କୁ ଉଦ୍ଧାର କରିବା ପୋଲିସ ପାଇଁ ଏକ ଆହ୍ୱାନ ହୋଇଛି।

କଟକ ସହରାଞ୍ଚଳ ପୋଲିସକୁ ମଧ୍ୟ ଅନ୍ୟାନ୍ୟ ଆପରାଧିକ କାର୍ଯ୍ୟକଳାପ ରୋକିବା ଦିଗରେ କସରତ କରିବାକୁ ପଡୁଛି। ସେପ୍ଟେମ୍ବର ମାସର ଅପରାଧ ସମୀକ୍ଷା ବୈଠକ ପରେ ଶନିବାର ପୋଲିସ ଅଧିକାରୀମାନଙ୍କୁ ଏନେଇ ଅଧିକ ଗୁରୁତର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପତ୍ତିଗତ ମାମଲାକୁ ନେଇ ମାସକ ମଧ୍ୟରେ ମୋଟ୍ ୮୬ଟି ମାମଲା ରୁଜୁ ହୋଇଥିଲା। ସେଥିରୁ ୩୩ଟି ମାମଲାରେ ପୋଲିସକୁ ସଫଳତା ମିଳିଥିବାବେଳେ ବାକି ମାମଲା ଝୁଲି ରହିଛି। ଏହି ୩୩ଟି ମାମଲାରେ ୪୯ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୨୭ ଲକ୍ଷ ୭୦୦ ଟଙ୍କାର ସମ୍ପତ୍ତି ଉଦ୍ଧାର ହୋଇପାରିଛି। ସେହିପରି ୧୦୪ଟି ଅବକାରୀ ମାମଲାରେ ୮୦୮ ବୋତଲ ଆସ୍କା ଫର୍ଟି, ୬୧୨ ଲିଟର ଦେଶୀ ମଦ, ୯୬ ବୋତଲ ଓ ୨୦ ଲିଟର ବିଦେଶୀ ମଦ ଜବତ କରାଯାଇ ୫୭ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୪ଟି ବେଆଇନ ଗଞ୍ଜେଇ କାରବାର ମାମଲାରେ ୮ ଜଣଙ୍କୁ ଗିରଫ କରାଯାଇ ୨୧ କେଜି ୭୧୬ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଗୋଟିଏ ମାମଲାରେ ଦେଶୀ ବନ୍ଧୁକ ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଟ୍ରାଫିକ ନିୟମ ଉଲ୍ଲଂଘନ ଘଟଣାରେ ୧୮,୮୪୦ ଜଣଙ୍କଠାରୁ ମୋଟ ୨ କୋଟି ୫ ଲକ୍ଷ ୧୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ସହରାଞ୍ଚଳ ପୋଲିସ ନିୟମ ଉଲଂଘନ କରିବା ଘଟଣାରେ ୧,୬୭୬ ଜଣଙ୍କଠାରୁ ୭ ଲକ୍ଷ ୨୫ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ୩୯ଟି ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ମାମଲାରେ ୨୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଥିସହ ୯ ଜଣ ଅଭ୍ୟାସଗତ ଅପରାଧିଙ୍କ ବିରୋଧରେ ୧୧୦ ଦଫାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସାଇବର ଅପରାଧ ମାମଲାରେ ମୋଟ ୧୧,୩୮,୫୮୦ ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଅଚଳ କରିଦିଆଯାଇଛି। ଏଥିସହ ୧,୭୫,୦୦୦ ଟଙ୍କା କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ଫେରସ୍ତ ଦିଆଯାଇଥିବା ସୂଚନା ମିଳିଛି। କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ଡିସିପିଙ୍କ କାର୍ଯ୍ୟାଳୟରେ ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିସିପି ପିନାକ ମିଶ୍ର ଅଧ୍ୟକ୍ଷତା କରି ପୁରୁଣା ମାମଲାଗୁଡ଼ିକର ତଦନ୍ତ କରାଯିବା ସହ ଅପରାଧିମାନଙ୍କୁ ଧରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଚଢ଼ାଉ ଅଭିଯାନ, ଅବକାରୀ, ସାଇବର ଅପରାଧ, ଏନ୍‌ବିଡବ୍ଲ୍ୟୁ ସମ୍ପର୍କିତ ମାମଲାରେ ତୁରନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ପୋଲିସ ଅଧିକାରୀଙ୍କୁ ଡିସିପି ପରାମର୍ଶ ଦେଇଥିଲେ। ଅତିରିକ୍ତ ଡିସିପି ଅନିଲ ମିଶ୍ର, ସେକ୍ ସରିଫୁଦ୍ଦିନ, ଏସିପି ଅମରେନ୍ଦ୍ର ପଣ୍ଡା, ଅଜୟ ଦାସ, ଅରୁଣ କୁମାର ସ୍ୱାଇଁ, ଆଶୁତୋଷ ମିଶ୍ର, ପ୍ରଣତି ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସେଠୀଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ ଉପସ୍ଥିତ ଥିଲେ।




ସ୍ୱଚ୍ଛ ଓ ସବୁଜ ବାଲିଯାତ୍ରାର ଜନ ସଚେତନତା ନେଇ ଜିଲା ପ୍ରଶାସନ ପକ୍ଷରୁ ବାଲିଯାତ୍ରା ଡଳ ପଡିଆରେ ରବିବାର ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

# ସ୍ୱଚ୍ଛ, ସବୁଜ ବାଲିଯାତ୍ରା ଅଭିଯାନ ଆରମ୍ଭ

କଟକ ଅଫିସ,୧୬।୧୦

ଚଳିତବର୍ଷ କଟକ ବାଲିଯାତ୍ରାକୁ ସ୍ୱଚ୍ଛ, ସବୁଜ ସୁନ୍ଦର କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ରବିବାରଠାରୁ ଅଭିଯାନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବାଲିଯାତ୍ରା ବୋଇତ ପ୍ରବେଶ ଦ୍ୱାରଠାରୁ ଗଡଗଡ଼ିଆ ଘାଟ ପର୍ଯ୍ୟନ୍ତ କୀର୍ତ୍ତନ, ଲୋକନୃତ୍ୟ, ମାଦଳ ବାଜା ଓ ଶଙ୍ଖଧ୍ୱନି ସହ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିସହ ମହାନଦୀ ଆଳତୀ ମଧ୍ୟ ହୋଇଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାପାଳ ଚୟନୀ କହିଛନ୍ତି, ପାରମ୍ପାରିକ ରୀତିରେ କଟକର ଲୋକକଳା, ସଂସ୍କୃତି ଓ ପରମ୍ପରାକୁ ଗୁରୁତ୍ୱ ଦେଇ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ପ୍ରତିଦିନ ଅପରାହ୍ନ ସାଢେ ୪ଟାରୁ ସାଢେ ୫ଟା ମଧ୍ୟରେ ମହାନଦୀ ଆଳତୀ କରାଯିବ। ସେହିପରି ସିଏମ୍‌ସି ମେୟର ସୁବାସ ସିଂ କହିଥିଲେ, କଟକ ବାଲିଯାତ୍ରାକୁ ବିଶ୍ୱସ୍ତରରେ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ ନିମନ୍ତେ ସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ରୁଚି କମ୍ପାନୀ ଅଧ୍ୟକ୍ଷ ଡ଼ଃ ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁର୍ଘଟଣାରେ ମହିଳା ମୃତ, ରାସ୍ତାରୋକୋ

କଟକ ସଦର,୧୬।୧୦(ଡି.ଏନ୍.ଏ.)

ସୋମପୁର-କିଶୋରନଗର ରାସ୍ତାର ତରିଲୋ ନିକଟରେ ରବିବାର ଏକ ଟ୍ରକ ଚକା ତଳେ ଚାପି ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶୋରନଗର ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ମନୱାର ବିବି(୪୫)। ଦୁର୍ଘଟଣା ପରେ ଘଟଣାସ୍ଥଳରେ ରାସ୍ତାରୋକୋ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟାରେ ମନୱାର ଓ ତାଙ୍କ ସ୍ୱାମୀ ସାୟେଦ ଆଲ୍ଲୀ ଏକ ବାଇକ୍(ନଂ. ଓଡ଼ି୨୧ଇ-୮୩୯୧)ରେ କିଶୋରନଗର ପଟୁ ସୋମପୁର ଆଡ଼କୁ ଆସୁଥିଲେ। ଏହି ସମୟର ଏକ ଅପେରା ପାର୍ଟିର ଟ୍ରକ (ନଂ.ଓଆର୦୪ବି-୩୮୮୩) ମଧ୍ୟ ଆସୁଥିଲା। ହଠାତ୍ ବାଇକ୍‌ଟି ଟ୍ରକକୁ ଅତିକ୍ରମ କଲାବେଳେ ଖାଲରେ ପଡି ଯାଇଥିଲା। ଫଳରେ ମନୱାର ତଳେ ପଡିଯିବାରୁ ଟ୍ରକ୍ ଚକ ତାଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ପ୍ରଦାନ ଦାବିରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ ଓ କିଶନ ନଗର ତହସିଲଦାର ଇନ୍ଦିରା ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟି ଜବତ କରି ତଦନ୍ତ ଚଳାଇଛି।

# ‘ଲେଖକ ସମାଜକୁ ଦିଗ୍‌ଦର୍ଶନ ଦିଅନ୍ତୁ’



ସାରସ୍ୱତ ଆସରରେ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ଗହଣରେ ଉପସ୍ଥିତ ଅତିଥିବୃନ୍ଦ।

**ସାରଳା ସାହିତ୍ୟ ସଂସଦର ସାରସ୍ୱତ ଆସର**

କଟକ ଅଫିସ, ୧୬।୧୦

ସାରଳା ସାହିତ୍ୟ ସଂସଦ ପକ୍ଷରୁ ଶାରଦୀୟ ସାରସ୍ୱତ ଆସର କଟକ ସାରଳା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଉପଭୋକ୍ତା ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ଦୁର୍ଗାପ୍ରସନ୍ନ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମ ସଂସ୍କୃତି ଓ ଭାଷା ସମୃଦ୍ଧ ଏବଂ ପୁରାତନ ବୋଲି କହିଥିଲେ। ସେହିପରି ଭେଷଜ ବିଜ୍ଞାନୀ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା କହିଥିଲେ, ସାହିତ୍ୟ ଓ ସାଂସ୍କୃତିକ ଆସର ସଭିଙ୍କୁ ଏକତ୍ରିତ କରିଥାଏ। ଓପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ. ସତ୍ୟକାମ ମିଶ୍ର ଲେଖକମାନେ ସମାଜକୁ ଲେଖା ମାଧ୍ୟମରେ ଦିଗ୍‌ଦର୍ଶନ ଦେବା ବାଞ୍ଛନୀୟ ବୋଲି କହିଥିଲେ। ଡ. ବୈରାଗୀ ଚରଣ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସଂସଦ ପକ୍ଷରୁ ଡ. ଉମେଶ ଚନ୍ଦ୍ର ଜେନାଙ୍କୁ ମାନସିଂହ ସାରସ୍ୱତ ସମ୍ମାନ, ବିଷ୍ଣୁ ଚରଣ ବଡୁଙ୍କୁ ବୌଦ୍ଧିକ ସାରସ୍ୱତ ସମ୍ମାନ, ବ୍ରଜକିଶୋର ଦାଶଙ୍କୁ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ, କେଶବ ଚନ୍ଦ୍ର ରାଉତରାୟଙ୍କୁ କଥା ସାହିତ୍ୟ ସମ୍ମାନ, ଲକ୍ଷ୍ମୀଧର ରଣାଙ୍କୁ ଶିଳ୍ପୀ ଶିରୋମଣି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ପ୍ରଫେସର ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ, ନାଟ୍ୟକାର ସଞ୍ଜୀତ ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। କବି ଗୋପା ଦାସ, ଗାଳ୍ପିକା ସୋହାଗିନୀ ବେହେରା, ଡ. ବିରଞ୍ଚି କୁମାର ସାହୁ, ବିଭୁ ପ୍ରସାଦ ରାଉତ ମାନପତ୍ର ପାଠ ଓ ପ୍ରଭାକର ନାୟକ ଧନ୍ୟବାଦ ଦେଇଥିଲେ।

**ସିଆଇଟିୟୁ ଜିଲା ସମ୍ମିଳନୀ**

## ଶ୍ରମିକଙ୍କ ସଂଗ୍ରାମ କର୍ପୋରେଟ ନୀତିକୁ ପ୍ରତିହତ କରିବ

କଟକ ଅଫିସ, ୧୬।୧୦

ସିଆଇଟିୟୁର ଚତୁର୍ଥ କଟକ ଜିଲା ସମ୍ମିଳନୀ ଖପୁରିଆସ୍ଥିତ ଓଡ଼ିଶା ସ୍ମଲ ମିଡିୟମ ଏଣ୍ଟରପ୍ରିନିୟର ଆସୋସିଏଶନ ହଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସିଆଇଟିୟୁ ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି ଉଦ୍‌ଘାଟନ କରି କହିଥିଲେ, ଦେଶରେ ବହୁ କୋଟି ଶ୍ରମଜୀବୀ ଦୟନୀୟ ଅବସ୍ଥାରେ ଅଛନ୍ତି। ଅପରପକ୍ଷରେ କର୍ପୋରେଟ ଧନୀ ଶ୍ରେଣୀଙ୍କ ଆୟ ବଢି ଚାଲିଛି। କେନ୍ଦ୍ର ସରକାରଙ୍କ କର୍ପୋରେଟ ପୋଷା ନୀତି ଯୋଗୁ ଏଭଳି ସ୍ଥିତି ଉପୁଜିଛି। କୃଷକଙ୍କ ମିଳିତ ଆନ୍ଦୋଳନ ଦ୍ୱାରା କୃଷି ଆଇନ ବାତିଲ କରିବାକୁ କେନ୍ଦ୍ର ସରକାର ବାଧ୍ୟ ହୋଇଥିଲେ। ସେହିପରି ଶ୍ରମିକ ଶ୍ରେଣୀର ମିଳିତ ସଂଗ୍ରାମ ହିଁ କର୍ପୋରେଟ ପୋଷା ନୀତିକୁ ପ୍ରତିହତ କରିପାରିବ ବୋଲି ମହାନ୍ତି କହିଥିଲେ। ଏହି ସମ୍ମିଳନୀରେ ଉଲ୍ଲାସ ସ୍ୱାଇଁ, ପୁଷ୍ପା ଦାଶ, ଅଭୟ ସ୍ୱାଇଁ, ରବି ନାରାୟଣ ମଲ୍ଲିକ, ଶୁଭଙ୍କର ଦାସ, ରଜନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବଦ୍ରି ନାରାୟଣ ଦାଶ ଧନ୍ୟବାଦ ଦେଇଥିଲେ। ଆଗାମୀ କାର୍ଯ୍ୟକାଳ ପାଇଁ ରବିନାରାୟଣ ମଲ୍ଲିକ ସଭାପତି, ପୀତାମ୍ବର ଲେଙ୍କା ଓ ବଦ୍ରି ନାରାୟଣ ଦାଶ ଉପସଭାପତି, ଅଭୟ ସ୍ୱାଇଁ ସମ୍ପାଦକ ଏବଂ ରଶ୍ମିରଞ୍ଜନ ତ୍ରିପାଠୀ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ।

# ନ୍ୟାୟିକ ବ୍ୟବସ୍ଥା ଜାଣିଲେ ଛାତ୍ରୀଛାତ୍ର

କଟକ ଅଫିସ,୧୬।୧୦

ଭଦ୍ରକ ଜିଲା ସାହାଡ଼ାସ୍ଥିତ ଲକ୍ଷ୍ମୀନାରାୟଣ ପବ୍ଲିକ୍ ସ୍କୁଲର ୩୪ ଜଣ ଛାତ୍ରୀଛାତ୍ର ରବିବାର ହାଇକୋର୍ଟ ପରିଦର୍ଶନରେ ଆସିଥିଲେ। ସେମାନେ ହେରିଟେଜ ବିଲ୍ଡିଂ, ହାଇକୋର୍ଟର ନୂତନ ବିଲ୍ଡିଂ, ଜଜ୍ ଲାଇବ୍ରେରୀ, କନଫରେନ୍ସ ହଲ, ମୁଖ୍ୟ ବିଚାରପତିଙ୍କ କୋର୍ଟ ଓ ଚାମ୍ବର ବୁଲି ଦେଖିଥିଲେ। ଆଇନଜୀବୀ କାଜଲ ସାହୁ ଓ ଶୈଳଜା ନନ୍ଦନ ସାହୁ ଉପସ୍ଥିତ ରହି ସେମାନଙ୍କୁ ନ୍ୟାୟିକ କାର୍ଯ୍ୟର ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ। ସେହିପରି କୋର୍ଟରେ ବିଭିନ୍ନ ପ୍ରକ୍ରିୟା ବିଷୟରେ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ଉପସ୍ଥିତ ଆଇନଜୀବୀମାନେ ଦେଇଥିଲେ। ସେମାନଙ୍କୁ ଜଜ୍ ଶପଥ ଗ୍ରହଣ ସମାରୋହର ଭିଡ଼ିଓ କ୍ଲିପ୍ ଦେଖାଯାଇଥିଲା। ମୁଖ୍ୟ ବିଚାରପତିଙ୍କ କୋର୍ଟ କକ୍ଷରେ ଛାତ୍ରୀଛାତ୍ରମାନେ ଜନସ୍ୱାର୍ଥ ମାମଲା ଶୁଣାଣି ଭିଡ଼ିଓ କ୍ଲିପ୍ ଦେଖିଥିଲେ। ଏହାପରେ ଓଡ଼ିଶା ଜୁଡ଼ିସିଆଲ ଏକାଡ଼େମୀରେ ସେମାନଙ୍କୁ ଆଇନଜୀବୀ ଏବଂ ବିଚାରପତିଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦିଆଯାଇଥିଲା। ଜଷ୍ଟିସ ଏମ୍.ଏସ୍. ରମଣଙ୍କ ସହ ଛାତ୍ରୀଛାତ୍ରମାନେ ସାକ୍ଷାତ ଆଲୋଚନା କରିଥିଲେ।

# ୩ ବନ୍ଧୁକ, ଗାଡ଼ି ଜବତ: ୩ ଗିରଫ

କଟକ ଅଫିସ,୧୬।୧୦

ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ଲାଲବାଗ ପୋଲିସ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିଆଳି ଥାନା ଅନ୍ତର୍ଗତ ଦୀଘିର ଗୋପୀନାଥ ପାତ୍ର, ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ଗତିରାଉତପାଟଣାର ଶ୍ରୀନାଥ ରାଉତ ଓ କିଶନନଗର ଥାନା ଅଞ୍ଚଳର ଜ୍ୟୋତିରଞ୍ଜନ ରାଉତ। ସେମାନଙ୍କଠାରୁ ୨ଟି ଦେଶୀ ବନ୍ଧୁକ, ଗୋଟିଏ ରିଭଲଭର, ୧୫ଟି ଗୁଳି, ୩ଟି ବାଇକ ଓ ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ସେମାନେ ବିହାରରୁ ବନ୍ଧୁକ ଆଣି ଓଡ଼ିଶାର କଟକ, ଭୁବନେଶ୍ୱର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ସମେତ ଅନ୍ୟ ଜିଲାରେ ବେଆଇନ କାରବାର କରୁଥିଲେ। ଶନିବାର ରାତି ପ୍ରାୟ ୮ଟାରେ ଆର୍‌ଏନ୍‌ଏଟି କଲେଜର ପୂର୍ବ ପାର୍ଶ୍ୱରେ ୪ ଜଣ ବେଆଇନ ବନ୍ଧୁକ କାରବାର କରୁଥିବା ପୋଲିସ ଖବର ପାଇଥିଲା। ଆଇଆଇସି ରବିନାରାୟଣ ଭଞ୍ଜ ସଦଳବଳେ ସେଠାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଥିଲେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରବିବାର ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରାଯାଇ କଟକ ଚଣ୍ଡୀ ମନ୍ଦିରରେ ସମୂହ ଦୀପଦାନ।

# ସହର ଭିତରେ ବାଣ ଦୋକାନ ମନା

## ବିନା ଲାଇସେନ୍ସରେ ବାଣ ବିକିଲେ କାର୍ଯ୍ୟାନୁଷ୍ଠାନ

କଟକ ଅଫିସ,୧୬।୧୦

ଦୀପାବଳି ଉପଲକ୍ଷେ ବାଣ ଦୋକାନ ଖୋଲିବା ଉପରେ କମିଶନରେଟ୍ ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। କଟକ ସହର ଭିତରେ ବାଣ ଦୋକାନ ଖୋଲିବା ଉପରେ ସହରାଞ୍ଚଳ ପୋଲିସ କଟକଣା ଲଗାଇଛି। କେବଳ ସହର ବାହାରର ଖାଲି ସ୍ଥାନରେ ବାଣ ଦୋକାନ ଖୋଲିବା ନିମନ୍ତେ ଅନୁମତି ଦିଆଯିବ। ଏଥିସହ ବିନା ଲାଇସେନ୍ସରେ ବାଣ ଦୋକାନ ଖୋଲିଲେ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

ଦୀପାବଳି ପାଇଁ ଅନିୟନ୍ତ୍ରିତ ବାଣ କାରବାର ଯୋଗୁଁ ଅଗ୍ନିକାଣ୍ଡ ଘଟି ବହୁ ଧନ, ଜୀବନ ହାନି ହେବା ଭଳି ଦୁର୍ଘଟଣା ବିଗତ ବର୍ଷରେ ଘଟିଛି। ତେଣୁ ସହରବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବିହିତ ପଦକ୍ଷେପ ସ୍ୱରୂପ ବାଣ ବ୍ୟବସାୟକୁ ନିୟନ୍ତ୍ରିତ ପାଇଁ ପ୍ରୟାସ କରାଯାଇଛି। ବାଣ ଦୋକାନ ଖୋଲିବା ନିମନ୍ତେ ଆଗ୍ରହୀ ବ୍ୟକ୍ତିଙ୍କୁ ନିଜ ଥାନାରେ ଲାଇସେନ୍ସ ପାଇବା ନିମନ୍ତେ ଆବେଦନ କରିବାକୁ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ଆଧାରକାର୍ଡ ସମେତ ଅନ୍ୟାନ୍ୟ ବ୍ୟବସାୟିକ କାଗଜାତ ଦାଖଲ କରିବାକୁ ପଡିବ। କାଗଜପତ୍ର ଯାଞ୍ଚ ପରେ ଠିକ ଥିଲେ ଲାଇସେନ୍ସ ଦିଆଯିବ ବୋଲି ସ୍ପଷ୍ଟ କରାଯାଇଛି। ସହରର ଦେବୀଗଡ଼ା, କୃଷକ ବଜାର, ବାଲିଯାତ୍ରା ପଡ଼ିଆ ଭଳି ଖୋଲାଜାଗାରେ ବାଣ ଦୋକାନ ପାଇଁ ପୋଲିସ ପକ୍ଷରୁ ସ୍ଥାନ ଚିହ୍ନଟ କରାଯାଇଛି। ଏହାବାଦ୍ ଜଗତପୁର ଥାନା ଅଧୀନ ପଦ୍ମପୁର ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବାଣ ତିଆରି କରାଯାଉଥିବାରୁ ଉକ୍ତ ସ୍ଥାନରେ ପୋଲିସ ତୀକ୍ଷ୍ଣ ନଜର ରଖିଛି। କେଉଁଠାରେ ଯେପରି ଅଘଟଣ ନ ଘଟେ, ସେଥିପ୍ରତି ପୋଲିସ ଅଧିକାରୀମାନେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ୨୪ରେ କାଳୀପୂଜା, ୨୮ରେ ଭସାଣି




ବୈଠକରେ ଉପସ୍ଥିତ ବିଭିନ୍ନ ପୂଜା କମିଟିର ମୁରବି।

**କଟକ ମହାନଗର ଶାନ୍ତି କମିଟି ପକ୍ଷରୁ କାଳୀପୂଜା ପ୍ରସ୍ତୁତି ସଭା**

**ରାତି ୧୨ଟା ପର୍ଯ୍ୟନ୍ତ ମାଇକ ବାଜିବ**

କଟକ ଅଫିସ,୧୬।୧୦

ଚଳିତବର୍ଷ କାଳୀପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ପାଇଁ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଓସିଏ ସମ୍ମିଳନୀ କକ୍ଷରେ ରବିବାର ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୪ରେ କାଳୀପୂଜା, ୨୬ ଓ ୨୭ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୨୮ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ଦିନ ରାତ୍ର ୧୨ଟା ପର୍ଯ୍ୟନ୍ତ ମାଇକ ବାଜିବ। ପୂଜା ପୂର୍ବରୁ ସହରର ରାସ୍ତା ମରାମତି କରାଯିବ। ଏଥିସହ କଟକ ମହାନଗର ନିଗମ ପକ୍ଷରୁ ଦେବୀଗଡା ରାସ୍ତା ମରାମତି ସହ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରାଯିବ। ମୂର୍ତ୍ତି ବିସର୍ଜନ ନିମନ୍ତେ ୪/୫ ଟି କୃତ୍ରିମ ପୋଖରୀ ଖୋଳିବାକୁ ନିବେଦନ କରାଯାଇଥିଲା। କମିଟି ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ୍ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପିନାକ ମିଶ୍ର ଓ ଏଡିଏମ୍ ଶିବଶଙ୍କର ଟୋପେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାଧାରଣ ସମ୍ପାଦକ ଭିକାରୀ ଦାସ ୫ ଦଫା ସମ୍ବଳିତ ମୁଦ୍ରିତ ପ୍ରସ୍ତାବ ଆଗତ କରିଥିଲେ। ତାହା ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା। ଏହି ସଭାରେ ସର୍ବଶ୍ରୀ ରାଜକିଶୋର ନାୟକ, ବିଜୟ କୁମାର ଦାଶ, ନୃସିଂହ ଚରଣ ଚୌଧୁରୀ, ଦେବାଶିଷ ରାୟ, ପ୍ରଦୀପ କୁମାର ସିହ୍ନା, ନରେଶଚନ୍ଦ୍ର ସାହୁ, ଲିଙ୍ଗରାଜ ହାତୀ, ପୃଥୀରାଜ ସାହୁ, ଶିବେନ୍ଦ୍ର ହାତୀ, ବାମନଚନ୍ଦ୍ର ଆଚାର୍ଯ୍ୟ ଓ ଡ. ଦ୍ୱିପାୟନ ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କମିଟିର ସହ ସମ୍ପାଦକ ବିଜୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଭାରତର ଅଭିବୃଦ୍ଧି ହାର ୭% ରହିବ

**ନୂଆଦିଲ୍ଲୀ:** ବିଶ୍ୱ ଅର୍ଥନୀତି ବର୍ତ୍ତମାନ ସମୟରେ ଅନେକ ସମସ୍ୟା ମଧ ଦେଇ ଗତି କରୁଛି। ସେଗୁଡ଼ିକ ମଧ୍ୟରେ ବଡ଼ ଅର୍ଥନୀତିଗୁଡ଼ିକରେ ମଧ ମାନ୍ଦାବସ୍ଥାର ଭୟ, ଭୂ-ରାଜନୈତିକ ପରିସ୍ଥିତି ଆଦି ଯୋଗୁ ସୃଷ୍ଟି ସୀମାପାର ପ୍ରଭାବ, ଖାଦ୍ୟ ଓ ଶକ୍ତି ଏବଂ ମୂଲ୍ୟ ବୃଦ୍ଧି ଯୋଗୁ ସୃଷ୍ଟି ହୋଇଥିବା ମୁଦ୍ରାସ୍ଫୀତି ଜନିତ ଚାପ ଦୁର୍ବଳ ଅର୍ଥନୀତିଗୁଡ଼ିକ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଏ ସବୁ ସତ୍ତ୍ୱେ ଭାରତୀୟ ଅର୍ଥ ବ୍ୟବସ୍ଥା ଯଥୋଚିତ ସ୍ଥିତିରେ ରହିବ ଏବଂ ୨୦୨୨-୨୩ ଆର୍ଥିକବର୍ଷରେ ୭% ଅଭିବୃଦ୍ଧି ହାସଲ କରିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି।

# ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବ ଜୟଆଲୁକ୍କାସ

## ଭୁବନେଶ୍ୱରରେ ଜୟଆଲୁକ୍କାସର ଏକ୍ସକ୍ଲୁସିଭ ଷ୍ଟୋର ଉଦ୍‌ଘାଟିତ




**ଭୁବନେଶ୍ୱର, ୧୬।୧୦**

ବିଶ୍ୱସ୍ତରୀୟ ଗହଣା ବ୍ରାଣ୍ଡ ଜୟଆଲୁକ୍କାସ ପକ୍ଷରୁ ରବିବାର ସ୍ଥାନୀୟ ଶହୀଦ ନଗର (ଭୁବନେଶ୍ୱର,ଓଡ଼ିଶା) ଠାରେ ତା'ର ପ୍ରଥମ ଏକ୍ସକ୍ଲୁସିଭ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଆଲୁକ୍କାସର ଅଧ୍ୟକ୍ଷ ଜୟ ଆଲୁକ୍କାସ, ଏମ୍‌ଡି (ଜେଆଇଓ) ଜନ୍‌ପଲ୍ ଆଲୁକ୍କାସଙ୍କ ସମେତ ଜଲି ଜୟ ଆଲୁକ୍କାସ ଏବଂ ସିଇଓ ବବି ଜର୍ଜ, ସିଓଓ ହେନେରୀ ଜର୍ଜ, ଜିଏମ୍ ପି.ଡି. ଜୋଷ, ଆର୍‌ଏମ୍ ରାଜେଶ କ୍ରିଷ୍ଣା ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଏପରିକି ସର୍ବଭାରତୀୟସ୍ତରରେ ବ୍ରାଣ୍ଡର ଉପସ୍ଥିତିକୁ ମଧ୍ୟ ସମ୍ପ୍ରସାରିତ କରାଯାଇଛି। ବିଶେଷକରି ଜୟଆଲୁକ୍କାସର ସିଗ୍ନେଚର (ବିଶ୍ୱ-ଶ୍ରେଣୀର ଡାଞ୍ଚା) ଆଧାରରେ ଡିଜାଇନ କରାଯାଇଥିବା ଏହି ଷ୍ଟେଟ୍ ଅଫ୍ ଆର୍ଟ ଶୋ' ରୁମ୍‌ରେ ରହିଥିବା ପ୍ରିମିୟମ୍ ସୁବିଧା ସୁଯୋଗ ରାଜ୍ୟର ଗହଣାପ୍ରେମୀଙ୍କୁ ଏକ ଉଲ୍ଲାସପୂର୍ଣ୍ଣ ଓ ସମୃଦ୍ଧ ସପିଙ୍ଗ ଅନୁଭୂତି ପ୍ରଦାନ କରିବ। ଏହି ଶୋ' ରୁମ୍‌ରେ ଆଧୁନିକ ସାଜସଜ୍ଜା ରହିଥିବା ବେଳେ ଭୁବନେଶ୍ୱର ବାସିନ୍ଦାଙ୍କ ସୁବିଧାକୁ ନଜରରେ ରଖି ବ୍ୟାପକ ସପିଙ୍ଗ ଓ ପାର୍କିଂ ସ୍ଥାନର ବ୍ୟବସ୍ଥା ମଧ୍ୟ କରାଯାଇଛି।

ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଜୟ ଆଲୁକ୍କାସ କହିଛନ୍ତି, ଏଠାରେ ଅତୁଳନୀୟ ଗହଣା ସପିଙ୍ଗ ଅନୁଭୂତି ପ୍ରଦାନ କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ। ସେମାନଙ୍କ ପ୍ରତିଟି ଆବଶ୍ୟକତା ପୂରଣ କରିବା ଲାଗି ଆମେ ଶ୍ରେଷ୍ଠ ଓ ବ୍ୟାପକ ଗହଣା ସମ୍ଭାର ସେମାନଙ୍କ ଲାଗି ଆଣିବାକୁ ମଧ୍ୟ ଲକ୍ଷ୍ୟ ରଖିଛୁ। ଅପରପକ୍ଷରେ ଜୟଆଲୁକ୍କାସ ପକ୍ଷରୁ ଦୀପାବଳି ଅଫର ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହି ସ୍ୱତନ୍ତ୍ର ଅଫର ଅକ୍ଟୋବର ୨୪ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ଦୀପାବଳି ଅଫର ଅବଧି ମଧ୍ୟରେ ଗ୍ରାହକମାନେ ସେମାନଙ୍କ କିଣାକିଣି ଉପରେ ଗିଫ୍ଟ ଭାଉଚର ଆକାରରେ କ୍ୟାଶବ୍ୟାକ୍ ମଧ୍ୟ ପାଇପାରିବେ। ସେହିପରି ଏସ୍‌ବିଆଇ କାର୍ଡସ୍‌ରେ କିଣାକିଣି କଲେ ଅତିରିକ୍ତ ୫% କ୍ୟାଶବ୍ୟାକ୍ ମଧ୍ୟ ପାଇବେ। ଏହି ଉତ୍ସବ ଅଫର ସହ ଜୟଆଲୁକ୍କାସର ଗ୍ରାହକମାନେ ୯୧୬ ବିଆଇଏସ୍ ହଲମାର୍କ ଗହଣା, ଏକ ବର୍ଷର ମାଗଣା ବୀମା ଏବଂ ଜୟଆଲୁକ୍କାସରୁ କିଣାଯାଉଥିବା ଯେ କୌଣସି ଗହଣାର ଜୀବନବ୍ୟାପୀ ମାଗଣା ରକ୍ଷଣାବେକ୍ଷଣ ସେବା ସହ ବାଏ-ବ୍ୟାକ ଗ୍ୟାରେଣ୍ଟିର ପ୍ରତିଶ୍ରୁତି ମଧ୍ୟ ପାଇବେ।

# ୭୫ ଡିଜିଟାଲ ବ୍ୟାଙ୍କର ଶୁଭାରମ୍ଭ

**ଭୁବନେଶ୍ୱର, ୧୬।୧୦**



ପ୍ରତି ଭାରତୀୟଙ୍କ ପର୍ଯ୍ୟନ୍ତ ବ୍ୟାଙ୍କିଙ୍ଗ ସେବା ଓ ସୁବିଧାକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଦେଶର ୭୫ଟି ଜିଲାରେ ୭୫ ଡିଜିଟାଲ ବ୍ୟାଙ୍କ ୟୁନିଟ୍ (ଡିବିୟୁ)ର ଶୁଭାରମ୍ଭ କରିଛନ୍ତି। ଏପରିକି ରବିବାର ପୂର୍ବାହ୍ନ ୧୧ ଘଟିକାରେ ଭିଡିଓ କନଫରେନ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କାଶ୍ମୀରଠାରୁ ଦେଶର ୭୫ଟି ଜିଲାରେ ୭୫ଟି ବ୍ୟାଙ୍କକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଦୀପାବଳି ଶୁଭକାମନା ଜଣାଇବା ସହ ଡିବିୟୁ ଆଧୁନିକ ଭାରତ ଦିଗରେ ଏକ ଦୃଢ ପଦକ୍ଷେପ ବୋଲି ମତବ୍ୟକ୍ତ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଦୂର-ସୁଦୂର ଘରେ ଘରେ ପହଞ୍ଚାଇବା ଆମର ସର୍ବୋଚ୍ଚ ପ୍ରାଥମିକତା। ଆଜି ଭାରତର ୯୯ପ୍ରତିଶତରୁ ଅଧିକ ଗାଁରେ ୫ କିଲୋମିଟର ମଧ୍ୟରେ ନିଶ୍ଚିତ କୌଣସି ବ୍ୟାଙ୍କ, ଶାଖା ନଚେତ ବ୍ୟାଙ୍କ ମିତ୍ର ମିଳି ଯାଉଛନ୍ତି। ଭାରତୀୟଙ୍କ ଜୀବନକୁ ସହଜ ଓ ସରଳ କରିବା ପାଇଁ ଦେଶରେ ଯେଉଁ ଅଭିଯାନ ଚାଲିଛି ଏ ଦିଗରେ ଡିଜିଟାଲ ବ୍ୟାଙ୍କିଙ୍ଗ ୟୁନିଟ୍ ଏକ ବଡ଼ ପଦକ୍ଷେପ। ଏହା ଏପରି ଏକ ସରଳ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଯେଉଁଥିରେ ମିନିମମ୍ ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକ୍ଚରରେ ମ୍ୟାକ୍ସିମମ୍ ସେବା ଦେବାର କାମ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ରେନୋର ୩ଡି ପ୍ରଚାର ଅଭିଯାନ

**ନୂଆଦିଲ୍ଲୀ, ୧୬।୧୦**




ଦେଶର ପ୍ରମୁଖ ଚାରି ଚକିଆ ଯାନ ନିର୍ମାତା ରେନୋ ଇଣ୍ଡିଆ ପକ୍ଷରୁ ୩ଡି ପ୍ରଚାର ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଏହାର ୩ଡି ଆୟାମୀ ପ୍ରକ୍ଷେପଣ ପ୍ରଯୁକ୍ତି ଯୁକ୍ତ ପ୍ରଚାର ଅଭିଯାନକୁ ନିକଟରେ ଚେନ୍ନାଇ, ବେଙ୍ଗାଲୁରୁ ଓ ନୂଆଦିଲ୍ଲୀଠାରେ ପ୍ରଦର୍ଶିତ କରାଯାଇଛି। ଯାହା ୨ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ଏ ସମ୍ପର୍କରେ ରେନୋ ଇଣ୍ଡିଆ ପ୍ରା.ଲି.ର ବିକ୍ରୟ ଓ ବିପଣନ ଉପାଧ୍ୟକ୍ଷ ସୁଧୀର ମାଲହୋତ୍ରା କହିଛନ୍ତି, ଏହା ଦର୍ଶକଙ୍କୁ ଏକ ମନଛୁଆଁ ଆଭାସି ଅନୁଭୂତି ଦେବା ସହ ରେନୋ କାଇଗର କାରର ବିଶେଷତ୍ୱଗୁଡିକ ଉପରେ ଧାରଣା ସୃଷ୍ଟି କରିବ ବୋଲି ମତ ବ୍ୟକ୍ତ କରିଛନ୍ତି। ଏହି ଏସୟୁଭି ଶ୍ରେଣୀର କାରଗୁଡିକରେ ୧.୦ ଲିଟର ଟର୍ବୋର୍ଜ ପେଟ୍ରୋଲ ଇଞ୍ଜିନ ରହିଥିବା ବେଳେ ଏହା ନିଜ ବର୍ଗରେ ଶ୍ରେଷ୍ଠ ପ୍ରତି ଲିଟରରେ ୨୦.୫ କିମି ଯିବାକୁ ସକ୍ଷମ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ପାତ୍ର ଇଲେକ୍‌ଟ୍ରୋନିକ୍ସର ସ୍ୱତନ୍ତ୍ର ଅଫର




**ଭୁବନେଶ୍ୱର, ୧୬।୧୦**

ଚଳିତ ପାର୍ବଣ (ଦୁର୍ଗାପୂଜା) ଅବସରରେ ଗ୍ରାହକମାନଙ୍କର ସୁବିଧା ପାଇଁ ସ୍ଥାନୀୟ ଶହୀଦନଗର ଦୁର୍ଗାପୂଜା ମଣ୍ଡପଠାରେ ପାତ୍ର ଇଲେକ୍‌ଟ୍ରୋନିକ୍ସ ପକ୍ଷରୁ ଏକ ଆକର୍ଷଣୀୟ ଷ୍ଟଲ୍ ଖୋଲାଯାଇଛି। ଏଠାରେ ଏଲ୍‌ଜି କମ୍ପାନୀର ନୂଆ ନୂଆ ଡିଜାଇନ, ମଡେଲ, କଲର ଓ ଟେକ୍ନୋଲୋଜିର ଜିନିଷ ସବୁ ପ୍ରଦର୍ଶିତ ହେଉଛି। ଏହି ଷ୍ଟଲ୍‌ଗୁଡ଼ିକରେ ଗ୍ରାହକମାନଙ୍କ ସୁବିଧା ପାଇଁ ପାତ୍ର ଇଲେକ୍‌ଟ୍ରୋନିକ୍ସ ପକ୍ଷରୁ ବିଭିନ୍ନ ପ୍ରକାର ଆକର୍ଷଣୀୟ ଅଫର ଲାଗିଛି। ଏହି ସମୟରେ ଷ୍ଟଲରୁ ଫ୍ରିଜ୍ କିମ୍ବା ୱାଶିଂ ମେସିନ୍ କିଣିଲେ ୩୫୦୦ ଟଙ୍କାର କ୍ରମ୍ପଟନ ଗ୍ରାଇଣ୍ଡର ମାଗଣା ଦିଆଯାଉଛି। ଏସି କିମ୍ବା ଏଲଇଡି ଟିଭି କିଣିଲେ ୨୨୦୦ ଟଙ୍କାର କ୍ରମ୍ପଟନ ସିଲିଂ ଫ୍ୟାନ ମାଗଣା ଦିଆଯାଉଛି। କୌଣସି ଜିନିଷକୁ ଜିରୋ ଡାଉନପେମେଣ୍ଟ ଓ ୩୬ମାସ ପର୍ଯ୍ୟନ୍ତ ଇଏମଆଇ ଫାଇନାନ୍ସରେ ମଧ୍ୟ ଯୋଗାଇ ଦିଆଯାଉଛି ଏବଂ ୨୨.୫% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ ପାଇବାର ସୁବିଧା ମଧ୍ୟ ରହିଛି। ଏହି ଷ୍ଟଲରେ ୱିନ୍ କି ଗ୍ୟାରେଣ୍ଟି ଏକ୍ସକ୍ଲୁସିଭ ଜିନିଷକୁ ଅଫରରେ ୭୦୦୦ ପର୍ଯ୍ୟନ୍ତ ଫେରସ୍ତ ଅଛି। ମାସକୁ ମାତ୍ର ୯୯୦ ଟଙ୍କା ଦେଇ କେତେକ ଜିନିଷକୁ ଫିକ୍ସ ଇଏମ୍‌ଆଇ ଦ୍ୱାରା ନେବାର ସୁବିଧା ରହିଛି। ଏପରିକି ଗୋଟିଏ ଇଏମ୍‌ଆଇ ଫ୍ରି'ର ସୁବିଧା ଅଛି। ଏ ସବୁ ଅଫର ଏକ୍ସକ୍ଲୁସିଭ ଶହୀଦନଗର ପୂଜା ମଣ୍ଡପଠାରେ ଲାଗିଥିବା ପାତ୍ର ଇଲେକ୍ଟ୍ରୋନିକ୍ସ ଷ୍ଟଲରେ ଉପଲବ୍ଧ ରହିଛି।

# ଚନ୍ଦ୍ରଶେଖରପୁରରେ କ୍ୱିକ୍‌ୱାଶ୍‌ର ଏକ୍ସକ୍ଲୁସିଭ ଆଉଟଲେଟ



**ଭୁବନେଶ୍ୱର, ୧୬।୧୦**

ଦେଶର ପ୍ରମୁଖ ଲଣ୍ଡ୍ରି ବ୍ରାଣ୍ଡ 'କ୍ୱିକ୍‌ୱାଶ୍'ର ଆଉ ଏକ ଏକ୍ସକ୍ଲୁସିଭ ଆଉଟଲେଟ ସ୍ଥାନୀୟ ଚନ୍ଦ୍ରଶେଖରପୁର (ଡିଷ୍ଟ୍ରିକ୍ଟ ସେଣ୍ଟର) ଠାରେ ଶନିବାର ଉଦଘାଟିତ ହୋଇଯାଇଛି। ଏହା ପୂର୍ବରୁ କମ୍ପାନୀର ପ୍ରଥମ ଆଉଟଲେଟ ଝାରପଡ଼ାଠାର ରହିଛି। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଣବ କୁମାର ବଳବନ୍ତରାଏ, ବିଧାୟକ ସୁଶାନ୍ତ ରାଉତଙ୍କ ସମେତ ଆଉଟଲେଟ ମାଲିକ ସ୍ମିତାଞ୍ଜଳି ସାହୁ ଏବଂ ମଧୁସ୍ମିତା ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ କ୍ୱିକ୍‌ୱାଶ୍ ଆଉଟଲେଟ ପାର୍ଟନର ସ୍ମିତାଞ୍ଜଳି ସାହୁ କହିଛନ୍ତି, ଆଜିର ଆଧୁନିକ ଯୁଗର ଲୋକମାନେ ବ୍ୟସ୍ତବହୁଳ ଜୀବନ ଅତିବାହିତ କରୁଛନ୍ତି। ଏପରିକି ସବୁ ବେଳେ ସଫା ପୋଷାକ ପିନ୍ଧିବା ବର୍ତ୍ତମାନ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ସେହିଭଳି କ୍ୱିକ୍‌ୱାଶ୍ ଷ୍ଟୋର ପାର୍ଟନର ମଧୁସ୍ମିତା ରଥ କହିଛନ୍ତି, ଏଠାରେ କେବଳ ୱାଶ୍ ଆଣ୍ଡ ଫୋଲ୍ଡ, ୱାଶ୍ ଆଣ୍ଡ ଆଇରନ୍, ପ୍ରିମିୟମ୍ ଲଣ୍ଡ୍ରି, ଷ୍ଟିମ୍ ଆଇରନ ଓ ସାଧାରଣ ଆଇରନ ଭଳି ସେବାକୁ ସୁଲଭ ମୂଲ୍ୟରେ ପିକ୍ ଅପ୍ ଓ ଡ୍ରପ୍ ସୁବିଧା ଉପଲବ୍ଧ। ଅପରପକ୍ଷରେ କମ୍ପାନୀ ୧୦୦% ସ୍ୱଚ୍ଛ ଓ ସଂକ୍ରମଣମୁକ୍ତ ସଫା କରିବା ସେବା ପ୍ରଦାନ କରୁଛି ଏବଂ ୨୪ ଘଣ୍ଟା ଭିତରେ ଘରେ ସେବା ପହଞ୍ଚାଇବା ଲାଗି କମ୍ପାନୀ ପ୍ରତିବଦ୍ଧ ରହିଛି।

# ବିଓଆଇର ଡିବିୟୁ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୬।୧୦**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ (ଡିବିୟୁ) ଉଦ୍‌ଘାଟିତ ହୋଇଯାଇଛି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭର୍ଚୁଆଲ ମୋଡ୍‌ରେ ଦେଶର ୭୫ଟି ଜିଲାରେ ୭୫ଟି ଡିଜିଟାଲ୍ ଡିବିୟୁ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ଅଧୀନରେ ଥିବା କଳିଙ୍ଗ ଷ୍ଟାଡିୟମ (ନୟାପଲ୍ଲୀ ଭୁବନେଶ୍ୱର) ନିକଟସ୍ଥ ବିଓଆଇର ଡିବିୟୁ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାରେ ୪ଟି ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ ମଧ୍ୟରୁ ବିଓଆଇର ଡିବିୟୁ ଅନ୍ୟତମ। ଏହି ଅବସରରେ ବିଓଆଇର ଏମ୍‌ଡି ତଥା ସିଇଓ ଏ.କେ. ଦାସଙ୍କ ସମେତ ରିଜର୍ଭ ବ୍ୟାଙ୍କର ବ୍ୟାଙ୍କିଙ୍ଗ୍ ଲୋକପାଳ ପି.କେ.ନାୟକ, ବିଓଆଇ ମୁଖ୍ୟ କାର୍ଯ୍ୟାଳୟର ଡିଜିଟାଲ ବ୍ୟାଙ୍କିଙ୍ଗ୍ ମହାପ୍ରବନ୍ଧକ ରାଜେଶ ରାମ, ଏନ୍‌ବିଜି-ପୂର୍ବର ମହାପ୍ରବନ୍ଧକ ଏମ୍. କେ. ସିଂହ ଏବଂ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ସେହିପରି ବ୍ୟାଙ୍କର ଗ୍ରାହକମାନେ ଏକ ଡିଜିଟାଲ ଭାରତ ପାଇଁ ଆଗେଇ ଆସିବା ଦରକାର। ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହି ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍‌ର ବ୍ୟବହାର କରିବା ସହ ଏହାର ଲୋକପ୍ରିୟତା ପାଇଁ ମଧ୍ୟ ଗୁରୁତ୍ୱ ଦେବା ଜରୁରୀ ବୋଲି ଏ.କେ. ଦାସ ଆହ୍ୱାନ କରିଛନ୍ତି। ଏଠାରେ ଗ୍ରାହକମାନେ ସ୍ୱୟଂ ସେବା ମୋଡ୍ ଏବଂ ଡିଜିଟାଲ ସହାୟତା ପ୍ରଦାନ ମୋଡ୍ ମାଧ୍ୟମରେ ବିନା କାଗଜ, ସୁରକ୍ଷିତ ଏବଂ କନେକ୍ଟ ହୋଇଥିବା ପରିବେଶ ମଧ୍ୟରେ ବିଭିନ୍ନ ବ୍ୟାଙ୍କିଙ୍ଗ୍ ଉତ୍ପାଦ ଓ ସେବା ପାଇପାରିବେ। ବିଓଆଇର ଏହି ୟୁନିଟ୍‌ଟି ଖୋର୍ଦ୍ଧା ଜିଲାର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସାକ୍ଷରତା ପାଇଁ ମଧ୍ୟ କାର୍ଯ୍ୟ କରିବ। ସେହିଭଳି କ୍ୟାଶ୍ ଉଠାଣ ଏବଂ ଜମା, ଆକାଉଣ୍ଟ ଖୋଲିବା, ସ୍ଥାୟୀ ଜମା-ଆର୍‌ଡି, ଡିଜିଟାଲ ଲୋନ୍, ପାସ୍‌ବୁକ୍ ପ୍ରିଣ୍ଟିଙ୍ଗ୍, ବାଲାନ୍ସ ଅନୁସନ୍ଧାନ ଏବଂ ଫଣ୍ଡ ଟ୍ରାନ୍ସଫର ପରି ସେବା ଏଠାରେ ସ୍ୱୟଂ ସେବା ମୋଡ୍‌ରେ ଗ୍ରାହକମାନେ ଯେ କୌଣସି ସମୟ (୨୪/୭)ରେ ପାଇପାରିବେ।




# ଅର୍ଚ୍ଚନା ଏକ୍କା ଏକାଡେମୀ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୬।୧୦**

ଭୁବନେଶ୍ୱରର ଉତ୍କଳ ବିଶ୍ୱବିଦ୍ୟାଳୟ ଲ' କଲେଜ ସମ୍ମୁଖ ଶହୀଦନଗରଠାରେ ଅର୍ଚ୍ଚନା ଏକ୍କା ମେକପ୍ ଷ୍ଟୁଡିଓ ଓ ଏକାଡେମୀ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକାଡେମୀ ଓ ମେକଅପ୍ ଷ୍ଟୁଡିଓର ମୁଖ୍ୟ ଅର୍ଚ୍ଚନା ଏକ୍କା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଏକାଡେମୀ ବିଶ୍ୱସ୍ତରୀୟ ଟ୍ରେନିଂ ଯୋଗାଇବା ସହ ରାଜ୍ୟର ମହିଳାମାନଙ୍କୁ ଆଗକୁ ଆଣିବା ଏବଂ ରୋଜଗାରକ୍ଷମ କରାଇବାର ଉଦ୍ଦେଶ୍ୟ ରଖିଛି। ଏହା ସହିତ ବିଭିନ୍ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଯଥା ବାହାଘର, ବ୍ରତଘର, ଫେସନ୍ ଶୋ, ସିରିଏଲ ଏବଂ ଫିଲ୍ମ ସମସ୍ତ ପ୍ରକାର ମେକଅପ୍ ସେବା ପାଇପାରିବେ। କାରଣ ଅର୍ଚ୍ଚନା ଏକ୍କା ନିଜେ ଜଣେ ଅଭିଜ୍ଞ ଟ୍ରେନର ତଥା ବଲିଉଡ, ଟଲିଉଡ ଓ ଓଲିଉଡରେ ସେ ଦକ୍ଷତାର ସହ କାମ କରି ବେଶ୍ ପ୍ରଂଶସିତ ହୋଇଛନ୍ତି। ଏହି ଏକାଡେମୀରେ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରାଯାଇ ଶିକ୍ଷାଦାନ, ନେଲ୍ ସୌନ୍ଦର୍ଯ୍ୟକରଣ ଓ ମେକଅପ ଆଦି ସୁବିଧା ଓ ଶିକ୍ଷା ଏବଂ ସେବା ପ୍ରଦାନ କରାଯାଉଛି। ମେକଅପ୍ ସେଣ୍ଟରରେ ଅତି କୁଶଳୀ କାରିଗରମାନେ ନିଯୁକ୍ତ ହୋଇଛନ୍ତି। ଏଠାରେ ଗ୍ରାହକ ସେମାନଙ୍କର ଶରୀର ସୌନ୍ଦର୍ଯ୍ୟ ସମ୍ବନ୍ଧୀୟ ସମସ୍ତ ପ୍ରକାର ସୁବିଧା ଓ ସେବା ପାଇପାରିବେ। ଏଥି ସହିତ ବିଭିନ୍ନ ପୋଜ ଓ ସିନେରିରେ ଫଟୋ ଉତ୍ତୋଳନ କରାଯିବ, ଯାହା ବିଦେଶର ଭ୍ରମ ସୃଷ୍ଟି କରିବ। ଏକାଡେମୀରେ ଉନ୍ନତ ମାନର ନେଲ ସୌନ୍ଦର୍ଯ୍ୟ କରଣ ଓ ମେକଅପ ଟ୍ରେନିଂ ଦିଆଯିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ ବୋଲି ଅର୍ଚ୍ଚନା ଏକ୍କା କହିଛନ୍ତି।

# ଫି ପେମେଣ୍ଟ ସେବା ଦେଉଛି ଫାଇନାନ୍ସପିୟର

**ନୂଆଦିଲ୍ଲୀ, ୧୬।୧୦**

ଦେଶର ପ୍ରମୁଖ ଫିନ୍‌ଟେକ କମ୍ପାନୀ ଫାଇନାନ୍ସପିୟର ଏକ ଅଭିନବ ତଥା ବିଭିନ୍ନ ପ୍ରକାରର ଦେୟ ସମାଧାନ ପ୍ରଦାନ କରିଥାଏ। ବିଶେଷକରି ମାତାପିତା ଶୂନ୍ୟ ଅତିରିକ୍ତ ମୂଲ୍ୟରେ ଏକାଧିକ ଭାଗରେ ସେମାନଙ୍କ ପିଲାର ପାଠ ପଢ଼ା ଶୁଳ୍କ ପ୍ରଦାନ କରିପାରିବେ। ଏପରିକି କମ୍ପାନୀ ୧୦,୦୦୦ରୁ ଅଧିକ ଶିକ୍ଷାନୁଷ୍ଠାନ ସହ କାର୍ଯ୍ୟ କରୁଛି, ୨ ମିଲିୟନରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସେବା ଓ ସହାୟତା ଯୋଗାଇ ଦେଉଛି। ସେହିଭଳି ପ୍ରତ୍ୟେକ ଅଭିଭାବକଙ୍କ ସ୍ୱପ୍ନ ଥାଏ ସେମାନଙ୍କ ପିଲାକୁ ଉତ୍ତମ ଶିକ୍ଷା ପ୍ରଦାନ କରିବା , କିନ୍ତୁ ସେମାନଙ୍କ ମଧ୍ୟରୁ କେତେକଙ୍କ ଏହି ସ୍ୱପ୍ନ ପୂରଣ ହୋଇଥାଏ। ମୁଖ୍ୟତଃ ଫି ପେମେଣ୍ଟ ସମସ୍ୟାର ସମାଧାନ ପାଇଁ କମ୍ପାନୀ ବ୍ୟାପକ ସୁବିଧା ପ୍ରଦାନ କରୁଛି। ଏ ସମ୍ପର୍କରେ ଫାଇନାନ୍ସପିୟରର ପ୍ରତିଷ୍ଠାତା ତଥା ସିଇଓ ରୋହିତ ଗଜଭିୟେ କହିଛନ୍ତି, ଦେଶର ପ୍ରଗତିରେ ଶିକ୍ଷା ହେଉଛି ଏକ ମୌଳିକ ଆବଶ୍ୟକତା। ଆମର ଉଦ୍ଦେଶ୍ୟ ହେଉଛି ଗୁଣାତ୍ମକ ଶିକ୍ଷାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା। ଶିକ୍ଷାଲାଭ ପାଇଁ ଫି ପ୍ରଦାନ ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂର କରିବା ଲାଗି ଆମେ ପ୍ରୟାସ କରୁ। ସାରା ଭାରତରେ ଆମର ବିସ୍ତାର ରହିଛି ଓ ଓଡ଼ିଶାରେ ମଧ୍ୟ ଆମେ ପ୍ରମୁଖ ଭାବେ କାର୍ଯ୍ୟ କରୁଛୁ।

# ଦୀପାବଳିରେ ହେବ ସୁନାର ବର୍ଷା

**ଭୁବନେଶ୍ୱର, ୧୬।୧୦**

## ଜୀ ସାର୍ଥକ ଦେଖନ୍ତୁ, ସୁନା ଜିତନ୍ତୁ




ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନ ଭିତ୍ତିକ ଘରୋଇ ଚ୍ୟାନେଲ ଜୀ ସାର୍ଥକ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ (ପ୍ରତିଯୋଗିତା) ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ଦୀପାବଳିରେ ଜୀ ସାର୍ଥକରେ ପ୍ରସାରିତ କାର୍ଯ୍ୟକ୍ରମଗୁଡିକ ମଧ୍ୟରୁ କିଛି ସରଳ ପ୍ରଶ୍ନର ଉତ୍ତର ଦେଇ ଭାଗ୍ୟଶାଳୀ ବିଜେତା (ଦର୍ଶକ) ସୁନା ଜିତିବାର ସୁଯୋଗ ପାଇପାରିବେ। ଏ ନେଇ ମଧ୍ୟ ଚ୍ୟାନେଲ ପକ୍ଷରୁ 'ଦୀପାବଳିରେ ସୁନାର ବର୍ଷା' ଶୀର୍ଷକ ଏକ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ବିଶେଷ କରି ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ଦର୍ଶକଙ୍କୁ ଜୀ ସାର୍ଥକ ଦେଖିବାକୁ ପଡିବ। ପ୍ରତିଦିନ ସଂଧ୍ୟା ୫ଟାରୁ ରାତି ୧୦ ଘଟିକା ମଧ୍ୟରେ ଜୀ ସାର୍ଥକରେ ପ୍ରସାରିତ ଧାରାବାହିକରୁ କିଛି ସରଳ ପ୍ରଶ୍ନ ପଚରାଯିବ। ଉକ୍ତ ପ୍ରଶ୍ନର ଠିକ୍ ଉତ୍ତରଦାତାଙ୍କ ମଧ୍ୟରୁ ପ୍ରତିଦିନ ୩ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ଏକ ଗ୍ରାମ୍‌ର ଗୋଲ୍ଡ କଏନ ମିଳିବ। ସେହିଭଳି ପ୍ରତିଯୋଗିତା ଶେଷରେ ଜଣେ ମେଗା ବିଜେତାଙ୍କୁ ମଧ୍ୟ ୧୦ ଗ୍ରାମ୍‌ର ଗୋଲ୍ଡ କଏନ ପ୍ରଦାନ କରାଯିବ। ଉକ୍ତ ଗୋଲ୍ଡ କଏନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଯୋଗାଇ ଦିଆଯିବ। ଉଲ୍ଲେଖଯୋଗ୍ୟ ଯେ ଉକ୍ତ ପ୍ରତିଯୋଗିତା ୨୩ ଅକ୍ଟୋବର ପର୍ଯ୍ୟନ୍ତ ଜାରି ରହିବ। ସେହିପରି ଜୀ ସାର୍ଥକରେ ବର୍ତ୍ତମାନ ଅନେକ ନୂଆ ମେଗା ସିରିୟଲ ମଧ୍ୟ ଆରମ୍ଭ ହୋଇଛି। ସଂଧ୍ୟା ୫ଟାରୁ ରାତି ୧୦ଟା ଭିତରେ ଦିଦି ନମ୍ବର ୱାନ୍, ଶ୍ୟାମା, ବିଜୟିନୀ, ଝିଲି, ସୁନା ଝିଅ, ସାଥିରେ, ମା ଯାହାର ସାହା, ସର୍ବଜିତା ଅନୁ, ଭୋଳା ଓ ସବୁଠାରୁ ଲୋକପ୍ରିୟ ଶୋ ସାରେଗାମାପା ସ୍ୱରର ମହାମଞ୍ଚ ପ୍ରସାରିତ ହେଉଛି। ଅପରପକ୍ଷରେ ପ୍ରାଇମଟାଇମରେ ପ୍ରସାରିତ ସମସ୍ତ ଓଡିଆ ମେଗା ଧାରାବାହିକ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଛି, ଯାହାକୁ ଦେଖି ଚ୍ୟାନେଲ ପକ୍ଷରୁ ପଚରା ଯାଇଥିବା ସରଳ ପ୍ରଶ୍ନର ଉତ୍ତର ଦେଇ ଦର୍ଶକେ ସୁନା କଏନ ଜିତିପାରିବେ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଜିଏସ୍‌ର ଉଦ୍‌ଘାଟନ



**ଭୁବନେଶ୍ୱର, ୧୬।୧୦**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଓଡିଏମ୍ ଗ୍ରୁପ୍‌ର ନବନିର୍ମିତ ଓଡିଏମ୍ ଗ୍ଲୋବାଲ ସ୍କୁଲ (ଓଜିଏସ୍)ର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଯାଇଛି। ଶନିବାର ଅପରାହ୍ନ ୫ଘଟିକା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଓଡିଏମ୍ ଗ୍ଲୋବାଲ ସ୍କୁଲ'ର ଉଦ୍‌ଘାଟନ କରିଥିଲେ। ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଷ୍ଟେଟ୍-ଅଫ୍-ଦି-ଆର୍ଟ୍ସ କମ୍ପ୍ଲେକ୍ସ ବିଦ୍ୟାଳୟ ପରିସରରେ ଉଦ୍‌ଘାଟନ କରିବା ସହ ରୋହିତ୍ ଶର୍ମାଙ୍କ କ୍ରିକେଟ୍ ଏକାଡେମୀ ଏବଂ ଶଙ୍କର ମହାଦେବନଙ୍କ ମ୍ୟୁଜିକ୍ ଏକାଡେମୀର ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବନିର୍ମିତ ଓଜିଏସ୍‌ର ଶିକ୍ଷା କ୍ଷେତ୍ରରେ ରହିଥିବା ସୁନାମ ସହ ତା'ର ଉତ୍ତରୋତ୍ତର ଉନ୍ନତି କାମନା ସହ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହ ଶିକ୍ଷାକ୍ଷେତ୍ରରେ କିଭଳି ସଫଳତାର ଶୀର୍ଷରେ ପହଞ୍ଚିପାରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଶେଷରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ମୁଖ୍ୟମନ୍ତ୍ରୀ ଡ. ମୀନକେତନଙ୍କ ସମେତ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ।

ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ ଅଧ୍ୟକ୍ଷତା ଅଭିଭାଷଣ ଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ନିଜର ବହୁମୂଲ୍ୟ ସମୟ ଦେଇଥିବାରୁ ଆମେ କୃତଜ୍ଞତା ଜ୍ଞାପନ କରିବା ସହ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଓଡିଏମ୍ ଗ୍ଲୋବାଲ ସ୍କୁଲ କିପରି ସୁଦୂରପ୍ରସାରୀ ତଥା ଜନପ୍ରିୟ ହୋଇପାରିବ ବୋଲି ସେ ବିଷୟରେ ମଧ୍ୟ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଅର୍ଥ ଓ ପ୍ରଶାସନ ନିର୍ଦ୍ଦେଶିକା ତଥା ପ୍ରବନ୍ଧିକା ଇନ୍ଦୁମତୀ ରାୟ ଏବଂ ସିଓଓ ସ୍ୱୟନ୍ ସତ୍ୟେନ୍ଦୁ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷା ଶଳେନ୍ଦ୍ର କୁମାରୀଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ମଧ୍ୟ ଉପସ୍ଥିତ ଥିଲେ। ଏକ ଭବ୍ୟ ସମାରୋହ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ସ୍କୁଲର ଶୁଭାରମ୍ଭ ସାଙ୍ଗକୁ ଲୋକାର୍ପିତ ଉତ୍ସବ ଆଡମ୍ବର ସହକାରେ ପାଳିତ ହୋଇଯାଇଛି।



କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ପାଇଁ କର୍ଣାଟକର ବେଲାରିରେ ଦଳୀୟ ପତାକା ଲଗାଉଥିବା ଜଣେ କର୍ମୀ ବିଦ୍ୟୁତ ଆଘାତରେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ରାହୁଲ ଗାନ୍ଧୀ ତାଙ୍କୁ ଭେଟୁଛନ୍ତି।

# ଗୃହମନ୍ତ୍ରୀମାନଙ୍କ ଚିନ୍ତନ ଶିବିର ଡାକିଲେ ଶାହା

**ନୂଆଦିଲ୍ଲୀ,୧୬।୧୦ (ଆଇଏଏନ୍ଏସ୍)**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସବୁ ରାଜ୍ୟର ଗୃହମନ୍ତ୍ରୀମାନଙ୍କର ଏକ ଚିନ୍ତନ ଶିବିର ଡାକିଛନ୍ତି। ହରିୟାଣାର ସୂରଜକୁଣ୍ଡଠାରେ ଅକ୍ଟୋବର ୨୭ ଓ ୨୮ରେ ଏହି ଶିବିର ଅନୁଷ୍ଠିତ ହେବ। ଗୃହ ମନ୍ତ୍ରଣାଳୟକୁ ନିଜ ଅଧୀନରେ ରଖିଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ମଧ୍ୟ ବୈଠକକୁ ନିମନ୍ତ୍ରଣ କରାଯାଇଛି। ତେବେ ମମତା ଚିନ୍ତନ ଶିବିରରେ ଯୋଗଦେବେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଦୁଇଦିନିଆ ମାନସ ମନ୍ଥନ ବୈଠକରେ ବିଭିନ୍ନ ଆଭ୍ୟନ୍ତରୀଣ ସୁରକ୍ଷା ସମସ୍ୟା ସମ୍ପର୍କରେ ଆଲୋଚନା ହେବ। ରାଜ୍ୟଗୁଡ଼ିକ ମଧ୍ୟରେ ପାରସ୍ପରିକ ସମନ୍ୱୟ ଆଧାରରେ କେତେକ



ଅମିତ୍ ଶାହା

ଆଭ୍ୟନ୍ତରୀଣ ସୁରକ୍ଷା ସମସ୍ୟାର ସମାଧାନ ହୋଇପାରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଶ୍ୱାସ କରୁଛି। ଏହା ବ୍ୟତୀତ ରାଜ୍ୟଗୁଡ଼ିକର ନୀତି ନିର୍ଦ୍ଧାରଣ, ଜନସୁରକ୍ଷା, ଅଗ୍ନିଶମ ସେବା ଆଦି ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବ। ଏଥିରେ ରାଜ୍ୟ ଗୃହମନ୍ତ୍ରୀମାନଙ୍କ ସହ ଗୃହ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକମାନେ ମଧ୍ୟ ଯୋଗଦେବେ।

# ପ୍ରାର୍ଥୀ ନ ଦେବାକୁ ଭାଜପାକୁ ରାଜ୍ ଠାକ୍‌ରେଙ୍କ ଅନୁରୋଧ

**ମୁମ୍ବାଇ,୧୬।୧୦**

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଭାଇ ତଥା ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ୍ ଠାକ୍‌ରେ ରବିବାର ଭାଜପାକୁ ଏକ ଅବାଞ୍ଛିତ ଅନୁରୋଧ କରିଛନ୍ତି। ସେ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କୁ ପତ୍ର ଲେଖି ଅନ୍ଧେରୀ ଇଷ୍ଟ ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ନ ଦେବାକୁ ନିବେଦନ କରିଛନ୍ତି। ଫଳରେ ଦିବଂଗତ ବିଧାୟକ ରମେଶ ଲାଟ୍‌କେଙ୍କ ସ୍ଥାନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା

**ଅନ୍ଧେରୀ ଉପନିର୍ବାଚନ**



ରାଜ୍ ଠାକ୍‌ରେ

ତାଙ୍କ ସ୍ତ୍ରୀ ଋତୁଜା ଲାଟ୍‌କେ ଜିତିପାରିବେ। ଏହା ଦ୍ୱାରା ପୂର୍ବତନ ବିଧାୟକଙ୍କୁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ରାଜ୍ ଠାକ୍‌ରେ କହିଛନ୍ତି। ଶିବସେନାର ଉଦ୍ଧବ ଠାକ୍‌ରେ ଗୋଷ୍ଠୀ ଋତୁଜାଙ୍କୁ ଉପନିର୍ବାଚନରେ ପ୍ରାର୍ଥୀ କରିଛି। ରାଜ୍‌ଙ୍କ ପତ୍ର ଉପରେ ଭାଜପାରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ଅନ୍ୟପକ୍ଷରେ ଦଳ କହିଲେ ସେ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯିବାକୁ ପ୍ରସ୍ତୁତ ବୋଲି ଭାଜପା ପ୍ରାର୍ଥୀ ମୁର୍ଜି ପଟେଲ କହିଛନ୍ତି। ଦଳ ପ୍ରତିଷ୍ଠାତା ବାଲ୍ ଠାକ୍‌ରେଙ୍କ ଲିଗାସୀକୁ ନେଇ ଶିବସେନାର ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ତୀବ୍ର ହୋଇଥିବାବେଳେ ରାଜ୍ ଠାକ୍‌ରେଙ୍କ ଏଭଳି ଚିଠି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତ ଜୁନ୍‌ରେ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହା ବିକାଶ ଅଘାଡ଼ି ସରକାର ଭାଙ୍ଗିବା ପାଇଁ ବିଦ୍ରୋହୀ ଏକନାଥ ଶିନ୍ଦେ ଗୋଷ୍ଠୀକୁ ଭାଜପା ସମର୍ଥନ ଦେଇଥିଲା।

# ଆଜି କଂଗ୍ରେସର ପ୍ରାର୍ଥୀ ଘୋଷଣା

**ହିମାଚଳପ୍ରଦେଶ ନିର୍ବାଚନ**

**ଶିମଲା,୧୬।୧୦**

ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ନଭେମ୍ବର ୧୨ରେ ଅନୁଷ୍ଠିତ ହେବାକୁ ଥିବାବେଳେ କଂଗ୍ରେସ ସମସ୍ତ ୬୮ ଆସନ ଲାଗି ସୋମବାର ପ୍ରାର୍ଥୀ ଘୋଷଣା କରିବ। ଦଳର ନେତ୍ରୀ ଅଲକା ଲାମ୍ବା ଏନେଇ ସୂଚନା ଦେଇଛନ୍ତି। ରବିବାର ୫୭ ଜଣ ଏବଂ ପରେ ଆଉ ୧୧ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା ହେବ ବୋଲି ଲାମ୍ବା ପ୍ରଥମେ କହିଥିଲେ। ସନ୍ଧ୍ୟାରେ ସେ ଆଉ ଏକ ବିବୃତିରେ ସମସ୍ତ ୬୮ ପ୍ରାର୍ଥୀଙ୍କ ନାମ ସୋମବାର ଘୋଷଣା ହେବ ବୋଲି କହିଛନ୍ତି। ହିମାଚଳପ୍ରଦେଶ ବିଧାନସଭାରେ ଭାଜପାର ୪୩ ବିଧାୟକ ଥିବାବେଳେ କଂଗ୍ରେସରୁ ୨୨, ସିପିଏମ୍‌ରୁ ଜଣେ ଏବଂ ୨ ଜଣ ସ୍ୱାଧୀନ ବିଧାୟକ ଅଛନ୍ତି। ଏହି ରାଜ୍ୟରେ ଆମ୍ ଆଦ୍‌ମୀ ପାର୍ଟି ଭାଗ୍ୟ ପରୀକ୍ଷା କରିବାକୁ ଉଦ୍ୟମ ଚଳାଇଥିବାବେଳେ ମୁଖ୍ୟତଃ ଭାଜପା ଏବଂ କଂଗ୍ରେସ ମଧ୍ୟରେ ଲଢ଼େଇ ହେବ। ସୋମବାର ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲ ଶେଷ ତାରିଖ ଅକ୍ଟୋବର ୨୫ ରହିଛି।

# ବାହାର ନେତାଙ୍କୁ ଦାୟିତ୍ୱ ଦେଲା ଭାଜପା

**ଗୁଜରାଟ ନିର୍ବାଚନ ପରିଚାଳନା**

**ନୂଆଦିଲ୍ଲୀ,୧୬।୧୦**

ଗୁଜରାଟ ବିଧାନସଭା ନିର୍ବାଚନ ଲାଗି ଏପର୍ଯ୍ୟନ୍ତ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ଡିସେମ୍ବର ୪ ସୁଦ୍ଧା ଭୋଟ ହୋଇପାରେ ବୋଲି କୁହାଯାଉଛି। ଦୀର୍ଘ ୨୭ ବର୍ଷ ଧରି ଏହି ରାଜ୍ୟରେ କ୍ଷମତାରେ ଥିବା ଭାଜପା ଏଥର ତ୍ରିମୁଖୀ ଲଢ଼େଇର ସମ୍ମୁଖୀନ ହେବାକୁ ଯାଉଛି। ପ୍ରଥମ ଥର ନିର୍ବାଚନ ଲଢ଼ିବାକୁ ଯାଉଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି)ଠାରୁ ଭାଜପା କଡ଼ା ଟକ୍କରର ସମ୍ମୁଖୀନ ହୋଇପାରେ। ଏଏପି ସେଠାରେ ଏପର୍ଯ୍ୟନ୍ତ ୫୩ ପ୍ରାର୍ଥୀଙ୍କ ନାଁ ଘୋଷଣା କରିସାରିଲାଣି। ଏଥିସହିତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ବାରମ୍ବାର ଗୁଜରାଟ ଗସ୍ତରେ ଯାଇ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ଅନେକ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି।



ଭାଜପା ଗୁଜରାଟର ସବୁ ଆସନର ନିର୍ବାଚନ ପରିଚାଳନା କରିବା ଲାଗି ବିଭିନ୍ନ ରାଜ୍ୟରୁ ଅଭିଜ୍ଞ ପରିଚାଳକ ଏବଂ କେନ୍ଦ୍ରୀୟ ନେତୃବୃନ୍ଦଙ୍କୁ ଦାୟିତ୍ୱ ଦେଇଛି। ସେମାନଙ୍କୁ ବିଭିନ୍ନ ଜିଲା ଦାୟିତ୍ୱ ଦିଆଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପଡୋଶୀ ରାଜସ୍ଥାନ ଓ ମଧ୍ୟପ୍ରଦେଶ ସମେତ ଉତ୍ତରପ୍ରଦେଶର ନେତାମାନଙ୍କୁ ମଧ୍ୟ ଗୁଜରାଟ ନିର୍ବାଚନ ପ୍ରଚାର ଦାୟିତ୍ୱ ଦିଆଯାଇଛି। ସେମାନେ ସ୍ଥାନୀୟ ନେତାମାନଙ୍କ ସହ ସମନ୍ୱୟ ରକ୍ଷାକରି ପ୍ରାର୍ଥୀ ଚୟନ ନେଇ କେନ୍ଦ୍ରୀୟ ନେତୃତ୍ୱକୁ ଫିଡ୍‌ବ୍ୟାକ୍ ଦେବେ।

ମିଳିଥିବା ସୂଚନା ଅନୁଯାୟୀ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିନୋଦ ତାୱ୍‌ଡେଙ୍କୁ ବଡୋଦରା ଏବଂ ଛୋଟ ଉଦୟପୁର ଜିଲା ଦାୟିତ୍ୱ ଦିଆଯାଇଥିବାବେଳେ ସି.ଟି. ରବି ଏବଂ ତରୁଣ ଚୁଗ୍‌ଙ୍କୁ ଯଥାକ୍ରମେ ଆନନ୍ଦ ଏବଂ ଜାମନଗର ଜିଲା ଦାୟିତ୍ୱ ମିଳିଛି। ସେହିପରି ମଧ୍ୟପ୍ରଦେଶ ମନ୍ତ୍ରୀ ନରୋତ୍ତମ ମିଶ୍ରାଙ୍କୁ ବନସକଣ୍ଠା, ୟୁପି ମନ୍ତ୍ରୀ ସ୍ୱତନ୍ତ୍ର ଦେବ ସିଂଙ୍କୁ କଚ୍ଛ ଜିଲା ଦାୟିତ୍ୱ ଦିଆଯାଇଛି। ମଧ୍ୟପ୍ରଦେଶ ମନ୍ତ୍ରୀ ଅରବିନ୍ଦ ସିଂ ଭଦୋରିଆ ଏବଂ ଇନ୍ଦର ସିଂ ପାର୍‌ମାରଙ୍କୁ ଯଥାକ୍ରମେ ଭରୁଚ୍ ଓ ଖେଡ଼ା ଦାୟିତ୍ୱରେ ରଖାଯାଇଛି। ବିହାର ଭାଜପା ନେତା ନୀତୀନ ନବୀନ ସୁରଟ ଦାୟିତ୍ୱରେ ଅଛନ୍ତି। ରାଜସ୍ଥାନ ସୀମାନ୍ତବର୍ତ୍ତୀ ଗୁଜରାଟର ୪୬ଟି ଆସନ ଉପରେ ଫୋକସ କରିବାକୁ ସମ୍ପୃକ୍ତ ରାଜ୍ୟର ଭାଜପା ନେତାମାନଙ୍କୁ କୁହାଯାଇଛି। ରାଜସ୍ଥାନ ଭାଜପା ବିଧାୟକ ନାରାୟଣ ସିଂ ଦେୱାଲଙ୍କୁ ସେମାନଙ୍କ ସଂଯୋଜକ ନିଯୁକ୍ତ କରାଯାଇଛି। ୧୮୨ ଆସନ ବିଶିଷ୍ଟ ଗୁଜରାଟ ବିଧାନସଭାରେ ୨୦୧୭ ନିର୍ବାଚନରେ ଭାଜପା ୯୯ ଆସନ ଜିତିଥିବାବେଳେ କଂଗ୍ରେସକୁ ୭୭ ଆସନ ମିଳିଥିଲା। ସ୍ୱାଧୀନ ଓ ଅନ୍ୟାନ୍ୟ ଦଳ ୬ଟି ଆସନ ପାଇଥିଲେ।

# ହିନ୍ଦୀ ଲଦିଦେବା ଗଣତାନ୍ତ୍ରିକ ନୀତି ବିରୋଧୀ

## ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଷ୍ଟାଲିନ୍

**ନୂଆଦିଲ୍ଲୀ,୧୬।୧୦**

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଅଣହିନ୍ଦୁ ଭାଷାଭାଷୀ ଲୋକଙ୍କ ଉପରେ ହିନ୍ଦୀ ଲଦିଦେବା ଲାଗି କେନ୍ଦ୍ର ସରକାରଙ୍କ ଉଦ୍ୟମକୁ ବିରୋଧ କରିଛନ୍ତି। ଏହା ଅପ୍ରାସଙ୍ଗିକ, ବିଭାଜନକାରୀ ଏବଂ ଗଣତାନ୍ତ୍ରିକ ନୀତି ବିରୋଧୀ ବୋଲି ସେ କହିଛନ୍ତି। ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ଆଇଆଇଟି ସମେତ ସମସ୍ତ ବୈଷୟିକ ଓ ଅଣବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନରେ ହିନ୍ଦୀକୁ ଶିକ୍ଷାଦାନର ମାଧ୍ୟମ କରାଯିବା ସହ ଅନ୍ୟାନ୍ୟ ରାଜ୍ୟରେ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ଲାଗି ନିକଟରେ ଏକ ସଂସଦୀୟ କମିଟି ସୁପାରିସ କରିଥିଲେ। ଜାତିସଂଘରେ ମଧ୍ୟ ହିନ୍ଦୀକୁ ଅନ୍ୟତମ ଆନୁଷ୍ଠାନିକ ଭାଷା କରାଯିବା ଉଚିତ ବୋଲି କମିଟି କହିଥିଲା। ବଳ ପୂର୍ବକ ହିନ୍ଦୀ ଲଦିଦିଆଯିବାକୁ ବିରୋଧ କରି ଷ୍ଟାଲିନ୍ କେନ୍ଦ୍ର ସରକାରଙ୍କୁ ସତର୍କ କରାଇଥିଲେ। ଦେଶରେ ହିନ୍ଦୀ ଭାଷାଭାଷୀଙ୍କ ତୁଳନାରେ ଅନ୍ୟ ଭାଷାରେ କଥା ହେଉଥିବା ଲୋକଙ୍କ ସଂଖ୍ୟା ଅଧିକ।



ପ୍ରତ୍ୟେକ ଭାଷାର ନିଜସ୍ୱ ବିଶେଷତ୍ୱ ରହିଛି ବୋଲି ଷ୍ଟାଲିନ୍ ତାଙ୍କ ପତ୍ରରେ ଲେଖିଛନ୍ତି। କୌଣସି ଭାଷାକୁ ଜୋର ଜବରଦସ୍ତ ଲଦି ଦିଆଯିବା ଆମ ସମ୍ବିଧାନର ସଂଘୀୟ ବ୍ୟବସ୍ଥା ବିରୋଧୀ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଏହାକୁ ବିଚାରକୁ ନେବା ଲାଗି ଡିଏମ୍‌କେ ନେତା ଅନୁରୋଧ କରିଛନ୍ତି।

# ବାକି ଠିକା କର୍ମଚାରୀଙ୍କୁ ସ୍ଥାୟୀ କେବେ: କଂଗ୍ରେସ

**ଭୁବନେଶ୍ୱର,୧୬।୧୦(ବ୍ୟୁରୋ)**

ରାଜ୍ୟ ସରକାର ଚୁକ୍ତିଭିତ୍ତିକି ନିଯୁକ୍ତି ପ୍ରଥାକୁ ଉଚ୍ଛେଦ କରିବା ପାଇଁ ରବିବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ୨୦୧୩ରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ନିୟମ ପ୍ରଣୟନ କରି ଗ୍ରୁପ 'ବି', ଗ୍ରୁପ 'ସି', ଗ୍ରୁପ 'ଡି' ବର୍ଗର କର୍ମଚାରୀଙ୍କୁ ବିଭିନ୍ନ ବିଭାଗରେ ନିଯୁକ୍ତି ଦେଇଥିଲେ। ଏହା ଏକ କୁତ୍ସିତ ପ୍ରଥା ଯାହା ବିରୋଧରେ ଚୁକ୍ତିଭିତ୍ତିକ କର୍ମଚାରୀମାନେ ବହୁଦିନ ଧରି ପ୍ରତିବାଦ ଓ ଆନ୍ଦୋଳନ କରି ଆସୁଥିଲେ। ରାଜ୍ୟ ସରକାର ଏହି ପ୍ରଥାକୁ ଉଚ୍ଛେଦ କରି କର୍ମଚାରୀ ମାନଙ୍କୁ ଭେଟି ଦେଇ ନାହାନ୍ତି ବରଂ ନିଜେ କରିଥିବା କୁକର୍ମର ପ୍ରାୟଶ୍ଚିତ୍ତ କରିଛନ୍ତି ବୋଲି କଂଗ୍ରେସ ନେତା ସୁଦର୍ଶନ ଦାସ କହିଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁଦର୍ଶନ କହିଛନ୍ତି, ସରକାରଙ୍କ ଘୋଷଣା ଅନୁଯାୟୀ ରାଜ୍ୟର ୫୭ ହଜାର ଠିକା କର୍ମଚାରୀ ଏହି ଚୁକ୍ତି ଭିତ୍ତିକ ନିଯୁକ୍ତିର ଘୃଣ୍ୟ ପ୍ରଥାରୁ ମୁକ୍ତି ହେବେ। କିନ୍ତୁ ଏହି ପରସଂଖ୍ୟାନର ବାହାରେ ଆହୁରି ହଜାର ହଜାର କର୍ମଚାରୀ ରହିଛନ୍ତି, ଯେଉଁମାନେ ଠିକାରେ କାମ କରୁଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ପ୍ରାୟ ୧୦ ହଜାର ପ୍ରାଥମିକ ସ୍କୁଲରେ ଜୁନିୟର ଶିକ୍ଷକ ଭାବେ ୧୩ ହଜାର, ଓସେପାରେ ୬ ହଜାର, ଏପରିକି ୨୦୨୦ରେ ନୂଆ ଗ୍ରାଣ୍ଟ-ଇନ୍-ଏଡ୍ ପଲିସି ଅଧୀନ କାର୍ଯ୍ୟରତ ଶିକ୍ଷକ ଓ ଅଧ୍ୟାପକ, ବିଭିନ୍ନ ସରକାରୀ ଯୋଜନାରେ କାର୍ଯ୍ୟରତ କର୍ମଚାରୀ ଇତ୍ୟାଦିକୁ ମିଶାଇଲେ ଏହି ସଂଖ୍ୟା ୫୦ ହଜାରରୁ ଊର୍ଦ୍ଧ୍ୱ ହେବ। ଏମାନେ ମଧ୍ୟ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ଯେଉଁମାନଙ୍କ ଚାକିରିରେ ସ୍ଥାୟିତ୍ୱ ବା ସୁରକ୍ଷା କିଛି ନାହିଁ କହିଲେ ଚଳେ। ଏମାନଙ୍କ ପ୍ରତି ସରକାର ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି କଂଗ୍ରେସ ଦାବି କରୁଛି।

# ରାଜ୍ୟରୁ ଠିକା ସରକାର ଉଚ୍ଛେଦ ହେବା ଦରକାର: ଭାଜପା

**ଭୁବନେଶ୍ୱର,୧୬।୧୦(ବ୍ୟୁରୋ)**

ଓଡ଼ିଶାରେ ନିର୍ବାଚନ ବିଗୁଲ୍ ବାଜିଲେ ବିଜେଡି ସଭାପତି ଭୋଟ୍ ଡ୍ରାମା କରନ୍ତି। ନିର୍ବାଚନ ଆସିଲେ ବିଜେଡି ରାଜ୍ୟବାସୀଙ୍କ ଲାଗି ମାଳ ମାଳ ଯୋଜନା ଭେଟି ଦେଇଥାନ୍ତି। ସେହି ଯୋଜନା ନିର୍ବାଚନ ସରିବା ପରେ କାର୍ଯ୍ୟକାରୀ ହୁଏ କି ନାହିଁ ତାହାର ଜବାବ ଶାସକ ଦଳ ପାଖରେ ନଥାଏ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜୟନାରାୟଣ କହିଛନ୍ତି, ଏବେ ନିର୍ବାଚନ ପାଖେଇ ଆସିବାରୁ ଓଡ଼ିଶାର ଯୁବପିଢ଼ିଙ୍କୁ ନିଯୁକ୍ତି ପ୍ରଥା ଉଚ୍ଛେଦର ନାରା ଦେଇ ଏକ ନୂଆ ଡ୍ରାମା ଆରମ୍ଭ କରିଛନ୍ତି। ରାଜ୍ୟରେ କଣ୍ଟ୍ରାକ୍ଟର ଜରିଆରେ ଯେତେ ଠିକା କର୍ମଚାରୀ ନିଯୁକ୍ତି ହୋଇଛନ୍ତି, ସେମାନଙ୍କ ଭବିଷ୍ୟତ ସମ୍ପର୍କରେ ଶାସକ ଦଳ ଉତ୍ତର ରଖନ୍ତୁ। ବ୍ଲକଗ୍ରାଣ୍ଟ ଶିକ୍ଷକ, ଗ୍ରାମସାଥୀ, କୃଷକସାଥୀ, ପ୍ରାଣୀମିତ୍ର, ରିସୋର୍ସ୍ କର୍ମଚାରୀ ଓ ଚୌକିଦାରଙ୍କ ଭବିଷ୍ୟତ କ'ଣ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି। ଓଡ଼ିଶା ସରକାର ଠିକାରେ ଚାଲିବା ସହ ସମସ୍ତ ସରକାରୀ କାର୍ଯ୍ୟ ମଧ୍ୟ ଠିକାରେ ଚାଲିଛି ବୋଲି ସେ କଟାକ୍ଷ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣାରେ କିଛି ନୂତନତ୍ୱ ନାହିଁ ଏହା କେବଳ ଧୂଆଁବାଣ ସଦୃଶ। ଯଥାଶୀଘ୍ର ରାଜ୍ୟରୁ ବି ଠିକା ସରକାର ଉଚ୍ଛେଦ ହେବା ଦରକାର ବୋଲି ଜୟନାରାୟଣ କହିଛନ୍ତି।

# କଣାସାଲୁ ଜଙ୍ଗଲରେ କୋମ୍ବିଂ ଜୋରଦାର

**ଫୁଲବାଣୀ ଅଫିସ, ୧୬।୧୦**

କନ୍ଧମାଳ-କଳାହାଣ୍ଡି ଜିଲା ସୀମାନ୍ତ ବାଲିଗୁଡ଼ା ଥାନା ସୁଦ୍ରା ନିକଟସ୍ଥ କଣାସାଲୁ ଜଙ୍ଗଲରେ ଗତ ୯ ତାରିଖରୁ ଜୋରଦାର କୋମ୍ବିଂ ଅପରେସନ ଚାଲିଛି। ସର୍ଚ୍ଚ ଅପରେଶନ ବେଳେ ଏକ ସ୍ଥାନରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ମିଳିଛି। ପୂର୍ବରୁ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁର ୭୨ ଘଣ୍ଟା ପରେ ମଧ୍ୟ ମୃତଦେହର କେହି ଦାବିଦାର ନ ଥିବାରୁ ରବିବାର ସତ୍କାର କରାଯାଇଛି । ଅନ୍ୟପକ୍ଷରେ କେକେବିଏନ୍ ସଙ୍ଗଠନକୁ କନ୍ଧମାଳରେ ମମତା ଲିଡ କରୁଛନ୍ତି। ତାଙ୍କୁ ଧରାଇଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଥିବା କନ୍ଧମାଳ ଏସ୍‌ପି ବିନୀତ ଅଗ୍ରୱାଲ ରବିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିସହ ମାଓବାଦୀମାନେ ହିଂସା ପଥ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ଜଙ୍ଗଲରୁ ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ବ୍ୟାଗ, ଡ୍ରେସ, ଘଣ୍ଟା, ମେଡ଼ିସିନ, କଣ୍ଟ୍ରାସେପଟିଭ, ବିଭିନ୍ନ ଆସବାବପତ୍ର ଆଦି ରହିଛି।

# ଟାଟା ମାଇନ୍ସ ଡ୍ରାଇଭରଙ୍କୁ ଗୁଳିକରି ହତ୍ୟା

**କାମାକ୍ଷାନଗର, ୧୬।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ରେଙ୍ଗାଳି ବାମ କେନାଲ କଙ୍କଣା ଗ୍ରାମ ନିକଟରେ ରବିବାର ଯାଜପୁର ଟାଟା ମାଇନ୍ସରେ ଡ୍ରାଇଭର ଭାବେ କାର୍ଯ୍ୟରତ ଜଣେ ବ୍ୟକ୍ତିଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତକ ହେଲେ କାନପୁରା ଗ୍ରାମର ମୀନକେତନ ଦଳେଇ। କାମ ସାରି ସ୍କୁଟିରେ ଘରକୁ ଫେରୁଥିବାବେଳେ କେହି ଦୁର୍ବୃତ୍ତ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ଅନୁମାନ କରାଯାଉଛି। ତେବେ କିଏ ଏବଂ କେଉଁ କାରଣରୁ ତାଙ୍କୁ ହତ୍ୟା କରିଛି, ତାହା ଅସ୍ପଷ୍ଟ ରହିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ସ୍ତ୍ରୀ ଝରଣା ଏତଲାରେ ଦର୍ଶାଇଛନ୍ତି ଯେ, ସ୍ୱାମୀ ମୀନକେତନ ଯାଜପୁର ଟାଟା ମାଇନ୍ସରେ କାର୍ଯ୍ୟ କରନ୍ତି। ସେ ରବିବାର ଘରକୁ ଫେରିବାରେ ବିଳମ୍ବ ହେବାରୁ ତାଙ୍କ ମୋବାଇଲକୁ ଫୋନ୍ କରିଥିଲି। କେହି ଜଣେ ଅଜଣା ବ୍ୟକ୍ତି ଫୋନ୍ ରିସିଭ୍ କରି କଙ୍କଣା ଗ୍ରାମ ନିକଟ ହାଡ଼ଗଡ଼ିରେ ଗୁଳିବିଦ୍ଧ ହୋଇ ଅଚେତ ଅବସ୍ଥାରେ ସ୍ୱାମୀ ପଡ଼ିଥିବା ସୂଚନା ଦେଇଥିଲେ। ପରେ ଘଟଣାସ୍ଥଳରୁ ମୀନକେତନଙ୍କୁ ଚେତାଶୂନ୍ୟ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଫମ୍ପା ପ୍ରତିଶ୍ରୁତି ପାଲଟିଛି ପିଏମ୍‌ଏୱାଇ

**ସମ୍ବଲପୁର,୧୬।୧୦(ବ୍ୟୁରୋ)**

କଚ୍ଚାଘର ସବୁ ପକ୍କା ହୋଇଯିବ। ସମସ୍ତଙ୍କ ଘରେ କଂକ୍ରିଟ ଛାତ ରହିବ। ୨୦୨୨ ମସିହା ସୁଦ୍ଧା ଆଉ କେହି ବାସହରା ହୋଇ ରହିବେ ନାହିଁ। କେନ୍ଦ୍ର ସରକାର ୫ ବର୍ଷିଆ ଦୀର୍ଘମିଆଦୀ ଯୋଜନା କରିଛନ୍ତି। ଏଭଳି ନାରାବାଜି ଓ ନିର୍ବାଚନୀ ଇସ୍ତାହାର ଦେଇ ଭାଜପା କ୍ଷମତାକୁ ଆସିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ରାଜ୍ୟ, ଜିଲାସ୍ତରୀୟ ଭାଜପା ନେତା ଓ ବିଧାୟକମାନେ ନିଜ ବକ୍ତବ୍ୟରେ ଏହାକୁ ଦୋହରାଇଥିଲେ। ହେଲେ ସମ୍ବଲପୁର ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ଫମ୍ପା ପ୍ରତିଶ୍ରୁତି ପାଲଟିଛି। ୨୦୨୨ ସୁଦ୍ଧା ଏହି ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ସମୟସୀମା ରହିଥିବାବେଳେ ଜିଲାରେ ୨୨,୪୯୮ଜଣ ଆବେଦନକାରୀ ଘର ପାଇବା ଅପେକ୍ଷାରେ ରହିଛନ୍ତି। ଦୀର୍ଘ ୩ବର୍ଷ ମଧ୍ୟରେ ଜିଲାକୁ ମାତ୍ର ୧୪୫ ଘର ଆସିଛି। ଅନ୍ୟପକ୍ଷରେ ବହୁ ଗରିବ ପରିବାର ଘର ପାଇବା ପାଇଁ ନିଜର ନାମ ପଞ୍ଜୀକରଣ କରିପାରିନାହାନ୍ତି। ୨୦୧୭ରେ ବାକି ରହିଥିବା ଗରିବ ପରିବାର ଆବେଦନ କରିବାକୁ କୁହାଯାଇଥିଲା। ଜିଲାରେ ୭୨ ହଜାର ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ଆବେଦନ କରିଥିଲେ। ଯାଞ୍ଚ ସମୟରେ ବିଭିନ୍ନ କାରଣରୁ ଅନେକ ଆବେଦନକାରୀଙ୍କୁ ବାଦ୍ ଦିଆଯାଇଥିବା ବେଳେ କେତେଜଣ ନିଜ ଇଚ୍ଛାରେ ପ୍ରତ୍ୟାହାର ମଧ୍ୟ କରିନେଇଥିଲେ। ଅନ୍ୟ ସରକାରୀ ଯୋଜନାରେ ମଧ୍ୟ କେତେକ ପରିବାରଙ୍କୁ ଘର ମିଳିଯାଇଛି। ହେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୧୬ରୁ ୨୦୧୮ ମସିହା ମଧ୍ୟରେ ଯେଉଁ ସଂଖ୍ୟାରେ ଜିଲାକୁ ଘର ମିଳିଥିଲା ଏବେ ତାହା ବନ୍ଦ ହୋଇଯାଇଛି।



ପିଏମ୍‌ଏୱାଇରେ ତିଆରି ହୋଇଥିବା ଘର।

ମିଳିଥିବା ରିପୋର୍ଟ ଅନୁସାରେ, ୨୦୧୧ ଜନଗଣନା ଅନୁସାରେ ହୋଇଥିବା ରିପୋର୍ଟକୁ ନେଇ ଆବାସ ଯୋଜନାରେ ପରିବାରଙ୍କୁ ସାମିଲ କରାଯାଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଅନୁଦାନରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ୨୦୧୬ ମସିହାଠାରୁ ଆରମ୍ଭ କରି ୨୦୨୧ ମସିହା ଭିତରେ ଘର ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ସେ ସମୟରେ ଜିଲାରେ ପ୍ରାୟ ୮୫ ହଜାର ପରିବାର ଆବେଦନ କରିଥିବା ବେଳେ ବିଭିନ୍ନ କାରଣରୁ ୩୯,୪୫୬ ଜଣ ଚୂଡାନ୍ତ ତାଲିକାରେ ରହିଥିଲେ। କିନ୍ତୁ ୩୯,୩୪୮ ଗୋଟି ଘର ମଞ୍ଜୁର ହୋଇଥିଲା। ଏହି ୫ ବର୍ଷରେ ପର୍ଯ୍ୟାୟକ୍ରମେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଟାର୍ଗେଟରୁ ୩୯,୧୨୩ ଘର ସମ୍ପୂର୍ଣ୍ଣ ହୋଇଯାଇଛି । ମାତ୍ର ୨୨୫ ଘର ଜମି ଓ ବିଭିନ୍ନ କାରଣରୁ ଶେଷ ହୋଇ ପାରିନାହିଁ। ନୂତନ ଆବେଦନକାରୀଙ୍କ ପାଇଁ ଅନୁଦାନ ନ ଆସିବା ମୁଖ୍ୟ ସମସ୍ୟା ହୋଇଛି। ଏ ସମ୍ପର୍କରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳ କହିଛନ୍ତି, ୫ ବର୍ଷ ପାଇଁ ଜିଲାକୁ ଯାହା ଟାର୍ଗେଟ ଦିଆଯାଇଥିଲା, ହାତଗଣତି କିଛି ଘର ଛାଡିଦେଲେ ବାକି ସମ୍ପୂର୍ଣ୍ଣ ହୋଇଯାଇଛି। ଏବେ ନୂତନ ଅନୁଦାନ ଆସିନାହିଁ। ଆସିବା ପରେ ଅପେକ୍ଷା କରିଥିବା ଆବେଦନକାରୀଙ୍କୁ ଘର ଦିଆଯିବ। ଅପେକ୍ଷାରେ ଥିବା ଆବେଦନକାରୀଙ୍କୁ କାର୍ଯ୍ୟାଦେଶ ଦେବା ପୂର୍ବରୁ ପୁଣି ଥରେ ଯାଞ୍ଚ କରାଯିବ ବୋଲି କହିଥିଲେ। ଏ ସମ୍ପର୍କରେ ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ୨୦୨୨ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ଲକ୍ଷ୍ୟ ରହିଥିଲା। ହେଲେ ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ପୂରା ହୋଇପାରିଲା ନାହିଁ। ୨୦୨୪କୁ ପୁଣି ଲକ୍ଷ୍ୟ ରଖାଯାଇଛି। ପଶ୍ଚିମ ଓଡିଶାବାସୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବହେଳା କରୁଥିବା ଏହା ଏକ ଉଦାହରଣ। କାରଣ ବିଗତ ୩ବର୍ଷ ହେବ କେନ୍ଦ୍ର ପକ୍ଷରୁ ଯେତିକି ପରିମାଣର ଘର ଆସିଥିଲା ତାହା ଉପକୂଳ ଓଡ଼ିଶାବାସୀଙ୍କୁ ଦିଆଯାଇଛି। ଲକ୍ଷ୍ୟ ପୂରଣ କରିବା ପାଇଁ କମିଟିରେ ଉପସ୍ଥାପନା କରିଛି। ଶୀଘ୍ର ଅନୁଦାନ ଆସିଯିବ ବୋଲି ସେ କହିଥିଲେ।

# ଭାରତ ଆଜି ବ୍ରାଜିଲକୁ ଭେଟିବ

ଭୁବନେଶ୍ୱର, ୧୬।୧୦
(କ୍ରୀଡ଼ା ପ୍ରତିନିଧି)

ଚଳିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ଭୁବନେଶ୍ୱର ପର୍ଯ୍ୟାୟ ସୋମବାର ଶେଷ ହେବ। କଳିଙ୍ଗ ଷ୍ଟାଡିୟମରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଦିନ ପ୍ରଥମ ମ୍ୟାଚ୍ ଚିଲି ଓ ନାଇଜେରିଆ ମଧ୍ୟରେ ଅପରାହ୍ନ ୪ଟା ୩୦ରେ ଅନୁଷ୍ଠିତ ହେବ। ସେହିପରି ରାତି ୮ଟାରେ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆମେରିକାର ପାୱାର ହାଉସ୍ ବ୍ରାଜିଲକୁ ଭେଟିବ ଭାରତ। ଆୟୋଜକ ଦଳ ଭାବେ ପ୍ରଥମଥର ପାଇଁ ବିଶ୍ୱକପ୍ ଖେଳିବାକୁ ସୁଯୋଗ ପାଇଥିବା ଭାରତ ଗ୍ରୁପ୍ 'ଏ'ରେ ଏହାର ପ୍ରଥମ ୨ଟି ମ୍ୟାଚ୍ ହାରି କ୍ୱାର୍ଟର ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଛି। ସ୍ୱିଡେନ୍‌ର ଥୋମାସ ଡେନର୍ବିଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ପ୍ରଥମ ମ୍ୟାଚ୍‌ରେ ଆମେରିକାଠାରୁ ଶୋଚନୀୟ ଭାବେ ୦-୮ ଗୋଲରେ ହାରିବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଥିଲେ ହେଁ ମରକ୍କୋଠାରୁ ୦-୩ ଗୋଲରେ ପରାଜିତ ହୋଇଥିଲା। ଭାରତ ଏହି ପ୍ରତିଯୋଗିତାରେ କେବଳ ପରାଜିତ ହୋଇନାହିଁ ଗୋଟିଏ ହେଲେ ଗୋଲ ମଧ୍ୟ ସ୍କୋର କରିବାରେ ସକ୍ଷମ ହୋଇନାହିଁ। ତେଣୁ ଫୁଟ୍‌ବଲ ସଂସ୍କୃତିସମ୍ପନ୍ନ ଦେଶ ବ୍ରାଜିଲର ଖେଳାଳିଙ୍କୁ ମୁକାବିଲା କରିବା ନିଶ୍ଚିତ କଷ୍ଟକର ହେବ। ପୂର୍ବରୁ ଏପରି ଏକ ବଡ଼ ଟୁର୍ନାମେଣ୍ଟରେ ଖେଳିବାର ଅଭିଜ୍ଞତା ନ ଥିବାରୁ ଭାରତୀୟ ଦଳ ଶକ୍ତିଶାଳୀ ଦଳ ଆମେରିକା ବିପକ୍ଷରେ ଅତ୍ୟନ୍ତ ଅସହାୟ ମନେହୋଇଥିଲା। ସେମାନଙ୍କ ସ୍ପିଡ୍, ଷ୍ଟାମିନା ଓ ଟେକ୍ନିକ୍ ତୁଳନାରେ ଭାରତୀୟ ଖେଳାଳି ବହୁ ପଛରେ ପଡ଼ିଯାଇଥିଲେ। ଗୋଟିଏ ଦୁଇଟି ଗୋଲ ହେବା ପରେ ଘରୋଇ ଖେଳାଳିମାନେ ନର୍ଭସ ହୋଇପଡ଼ିଥିଲେ। ଫଳରେ ସେଥିରୁ ଶେଷପର୍ଯ୍ୟନ୍ତ ମୁକୁଳି ପାରି ନ ଥିଲା ଡେନର୍ବିଙ୍କ ଦଳ। ପୂର୍ବ ମ୍ୟାଚ୍‌ର ତ୍ରୁଟିରୁ ଦଳ ଅନେକ କିଛି ଶିକ୍ଷାଲାଭ କରିଛି। ବ୍ରାଜିଲ ବିପକ୍ଷ ମ୍ୟାଚ୍ ମଧ୍ୟ ପିଲାମାନଙ୍କୁ ଅନେକ ଅଭିଜ୍ଞତା ଦେବ। ତେବେ ଦୃଢ଼ ରକ୍ଷଣଭାଗ ସହିତ ଭାରତ ଶକ୍ତିଶାଳୀ ବ୍ରାଜିଲକୁ ମୁକାବିଲା କରିବାକୁ ଯିବ। ଶେଷ ମ୍ୟାଚ୍‌ରେ ଦଳ ନିଶ୍ଚିତ ପ୍ରଦର୍ଶନର ଛାପ ଛାଡ଼ିବ ବୋଲି ଡେନର୍ବି ଆଶା ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ବ୍ରାଜିଲ ମଧ୍ୟ ପ୍ରତିଷ୍ଠା ଅନୁସାରେ ପ୍ରଦର୍ଶନ କରି ପାରିନାହିଁ। ଦଳ ୨ଟି ମ୍ୟାଚ୍‌ରେ ମାତ୍ର ଗୋଟିଏ ଲେଖାଏ ଗୋଲ ଦେବାରେ ସକ୍ଷମ ହୋଇଛି। ବିଶେଷକରି ମରକ୍କୋ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଦଳ ବିଜୟ ହାସଲ କରିଥିଲେ ହେଁ ସ୍କୋର ଲାଇନ୍ ମାତ୍ର ୧-୦ ରହିଥିଲା। ଆମେରିକା ବିପକ୍ଷ ମ୍ୟାଚ୍‌କୁ ୧-୧ ଗୋଲରେ ଡ୍ର ରଖିଥିବାରୁ ଦଳର କ୍ୱାର୍ଟର ଫାଇନାଲ ପ୍ରବେଶ ଆଶା ଉଜ୍ଜୀବିତ ରହିଛି। ଭାରତକୁ ହରାଇ ପାରିଲେ ଏହି ଦଳ କ୍ୱାର୍ଟର ଫାଇନାଲରେ ପହଞ୍ଚିଯିବ। ଭାରତ ପ୍ରଥମ ଏବଂ ବ୍ରାଜିଲ ୬ଷ୍ଠ ଥରପାଇଁ ଏହି ବିଶ୍ୱକପ ଖେଳୁଛି।

ସୋମବାର ରାତି ୮ଟାରେ ଗୋଆର ମାର୍ଗାଓରେ ଆମେରିକା ଓ ମରକ୍କୋ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ମ୍ୟାଚ୍‌ର ମଧ୍ୟ ବହୁ ଗୁରୁତ୍ୱ ରହିଛି। ଆମେରିକା ଯଦି ବିଜୟ ହାସଲ କରେ ତେବେ ପରବର୍ତ୍ତୀ ପର୍ଯ୍ୟାୟକୁ ଥ୍ରୁ କରିବ। ଡ୍ର ରଖିଲେ ବି ଆଗକୁ ବଢ଼ିବ। ମାତ୍ର ମରକ୍କୋ ଯଦି କୌଣସି ପ୍ରକାରେ ଏହି ମ୍ୟାଚ୍ ଜିତିଯାଏ ଏବଂ ଏପଟେ ଭାରତକୁ ବ୍ରାଜିଲ ହରାଇଦିଏ ତେବେ ଆମେରିକାର ଅଭିଯାନ ଗ୍ରୁପ୍ ପର୍ଯ୍ୟାୟରୁ ଶେଷ ହୋଇଯିବ। ତେବେ ଏପରି ସମ୍ଭାବନା ଖୁବ୍ କ୍ଷୀଣ। କାରଣ ଏପର୍ଯ୍ୟନ୍ତ ଆମେରିକା ଯେପରି ପ୍ରଦର୍ଶନ କରିଆସିଛି ମରକ୍କୋ ବିପକ୍ଷ ମ୍ୟାଚ୍‌ରେ ଫେଭରାଇଟ ରହିବ।



ଭୁବନେଶ୍ୱରର ୭ମ ବାଟାଲିୟନ ପଡ଼ିଆରେ ରବିବାର ଭାରତୀୟ ଦଳର ଅଭ୍ୟାସ।

# ନକ୍‌ଆଉଟ ପାଇଁ ଲଢ଼ିବେ ଚିଲି-ନାଇଜେରିଆ

ଭୁବନେଶ୍ୱର, ୧୬।୧୦(କ୍ରୀଡ଼ା ପ୍ରତିନିଧି)




୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ରେ ଗ୍ରୁପ୍ 'ବି'ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ସୋମବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ପରସ୍ପରକୁ ଭେଟିବେ ଆଫ୍ରିକୀୟ ଦଳ ନାଇଜେରିଆ ଓ ସାଉଥ୍ ଆମେରିକାନ୍ ଚିଲି। ଏହା ଏକ ଗ୍ରୁପ୍ ମ୍ୟାଚ୍ ହୋଇଥିଲେ ହେଁ ଉଭୟ ଦଳ ପାଇଁ ନକ୍‌ଆଉଟ ସଦୃଶ ହେବ। କାରଣ ଗ୍ରୁପ୍ 'ବି'ରୁ ପ୍ରଥମ ଦଳ ଭାବେ ଜର୍ମାନୀ ୨ଟି ମ୍ୟାଚ୍ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିସାରିଛି। ଚିଲି ଓ ନାଇଜେରିଆ ଗୋଟିଏ ଲେଖାଏ ମ୍ୟାଚ୍ ଜିତି ୩ ପଏଣ୍ଟ ଲେଖାଏ ପାଇଛନ୍ତି। ତେଣୁ ଆଗାମୀ ମ୍ୟାଚରେ ଯେଉଁ ଦଳ ଜିତିବ ସେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ। ପରାଜିତ ଦଳ ବିଦାୟ ନେବ। ଯଦି ମ୍ୟାଚ୍ ଡ୍ର ରୁହେ ତେବେ ଗୋଲ ବ୍ୟବଧାନରେ ନାଇଜେରିଆ ଥ୍ରୁ କରିବ। ଗୋଆର ମାର୍ଗାଓଠାରେ ଚିଲି ଏହାର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୩-୧ ଗୋଲରେ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଜର୍ମାନୀଠାରୁ ୦-୬ ଗୋଲରେ ହାରିଛି। ଅନ୍ୟପକ୍ଷରେ ନିଜର ପ୍ରଥମ ମ୍ୟାଚ୍‌ରେ ଜର୍ମାନୀଠାରୁ ୧-୨ ଗୋଲରେ ହାରିଥିବା ନାଇଜେରିଆ ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୪-୦ ଗୋଲରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଉଭୟ ଦଳ ସମାନ ପଏଣ୍ଟ ପାଇଥିଲେ ହେଁ ଚିଲିର ଗୋଲ ବ୍ୟବଧାନ -୩ ଓ ନାଇଜେରିଆର +୪ ରହିଛି। ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଥିଲେ ହେଁ ଜର୍ମାନୀକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ନାଇଜେରିଆ। ତେଣୁ ଚିଲି ବିପକ୍ଷରେ ଏହି ଦଳର ପଲା ଭାରି ରହିବ। କଳିଙ୍ଗ ଷ୍ଟାଡିୟମରେ ଗ୍ରୁପ୍ 'ବି'ର ଏହା ପ୍ରଥମ ମ୍ୟାଚ୍ ହେବ। ଏହି ଗ୍ରୁପ୍‌ର ଅନ୍ୟ ଦଳ ନ୍ୟୁଜିଲାଣ୍ଡ ୨ ପରାଜୟ ସହ ଦୌଡ଼ରୁ ବାଦ୍ ପଡ଼ିସାରିଛି। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିସାରିଥିବାରୁ ଜର୍ମାନୀ ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ବିଶେଷ ଗୁରୁତ୍ୱ ରଖୁନାହିଁ। ତେବେ ଜର୍ମାନୀ ହାଟ୍ରିକ ବିଜୟ ସହ ଅପରାଜେୟ ଦଳ ଭାବେ ନକ୍‌ଆଉଟରେ ପ୍ରବେଶ କରିବାକୁ ନିଶ୍ଚିତ ଚାହିଁବ।

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**

(ସୋମବାର ମ୍ୟାଚ୍)
ଚିଲି ବନାମ ନାଇଜେରିଆ
ସ୍ଥାନ: ଭୁବନେଶ୍ୱର,
ସମୟ: ଅପରାହ୍ନ ୪ଟା ୩୦
ଭାରତ ବନାମ ବ୍ରାଜିଲ
ସ୍ଥାନ: ଭୁବନେଶ୍ୱର,
ସମୟ: ରାତି ୮ଟା
ନ୍ୟୁଜିଲାଣ୍ଡ ବନାମ ଜର୍ମାନୀ
ସ୍ଥାନ: ମାର୍ଗାଓ,
ସମୟ: ଅପରାହ୍ନ ୪ଟା ୩୦
ଆମେରିକା ବନାମ ମରକ୍କୋ
ସ୍ଥାନ: ମାର୍ଗାଓ,
ସମୟ: ରାତି ୮ଟା



ପୁରୀ-କୋଣାର୍କ ଭ୍ରମଣ ଅବସରରେ ରବିବାର ଶ୍ରୀମନ୍ଦିର ସମ୍ମୁଖରେ ଫିଫା ଅଧିକାରୀବୃନ୍ଦ।

# ପଡ଼ିଆରେ ତ୍ୱରିତ ନିଷ୍ପତ୍ତି ଉପରେ ଡେନର୍ବିଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୧୬।୧୦
(କ୍ରୀଡ଼ା ପ୍ରତିନିଧି)

ପ୍ରଥମଥର ପାଇଁ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଖେଳିବାକୁ ସୁଯୋଗ ପାଇଥିବା ଭାରତୀୟ ଦଳ ସୋମବାର ଏହାର ଶେଷ ମ୍ୟାଚ୍ ଶକ୍ତିଶାଳୀ ବ୍ରାଜିଲ ବିପକ୍ଷରେ ଖେଳିବ। ଗ୍ରୁପ୍ ଏ'ରେ କ୍ରମାଗତ ୨ଟି ମ୍ୟାଚ୍ ହାରି ଭାରତୀୟ ଦଳ ନକ୍‌ଆଉଟ ଦୌଡ଼ରୁ ବାଦ୍ ପଡ଼ି ସାରିଛି। ଅଭିଜ୍ଞତାର ଅଭାବ ପଡ଼ିଆ ମଧ୍ୟରେ ସ୍ପଷ୍ଟ ବାରି ହୋଇଯାଇଛି। ତେଣୁ ଆଗାମୀ ମ୍ୟାଚ୍‌ରେ ଖେଳାଳିମାନେ ବିନା ଚାପରେ ଖେଳିବା ସହ ପଡ଼ିଆ ମଧ୍ୟରେ ଉତ୍ତମ ବୁଝାମଣା ଏବଂ ତ୍ୱରିତ ନିଷ୍ପତ୍ତି ନେବା ଉପରେ ଗୁରୁତ୍ୱ ଦେବେ ବୋଲି ମୁଖ୍ୟ କୋଚ୍ ଥୋମାସ ଡେନର୍ବି ଆଶାପ୍ରକାଶ କରିଛନ୍ତି।

"ବ୍ରାଜିଲ ବିପକ୍ଷ ମ୍ୟାଚ୍‌ରେ ଆମକୁ କିଛି ହରାଇବାର ନାହିଁ। ତେଣୁ ବିନା ଚାପରେ ଥଣ୍ଡା ମନରେ ଆତ୍ମବିଶ୍ୱାସର ସହ ଖେଳିବାକୁ ପିଲାମାନଙ୍କୁ ପରାମର୍ଶ ଦିଆଯାଇଛି। ବ୍ରାଜିଲ ଏକ ଶକ୍ତିସମ୍ପନ୍ନ ଦଳ। ଏହି ଦଳ ନକ୍‌ଆଉଟ ପର୍ଯ୍ୟାୟରେ ପ୍ରବେଶ ପାଇଁ ପ୍ରୟାସ ଲଢ଼ିବ। ତେଣୁ ମ୍ୟାଚ୍‌ରେ ନିଶ୍ଚିତ ସମସ୍ତ ଶକ୍ତି ପ୍ରୟୋଗ କରିବ। ଏହି ଗେମ୍ ଆମ ପାଇଁ ସମ୍ମାନ ସଦୃଶ। ବ୍ରାଜିଲ ବିପକ୍ଷରେ ଆମେ ଦୃଢ଼ ରକ୍ଷଣଭାଗ ଉପରେ ଅଧିକ ଗୁରୁତ୍ୱ ଦେବୁ। ତେବେ ଫୁଟ୍‌ବଲ କେବଳ ରକ୍ଷଣଭାଗକୁ ନେଇ ଖେଳାଯାଏନାହିଁ ବୋଲି ଆମେ ଜାଣିଛୁ। ତେଣୁ ଯଦି ଆମେ ଗୋଲ ଦେଇପାରିବୁ ତେବେ ବହୁତ ଭଲ ହେବ। ଗୋଲ ଦେଇ ଟୁର୍ନାମେଣ୍ଟ ଶେଷ କରିପାରିଲେ ଆମ ପାଇଁ ଭଲ। ଟୁର୍ନାମେଣ୍ଟରୁ ପିଲାମାନେ ଅନେକ କିଛି ଶିଖିଛନ୍ତି। ଆଗକୁ ଆଉ ଏକ ବଡ଼ ପରୀକ୍ଷା ଅଛି। ଏହି ପରିସ୍ଥିତିକୁ ସାମ୍ନା କଲେ ସେମାନେ ଅଧିକ ପରିପକ୍ୱ ହେବେ। ପରିସ୍ଥିତି ଅନୁଯାୟୀ ପଡ଼ିଆରେ ତ୍ୱରିତ ନିଷ୍ପତ୍ତି ନେବା ଏବଂ ଉତ୍ତମ ବୁଝାମଣା ରଖିବା ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ। ବ୍ରାଜିଲରେ ପିଲାମାନେ ବହୁତ ଛୋଟବେଳୁ ଫୁଟ୍‌ବଲ ଖେଳିବା ଆରମ୍ଭ କରିଥାନ୍ତି। ଏହା ଦଳକୁ ଅନେକ ଫାଇଦା ଦେଇଥାଏ। ତେବେ ଆମର ଷ୍ଟାର୍ଟିଂ ଇଲେଭେନ ମଧ୍ୟ ବିପକ୍ଷ ଦଳକୁ ମୁକାବିଲା କରିବାରେ ସକ୍ଷମ, ଏହା ଦେଖାଇବାର ସମୟ ଆସିଛି" ବୋଲି ଡେନର୍ବି ପ୍ରକାଶ କରିଛନ୍ତି।



ଥୋମାସ ଡେନର୍ବି

# ସାଇ ସ୍ୱସ୍ତିକ ଚାମ୍ପିୟନ

**ଚାମ୍ପିୟନଶିପ୍ ସିରିଜ ଟେନିସ**

ଭୁବନେଶ୍ୱର, ୧୬।୧୦
(କ୍ରୀଡ଼ା ପ୍ରତିନିଧି)

କଟକର ସାଇ ସ୍ୱସ୍ତିକ ମହାନ୍ତି ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ)ର ୧୪ ବର୍ଷରୁ କମ୍ ଚାମ୍ପିୟନଶିପ୍ ସିରିଜ (ସିଏସ-୭) ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସାଇ ସ୍ୱସ୍ତିକ ଭୁବନେଶ୍ୱରର ଅଙ୍କିତ ସାହୁଙ୍କୁ ୭-୫, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ବିଡ଼ାନାସୀର ଉର୍ମିଳା ଓ କ୍ଷିତିଶ ମହାନ୍ତିଙ୍କ ପୁତ୍ର ସାଇ ସମ୍ପ୍ରତି ସିଡିଏ ଡିଏଭି ସ୍କୁଲରେ ୭ମ ଷ୍ଟାଣ୍ଡାର୍ଡରେ ଅଧ୍ୟୟନରତ। କଟକ ଜିଲା ଟେନିସ ଆସୋସିଏଶନ କୋଚ୍ ଲଳିତ ଦାସଙ୍କଠାରୁ ସେ ପ୍ରଶିକ୍ଷଣ ନେଉଛନ୍ତି। ପ୍ରତିଯୋଗିତାରେ ୬ଟି ରାଜ୍ୟ ପଶ୍ଚିମବଙ୍ଗ, ରାଜସ୍ଥାନ, ଆସାମ, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ ଏବଂ ଓଡ଼ିଶାରୁ ଖେଳାଳି ଅଂଶଗ୍ରହଣ କରିଥିଲେ।




ପୁରସ୍କାର ଗ୍ରହଣ ଅବସରରେ ସାଇ ସ୍ୱସ୍ତିକ ମହାନ୍ତି।

**ଜୁନିୟର ଭଲିବଲ**

# ଟ୍ରାଏଲ୍‌ରେ ୨୫୦ ଖେଳାଳିଙ୍କ ଅଂଶଗ୍ରହଣ

ଭୁବନେଶ୍ୱର, ୧୬।୧୦
(କ୍ରୀଡ଼ା ପ୍ରତିନିଧି)

ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍ଆଇ) ଅନୁମୋଦନକ୍ରମେ ୪୮ତମ ଜାତୀୟ ଜୁନିୟର ଭଲିବଲ ପ୍ରତିଯୋଗିତା ନଭେମ୍ବର ୧୪ରୁ ୧୯ ପର୍ଯ୍ୟନ୍ତ ଜମ୍ମୁର ଏମଏ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଓଡ଼ିଶା ଦଳ ଚୟନ ପାଇଁ ରବିବାର କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଚୟନ ଟ୍ରାଏଲରେ ୨୫୦ ବାଳିକା ବାଳକ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୫୦ ବାଳିକା ସାମିଲ। ମନୋନୀତ ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ଇନ୍‌ଡୋର ଷ୍ଟାଡିୟମରେ କୋଚିଂ କ୍ୟାମ୍ପ ସୋମବାରଠାରୁ ଆରମ୍ଭ ହେବ। ଏହାପରେ ଚୂଡ଼ାନ୍ତ ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ନଭେମ୍ବର ୧୦ରେ ଜମ୍ମୁ ଯାତ୍ରା କରିବ ବୋଲି ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶଙ୍କ ସୂତ୍ରରୁ ପ୍ରକାଶ।

# ରେଗାସା, ଚେପ୍‌ଟାଇ ଜିତିଲେ ଦିଲ୍ଲୀ ହାଫ୍ ମାରାଥନ

**ଭାରତୀୟଙ୍କ ମଧ୍ୟରେ ସାବ୍‌ଲେ ପ୍ରଥମ**

ନୂଆଦିଲ୍ଲୀ, ୧୬।୧୦(ପି.ଟି.)

ଇଥିଓପିଆର ଚାଲା ରେଗାସା ଏବଂ କେନିଆର ଇରିନେ ଚେପ୍‌ଟାଇ ଯଥାକ୍ରମେ ବେଦାନ୍ତ ଦିଲ୍ଲୀ ହାଫ୍ ମାରାଥନ ପୁରୁଷ ଓ ମହିଳା ଟାଇଟଲ ହାସଲ କରିଛନ୍ତି। ରେଗାସା ୧ ଘଣ୍ଟା ୩୦ ସେକେଣ୍ଡ ଟାଇମିଂରେ ରେସ୍ ଜିତିଥିବାବେଳେ ଚେପ୍‌ଟାଇ ବ୍ୟକ୍ତିଗତ ଶ୍ରେଷ୍ଠ ୧:୦୬:୪୨ ଟାଇମିଂ ସହ ମହିଳା ଇଭେଣ୍ଟ ଜିତିଛନ୍ତି। ଭାରତୀୟ ଏଲିଟ୍ ପୁରୁଷ କାଟେଗୋରିରେ ଗତଥରର ଚାମ୍ପିୟନ ଅବିନାଶ ସାବ୍‌ଲେ ପ୍ରଥମ ଏବଂ କାର୍ତ୍ତିକ କୁମାର ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଦର୍ଶକମାନେ ଏହି ଦୁଇଜଣଙ୍କୁ ଉତ୍ସାହିତ କରିଥିଲେ। ଦୁଇଜଣ ସମାନ ୬୪ ମିନିଟ୍‌ରେ ରେସ୍ ଶେଷ କରିଥିଲେ। ଫୁଟେଜ୍ ଅନୁଧାନ ପରେ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଟେକ୍ନିକାଲ ଅଫିସିଆଲ କିନ୍ତୁ ସାବ୍‌ଲେଙ୍କୁ ବିଜେତା ଘୋଷଣା କରିଥିଲା। ଭାରତୀୟ ମହିଳା ଏଲିଟ୍ ରେସ୍‌ରେ ସ୍ୱାଭାବିକ ସଞ୍ଜୀବନୀ ଯାଦବ ଟାଇଟଲ ଜିତିଥିଲେ। ଗତ ଦୁଇଟି ସଂସ୍କରଣରେ ସେ ପୋଡିୟମ ଫିନିଶ୍ କରିଥିଲେ। ତାଙ୍କ ଟାଇମିଂ ୧:୧୭:୫୩ ରହିଥିଲା। ମୋନିକା ଅଥରା (୧:୧୮:୩୯) ଓ ପ୍ରୀତି ଲିମ୍ବା (୧:୧୯:୦୬) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ରବିବାର ଅନୁଷ୍ଠିତ ଏହି ଇଭେଣ୍ଟର ଶେଷଭାଗରେ ୨୫ ବର୍ଷୀୟ ରେଗାସାଙ୍କୁ କେନିଆର ଫେଲିକ୍ସ କିପ୍‌କୋଚ୍ ଏବଂ ଇଥିଓପିଆର ବୋକି ଦିରିବାଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦିଲ୍ଲୀ ହାଫ୍ ମାରାଥନ ଜିତି ରେଗାସା ୨୭,୦୦୦ ଆମେରିକୀୟ ଡଲାର ପକେଟସ୍ଥ କରିଛନ୍ତି।



ବେଙ୍ଗାଲୁରୁରେ ରବିବାର ଶେଷ ହୋଇଥିବା ଇନ୍‌ଫୋସିସ ଫାଉଣ୍ଡେଶନ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ଡବଲ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶାର ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା।

## ନୋବେଲ ପୁରସ୍କାର-୨୦୨୨ (ପଦାର୍ଥ ବିଜ୍ଞାନ)

# କ୍ୱାଣ୍ଟମ୍ ଯାନ୍ତ୍ରିକୀ ବିକାଶ



ଇଂ. ମାୟାଧର ସ୍ୱାଇଁ

''ଫ୍ରାନ୍ସର ଆଲେନ୍ ଆସ୍ପେକଟ୍, ଯୁକ୍ତରାଷ୍ଟ୍ର ଆମେରିକାର ଜନ୍ କ୍ଲାଉଜର ଏବଂ ଅଷ୍ଟ୍ରିଆର ଆଣ୍ଟୋନ୍ ଜେଲିଙ୍ଗରଙ୍କୁ ପଦାର୍ଥ ବିଜ୍ଞାନ ଲାଗି ଚଳିତ ବର୍ଷର ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି। କ୍ୱାଣ୍ଟମ୍ ଯାନ୍ତ୍ରିକୀରେ ଅଭିନବ ଆବିଷ୍କାର ପାଇଁ ଏହି ତିନି ଜଣ ପଦାର୍ଥ ବିଜ୍ଞାନୀଙ୍କୁ ଉକ୍ତ ପୁରସ୍କାର ମିଳିବ।''





(ବାମରୁ) ଆଲେନ୍ ଆସ୍ପେକଟ୍, ଜନ୍ କ୍ଲାଉଜର, ଆଣ୍ଟୋନ୍ ଜେଲିଙ୍ଗର।

ଫ୍ରାନ୍ସର ଆଲେନ୍ ଆସ୍ପେକଟ୍, ଯୁକ୍ତରାଷ୍ଟ୍ର ଆମେରିକାର ଜନ୍ କ୍ଲାଉଜର ଏବଂ ଅଷ୍ଟ୍ରିଆର ଆଣ୍ଟୋନ୍ ଜେଲିଙ୍ଗରଙ୍କୁ ପଦାର୍ଥ ବିଜ୍ଞାନ ଲାଗି ଚଳିତ ବର୍ଷର ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି। କ୍ୱାଣ୍ଟମ୍ ଯାନ୍ତ୍ରିକୀରେ ଅଭିନବ ଆବିଷ୍କାର ପାଇଁ ଏହି ତିନି ଜଣ ପଦାର୍ଥ ବିଜ୍ଞାନୀଙ୍କୁ ଉକ୍ତ ପୁରସ୍କାର ମିଳିବ। ନୋବେଲ କମିଟି ଅନୁଯାୟୀ, ଫାନ୍ଦ (ଏଣ୍ଟାଙ୍ଗଲମେଣ୍ଟ)ରେ ଥିବା ଫୋଟନରେ ପରୀକ୍ଷଣ, ବେଲ୍ ଅସମାନତାର ଅମାନ୍ୟ ସିଦ୍ଧାନ୍ତ ସ୍ଥାପନ ଏବଂ କ୍ୱାଣ୍ଟମ୍ ତଥ୍ୟ ବିଜ୍ଞାନରେ ସେମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି।

ପଦାର୍ଥ ବିଜ୍ଞାନରେ ପୂର୍ବରୁ ନିଉଟନ୍ ମାଧ୍ୟାକର୍ଷଣ ନିୟମ ଅନୁଯାୟୀ ପାରମ୍ପରିକ ଯାନ୍ତ୍ରିକୀ ପ୍ରଚଳିତ ଥିଲା। ଏହା ଗ୍ରହ, ନକ୍ଷତ୍ର ଆଦି ସ୍ଥୂଳଜଗତର ବସ୍ତୁ ପାଇଁ ପ୍ରଯୁଜ୍ୟ, ଯାହାର ବେଗ ଆଲୋକ ବେଗ ତୁଳନାରେ ବହୁତ କମ୍ ଥାଏ। ୧୯୨୦ ଦଶକରେ ଆଇନଷ୍ଟାଇନ୍, ଏରଉଇନ୍ ସ୍ରୋଡିଞ୍ଜର, ଲିନ୍‌ସ ବୋର୍, ପଲ ଡିରାକ୍, ୱେର୍ଣ୍ଣର ହାଇଜେନବର୍ଗ ଆଦି ବୈଜ୍ଞାନିକମାନେ କ୍ୱାଣ୍ଟମ୍ ଯାନ୍ତ୍ରିକୀର ବିକାଶ କଲେ, ଯାହା ସୂକ୍ଷ୍ମ ଅଣୁ, ପରମାଣୁ ଓ ଉପପରମାଣିକ କଣିକା ଭଳି ସୂକ୍ଷ୍ମ ବସ୍ତୁଜଗତ ପାଇଁ ପ୍ରଯୁଜ୍ୟ ହୋଇଥାଏ। ଚଳିତ ବର୍ଷର ତିନି ନୋବେଲ୍ ବିଜ୍ଞାନୀ କ୍ୱାଣ୍ଟମ୍ ଫାନ୍ଦ ଉପରେ କାର୍ଯ୍ୟ କରି କ୍ୱାଣ୍ଟମ୍ ଯାନ୍ତ୍ରିକୀର ବିକାଶକୁ ଶୀର୍ଷ ସ୍ଥାନରେ ପହଞ୍ଚାଇଛନ୍ତି।

କ୍ୱାଣ୍ଟମ୍ ଯାନ୍ତ୍ରିକୀରେ ଦୁଇ କିମ୍ବା ତତୋଽଧିକ କଣିକା ପରସ୍ପରଠାରୁ ଯେତେ ଦୂରରେ ଥିଲେ ସୁଦ୍ଧା ସମାନ ଅବସ୍ଥାରେ ରହିଥାଆନ୍ତି ; ଅର୍ଥାତ୍ ସମାନ ଆଚରଣ ପ୍ରଦର୍ଶନ କରିଥାଆନ୍ତି। ଏହା ହେଉଛି କ୍ୱାଣ୍ଟମ୍ ଫାନ୍ଦ। ଏହି ଅବସ୍ଥାରେ ଗୋଟିଏ କଣିକାର ଗୁଣଗୁଡ଼ିକୁ ମାପ କରିବା ପରେ ଅନ୍ୟ କଣିକାର ଗୁଣଗୁଡ଼ିକୁ ମାନ ନ କରି ସେହି ମୂଲ୍ୟ ନିଆଯାଇପାରିବ। କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ୱେବ୍ ସାଇଟ୍‌ରେ ଏହାର ଏକ ସୁନ୍ଦର ଅନୁରୂପତା ଦିଆଯାଇଛି। ଦୁଇ ଜଣ ଯମଜ ଭ୍ରାତା ଆମେରିକାରେ ୧୯୪୦ ଦଶକରେ ଜନ୍ମ ଗ୍ରହଣ କରିବା ପରେ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ ଏବଂ ୩୯ ବର୍ଷ ପରେ ପୁଣି ଭେଟ ହେଲେ। ଜଣାଗଲା ଯେ, ସେମାନଙ୍କର ସନ୍ତାନ, ପତ୍ନୀ ଓ ପୋଷା ଜନ୍ତୁମାନଙ୍କର ନାମ ସମାନ ଅଛି ଏବଂ ଦୁଇ ଯମଜ ଭ୍ରାତାଙ୍କର ପସନ୍ଦ ଅନେକ କ୍ଷେତ୍ରରେ ସମାନ ଅଛି।

ପରସ୍ପରଠାରୁ ଦୂରରେ ଥିବା ଅସଂଲଗ୍ନ ଦୁଇଟି କଣିକା ମଧ୍ୟରେ କିପରି ସମ୍ପର୍କର ସେତୁ ରହିପାରୁଛି ଏବଂ ଗୋଟିକର ଜଣା ପ୍ରଥମରୁ ଅନ୍ୟ କଣିକା ସମ୍ବନ୍ଧରେ ଜାଣି ହେଉଛି? ୧୯୩୫ ମସିହାରେ ଆଇନଷ୍ଟାଇନ୍ ଏବଂ ତାଙ୍କର ସହଯୋଗୀ ବୋରିସ୍ ପୋଡୋଲ୍‌ସ୍କି ଓ ନାଥାନ୍ ରୋଜେନ୍ ଏହି ପ୍ରଶ୍ନ ଉପରେ ଅଧ୍ୟୟନ କରି ପ୍ରକାଶ କଲେ ଯେ କିଛି 'ଲୁକ୍କାୟିତ ଚଳରାଶି' ଅଛି, ଯାହାଯୋଗୁଁ ଏପରି ଘଟୁଛି। ସେମାନେ ମଧ୍ୟ କହିଲେ ଯେ କ୍ୱାଣ୍ଟମ୍ ଯାନ୍ତ୍ରିକୀ ତତ୍ତ୍ୱ ଅସମ୍ପୂର୍ଣ୍ଣ ଅଛି। ଏହାକୁ ସେମାନଙ୍କ ନାମର ପ୍ରଥମ ଅକ୍ଷର ଅନୁସାରେ 'ଇପିଏସ ବିରୋଧାଭାସ' କୁହାଯାଏ।

ଆୟରଲାଣ୍ଡର ବୈଜ୍ଞାନିକ ଜନ୍ ଷ୍ଟିୱାର୍ଟ ବେଲ୍ ୧୯୬୪ ମସିହାରେ ପ୍ରକାଶ କଲେ ଯେ ପୃଥିବୀ କ୍ୱାଣ୍ଟମ୍ ପଦାର୍ଥ ବିଜ୍ଞାନକୁ ଅନୁସରଣ କରୁଛି କିମ୍ବା 'ଲୁକ୍କାୟିତ ଚଳରାଶି'ର ଭୂମିକା ରହୁଛି, ତାହା ଗୋଟିଏ ପରୀକ୍ଷଣରୁ ଜଣାପଡ଼ିବ। ଯଦି ପରୀକ୍ଷଣକୁ ଅନେକ ଥର ପୁନରାବୃତ୍ତ କରାଯାଏ ଏବଂ କିଛି ଫଳ ନିର୍ଦ୍ଦିଷ୍ଟ ମୂଲ୍ୟ ଭିତରେ ରହେ, ତାହାହେଲେ ଏହା ଲୁକ୍କାୟିତ ଚଳରାଶି ଯୋଗୁ ହେଉଛି। ଯଦି ଏହା ସେହି ମୂଲ୍ୟଠାରୁ ଅଧିକ ହୁଏ, ତାହାହେଲେ କ୍ୱାଣ୍ଟମ୍ ପଦାର୍ଥ ବିଜ୍ଞାନ ଠିକ୍ ଅଛି। ଏହି କ୍ରାନ୍ତୀୟ ମୂଲ୍ୟକୁ 'ବେଲ୍‌ଙ୍କ ଅସମାନତା' କୁହାଯାଏ।

କ୍ଲାଉଜର ୧୯୭୨ ମସିହାରେ ବେଲ୍‌ଙ୍କ ଧାରଣାକୁ ପରୀକ୍ଷା କରିବାକୁ ଚାହିଁଲେ। ସେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ତାଙ୍କର ଛାତ୍ର ଷ୍ଟୁଆର୍ଟ ଫ୍ରିଡମାନ୍‌ଙ୍କ ସହ ମିଶି ଗୋଟିଏ ଉପକରଣ ତିଆରି କଲେ, ଯାହା ଏକ ସଙ୍ଗରେ ଫାନ୍ଦରେ ଥିବା ଦୁଇଟି ଫୋଟନ୍ ନିର୍ଗତ କଲା ଏବଂ ପରୀକ୍ଷାର ଫଳ ବେଲ୍‌ଙ୍କ ଅସମାନତା ମୂଲ୍ୟଠାରୁ ଅଧିକ ହେଲା, ଅର୍ଥାତ୍ ଏହା କ୍ୱାଣ୍ଟାମ୍ ଯାନ୍ତ୍ରିକୀକୁ ଠିକ୍ ବୋଲି ପ୍ରମାଣ କଲା। ଏହି ପରୀକ୍ଷଣରେ ଅନ୍ତର୍ନିହିତ ଦୋଷତ୍ରୁଟି ଥିବା ସନ୍ଦେହରେ କେତେକେ ଏହାକୁ ଗ୍ରହଣ କରିବାକୁ କୁଣ୍ଠିତ ହେଲେ। ସେତେବେଳେ ପିଏଚ.ଡି. ଛାତ୍ର ଥିବା ଆସ୍ପେକଟ ଏହି ଦୋଷତ୍ରୁଟିକୁ ସୁଧାରିବା ପାଇଁ ୧୯୮୦ ଦଶକରେ ଗୋଟିଏ ଉନ୍ନତ ଉପକରଣ ନିର୍ମାଣ କରି ସମାନ ଫଳ ପାଇଲେ।

୧୯୯୭ ମସିହାରେ ଜେଲିଙ୍ଗର ପରୀକ୍ଷା କରି ଅନ୍ୟ ଗୋଟିଏ ଆକର୍ଷଣୀୟ ଦିଗକୁ ପ୍ରଦର୍ଶନ କଲେ ଯାହା ହେଉଛି 'କ୍ୱାଣ୍ଟାମ୍ ଟେଲିପୋର୍ଟେସନ'। ଯଦି ଫାନ୍ଦରେ ଥିବା କଣିକାଦ୍ୱୟ ବିପରୀତ ଦିଗରେ ଗତି କରନ୍ତି ଏବଂ ସେଥିମଧ୍ୟରୁ ଗୋଟିଏ ଅନ୍ୟ ଏକ ତୃତୀୟ କଣିକାକୁ ଭେଟି ତାହା ସହ ଫାନ୍ଦରେ ରହିଯାଏ, ସେମାନେ ଗୋଟିଏ ନୂତନ ଅବସ୍ଥାରେ ରହନ୍ତି। ତୃତୀୟ କଣିକା ନିଜର ପରିଚୟ ହରାଇଥାଏ ଏବଂ ଏହାର ମୂଳ ଗୁଣଗୁଡ଼ିକ ଏହାକୁ ଭେଟିଥିବା କଣିକା ପାଖକୁ ଚାଲିଯାଇଥାଏ।

କ୍ୱାଣ୍ଟମ୍ ଯାନ୍ତ୍ରିକୀ ସିଦ୍ଧାନ୍ତକୁ ବର୍ତ୍ତମାନ କ୍ୱାଣ୍ଟମ କମ୍ପ୍ୟୁଟର, କ୍ୱାଣ୍ଟମ ନେଟୱର୍କ ଏବଂ କ୍ୱାଣ୍ଟାମ୍ ଗୁପ୍ତ ସଙ୍କେତ ଯୋଗାଯୋଗରେ ପ୍ରୟୋଗ ପାଇଁ ଗବେଷଣା ଚାଲିଛି। ତିନି ନୋବେଲ ବିଜ୍ଞାନୀ ମୋଟ ପୁରସ୍କାର ରାଶି ଦଶ ନିୟୁତ ସୁଇଡେନ୍ କ୍ରୋନୋର (ପ୍ରାୟ ନଅ ଲକ୍ଷ ଆମେରିକୀୟ ଡଲାର)କୁ ସମାନ ଭାବରେ ବାଣ୍ଟି ନେବେ।

ଆଲେନ୍ ଆସ୍ପେକ୍ଟ ୧୯୪୭ ମସିହା ଜୁନ୍ ୧୫ ତାରିଖରେ ଫ୍ରାନ୍ସର ଆଗେନ୍‌ଠାରେ ଜନ୍ମ ଗ୍ରହଣ କରିଥିଲେ। ସେ ବର୍ତ୍ତମାନ ପ୍ୟାରିସ ବିଶ୍ୱବିଦ୍ୟାଳୟ ଓ ଫ୍ରାନ୍ସର ଇକୋ ପଲିଟେକନିକ୍‌ରେ ପ୍ରଫେସର ଅଛନ୍ତି। ଜନ୍ କ୍ଲାଉଜର ଯୁକ୍ତରାଷ୍ଟ୍ର ଆମେରିକାର ପାସଡୋନାଠାରେ ୧୯୪୨ ମସିହା ଡିସେମ୍ବର ୧ ତାରିଖରେ ଜନ୍ମଗ୍ରହଣ କରିଥିଲେ ଏବଂ ସେ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାରେ ନିଜ କମ୍ପାନୀ ଜେ.ଏଫ. କ୍ଲାଉଜର ଏଣ୍ଡ ଆସୋସିଏଟେଡ୍‌ରେ ଗବେଷଣା କରୁଛନ୍ତି। ଆଣ୍ଟୋନ୍ ଜେଲିଙ୍ଗର ଅଷ୍ଟ୍ରିଆର ରାଇଡ୍ ଇନକ୍ରେଇସଠାରେ ଜନ୍ମ ଗ୍ରହଣ କରିଥିଲେ ଏବଂ ସେ ବର୍ତ୍ତମାନ ଅଷ୍ଟ୍ରିଆର ଭିଏନା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି।

-୭୦, ଲକ୍ଷ୍ମୀବିହାର,
ଫେଜ୍-୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

## ଚର୍ବି କମାଇବାର ସହଜ ଉପାୟ



ଏପରି କେତେକ ଖାଦ୍ୟ ରହିଛି, ଯାହାକୁ ଯଦି ଆମେ ନିୟମିତ ଖାଇବା ତେବେ ଆମ ଶରୀରରେ ଚର୍ବି ବଢ଼ିଥାଏ। ଏଥିଯୋଗୁ ମେଦବହୁଳତା ପରି ସମସ୍ୟା ଦେଖାଦିଏ। ତେବେ ଶରୀରରେ ଚର୍ବି ପରିମାଣକୁ ସନ୍ତୁଳିତ ରଖିବାର ଏକ ସହଜ ତଥା ସରଳ ଉପାୟ ରହିଛି। ବାସ୍, ଏଥିପାଇଁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ। କାରଣ ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଚର୍ବିକୁ ଅନେକାଂଶରେ କମାଇବାରେ ସାହାଯ୍ୟ କରିଥାଏ। 'ଚର୍ବି ପରିମାଣ ଓ ଟମାଟୋ' ବିଷୟକୁ ନେଇ ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଯେଉଁମାନେ ଚର୍ବିଜନିତ ସମସ୍ୟା ସହ ଜଡ଼ିତ ଥିଲେ ସେମାନଙ୍କୁ ଏହାର ପରିସରଭୁକ୍ତ କରି ନିୟମିତ କିଛି ପରିମାଣରେ ଟମାଟୋ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିର୍ଦ୍ଧାରିତ ସମୟ ଅନ୍ତରାଳରେ ସେମାନଙ୍କ ଶରୀରରେ ଚର୍ବି ପରିମାଣ କେତେ କମୁଛି ତାହାକୁ ବିଶେଷଜ୍ଞମାନେ ନିରୀକ୍ଷଣ କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶଙ୍କ ଶରୀରରେ ଚର୍ବି କେତେକାଂଶରେ ସନ୍ତୁଳିତ ସ୍ତରକୁ ଆସିଥିଲା। ଟମାଟୋରେ ଏଭଳି ତତ୍ତ୍ୱ ରହିଛି ଯାହା ଚର୍ବିକୁ କମାଇଥାଏ ବୋଲି ରିପୋର୍ଟରେ ଦର୍ଶାଯାଇଛି।

## କାର୍ଯ୍ୟଧାରାକୁ ପ୍ରଭାବିତ କରେ ଭିଡିଓ ଗେମ୍



ଭିଡିଓ ଗେମ୍ ଖେଳିବା ଆଜିକାଲି ଅନେକଙ୍କର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି। ହେଲେ ଏଥିରେ ଆବଶ୍ୟକତାଠାରୁ ଅଧିକ ସମୟ ବ୍ୟସ୍ତ ରହିଲେ ତାହା ଦୈନନ୍ଦିନ ଜୀବନଶୈଳୀକୁ ପ୍ରଭାବିତ କରିଥାଏ। ଏପରି କି ଭିଡିଓ ଗେମ୍ ଖେଳିବା ଦ୍ୱାରା ଜଣେ ବ୍ୟକ୍ତିର କାର୍ଯ୍ୟଧାରା ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। ପ୍ରାୟ ନିୟମିତ ଭିଡିଓ ଗେମ୍ ଖେଳୁଥିବା କେତେକ ବ୍ୟକ୍ତିଙ୍କର କାର୍ଯ୍ୟଧାରାକୁ ତନ୍ନ ତନ୍ନ କରି ତର୍ଜମା କରିବା ପରେ ଲଣ୍ଡନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଭିଡିଓ ଗେମ୍ ଖେଳିବା ଦ୍ୱାରା ମନ ହାଲୁକା ହୁଏ ସତ, ହେଲେ ବେଳେବେଳେ କାମ କରିବା ସମୟରେ ଭିଡିଓ ଗେମ୍‌ର ଭାବନା ମନକୁ ଆସିଥାଏ। ତେଣୁ ସମ୍ପୃକ୍ତ ବ୍ୟକ୍ତି ସମ୍ପାଦନ କରୁଥିବା କାମକୁ ଠିକ୍ ଭାବରେ ତୁଲାଇ ପାରି ନ ଥାନ୍ତି ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତା' ସହ ଜଣେ ବ୍ୟକ୍ତି ଭିଡିଓ ଗେମ୍ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖେଳିଲେ ତାହାର ଖରାପ ପ୍ରଭାବ ଜୀବନଶୈଳୀ ଉପରେ ପଡ଼ିବାର ଆଶଙ୍କା କମ୍ ରହିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ମୁଣ୍ଡବ୍ୟଥା



ବେଳେବେଳେ ଠିକ୍ ସମୟରେ ଖାଦ୍ୟ ନ ଖାଇବା କି ପାଣି ନ ପିଇବା ଦ୍ୱାରା ବହୁତ ଜୋର୍‌ରେ ମୁଣ୍ଡ ବ୍ୟଥା ହୁଏ। ତେଣୁ ସମୟ ଅନୁଯାୟୀ ସନ୍ତୁଳିତ ଖାଦ୍ୟ ଖାଇବା ଓ ପ୍ରଚୁର ପାଣି ପିଇବା ନିହାତି ଦରକାର। ମ୍ୟାଗ୍ନେସିୟମ୍‌ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଏଥିରୁ ଅନେକାଂଶରେ ଉପଶମ ମିଳିଥାଏ। ଏହି ସମୟରେ ଏହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିବା ସହ ସ୍ନାୟୁକୋଷଗୁଡ଼ିକୁ ଶକ୍ତ କରିଥାଏ। ପ୍ରତିଦିନ ରାତିରେ ପ୍ରାୟ ୭-୮ଘଣ୍ଟା ଶୋଇବା ଦ୍ୱାରା ମୁଣ୍ଡବ୍ୟଥାରୁ ରକ୍ଷା ମିଳିଥାଏ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କ ଶାନ୍ତ ହୋଇଥାଏ ଓ ଆମକୁ ଆରାମ ଲାଗେ। ଏହି ସମୟରେ ମୁଣ୍ଡକୁ ମସାଜ୍ ମଧ୍ୟ କରିପାରିବେ। ଏଥିରୁ ଉପଶମ ପାଇବାର ଏକ ସରଳ ଉପାୟ ରହିଛି। ଯଦି ଆପଣ ସବୁଦିନ ଯୋଗ, ପ୍ରାଣାୟାମ କରୁଛନ୍ତି ତେବେ ମୁଣ୍ଡବ୍ୟଥା କମ୍ ହେବାର ସମ୍ଭାବନା ରହିଛି। ଘରେ ହର୍‌ବାଲ୍ ଉପଚାର ମୁଣ୍ଡବ୍ୟଥା ପାଇଁ ମହୌଷଧି ସଦୃଶ। ମୁଣ୍ଡବ୍ୟଥା ଯୋଗୁ ବେଳେବେଳେ ବାନ୍ତି ଆସିଥାଏ। ଅଦା ମିଶ୍ରିତ ଚା' ପିଇଲେ, ଏଥିରୁ କେତେକାଂଶରେ ଲାଘବ ମିଳିଥାଏ। ଚିନ୍ତା ଏବଂ ଟେନସନ ପାଇଁ ମଧ୍ୟ ମୁଣ୍ଡ ବିନ୍ଧେ। ଯଦି କୌଣସି କାରଣରୁ କେହି ଚିନ୍ତାରେ ଥାଆନ୍ତି, ତେବେ ନିଜର ପ୍ରିୟ ବନ୍ଧୁ ସହ କଥା ହୁଅନ୍ତୁ କିମ୍ବା ନିଜ ପ୍ରିୟ ସ୍ଥାନକୁ ଯାଇ ବୁଲି ଆସନ୍ତୁ। ମୁଣ୍ଡବ୍ୟଥାଜନିତ ସମସ୍ୟା ଲାଗି ରହିଲେ ଡାକ୍ତରଙ୍କ ସହ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ।

## ଔଷଧ ଖାଇବା ସମୟରେ..



କଥାରେ ଅଛି-ସ୍ୱାସ୍ଥ୍ୟ ହିଁ ସମ୍ପଦ। ହେଲେ ଆଜିକାଲିର ଧାଁଧପଡ ଜୀବନରେ ଆମେ କେତେକ ରୋଗର ସମ୍ମୁଖୀନ ହେବା କିଛି ନୂଆ କଥା ନୁହେଁ। ଏଥିରୁ ଆରୋଗ୍ୟ ଲାଭ କରିବା ଲାଗି ଆମେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇଥାଉ। ବେଳେବେଳେ ମେଡିସିନ୍ ଷ୍ଟୋର୍‌ରୁ ରୋଗର କାରଣ ସମ୍ପର୍କରେ ସୂଚନା ଦେଇ ଔଷଧ ଆଣିବାକୁ କେତେକେ ପସନ୍ଦ କରିଥାଆନ୍ତି। ହେଲେ କୌଣସି ଔଷଧ କିଣିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଯଦି କୌଣସି ଔଷଧ ଖାଇଲେ ଆପଣଙ୍କର ଆଲର୍ଜି ସମସ୍ୟା ରହୁଛି ତେବେ ପରାମର୍ଶ ସମୟରେ ଡାକ୍ତରଙ୍କୁ ସେ ବିଷୟରେ ଅବଗତ କରାଇବାକୁ ଭୁଲନ୍ତୁ ନାହିଁ। କାରଣ ଡାକ୍ତର ରୋଗ ବିଷୟରେ ସବିଶେଷ ତଥ୍ୟ ଜାଣିବା ପରେ ସେହି ଅନୁସାରେ ଔଷଧ ଖାଇବାକୁ ପ୍ରେସକ୍ରିପସନରେ ଉଲ୍ଲେଖ କରିଥାଆନ୍ତି। ଯେତେଦିନ ପର୍ଯ୍ୟନ୍ତ ଔଷଧ ଖାଇବାକୁ ଡାକ୍ତର କହିଛନ୍ତି ତାହାକୁ ଅନୁସରଣ କରନ୍ତୁ। ରୋଗରୁ ଉପଶମ ଲାଗିବା ମାତ୍ରେ ଔଷଧ ବନ୍ଦ କରିଦେବା ଠିକ୍ ନୁହେଁ। ଅନ୍ୟପକ୍ଷରେ ମନକୁ ମନ କୌଣସି ରୋଗ ପାଇଁ ମେଡିସିନ୍ ଆଣି ଖାଇବା ପୂର୍ବରୁ ତାହା ଠିକ୍ କି ଭୁଲ ସେ ବିଷୟରେ ତର୍ଜମା କରନ୍ତୁ। ଯଦି ମେଡ଼ିସିନ୍ କିଣିବା ସମୟରେ ମନରେ କୌଣସି ଭ୍ରମ ଉପୁଜୁଛି ତେବେ ମେଡିସିନ୍ ଏକ୍ସପର୍ଟ ନ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡିତ ,ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ।

## ହଳଦୀ ଓ ଇନ୍‌ସୁଲିନ୍ ପ୍ରତିରୋଧ ଶକ୍ତି



ଅନେକ ମସଲାଜାତୀୟ ଖାଦ୍ୟରେ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ତନ୍ମଧ୍ୟରୁ ହଳଦୀ ଅନ୍ୟତମ। ଏହାକୁ ଖାଇଲେ ଡାଇବେଟିସ୍ ରୋଗୀଙ୍କ ପାଇଁ ବେଶ୍ ଉପକାରୀ। କାରଣ ଏଥିରେ ଥିବା ତତ୍ତ୍ୱ ଇନ୍‌ସୁଲିନ୍ ପ୍ରତିରୋଧ ଶକ୍ତିକୁ କେତେକାଂଶରେ ବଢ଼ାଇଥାଏ। ଆଜିକାଲି କାର୍ଯ୍ୟ ବୋଝ ଯୋଗୁଁ ହେଉ ଅବା କେତେକ କାରଣରୁ ଅନେକ ଡିପ୍ରେସନ୍‌ର ବଶବର୍ତ୍ତୀ ହୋଇଥାଆନ୍ତି। ଏଥିଲାଗି ଯଦି ଜଣେ ବ୍ୟକ୍ତି ଯଦି ପ୍ରତିଦିନ ହଳଦୀ ଖାଆନ୍ତି, ତେବେ ସେମାନେ ସେଥିରୁ କେତେକାଂଶରେ ମୁକ୍ତି ପାଇଥାଆନ୍ତି ବୋଲି ୟୁନିଭର୍ସିଟି ଅଫ ଟୋକିଓର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଆମେ ଅନେକ ସମୟରେ ଭାଇରାଲ୍ ଇନ୍‌ଫେକଶନର ସାମ୍ନା କରିଥାଉ। ହଳଦୀ ଖାଇବା ଦ୍ୱାରା ଏପରି ଇନଫେକଶନରୁ ମଧ୍ୟ ରକ୍ଷା ମିଳିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହାର ଏଭଳି ଗୁଣ ରହିଛି ଯାହା କୋଲେଷ୍ଟରଲ ସ୍ତରକୁ ସନ୍ତୁଳିତ ରଖିଥାଏ। ଆଲଜିମର୍ସ ରୋଗୀ ଏହାକୁ ମଧ୍ୟ ନିଜ ଖାଦ୍ୟ ତାଲିକାରେ ସାମିଲ କରିପାରିବେ। ଆଣ୍ଠୁଗଣ୍ଠି ଦରଜରୁ ହଳଦୀ କେତେକାଂଶରେ ଉପଶମ ଦେଇଥାଏ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, କ୍ୟାନ୍‌ସର ସହ ଲଢ଼ିବାର କ୍ଷମତା ମଧ୍ୟ ହଳଦୀର ଅଛି।

## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ସୁସ୍ଥ ରଖିବାର ଏକ ସରଳ ଉପାୟ ରହିଛି। ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।
- ସବୁବେଳେ ନିଜର ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ। ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ଯଦି କୌଣସି କଥାକୁ ନେଇ ଚିନ୍ତାଗ୍ରସ୍ତ ଅଛନ୍ତି ତେବେ ତାହାର ସମାଧାନ ଉପାୟ ବାହାର କରନ୍ତୁ। ନ ହେଲେ ପରବର୍ତ୍ତୀ ସମୟରେ ଏହି ଚିନ୍ତା ଅନ୍ୟ କେତେକ ରୋଗର କାରଣ ସାଜିବାର ଆଶଙ୍କା ରହିଛି।
- ଖାଇ ସାରିବା ପରେ ଆଦୌ ମୃଦୁପାନୀୟ ପିଅନ୍ତୁ ନାହିଁ। କାରଣ ଏହା ହଜମକ୍ରିୟାକୁ ପ୍ରଭାବିତ କରିଥାଏ।
- ସୂର୍ଯ୍ୟକିରଣରେ ଭିଟାମିନ୍ 'ଡି' ରହିଛି-ଏ କଥା ଅନେକେ ଜାଣନ୍ତି। ପ୍ରତିଦିନ ସକାଳୁ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ।
- ରାତ୍ରଭୋଜନ ଶେଷ କରିବା ପରେ ୧୦-୧୫ମିନିଟ୍ ଚଲାବୁଲା କରନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ।
- ସବୁବେଳେ ପେନ୍‌କିଲର ଖାଇବା ଅଭ୍ୟାସ ବଦଳାନ୍ତୁ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।



## ମାନବ ବିବର୍ତ୍ତନ ବୀକ୍ଷଣ

(ଶେଷ ଭାଗ)

**ଆବିଷ୍କାରର ଗୁରୁତ୍ୱ:** ପ୍ରତ୍ନଜିନୋମ ବିଜ୍ଞାନ ବା 'ପାଲିଓଜିନୋମିକ୍ସ' ହେଉଛି ଏପରି ଏକ ବିଜ୍ଞାନ ଶାଖା, ଯେଉଁଥିରେ ବିଲୁପ୍ତ ପ୍ରଜାତିଙ୍କ ଖଣ୍ଡ ବିଖଣ୍ଡିତ ଡିଏନ୍‌ଏ ଅଣୁର ସମ୍ପୂର୍ଣ୍ଣ ପୁନର୍ଗଠନ ସମ୍ଭବ ହୋଇଥାଏ। ସ୍ୱାଣ୍ଟେ ପାବୋଙ୍କ ଆବିଷ୍କାର ଏବଂ ଜିନୀୟ ତଥ୍ୟାବଳୀର ପୁନରୁଦ୍ଧାର ଯୋଗୁ ଆଧୁନିକ ମାନବଜାତି ବା ହୋମୋସାପିଏନ୍ସଙ୍କ ବିବର୍ତ୍ତନ ଏବଂ ପ୍ରବାସ ଗମନ ବା ମାଇଗ୍ରେସନ ଆଫ୍ରିକାରେ ସମ୍ଭବ ହୋଇଥିଲା ବୋଲି ବୈଜ୍ଞାନିକମାନେ ପ୍ରମାଣ ପାଇଗଲେ। ଏହା ମଧ୍ୟ ଜଣାପଡ଼ିଲା ଯେ, ଆଧୁନିକ ମାନବ ଜାତି ଓ ନିଣ୍ଡେରଥାଲମାନଙ୍କ ପୂର୍ବଜ ଥିଲେ ସମାନ। ସେମାନେ ପୃଥିବୀରେ ଆତଯାତ ହୋଇଥିଲେ ୬ଲକ୍ଷ ବର୍ଷ ପୂର୍ବେ। ସେହି ସମୟରେ ହିଁ ଦୁଇ ଭଗିନୀସହ ନିଣ୍ଡେରଥାଲସ ଏବଂ ଡେନିସୋଭାନ୍ସ ବିଚ୍ଛିନ୍ନ ହୋଇପଡ଼ିଲେ ପରସ୍ପରଠାରୁ। ପାବୋଙ୍କ ଆବିଷ୍କାରରୁ ପୁନଶ୍ଚ ପ୍ରମାଣ ମିଳିଯାଇଛି ଯେ, ଆଧୁନିକ ମାନବଙ୍କ ଆଦିପୁରୁଷ ୟୁରୋପ ଓ ଏସିଆରେ ବସବାସ କରିବା ପୂର୍ବରୁ ନିଣ୍ଡେରଥାଲସ ଓ ଡିନିସୋଭାନ୍ସଙ୍କ ସହ ଦୈହିକ ମିଳନରେ ଜଡ଼ିତ ଥିଲେ। ସେତେବେଳେ ଏହି ଅନ୍ତର୍ଜନନ ବା ନିକଟତମ ଆତ୍ମୀୟଙ୍କ ସହ ଯୌନ ମିଳନ ହୋଇ ସନ୍ତାନ ସୃଷ୍ଟି ସମ୍ଭବ ହୋଇଥିବା କାରଣରୁ ଏବକାର କେତେକ ଅଧିବାସୀଙ୍କଠାରେ ପ୍ରଚୀନ କାଳର ସେହି ନିଣ୍ଡେଥାଲସ ଓ ଡେନିସୋଭାନ୍ସଙ୍କ କିଛି କିଛି ଜିନ୍ ରହିଯାଇଛି। ଉଦାହରଣ ସ୍ୱରୂପ ଆଧୁନିକ ତିବ୍ବତୀୟଙ୍କଠାରେ ଡେନିସୋଭାନ୍ସଙ୍କ କିଛି ଜିନ୍ ରହିଥିବାରୁ ତିବ୍ବତୀୟମାନଙ୍କ ପକ୍ଷେ ସମୁଦ୍ର ପତ୍ତନଠାରୁ ଯଥେଷ୍ଟ ଅଧିକ ଉଚ୍ଚତା ବିଶିଷ୍ଟ ଅଞ୍ଚଳରେ ବସବାସ କରିବା ସମ୍ଭବ ହୋଇପାରୁଛି। ଏସିଆ ଓ ଦକ୍ଷିଣପୂର୍ବ ଏସିଆର ଆଧୁନିକ ମଣିଷଜାତିଙ୍କ ଜିନ୍‌ଗୁଡ଼ିକ ମଧ୍ୟରେ ଡେନିସୋଭାନ୍ସଙ୍କ ଜିନ୍ ୬ ପ୍ରତିଶତ ରହିଛି। ଏପରି ଜିନ୍ ସଂରଚନ ଫଳରେ ନିଣ୍ଡେରଥାଲସଙ୍କ କିଛି ଜିନ୍ ରହିଥିବା କାରଣରୁ କେତେକ କୋଭିଡ୍-୧୯ ରୋଗୀଙ୍କଠାରେ ଅତି ଗୁରୁତର ଧରଣର ଜଟିଳତା ପ୍ରକାଶ ପାଇଥିଲା ବୋଲି ୨୦୨୦ରେ ଦର୍ଶାଇଥିଲେ ପାବୋ। ଏହି ଜିନ୍ ସଂରଚନ ଯୋଗୁ ଆମ ଶରୀରର ପ୍ରତିରକ୍ଷାତନ୍ତ୍ର ବା ଇମ୍ୟୁନ ସିଷ୍ଟମ ସମ୍ପର୍କରେ ମିଳିପାରିଛି ଅନେକ ଉପାଦେୟ ତଥ୍ୟ। ମାତ୍ର ପ୍ରଶ୍ନ ଉଠେ, ଆମେ ହୋମୋ ସାପିଏନ୍ସମାନେ ଏଯାବତ୍ ବେଶ୍ ସୁରୁଖୁରୁରେ ଜୀବନ ନିର୍ବାହ କରିଆସୁଥିବା ସତ୍ତ୍ୱେ ଆମର ନିକଟତମ ପୂର୍ବଜ ନିଣ୍ଡେରଥାଲସ ଓ ଡେନିସୋମାନ୍ସ ପୃଥିବୀପୃଷ୍ଠରୁ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଗଲେ କାହିଁକି? ସ୍ୱାଣ୍ଟେଙ୍କ ପବରର୍ତ୍ତୀ ବିକଶିତ ଗବେଷଣା ପଦ୍ଧତି ଏ ସମ୍ପର୍କରେ ସବିଶେଷ ଆଲୋକପାତ କରିପାରିବ ବୋଲି ଆଶା।

-ଡା. ନିତ୍ୟାନନ୍ଦ ସ୍ୱାଇଁ, 'ଅଭୀପ୍‌ସା',
ସେକ୍ଟର-୬, ପ୍ଲଟ ନଂ-୧୧୩୧,
ଅଭିନବ ବିଡ଼ାନାସୀ, କଟକ



# ଚଣ୍ଡିଗଡ଼କୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୧୬।୧୦ (କ୍ରୀଡ଼ା ପ୍ରତିନିଧି)**

ଲକ୍ଷ୍ନୌଠାରେ ଚାଲିଥିବା ସୟଦ ମୁସ୍ତାକ ଅଲୀ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ରବିବାର ଚଣ୍ଡିଗଡ଼କୁ ରୋମାଞ୍ଚକଭାବେ ୧ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଚଣ୍ଡିଗଡ଼ ୨୦ ଓଭରରେ ୬ ଉଇକେଟ ହରାଇ ୧୭୯ ରନ କରିଥିଲା। ଦଳ ପକ୍ଷରୁ ଭଗମେନ୍ଦର ଲାଥର ସର୍ବାଧିକ ୫୯ ରନ କରିଥିବାବେଳେ ରାଜ ବାୱା ୧୭ ବଲ୍‌ରୁ ଦ୍ରୁତ ୪୦ (୨ ଚୌକା, ୪ ଛକା) ରନରେ ଅପରାଜିତ ରହିଥିଲେ। ଅଙ୍କିତ କୌଶିକ ୩୮ ରନର ଯୋଗଦାନ ଦେଇଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ତାରିଣୀ ସ' ଓ ଅଧିନାୟକ ଅନୁଜ ରାଉତ ୨ଟି ଲେଖାଏ ଏବଂ ରାଜେଶ ମହାନ୍ତି ଓ ସୁଶୀଲ ବାରିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୮୦ ରନ ବିଜୟ ଲକ୍ଷ୍ୟରେ ଓଡ଼ିଶା ମାତ୍ର ୫ ରନରେ ୨ଟି ଉଇକେଟ ହରାଇ ବିପର୍ଯ୍ୟୟରେ ପଡ଼ିଥିଲେ ହେଁ ରାକେଶ ପଟ୍ଟନାୟକଙ୍କ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ବଳରେ ସଫଳ ପ୍ରତ୍ୟାବର୍ତ୍ତନ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରି ନେଇଥିଲା। ରାକେଶ ମାତ୍ର ୨୪ ବଲ୍‌ରୁ ୬୧ (୭ ଚୌକା, ୪ ଛକା)

**ସୟଦ ମୁସ୍ତାକ ଅଲୀ କ୍ରିକେଟ**

ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ଫର୍ମରେ ଥିବା ଶୁଭ୍ରାଂଶୁ ସେନାପତି ୪୭ ଓ ଶାନ୍ତନୁ ମିଶ୍ର ୩୯ ରନ ସ୍କୋର କରିଥିଲେ। ଚଣ୍ଡିଗଡ଼ ପକ୍ଷରୁ ଜଗଜିତ ସିଂ ୪ଟି ଏବଂ ସନ୍ଦିପ ଶର୍ମା, ଗୁରିନ୍ଦର ସିଂ ଓ ରୋହିତ ଧଣ୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟୁର୍ନାମେଣ୍ଟରେ ୪ ମ୍ୟାଚରୁ ଓଡ଼ିଶାର ଏହା ଦ୍ୱିତୀୟ


ରାକେଶ ପଟ୍ଟନାୟକ

ବିଜୟ। ଦଳ ସିକିମ ବିପକ୍ଷରେ ୯ ଉଇକେଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ୨ଟି ମ୍ୟାଚରେ ଯଥାକ୍ରମେ ତାମିଲନାଡୁଠାରୁ ୫ ଉଇକେଟ ଓ ବେଙ୍ଗଲଠାରୁ ୮ ଉଇକେଟରେ ହାରି ଯାଇଥିଲା। ୪ ମ୍ୟାଚରୁ ୮ ପଏଣ୍ଟ ସହ ଦଳ ଗ୍ରୁପ୍ 'ଇ' ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି।

**ସଂକ୍ଷିପ୍ତ ସ୍କୋର**

ଚଣ୍ଡିଗଡ଼ ୨୦ ଓଭରରେ ୧୭୯/୬ (ଭଗମେନ୍ଦର ଲାଥର-୫୯, ରାଜ ବାୱା-୪୦*, ତାରିଣୀ ସ'-୨/୨୫, ଅନୁଜ ରାଉତ-୨/୨୯, ରାଜେଶ ମହାନ୍ତି-୧/୧୬, ସୁଶୀଲ ବାରିକ-୧/୪୧)। ଓଡ଼ିଶା ୨୦ ଓଭରରେ ୧୮୧/୯ (ରାକେଶ ପଟ୍ଟନାୟକ-୬୧*, ଶୁଭ୍ରାଂଶୁ ସେନାପତି-୪୭, ଶାନ୍ତନୁ ମିଶ୍ର-୩୯, ଜଗଜିତ ସିଂ-୪/୨୯, ସନ୍ଦିପ ଶର୍ମା-୧/୨୬, ଗୁରିନ୍ଦର ସିଂ-୧/୨୬, ରୋହିତ ଧଣ୍ଡ-୧/୧୯)।

# ବିପର୍ଯ୍ୟୟ ସୃଷ୍ଟିକଲା ନାମ୍ବିଆ

**ଗିଲଙ୍ଗ୍, ୧୬।୧୦(ପି.ଟି.)**

ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ର ପ୍ରଥମ ଦିବସରେ ୨୦୧୪ ଚାମ୍ପିୟନ ତଥା ବର୍ତ୍ତମାନ ଏସିଆ କପ୍ ଚାମ୍ପିୟନ ଥିବା ଶ୍ରୀଲଙ୍କାକୁ ୫୫ ରନ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି ନାମ୍ବିଆ। ଗ୍ରୁପ୍ ଏ'ର ଏହି ମ୍ୟାଚ୍‌ରେ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ନାମ୍ବିଆ ଏକଦା ୧୫ ଓଭରରେ ୬ ଉଇକେଟ ବିନିମୟରେ ୯୩ ରନ୍ କରିଥିଲା। ଦଳ ପରେ କିନ୍ତୁ ୨୦ ଓଭରରେ ୭

**ଟି୨୦ କ୍ରିକେଟ ବିଶ୍ୱକପ୍**

ଉଇକେଟ ହରାଇ ଏକ ଚ୍ୟାଲେଞ୍ଜିଂ ୧୬୩ ରନ୍ କରିପାରିଥିଲା। ଡେଥ୍ ଓଭରଗୁଡ଼ିକରେ ଜାନ୍ ଫ୍ରାଏଲିଙ୍କ୍ (୨୮ ବଲ୍‌ରୁ ୪୪) ଓ ଜେ.ଜେ. ସ୍ମିତ୍ (୧୬ ବଲ୍‌ରୁ ଅପରାଜିତ ୩୧) ଦ୍ରୁତହାରରେ ରନ୍ ସଂଗ୍ରହ କରି ପାର୍ଟନରଶିପ୍‌ରେ ୩୩ ବଲ୍‌ରେ ୬୯ ରନ୍ ଯୋଗକରିଥିଲେ। ନିକୋଲ୍ ଲଫ୍ଟି ଇଟନ ୧୨ ବଲ୍‌ରୁ ୨୦ ରନ୍ କରିଥିଲେ। ପରେ ବେନ୍ ଶିକଙ୍ଗୋଙ୍କ ନେତୃତ୍ୱରେ ନାମ୍ବିଆ ପେସ୍ ବୋଲରମାନେ ଶ୍ରୀଲଙ୍କା ଟପ୍ ଅର୍ଡରରେ ବିପର୍ଯ୍ୟୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ। ଶ୍ରୀଲଙ୍କା ୧୯ ଓଭରରେ ୧୦୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଶିକଙ୍ଗୋ ତାଙ୍କ ଚତୁର୍ଥ ଓଭରର ଲଗାତର ଦୁଇଟି ବଲ୍‌ରେ ଓପନର ପାଥୁମ୍ ନିସାଙ୍କା ଓ ଦାନୁଷ୍କା ଗୁଣତିଲକଙ୍କୁ ଆଉଟ କରିଥିଲେ। ଶ୍ରୀଲଙ୍କାର ବିପଜ୍ଜନକ ବ୍ୟାଟର ଭାନୁକା ରାଜପାକ୍‌ସେ (୨୦) ଓ ଅଧିନାୟକ ଦାସୁନ ଶାନକା (୨୯) ଦଳୀୟ ସ୍କୋର ଆଗେଇ ନେବାକୁ ଚେଷ୍ଟା କରିଥିଲେ। ମାତ୍ର ନାମ୍ବିଆ ନିୟମିତ ବ୍ୟବଧାନରେ ଉଇକେଟମାନ ପତନ ଘଟାଇଥିଲା। ଡେଭିଡ୍ ୱିଜ୍, ବର୍ନାଡ ସ୍କୋଲ୍‌ଜ, ଫ୍ରାଏଲିଙ୍କ୍ ଓ ଶିକଙ୍ଗୋ ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ନାମ୍ବିଆର ଜାନ୍ ଫ୍ରାଏଲିଙ୍କ୍ ଦଳର ଟପ ସ୍କୋରର ହେବା ସହ ବିପକ୍ଷ ଦଳର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ନେଇଥିବାରୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶ୍ରୀଲଙ୍କା ଅଧିନାୟକ ଶାନକା କହିଛନ୍ତି, ପାୱାର-ପ୍ଲେରେ ୩ ଉଇକେଟ ପତନ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ସୂଚନାଯୋଗ୍ୟ, ନାମ୍ବିଆ ଗତ ସଂସ୍କରଣର ସୁପର ୧୨ ପର୍ଯ୍ୟାୟରେ ପ୍ରବେଶ କରିପାରିଥିଲା।


ପ୍ଲେୟର ଅଫ୍ ଦି ମ୍ୟାଚ ଜାନ୍ ଫ୍ରାଏଲିଙ୍କ୍।

**ଆଜିର ମ୍ୟାଚ**

- ୱେଷ୍ଟଇଣ୍ଡିଜ ବନାମ ସ୍କଟ୍‌ଲାଣ୍ଡ ସ୍ଥାନ: ହୋବାର୍ଟ
- ଜିମ୍ବାୱେ ବନାମ ଆୟର୍ଲାଣ୍ଡ ସ୍ଥାନ: ହୋବାର୍ଟ

**ସଂକ୍ଷିପ୍ତ ସ୍କୋର**

**ନାମ୍ବିଆ ଇନିଂସ :** ୨୦ ଓଭରରେ ୧୬୩/୭ (ଜାନ୍ ଫ୍ରାଏଲିଙ୍କ୍-୪୪, ଜେ.ଜେ. ସ୍ମିତ୍-୩୧*; ପ୍ରମୋଦ ମଦୁସାନ-୨/୩୭)। **ଶ୍ରୀଲଙ୍କା ଇନିଂସ:** ୧୯ ଓଭରରେ ୧୦୮/ଅଲ୍‌ଆଉଟ (ଦାସୁନ ଶାନକା-୨୯, ଭାନୁକା ରାଜପାକ୍‌ସେ-୨୦; ଡେଭିଡ୍ ୱିଜ୍-୨/୧୬, ବର୍ନାଡ୍ ସ୍କୋଲ୍‌ଜ-୨/୧୮, ବେନ୍ ଶିକଙ୍ଗୋ-୨/୨୨, ଜାନ୍ ଫ୍ରାଏଲିଙ୍କ୍-୨/୨୬)।


୧୮ ବର୍ଷରୁ କମ୍ ଏସିଆନ ଆଥଲେଟିକ୍ସର ମିଡ୍‌ଲେ ରିଲେରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ବାଳିକା ଦଳ।

# ଭାରତୀୟ ଦଳ ସହ ସବିତା ଟପ୍ପୋଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୬।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

କୁଏତ୍‌ରେ ଚାଲିଥିବା ୧୮ ବର୍ଷରୁ କମ୍ ୪ର୍ଥ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମିଡ୍‌ଲେ ରିଲେ ଇଭେଣ୍ଟରେ ଭାରତୀୟ ବାଳିକା ଦଳ ପ୍ରଥମ ସ୍ଥାନ ଅଧିକାର ସହ ସ୍ୱର୍ଣ୍ଣ ପଦକ ଲାଭ କରିଛି। ଭାରତୀୟ ଦଳ ତରଫରୁ ଓଡ଼ିଶାର ସବିତା ଟପ୍ପୋଙ୍କ ବ୍ୟତୀତ ରତିକା ସର୍ବାନନ, ଅନୁଷ୍କା ଦତ୍ତରାୟ କୁମ୍ଭା ଓ ଈଶା ରାଜେଶ ଯାଦବ ପ୍ରମୁଖ ପ୍ରତିନିଧିତ୍ୱ କରିଥିଲେ। ଫାଇନାଲରେ ଭାରତ ପଛକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ଥାଇଲାଣ୍ଡ ଓ ହଂକଂ ରହିଥିଲେ।

# କବିର ହଂସଙ୍କୁ ଡବଲ୍ସ ଟାଇଟଲ

**ଭୁବନେଶ୍ୱର, ୧୬।୧୦ (କ୍ରୀଡ଼ା ପ୍ରତିନିଧି)**

ନୂଆଦିଲ୍ଲୀର ଡିଏଲ୍‌ଟିଏ କମ୍ପ୍ଲେକ୍ସରେ ଅନୁଷ୍ଠିତ ପେନେଷ୍ଟା ଓପନ ଟେନିସ ଚାମ୍ପିୟନଶିପ୍‌ରେ ଓଡ଼ିଶାର କବିର ହଂସ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ତାମିଲନାଡୁର ଓଜେସ ଥିଜୋ ଜେ.ଙ୍କୁ ସାଥିକରି ଖେଳିଥିବା କବିର ଫାଇନାଲରେ ପଶ୍ଚିମବଙ୍ଗର ଇଶାକ ଇକବାଲ ଓ ରାଜସ୍ଥାନର ଫୈଜଲ କମର ଯୋଡ଼ିଙ୍କୁ ୩-୬, ୬-୩, ୧୦-୮ରେ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌ରେ ପରାଜିତ ହୋଇଥିଲେ ହେଁ କବିର-ଓଜେସ ଯୋଡ଼ି ସଫଳ ପ୍ରତ୍ୟାବର୍ତ୍ତନ କରି ବିଜୟୀ ହୋଇଥିଲେ। କବିର ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ବିବିଏର ଦ୍ୱିତୀୟ ବର୍ଷ ଛାତ୍ର। ଏହି ସଫଳତା ପାଇଁ ସେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଅଚ୍ୟୁତ ମଧ୍ୟ କବିରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


କବିର ହଂସ

# ଓଡ଼ିଶାକୁ ୧ ରୌପ୍ୟ, ୨ ବ୍ରୋଞ୍ଜ୍

**ଭୁବନେଶ୍ୱର, ୧୬।୧୦(ସ୍ପୋର୍ଟ୍ସ ବ୍ୟୁରୋ):** ଆସାନସୋଲରେ ୩୧ତମ ସର୍ବଭାରତୀୟ ଜି.ଭି. ମାଭଲଙ୍କର ଶୁଟିଂ ଚାମ୍ପିୟନଶିପ୍

**ସର୍ବଭାରତୀୟ ଶୁଟିଂ ପ୍ରତିଯୋଗିତା**

ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନେ ଗୋଟିଏ ରୌପ୍ୟ ଏବଂ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିବାରେ ସଫଳ ହୋଇଛନ୍ତି। ୫୦ ମିଟର ପ୍ରୋନ୍ ୨୨ ଇଭେଣ୍ଟରେ ସ୍ମିତାପ୍ରଜ୍ଞା ରାୟଙ୍କୁ ରୌପ୍ୟ ଏବଂ ସମପ୍ରୀତ ଦାସ ଓ ଡ. ସୁନୀଲ ଦାରାଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ପଦକ ହାସଲକାରୀଙ୍କୁ ଓଡ଼ିଶା ରାଇଫଲ ସଂଘ ପକ୍ଷରୁ ଉତ୍କଳ କରାଟେ ସ୍କୁଲ ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶ୍ରାବଣୀଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୧୬।୧୦ (କ୍ରୀଡ଼ା ପ୍ରତିନିଧି)**

ବେଙ୍ଗାଲୁରୁସ୍ଥିତ ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଚାଲିଥିବା ୬୧ତମ ଜାତୀୟ ଓପନ୍ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଶ୍ରାବଣୀ ନନ୍ଦ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

**ଜାତୀୟ ଓପନ ଆଥଲେଟିକ୍ ଚାମ୍ପିୟନଶିପ୍**

ମହିଳା ୧୦୦ ମିଟର ରେସ୍‌ରେ ସେ ୧୧.୫୫ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରେଲ୍‌ୱେ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ହିମାଶ୍ରୀ ରୟ ରୌପ୍ୟ ଓ ତାମିଲନାଡୁର ଅର୍ଚ୍ଚନା ସୁସିନ୍ଦ୍ରନ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ୧୦୦ ମିଟର ରେସ୍‌ରେ ଓଡ଼ିଶାର ଅମିୟ କୁମାର ମଲିକ ୭ମ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ତେବେ ପୁରୁଷ ୪x୧୦୦ ମିଟର ରିଲେ ଦଳ ଫାଇନାଲକୁ ଯୋଗ୍ୟତା ଅର୍ଜନ କରି ପଦକ ଆଶା ଉଜ୍ଜୀବିତ ରଖିଛି।


ଶ୍ରାବଣୀ ନନ୍ଦ







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ହରି ଗୋସାଇଁଙ୍କ ପୀଠରେ ସମ୍ବର୍ଦ୍ଧନା ସଭା

ମାହାଙ୍ଗା,(ସ୍ୱ.ପ୍ର): ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଧୁପୁର ପଞ୍ଚାୟତର ଠକପାଟଣା ସାହିର ଶ୍ରୀଶ୍ରୀ ହରିଗୋସାଇଁ ପୀଠରେ ମା' ଗଜଲକ୍ଷ୍ମୀ ପୂଜାର ଉଦ୍‌ଯାପନ ଦିବସରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅନାଦି ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସେକ ଅବଦୁଲ କୁଦୁସ୍, ମୁଖ୍ୟବକ୍ତା ଭାବେ ଦୀପକ ବିଶ୍ୱାଳ, ଅତିଥି ଭାବେ ଝୁଲମଣି କରଣ, ସେକ ଗୟାସଉଦ୍ଦିନ, ଅଜୟ କୁମାର ସ୍ୱାଇଁ, ଦିଲ୍ଲୀପ ସ୍ୱାଇଁ, ନିରଞ୍ଜନ କରଣ, ଅଭିମନ୍ୟୁ କରଣ, ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ପୁରାତନ ଚାଟଶାଳୀ ଅବଧାନ ନୃସିଂହ ଚରଣ ନାୟକ ଓ ଅବସରପ୍ରାପ୍ତ ଶିକ୍ଷକ ନଜିର ମହମ୍ମଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ସଂକ୍ଷେପରେ

## ସିରିଜ୍ ଦୁର୍ଘଟଣା ଘଟାଇ ଓଲଟିଲା କାର

ଫୁଲନଖରା,୧୬।୧୦(ଡି.ଏନ.ଏ.): ଭୁବନେଶ୍ୱରସ୍ଥିତ ଟଙ୍କପାଣି ରୋଡ଼ଠାରୁ ଏକ କାର୍ କଟକ ଅଭିମୁଖେ ଯାଉଥିବା ବେଳେ ସିରିଜ୍ ଦୁର୍ଘଟଣା ଘଟାଇ ୧୬ ନମ୍ବର ଜାତୀୟ ରାଜପଥ ପାହାଳ ଥାନା ଅନ୍ତର୍ଗତ ରୁଦ୍ରପୁରଠାରେ ରାସ୍ତା ତଳକୁ ଓଲଟି ପଡ଼ିଛି। ସୂଚନା ଅନୁଯାୟୀ, ପୁରୀ ବାଇପାସ ଟଙ୍କପାଣି ରୋଡ଼ଠାରୁ ଏକ ହୁଣ୍ଡାଇ କ୍ରେଟା କାର୍ (ଓଡ଼ି୦୫ଏବି-୭୫୭୫) କଟକ ଅଭିମୁଖେ ଦ୍ରୁତ ଗତିରେ ଯାଉଥିଲା। ପାହାଳ ଛକଠାରେ ୬ରୁ ଊର୍ଦ୍ଧ୍ୱ ବାଇକ, ୨ଟି କାର ଓ ଗୋଟିଏ ମିଲ୍କ ଭ୍ୟାନକୁ ପଛପଟୁ ଧକ୍କା ଦେଇ ରୁଦ୍ରପୁରଠାରେ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ପାହାଳ ଥାନା ଆଇଆଇସି ସୁଚିତ୍ରା ପରିଡ଼ା, ଏସିପି ଜୋନ ୪ ଏସ.କେ ମୁଦୁଲି ଓ କେତେକ ପୋଲିସ କର୍ମଚାରୀ ପହଞ୍ଚି କାର୍ ଏବଂ ଦୁର୍ଘଟଣାର ଶିକାର ହୋଇଥିବା ଗାଡ଼ିଗୁଡିକୁ ଜବତ କରିଥିଲେ। ପରେ ଆହତମାନଙ୍କୁ ହସ୍‌ପିଟାଲ ପଠାଇ ଡ୍ରାଇଭରଙ୍କୁ ଅଟକ ରଖିଛନ୍ତି। ପ୍ରାଥମିକ ତଦନ୍ତରୁ ଡ୍ରାଇଭର ଜଣକ ନିଶାସକ୍ତ ଥିବା ଜଣାପଡ଼ିଛି।

## ମା'ଚର୍ଚ୍ଚିକାଙ୍କ ପୀଠରେ ଦୀପଦାନ

ବାଙ୍କୀ,୧୬।୧୦(ସ୍ୱ.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିନ ଅବସରରେ ବାଙ୍କୀ ନଗର ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ଦୀପଦାନ କରାଯାଇଛି। ଯୁବ ନଗର ବିଜେଡି ସଭାପତି ପଠାଣୀ ବେହେରା ଓ ଛାତ୍ର ବିଜେଡି ସଭାପତି ବ୍ରଜବଲ୍ଲଭ କରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ କାଉନସିଲର ରାଜେନ୍ଦ୍ର ମହାପାତ୍ର, ଚନ୍ଦନ ଗଣ୍ଡିଆ, ମନୋଜ ପୃଷ୍ଟି, ସନ୍ତୋଷ ସାହୁ, ଜ୍ୟୋତିରଞ୍ଜନ ମହାନ୍ତି, ଭବତୋଷ ମିଶ୍ର ପ୍ରମୁଖ ପ୍ରାର୍ଥନା କରିଛନ୍ତି।

## ସାମାଜିକ କର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି

ବାଙ୍କୀ,୧୬।୧୦(ସ୍ୱ.ପ୍ର): ବାଙ୍କୀ ଏନଏସି ଅନ୍ତର୍ଗତ ଖମାରଙ୍ଗ ଗ୍ରାମର ସାମାଜିକ କର୍ମୀ ଚଞ୍ଚଳି ବେହେରାଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। 'ଆମ ପରିବାର'ର ପ୍ରତିଷ୍ଠାତା କୁମାର ଅମୀୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କବି ବଂଶୀଧର ମହାପାତ୍ର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଡମପଡ଼ା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ରଣା, ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜଗଦିଶ ପଣ୍ଡା, ସମାଜସେବୀ ଗୌରାଙ୍ଗ ଚରଣ ରାଉତ, ବାଙ୍କୀ ରଜ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ଅଶୋକ କୁମାର ଗିରି ଓ ଡମପଡ଼ା ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସାମଲ ଅତିଥି ଭାବରେ ଯୋଗ ଦେଇଥିଲେ। କବିତା ମାଧମରେ କବୟିତ୍ରୀ ଶକୁନ୍ତଳା ମଲ୍ଲିକ, ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ, ଅମୂଲ୍ୟବାଳା ପଟ୍ଟନାୟକ, ମୁକ୍ତିପ୍ରଭା ଆଚାର୍ଯ୍ୟ, କବି ବିପ୍ଳବ, ଲଲାଟେନ୍ଦୁ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେଶବ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ୧୮୩ ଜବ୍‌କାର୍ଡଧାରୀଙ୍କୁ ୧୦୦ ଦିନର କାର୍ଯ୍ୟ

ବଡ଼ମ୍ବା,୧୬।୧୦(ଡ଼ି.ଏନ.ଏ): ବଡ଼ମ୍ବା ପଞ୍ଚାୟତ ସମିତି ଆନୁକୂଲ୍ୟରେ ଶନିବାର ୨୦୨୧-୨୨ ଆର୍ଥିକ ବର୍ଷର ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମୀକ୍ଷା ବୈଠକ ଓ ଜନଶୁଣାଣି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏବିଡ଼ିଓ ଯାଜ୍ଞସେନୀ ଗୋଛାୟତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମୀକ୍ଷା ଓ ଜନଶୁଣାଣି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ସାଂସଦ ପ୍ରତିନିଧି ଦୀପକ କୁମାର ସାହୁ, କମିଟି ସଦସ୍ୟ ପ୍ରଦୀପ କୁମାର ସ୍ୱାଇଁ, ରଜନୀକାନ୍ତ ବଲବନ୍ତରାୟ, ଏପିଓ ଇପ୍ସିତା ପ୍ରିୟଦର୍ଶିନୀ, ବ୍ଲକ ସୋସିଆଲ ଅଡ଼ିଟର ମମତା ସ୍ୱାଇଁ ଓ ରଶ୍ମିତା ସାହୁ ପ୍ରମୁଖ ଯୋଗଦେଇ ମନରେଗା କାର୍ଯ୍ୟକ୍ରମ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ସହକାରୀ ଇଞ୍ଜିନିୟର ମାନସ ରଞ୍ଜନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମୁଦାୟ ୩୮ଟି ପଞ୍ଚାୟତର ୨୨ ହଜାର ୭୩୮ ଜଣ ବ୍ୟକ୍ତିଙ୍କୁ ଜବକାର୍ଡ ପ୍ରଦାନ କରାଯାଇଛି। ଏଥିରୁ ୧୦ହଜାର ୯୮୫ ପରିବାର କାମ ମାଗିଥିବା ବେଳେ ୧୦ ହଜାର ୯୭୦ ଜଣଙ୍କୁ କାମ ଯୋଗାଇ ଦିଆଯାଇଛି। ଅନ୍ୟପକ୍ଷରେ ସମୁଦାୟ ୧୮୩ ଜଣ ଜବକାର୍ଡଧାରୀୟଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଥିବା ସମୀକ୍ଷା ବୈଠକରେ ସୂଚନା ଦିଆଯାଇଛି। ସେହିପରି ସମୁଦାୟ ୩୭୩୬ଟି ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ଏଥିରୁ ୧୮୫୪ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବ୍ଲକ ମନରେଗା ସହାୟକ ରଞ୍ଜନ କୁମାର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଡିଓଙ୍କ ବିରୋଧରେ ଏତଲା

■ଭିଆରପିମାନଙ୍କୁ ଗାଳିଗୁଲଜ, ଅଶାଳୀନ ବ୍ୟବହାର ଅଭିଯୋଗ

■ଅନୈତିକ ଉପାୟରେ ଅର୍ଥ ଆଦାୟ ପାଇଁ ବାଧ କରାଯାଉଛି

ବାଙ୍କୀ, ୧୬।୧୦(ସ୍ୱ.ପ୍ର)


ବାଙ୍କୀ ଥାନା ସମ୍ମୁଖରେ ଅଭିଯୋଗପତ୍ର ସହ ମହିଳାମାନେ।

ଡମପଡ଼ା ବ୍ଲକର ଏପିଓ ଏବଂ ବିଡିଓଙ୍କ ବିରୋଧରେ ପଞ୍ଚାୟତରେ ନିଯୁକ୍ତି ହୋଇଥିବା ଭିଲେଜ ରିସୋର୍ସ ପର୍ସନ (ଭିଆରପି)ମାନେ ଥାନାରେ ଏତଲା ଦେଇଛନ୍ତି। ପ୍ରକାଶ ଯେ, ଭିଆରପିମାନଙ୍କୁ ପଞ୍ଚାୟତ କାର୍ଯ୍ୟରେ ଅଡିଟ କରିବା ପାଇଁ ନିୟୋଜିତ କରାଯାଇଛି। ସେମାନେ କାର୍ଯ୍ୟ ସୁଚାରୁରୂପେ କରୁଥିବା ବେଳେ ବ୍ଲକର ଏପିଓ ଏବଂ ବିଡିଓ ତାଙ୍କୁ ଅଶାଳୀନ ମନ୍ତବ୍ୟ ଦେଇ ଗାଳିଗୁଲଜ ଏବଂ ଅଭଦ୍ରୋଚିତ ଆଚରଣ କରୁଛନ୍ତି ବୋଲି ନିଯୁକ୍ତି ପାଇଥିବା ମହିଳାମାନେ ବାଙ୍କୀ ଥାନାରେ ଅଭିଯୋଗ କରିଛନ୍ତି। ଭିଆରପି ସଂଯୁକ୍ତା ସାହୁ, ରିଙ୍କି ସାହୁ, ସରୋଜିନୀ ପ୍ରଧାନ, ଲିନା ମହାନ୍ତି, ସତ୍ୟଭାମା ପାଣି, ସ୍ୱର୍ଣ୍ଣଲତା ପ୍ରଧାନ, ମିନତୀ ମହାନ୍ତି, ରମ୍ଭା ମନ୍ତ୍ରୀ, ବିଷ୍ଣୁପ୍ରିୟା ସ୍ୱାଇଁ, ମମତା ରାଉତ, ଅନସୂୟା ପ୍ରଧାନ, ରୁନୁ ଜେନା, ମମତା ରାଉତ, ତୃପ୍ତିମୟୀ ନାୟକ, ସୁଚିତ୍ରା ସାହୁ, ଦୀପା ପରିଡା, ଜୟଶ୍ରୀ ରାଉତ, ଲକ୍ଷ୍ମୀପ୍ରିୟା ବେହେରା ଥାନାରେ ଅଭିଯୋଗ କରିଛନ୍ତି । ଏପିଓ ଏବଂ ବିଡିଓ ଅନୈତିକ ଉପାୟରେ ଜନସାଧାରଣଙ୍କଠାରୁ ଅର୍ଥ ଆଦାୟ କରିବାକୁ ବାଧ କରୁଥିବା ବେଳେ ଭିଆରପିମାନେ ରାଜି ନହେବାରୁ ସେମାନଙ୍କୁ ଗାଳିଗୁଲଜ କରାଯିବା ସହିତ ହତ୍ୟା ଧମକ ଦିଆଯାଉଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ବାଙ୍କୀ ଥାନା ଅଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀ କହିଛନ୍ତି, ଅଭିଯୋଗ ମିଳିଛି, ତଦନ୍ତ ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ। ବିଡିଓ ଶ୍ୟାମଳ କୁମାର ରାୟ ଅଭିଯୋଗକୁ ଖଣ୍ଡନ କରିବା ସହିତ ଜନୈକ ବ୍ୟକ୍ତିଙ୍କ ପ୍ରରୋଚନାରେ ଭିଆରପିମାନେ ଏଭଳି ଅଭିଯୋଗ କରିଥିବା କହିଛନ୍ତି। ପୂର୍ବରୁ ଡମପଡ଼ା ବିଡିଓ ବ୍ଲକ ସୋସିଆଲ ଅଡିଟର (ବିଏସଏ) ରଶ୍ମୀରଞ୍ଜନ ରାଉତରାୟଙ୍କୁ ଅର୍ଥ ମାଗିଥିବା ବେଳେ ସଂପୃକ୍ତ ବିଏସଏ ଟଙ୍କା ନ ଦେବାରୁ ତାଙ୍କୁ ମାଡ଼ ମାରିଥିବା ବାଙ୍କୀ ଥାନାରେ ଅଭିଯୋଗ ହେବା ସହ ଜିଲାପାଳ, ବାଙ୍କୀ ଉପଜିଲାପାଳ, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକଙ୍କୁ ସେ ଲିଖିତ ଭାବେ ଜଣାଇଥିବା ଜଣାପଡ଼ିଛି।

## ଯୁବକଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ

ନିଶ୍ଚିନ୍ତକୋଇଲି, ୧୬।୧୦ (ସ୍ୱ.ପ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ଗ୍ରାମ ପଞ୍ଚାୟତ ସହଦେବପୁର ଗ୍ରାମର ଶନିବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କୁ କେହି ଦୁର୍ବୃତ୍ତ ଯୋଜନାବଦ୍ଧ ଭାବେ ହତ୍ୟାକରି ଫିଙ୍ଗି ଦେଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ନେମାଳ ଥାନା ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି।

ପ୍ରକାଶଯେ, ସହଦେବପୁର ଗ୍ରାମର ବୈଷ୍ଣବ ଚରଣ ଦାସଙ୍କ ପୁତ୍ର ଚିତ୍ତରଞ୍ଜନ ଦାସ (୩୫) ଟେଣ୍ଟ କାମ କରନ୍ତି। ଶନିବାର ରାତି ପ୍ରାୟ ୯ଟା ବେଳେ ଚିତ୍ତରଞ୍ଜନ ଏକ ଟର୍ଚ୍ଚ ଧରି ଘରୁ ବାହାରି ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ରବିବାର ସକାଳୁ ଘରଠାରୁ ଅଳ୍ପ ଦୂର ଏକ ସାଇକେଲ ଦୋକାନ ପିଣ୍ଡାରେ ତାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକ ଦେଖି ଖବର ଦେଇଥିଲେ। ତାଙ୍କ ବେକ ଓ ହାତର କିଛି ଅଂଶ ପୋଡ଼ିଯିବା ସହ ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ତେଣୁ ଚିତ୍ତରଞ୍ଜନକୁ କେହି ଦୁର୍ବୃତ୍ତ ହତ୍ୟାକରି ଫିଙ୍ଗି ଦେଇଥିବା ତାଙ୍କ ବଡ଼ଭାଇ ସୁବାସ ଚନ୍ଦ୍ର ଦାସ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆଇଆଇସି ଉମେଶ ଚନ୍ଦ୍ର ସାହୁ, ନରେନ୍ଦ୍ରପୁର ଫାଣ୍ଡି ଅଧିକାରୀ ଗୌରାଙ୍ଗ ବିଶ୍ୱାଳ ପ୍ରମୁଖ ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ କେଶ ନଂ ୧୮୫/୨୨ରେ ମାମଲା ରୁଜୁ ହୋଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁ ରହସ୍ୟ ଉନ୍ମୋଚନ ହେବ ବୋଲି ଆଇଆଇସି ସାହୁ ପ୍ରକାଶ କରିଛନ୍ତି।

## ୨୭୪ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ଟିଗିରିଆ,୧୬।୧୦ (ଡି.ଏନ.ଏ)

ଟିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ନୂଆପାଟଣା ଶିଶୁ ବିଦ୍ୟାମନ୍ଦିରରେ ଦୁଇଦିନିଆ ବିଜ୍ଞାନ ମେଳା ରବିବାର ଉଦଯାପିତ ହୋଇଯାଇଛି । ପ୍ରାରମ୍ଭରୁ ୨ୟ ଶ୍ରେଣୀ ମଧ୍ୟରେ ୧୭୪, ୩ୟ ଶ୍ରେଣୀରୁ ୮ମ ମଧ୍ୟରେ ୧୦୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ରବିବାର ବିଚାରକ ଭାବେ ଜେମାଦେଇପୁର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିଚିତ୍ର କୁମାର ସାହୁ, ମହେଶ୍ୱର ବର୍ଦ୍ଧନ, ଆଠଗଡ ବିଶ୍ୱନାଥ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଅମର କୁମାର ମହାରଣା, ନୂଆପାଟଣା ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ଯୋଗଦେଇ ପ୍ରକଳ୍ପ ପରିଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଉପସଭାପତି ନରୋତ୍ତମ ପାତ୍ର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଉପଦେଷ୍ଟା ରାମଚନ୍ଦ୍ର ବାରିକ ଓ ଶ୍ରୀନିବାସ ପଣ୍ଡିତ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିର ସଭାପତି ସଚ୍ଚିଦାନନ୍ଦ ଦାସ, ପ୍ରଧାନ ଆଚାର୍ଯ୍ୟ ଅମତୁଲ ରସିଦଙ୍କ ସମେତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବିଦ୍ୟାଳୟସ୍ତରୀୟ ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତା


ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି।

ମାହାଙ୍ଗା, ୧୬।୧୦(ସ୍ୱ.ପ୍ର)

ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଅବସରରେ ବିଦ୍ୟାଳୟସ୍ତରୀୟ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଗଣକବି ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ କୁଆଁପାଳସ୍ଥିତ ପ୍ରତିଭାଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସମ୍ପାଦକ ହୃଷିକେଶ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ସମ୍ମାନିତ ଅତିଥି ଭାବେ ବିଡିଓ ନିହାର ରଞ୍ଜନ ମଲିକ, ସାମାଜିକ କର୍ମୀ ଶରତ ମହାପାତ୍ର, ଡ. ଜୟରାମ ସ୍ୱାଇଁ, ହୃଷିକେଶ ଲାଲା, ସାହିତ୍ୟିକ ବିଶ୍ୱେଶ୍ୱର ମହାନ୍ତି, ସରପଞ୍ଚଙ୍କ ପ୍ରତିନିଧି ସୁବାସ ଜେନା, ଖବରଦାତା ଅମୀୟ ନାୟକ, ଶିକ୍ଷାବିତ ଅଲେଖ ଦାସ, ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ନିହାଣ, ତାରାକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବହୁ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଭୁବନେଶ୍ୱରଠାରେ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯିବ।

## ବ୍ଲକ ଗେଟ୍ ଆଗରେ ମହିଳାଙ୍କ ଧାରଣା

ଓଏଲ୍‌ଏମ୍‌ରେ ଦୁର୍ନୀତି ଘଟଣା, ପ୍ରତିଶ୍ରୁତି ପୂରଣ ହେଲାନି

ମଙ୍ଗୁଲି, ୧୬।୧୦(ଡି.ଏନ୍.ଏ.)

ଇନ୍ଦ୍ରାଣୀପାଟଣା ପଞ୍ଚାୟତର ୬ ମହିଳା ଗୋଷ୍ଠୀ ମହାସଂଘରେ ଦୁର୍ନୀତି ହୋଇଥିବା ନେଇ ବିଡ଼ିଓ ଆଶୁତୋଷ ମିଶ୍ରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଶୁକ୍ରବାର କାର୍ଯ୍ୟାଳୟ ତାଲା ପକେଇବା ସହ ବିଡ଼ିଓଙ୍କୁ ଘେରାଉ କରିଥିଲେ ମହିଳା। ଶନିବାର ଏକ ତଦନ୍ତକାରୀ ଟିମ୍ ପଞ୍ଚାୟତକୁ ଯାଇ ଦୁର୍ନୀତି ସମ୍ପର୍କରେ ତଦନ୍ତ କରିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ସେହି କ୍ରମରେ ଜିଲା ପ୍ରକଳ୍ପ ସଂଯୋଜିକା ସ୍ୱାଗତିକା ପରିଡ଼ାଙ୍କ ସହ ଏକ ଟିମ ଓଏଲଏମ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତରେ କୌଣସି ନିଷ୍କର୍ଷ ନ ବାହାରିବାରୁ ପୁଣି ବ୍ଲକ କାର୍ଯ୍ୟାଳୟସ୍ଥିତ ଗାନ୍ଧୀ ମୂର୍ତ୍ତି ସମ୍ମୁଖରେ ମହିଳାମାନେ ଶନିବାର ସନ୍ଧ୍ୟାରେ ଧାରଣା ଦେଇଥିଲେ। ତେବେ ରାତିରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ପହଞ୍ଚି ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ। ରବିବାର ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ମହିଳାମାନେ ଧାରଣାରୁ ଓହରି ଯାଇଥିଲେ। କିନ୍ତୁ ରବିବାର କୌଣସି ଆଲୋଚନା ନ କରାଯିବାରୁ ପୁଣି ମହିଳାମାନେ ବ୍ଲକ ଗେଟ୍ ଆଗରେ ଧାରଣାରେ ବସିଛନ୍ତି।

## ରାସ୍ତା, ନାଳ ଉନ୍ନତୀକରଣ କାର୍ଯ୍ୟର ଶୁଭାରମ୍ଭ


ରାସ୍ତା, ନାଳର ଉନ୍ନତୀକରଣ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ସହ ଅନ୍ୟମାନେ।

କଟକ ଅଫିସ,୧୬।୧୦

ସୂର୍ଯ୍ୟବିହାର କଲୋନୀର ରାସ୍ତା ଓ ନାଳର ଉନ୍ନତୀକରଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ସୂର୍ଯ୍ୟବିହାର ଜେନିଥ୍ କ୍ଲବ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଶୁଭାରମ୍ଭ କରିଥିଲେ। ଏଥିରେ ସ୍ଥାନୀୟ କର୍ପୋରେଟର ଗୋପାଳ ବେହେରା, ସୂର୍ଯ୍ୟବିହାରର ବରିଷ୍ଠ ନାଗରିକ ଜନାର୍ଦ୍ଦନ ମହାନ୍ତି, ସଚ୍ଚିନ୍ଦ୍ର ମହାନ୍ତି, ଧରଣୀଧର ସେଠୀ, ଧୀରେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅମିୟ କୁମାର ସାହୁ, ସଞ୍ଜୀବ କୁମାର ପ୍ରହରାଜ, ଅବନୀନ୍ଦ୍ର ସାମନ୍ତରାୟ, ଦେବାଶିଷ ବେହେରା, ଅଭିଷେକ ମହାପାତ୍ର, ଜ୍ୟୋତିପ୍ରକାଶ ତ୍ରିପାଠୀ, ଦିବାକର ରାଉତ, ଯଯାତୀ ରାଉତ, ଲିଟୁ ସାହୁ, ଶାଶ୍ୱତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରାପ୍ୟ ପାଇବା ଆଶା ଉଜ୍ଜ୍ୱଳ

ଓଟିଏମ୍ ଫାଟକ ଆଗରେ ଖୁସି ମନାଇଲେ ଶ୍ରମିକ

ଚୌଦ୍ୱାର,୧୬।୧୦(ଡି.ଏନ.ଏ.)

ବକେୟା ପ୍ରାପ୍ୟ ଦାବିରେ ଦୀର୍ଘଦିନ ଧରି ଓଟିଏମ୍ ଫାଟକ ସମ୍ମୁଖରେ ଧାରଣା ଦେଇଥିବା ଶ୍ରମିକ, କର୍ମଚାରୀଙ୍କ ସମସ୍ୟାର ସମାଧାନ ବାଟ ଫିଟୁଥିବାରୁ ସେମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏନେଇ ରବିବାର ଓଟିଏମ୍ ବଞ୍ଚାଅ ସଂଗଠନ ତରଫରୁ କମ୍ପାନୀ ଗେଟ ସମ୍ମୁଖରେ ଶତାଧିକ ଶ୍ରମିକ ଓ କର୍ମଚାରୀ ଏକତ୍ରିତ ହୋଇଥିଲେ। ଶ୍ରମିକ ନେତା ଦୀପକ କୁମାର ବାରିକଙ୍କ ନେତୃତ୍ୱରେ ଏକ ସମାବେଶ ଆୟୋଜନ କରାଯାଇଥିଲା। ଶ୍ରମିକମାନଙ୍କ ବକେୟା ପ୍ରାପ୍ୟ ବାବଦକୁ ମୋଟ ୧୧୦ କୋଟି ୧୪ଲକ୍ଷ ୨୧ ହଜାର ୮୫୦ଟଙ୍କା ପ୍ରଦାନ କରିବାକୁ ଓଟିଏମ୍ ଶ୍ରମିକ ସଂଗଠନ ତରଫରୁ ୨୦୧୩ରେ ଅଫିସିଆଲ ଲିକ୍ୟୁଡେଟରଙ୍କଠାରେ ଦାବି କରାଯାଇଥିଲା। ଗତ ସେପ୍ଟେମ୍ବର ମାସରେ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଶ୍ରମିକମାନଙ୍କ ପ୍ରକୃତ ପ୍ରାପ୍ୟ ଆକଳନ ପାଇଁ ଲିକ୍ୟୁଡେଟର ଜଣେ ଚାଟାର୍ଡ଼ ଆକାଉଣ୍ଟାଣ୍ଟ ନିଯୁକ୍ତ କରିଥିଲେ। ସମ୍ପୃକ୍ତ ଚାଟାର୍ଡ଼ ଆକାଉଣ୍ଟାଣ୍ଟ ଶ୍ରମିକମାନଙ୍କର ୯୭ କୋଟି ୪୬ଲକ୍ଷ ୮୬ ହଜାର ୧୨୨ ଟଙ୍କା ପ୍ରାପ୍ୟ ପ୍ରଦାନ ପାଇଁ ସ୍ଥିର କରିଛନ୍ତି।

## ୨୫୬ ୟୁନିଟ୍ ରକ୍ତ ଦାନକଲେ ମୁସଲମାନ ଭଉଣୀ ଭାଇ

ନିଶ୍ଚିନ୍ତକୋଇଲି,୧୬।୧୦(ସ୍ୱ.ପ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ପରିସରରେ ସଂଖ୍ୟାଲଘୁ ସେଲ୍ ପକ୍ଷରୁ ରକ୍ତଦାନଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୨୫୬ଜଣ ମୁସଲମାନ ଭଉଣୀ ଭାଇ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି। ସୁକରପଡା ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ ଏହି ଶିବିର ଆୟୋଜିତ ହୋଇଥିଲା। ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦାନ କରି ରକ୍ତଦାନ ଏକ ମହତଦାନ ବୋଲି ମତ ଦେବା ସହିତ ରକ୍ତଦାତାଙ୍କୁ ଧନ୍ୟବାଦ ଦେଇଥିଲେ। ବିଧାୟକ ଜେନା ରକ୍ତଦାତା ଓ ମୁରବୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ମୋ ପରିବାର କଟକ ଜିଲା ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳ, ଡେପୁଟି ମେୟର ମଧୁସୂଦନ ସାହୁ, ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ଆଚାର୍ଯ୍ୟ, ଗିରିଶ ରଞ୍ଜନ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଜ୍ୟୋତି ପ୍ରକାଶ ସ୍ୱାଇଁ, ଅନିଲ କୁମାର ଭୂୟାଁ, ପ୍ରମୋଦ କୁମାର ସାହୁ, ମୌଲାନା ରାଜା ସାର, ମୌଲାନା ଫୟାଜ, ମୌଲାନା ଖଇରୁଦ୍ଦିନ, ମୁଫତି ମୌଲାନା ଜମାଲ, ମୌଲାନା ମୁକ୍ତାର, ହନିଫ ଖାଁ, କଲାମ ଖାଁ, ନୁର ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ।



ରକ୍ତଦାନ ଶିବିରରେ ବିଧାୟକ ପ୍ରତାପ ଜେନାଙ୍କ ସହ ମୁସଲମାନ ସମ୍ପ୍ରଦାୟର ଲୋକେ।

## ଅଙ୍ଗଦାନ ପାଇଁ ଇଚ୍ଛାପତ୍ର ଦେଲେ ୨୫

ଆଠଗଡ/ ଟିଗିରିଆ, ୧୬।୧୦(ସ୍ୱ.ପ୍ର./ ଡି.ଏନ.ଏ)


ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଉତ୍ସବ ଉପଲକ୍ଷେ ଅଙ୍ଗଦାନ ପାଇଁ ଇଚ୍ଛାପତ୍ର ପ୍ରଦାନ କରିଥିବା ବ୍ୟକ୍ତିମାନେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିନ ଅବସରରେ ବିଜେଡି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଜୁ ଯୁବ, ଛାତ୍ର, ମହିଳା ଜନତା ଦଳ ପକ୍ଷରୁ ଶ୍ରୀଶ୍ରୀ ସର୍ପେଶ୍ୱର, ଧବଳେଶ୍ୱର, ମା' ବାଉତୀ, ଦକ୍ଷିଣଚଣ୍ଡୀ, ଉତ୍ତରାଚଣ୍ଡୀ, ଅଟ୍ଟାଳୀ ଜଗନ୍ନାଥ ପୀଠରେ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା କରି ସାମୂହିକ ଦୀପଦାନ କରାଯାଇଥିଲା। ଆଠଗଡ ଏନଏସି ବିଜୁ ଜନତା ଦଳ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସେହିପରି ଆୟୋଜିତ ଅଙ୍ଗଦାନ ଶିବିରରେ ଭକ୍ତବନ୍ଧୁ ମହାରଣା(୮୦), ସନ୍ତୋଷ କୁମାର ଭଞ୍ଜ(୭୭), ବିନୋଦିନୀ ତ୍ରିପାଠୀ (୫୨), ରଞ୍ଜିତା ଭକ୍ତା(୪୫)ଙ୍କ ସମେତ ୨୫ଜଣ ସ୍ୱେଚ୍ଛାସେବୀ ମୃତ୍ୟୁ ପରେ ତାଙ୍କର ଅଙ୍ଗଦାନ କରିବାକୁ ଇଚ୍ଛାପତ୍ର ପ୍ରଦାନ କରିଥିଲେ। ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତଙ୍କ ନେତୃତ୍ୱରେ ଶିବିର ଅନୁଷ୍ଠିତ ହୋଇଥିଲା। ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ଆବାହକ ପ୍ରଦୀପ୍ତ କୁମାର ଦାସ ଓ ସଂଯୋଜକ ରାକେଶ ଦାଶ, ଯୁବନେତା ପ୍ରକାଶ ଚନ୍ଦ୍ର ରାଉତ ଶିବିର ସଂଯୋଜନା କରିଥିଲେ। ଯୁବନେତା ଆଦିତ୍ୟ ପ୍ରତାପ ସ୍ୱାଇଁ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧିତ ଓ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପ ନଗରପାଳ ଶୁଭ୍ରଶଙ୍କର ଜ୍ୟୋତି, ଏନଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ, ମହିଳା ବିଜେଡି ସଭାନେତ୍ରୀ ସୁଷମା ପରିଡା, ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ମମତା ଦାସ, ସାଗରିକା ମୁଦୁଲି, ସିପ୍ରା ଦାସ, ରଞ୍ଜିତା ଭକ୍ତା, ଶିବ ଶଙ୍କର ଜେନା, ସୁଧାଂଶୁ ଶେଖର ଦଳାଇ, ମନୋରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଯୋରନ୍ଦାଠାରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତଙ୍କ ନେତୃତ୍ୱରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ କମଳା ନାୟକ, ସମିତି ସଭ୍ୟ ମାନସ ସ୍ୱାଇଁଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ

■୪୦୮ ୟୁନିଟ ରକ୍ତ ସଂଗୃହୀତ

ସେହିପରି ଟିଗିରିଆ ବ୍ଲକ ଅନ୍ତର୍ଗତ ହାଟମାଳ ପଞ୍ଚାୟତରେ ରବିବାର ବିଜେଡି ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବା ସହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳିତ ହୋଇଛି। ଏହି ଅବସରରେ ଶିବ ମନ୍ଦିରରେ ସମୂହ ଦୀପ ଦାନ କରାଯାଇଥିଲା। ପଦଯାତ୍ରା ହାଟମାଳ ପଞ୍ଚାୟତ ବିଷ୍ଣୁପୁର ରାମମନ୍ଦିରଠାରୁ ବାହାରି ନନ୍ଦପୁର ପର୍ଯ୍ୟନ୍ତ ଯାଇଥିଲା। ବ୍ଲକ ବିଜେଡି ସଭାପତି ଅଜିତ ଧୀରଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁଅ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ସରପଞ୍ଚ ସଂଯୁକ୍ତା ସ୍ୱାଇଁ, ସମିତି ସଭ୍ୟା ଗାୟତ୍ରୀ ଦାସ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଞ୍ଜୀୟ ମଲ୍ଲିକ,ସମସୁରା ବେଗମ, ରୁପା ଦଳେଇ, ବିଜୟ ବଳିୟାରସିଂହ, ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ହିମାଂଶୁ ସ୍ୱାଇଁ, ବିକାଶ କୁମାର ଗୋଛି ପ୍ରମୁଖ ସାମିଲ ହୋଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୭ ଅକ୍ଟୋବର, ୨୦୨୨





**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୬।୧୦।୨୦୨୨

| | |
|---|---|
| ୮,୨୨,୨୯୦ ଟଙ୍କା | |
| ସୁନା | ୮.୨୦୦ ଗ୍ରାମ |
| ରୁପା | ୧୧୧ ଗ୍ରାମ |

# ଶ୍ରୀମନ୍ଦିର ଉତ୍ତରଦ୍ୱାରରେ ନର୍ଦ୍ଦମା ପାଣି

- ହଇରାଣ ହେଉଛନ୍ତି ଶ୍ରଦ୍ଧାଳୁ, ଅଞ୍ଚଳବାସୀ
- ପଦାରେ ପଡୁଛି ସ୍ୱେରେଜ ଅବ୍ୟବସ୍ଥା

ପୁରୀ ଅଫିସ,୧୬।୧୦

ପୁରୀ ସହରରେ ରବିବାର ପ୍ରବଳ ବର୍ଷା ପରେ ଦୁର୍ବଳ ସ୍ୱେରେଜ ବ୍ୟବସ୍ଥା ପଦାରେ ପଡ଼ିଛି। ଶ୍ରୀମନ୍ଦିର, ସ୍ୱର୍ଗଦ୍ୱାର ଅଞ୍ଚଳ ସମେତ ସାହି ଗଳିକନ୍ଦିରେ ବର୍ଷାଜଳ ସହ ଉଦ୍‌ବୃତ୍ତ ଡ୍ରେନ୍ ପାଣି ମିଶି ରାସ୍ତାରେ ଲହଡ଼ି ଭାଙ୍ଗୁଛି। ନିଷ୍କାସନ ସୁବିଧା ନ ଥିବାରୁ ଶ୍ରୀମନ୍ଦିର ଉତ୍ତରଦ୍ୱାର ସମ୍ମୁଖରେ ନର୍ଦ୍ଦମାପାଣି ସହ ବର୍ଷାଜଳ ଜମିରହି ଏକ କୃତ୍ରିମ ଜଳାଶୟ ସୃଷ୍ଟି ହୋଇଛି। ଏହି ଅପରିଷ୍କାର ପାଣିରେ ପଶି ସ୍ଥାନୀୟ ଲୋକଙ୍କ ସମେତ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ଯାତାୟତ କରିବାକୁ ପଡୁଛି। ଫଳରେ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ରବିବାର ଅପରାହ୍ଣ ପ୍ରାୟ ୨ଟାରୁ ୪୦ ମିନିଟ୍ ଧରି ପ୍ରବଳ ବର୍ଷା ହୋଇଥିଲା। ଫଳରେ ସହରର ବିଭିନ୍ନ ସ୍ଥାନରେ ବର୍ଷାଜଳ ଜମି ରହିଥିଲା। ସେହିପରି ଶ୍ରୀମନ୍ଦିର ଉତ୍ତରଦ୍ୱାର ସମ୍ମୁଖରେ ବର୍ଷାଜଳ ସାଙ୍ଗକୁ ସ୍ଥାନୀୟ ଡ୍ରେନ୍‌ରୁ ଉଦ୍‌ବୃତ୍ତ ପାଣି ମିଶି ଜମି ରହିବାରୁ ଯାତାୟାତରେ ସମସ୍ୟା ଉପୁଜିଥିଲା। ଶ୍ରୀମନ୍ଦିରକୁ



ସେବାୟତମାନେ ଖାଲିପାଦରେ ଯାଇଥାଆନ୍ତି। ଏଭଳି ସ୍ଥିତିରେ ସେମାନେ ଏହି ଅପରିଷ୍କାର ପାଣିରେ ପଶି ଯାତାୟତ କରିବାକୁ ବାଧ୍ୟ ହୋଇଥିଲେ। ସେହିଭଳି ଶ୍ରୀମନ୍ଦିର ଚାରିପଟେ ଚାଲିଥିବା ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଯୋଗୁ ରାସ୍ତା ସଙ୍କୁଚିତ ହୋଇ ଅଧିକ ସମସ୍ୟା ସୃଷ୍ଟି କରୁଛି। ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମି ରାସ୍ତାରେ ମଧ୍ୟ ପାଣି ନିଷ୍କାସନ ହେଉନାହିଁ। ସ୍ୱର୍ଗଦ୍ୱାର ସଂଶ୍ଳିଷ୍ଟ ରୋଡ୍ ବେଳାଭୂମିର ସବୁଠାରୁ ଗହଳଚହଳ ସ୍ଥାନ ହୋଇଥିବା ବେଳେ ସ୍ୱେରେଜରେ ପାଣି ନ ଯିବା ସମସ୍ୟା ବଢ଼ାଉଛି। ସ୍ୱର୍ଗଦ୍ୱାର ନିକଟ ସ୍ୱେରେଜ ଫାଟିଯାଇଛି। ଏହାକୁ ପ୍ରଶାସନ ଏପର୍ଯ୍ୟନ୍ତ ମରାମତି କରିନାହିଁ। ସାରା ସହରରେ ସ୍ଥିତି ପ୍ରାୟତଃ ଏହିଭଳି ରହିଥିଲେ ମଧ୍ୟ ପୌରସଂସ୍ଥା ଧ୍ୟାନ ଦେଉନାହିଁ। ସ୍ୱେରେଜ ପାଇଁ ରାସ୍ତା ଥାଇ ମଧ୍ୟ ପାଣି କାହିଁକି ନିଷ୍କାସନ ହେଉନାହିଁ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରୁଛନ୍ତି। ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା କହିଛନ୍ତି, କେବଳ ସ୍ୱେରେଜ କରି ରାସ୍ତା ଛାଡ଼ିଦେଲେ ଜଳବନ୍ଦୀ ସମସ୍ୟା ଦୂର ହେବ ନାହିଁ। ସ୍ୱେରେଜକୁ ନିୟମିତ ବ୍ୟବଧାନରେ ସଫା କରାଯିବା ଦରକାର। ମାତ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ସ୍ୱେରେଜ ମୁହଁଠାରୁ ଆରମ୍ଭ କରି ନିଷ୍କାସନସ୍ଥଳୀ ପର୍ଯ୍ୟନ୍ତ ରାସ୍ତା ସଫା କରାଯିବା ଦରକାର। ତାହା ଠିକ ଭାବେ ନ ହୋଇପାରିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ। ପାର୍ବଣ ଋତୁରେ ପୁରୀ ସହରରେ ଗହଳି ସାଙ୍ଗକୁ ଏଭଳି ଅପରିଷ୍କାର ପରିବେଶ ପ୍ରଶାସନର ବିଫଳତାକୁ ଦର୍ଶାଉଛି। କେବଳ ସହରର ପ୍ରମୁଖ ଅଞ୍ଚଳ ନୁହେଁ ବରଂ ସାହି ଗଳିକନ୍ଦିରେ ବର୍ଷାପାଣି ଜମିରହୁଛି। ଏ ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, କିଛି ସ୍ଥାନରେ ପାଣି ଜମି ରହୁଥିବା ଖବର ମିଳିଛି। ସମ୍ପୃକ୍ତ ସ୍ୱେରେଜକୁ ସଫା କରାଯାଇ କିଭଳି ଜଳ ନିଷ୍କାସନ କରାଯିବ ସେଥିଲାଗି ପଦକ୍ଷେପ ନିଆଯିବ।

## ହୋଟେଲରେ ଦେହ ବ୍ୟବସାୟ ଚାଲିଥିବା ଅଭିଯୋଗ

ନିମାପଡ଼ା,୧୬।୧୦(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ସର୍ବାପଡା ଗ୍ରାମ ନିକଟସ୍ଥ ଏକ ହୋଟେଲରେ ଦେହ ବ୍ୟବସାୟ ଚାଲିଥିବା ଅଭିଯୋଗ ହେଉଛି। ଉକ୍ତ ହୋଟେଲକୁ ପୁରୀ, ଭୁବନେଶ୍ୱର, କଟକ ସମେତ ବିଭିନ୍ନ ଗ୍ରାମାଞ୍ଚଳରୁ ଦେହ ବ୍ୟବସାୟୀମାନଙ୍କୁ ଅଣାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଅନ୍ୟପଟେ ତଳଅଣ୍ଡିଆ ଛକ ନିକଟ ଅନ୍ୟ ଏକ ହୋଟେଲରେ ମଦ୍ୟପଙ୍କ ଆଡ୍ଡା ଜମୁଥିବା ଅଭିଯୋଗ ହେଉଛି। ଏଭଳି ଅନୈତିକ କାର୍ଯ୍ୟ ନେଇ ଉକ୍ତ ଦୁଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସମ୍ପୃକ୍ତ ହୋଟେଲରେ ଚଢାଉ କରାଯିବା ସହ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅନୈତିକ କାର୍ଯ୍ୟ ଚାଲିଥିବା ଖବରପାଇ ସ୍ଥାନୀୟ ପୋଲିସ ଗତ ୫/୬ ଦିନ ତଳେ ଏହି ହୋଟେଲ ଉପରେ ଅଚାନକ ଚଢାଉ କରିଥିଲା। ଏ ନେଇ ଆଇଆଇସି ଶଙ୍କର୍ଷଣ ଦଳେଇ କହିଛନ୍ତି, ନିମାପଡ଼ା ଥାନା ଅଞ୍ଚଳରେ ଏଭଳି ଅନୈତିକ କାର୍ଯ୍ୟକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ଏ ଦିଗରେ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ହିନ୍ଦୀ, ସଂସ୍କୃତ, ଓଡ଼ିଆ ଭାଷାରେ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା

ସାକ୍ଷୀଗୋପାଳ,୧୬।୧୦(ଡି.ଏନ୍.ଏ/ସ୍ୱ.ପ୍ର.): ଭାରତ ବିକାଶ ପରିଷଦ ପକ୍ଷରୁ ଓଡ଼ିଶା ପୂର୍ବ ପ୍ରାନ୍ତସ୍ତରୀୟ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ସତ୍ୟବାଦୀ ବ୍ଲକ ନିକଟ ଏକ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୋଆ ୟୁନିଭର୍ସିଟି କୁଳପତି ପ୍ରଫେସର ଡ. ଅଶୋକ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜୟଲକ୍ଷ୍ମୀ ସାହୁ, ଅନୁପମ ଗୁପ୍ତା, ମୁଖ୍ୟବକ୍ତା ଡ. ମନୋରଞ୍ଜନ ଦାଶ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ରାଷ୍ଟ୍ରୀୟ ସମ୍ମାନ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଓ ପ୍ରଦୀପ୍ତ ମହାରଣା ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୦ ଗୋଟି ଦଳ ଭାଗନେଇ ହିନ୍ଦୀ, ସଂସ୍କୃତ, ଓଡ଼ିଆ ଭାଷା ପ୍ରତିଯୋଗିତାରେ ଭାଗ ନେଇଥିଲେ। ସତ୍ୟବାଦୀ ଦାସଙ୍କ ସଭାପତିତ୍ୱରେ ଦ୍ୱିତୀୟ ଅଧିବେଶନରେ ସମ୍ମାନିତ ଅତିଥି ଭାବେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଅଧକ୍ଷ ଡା. ସୁଦର୍ଶନ ବେହେରା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସତ୍ୟବାଦୀ ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ସଂଯୋଜକ ନବଘନ ଶତପଥୀ ପରିଚାଳନା କରିଥିଲେ।

### ସଡ଼କ ସୁରକ୍ଷା ସଚେତନତା

ପୁରୀ ଅଫିସ,୧୬।୧୦- ଚନ୍ଦ୍ରଶେଖର ଏକାଡେମୀ ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ ଅବଦୁଲ କଲାମଙ୍କ ଜନ୍ମ ଦିବସ ତଥା ବିଶ୍ୱ ଛାତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସଡ଼କ ସୁରକ୍ଷା ସଚେତନା କାର୍ଯ୍ୟକ୍ରମ ସହ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳକ ତଥା ସମ୍ପାଦକ ସଞ୍ଜୀବ କୁମାର ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ପାଣିଗ୍ରାହୀ, ସହ ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ରଥ , ଏକାଡେମୀ ସୁପରଭାଇଜର ସୁଚିତ୍ରୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପୋଲିସ ପକ୍ଷରୁ ଏଏସ୍ଆଇ ରମେଶ ନିଶଙ୍କ ଏବଂ ହାବିଲଦାର ବେଣୁଧର ଜାନି ଯୋଗଦେଇଥିଲେ।

## ୨୧ତମ କୁମାର ଉତ୍ସବ 'ଫୁଲ ବଉଳବେଣୀ'



କୁମାର ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ନିମାପଡ଼ା,୧୬।୧୦(ଡି.ଏନ୍.ଏ.)

ନିମାପଡ଼ା ଅଗ୍ରଣୀ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍‌ଷ୍ଟାର ଗ୍ରୁପର ୨୧ତମ କୁମାର ଉତ୍ସବ 'ଫୁଲ ବଉଳବେଣୀ' ସାଂସ୍କୃତିକ ଧମାକା ଓ ସମ୍ବର୍ଦ୍ଧନା ସମାରୋହ ରବିବାର ସ୍ଥାନୀୟ ଦୁର୍ଗାମଣ୍ଡପ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତ୍ରୀ ଓ ପ୍ରଯୋଜକ ପ୍ରଦ୍ୟୁମ୍ନ ଲେଙ୍କା, ଚିତ୍ରଶିଳ୍ପୀ ପ୍ରିୟଙ୍କା ସାହାଣି, ପୂର୍ବତନ ପୋଲିସ ଆଇଜି ବଟକୃଷ୍ଣ ତ୍ରିପାଠୀ, ପାରାଦୀପ ଫସ୍‌ଫେଟ୍‌ର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ସୁଧୀର ରଞ୍ଜନ ମିଶ୍ର, ଏନ୍ଏସି ଉପନଗରପାଳ

### ମନ ମୋହିଲା ଧୁଡୁକି ନୃତ୍ୟ

ସନ୍ତୋଷ ଦାଶ, କାଉନ୍‌ସିଲର ଧନୁର୍ଦ୍ଧର ଦାସ, ଲିଟିଲ୍‌ଷ୍ଟାର ଗ୍ରୁପ ସମ୍ପାଦକ ସୁମନ୍ତ ମହାରଣା, ଶିକ୍ଷାବିତ୍ ଡ. ପ୍ରଣବ ସ୍ୱାଇଁ ପ୍ରମୁଖ ଯୋଗଦେଇ ଗ୍ରୁପର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରଯୋଜକ ଲେଙ୍କା, ଚିତ୍ରଶିଳ୍ପୀ ସାହାଣି, କଳାକାର କାଶୀନାଥ ବେହେରା, ଧୁଡୁକି ଗାୟକ ପ୍ରଫୁଲ୍ଲ ବେହେରା ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ସମାରୋହରେ ନୟାଗଡ଼ ଜିଲା ରଣପୁର ଅଞ୍ଚଳର ବାବା କମଳେଶ୍ୱର ଯାତ୍ରା, ନବରଙ୍ଗ ଗ୍ରୁପ ପକ୍ଷରୁ ରେକର୍ଡ ଡ୍ୟାନ୍ସ, ଆଧୁନିକ ନାଚ, ଦେଶାତ୍ମବୋଧ ସଙ୍ଗୀତ, ଧୁଡୁକି ନୃତ୍ୟ, ପୌରାଣିକ ନାଟକ ଆଦି ପରିବେଷଣ କରାଯାଇଥିଲା। ଧୁଡୁକି ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଅନୁଷ୍ଠାନ ପକ୍ଷରୁ ଅଧ୍ୟାପକ ସୁବ୍ରତ ମହାନ୍ତି, ଡ. ରବୀନ୍ଦ୍ର ନାଥ ପାଢ଼ୀ, ଅଜୟ ମିଶ୍ର, ନିର୍ମଳ ମିଶ୍ର ପ୍ରମୁଖ ଉତ୍ସବ ଓ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ। ବାବା କମଳେଶ୍ୱର ଯାତ୍ରା ନବରଙ୍ଗ ଗ୍ରୁପର କଳାକରଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।



କୁମାର ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ଭଲ ମଣିଷ ହୋଇ ଶୃଙ୍ଖଳିତ ସମାଜ ଗଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

ଡେଲାଙ୍ଗ,୧୬।୧୦(ଡି.ଏନ୍.ଏ.)

କଲ୍ୟାଣପୁର ଯୁକ୍ତ ୨ ମହାବିଦ୍ୟାଳୟ ପରିସରରେ ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ତୃପ୍ତିମୟୀ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧ୍ୟାପିକା ବିଷ୍ଣୁପ୍ରିୟା ଦେଈ, ଅଧ୍ୟାପକ କୈଳାସ ଚନ୍ଦ୍ର ସାହୁ, ଲୋକନାଥ ମିଶ୍ର, କୈଳାସ ଚନ୍ଦ୍ର ଦାଶ, ନିରୋଦ ସାମନ୍ତରାୟ, ମନୋଜ ପ୍ରଧାନ, ସଞ୍ଜୟ ଦଳାଇ, ପ୍ରତାପ କେଶରୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ୨ୟ ବର୍ଷର ଛାତ୍ରୀଛାତ୍ରମାନେ ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। କନିଷ୍ଠ ଛାତ୍ରୀଛାତ୍ର ବଡମାନଙ୍କୁ ଭକ୍ତି ଭାବ ପ୍ରଦର୍ଶନ କରିବା ସହିତ ପ୍ରଣିପାତ କରିଥିଲେ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୁ-ସମ୍ପର୍କ ବଜାୟ ରହିବା ସହିତ ଭକ୍ତି ଭାବ ଜାଗ୍ରତ ହୋଇଥାଏ ବୋଲି ଉପସ୍ଥିତ ଅଧ୍ୟକ୍ଷା କହିଥିଲେ। ସେହିପରି ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହୋଇ ସମାଜକୁ ଶୃଙ୍ଖଳିତ ଭାବେ ଗଢିତୋଳିବାକୁ ଉପଦେଶ ଦେଇଥିଲେ। ଦିଲୀପ ରଥ ମଞ୍ଚ ପରିଚାଳନା କରିଥିବାବେଳେ ଉତ୍ତମ ସ୍ୱାଇଁ ଓ ଆଦିତ୍ୟ ପାଣୀଗ୍ରାହୀ ସାଂସ୍କୃତିକ କାର୍ଯ୍ୟକ୍ରମ ଗୀତ, ନାଚ ଓ ଭାଷଣ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଛାତ୍ର ସୁମନ ପ୍ରଧାନ ଓ କର୍ମଚାରୀ ସୁବ୍ରତ ଭଞ୍ଜ, ନିଖିଲ ବରାଳ, ରମେଶ ପରିଡା, କାର୍ତ୍ତିକ ପାଢ଼ଶାଣୀ, ଲୋକନାଥ ମହାପାତ୍ର ସହଯୋଗ କରିଥିଲେ।





ପୁରୀ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ରବିବାର ଆୟୋଜିତ ମାତୃ କର୍ମଶାଳାରେ ପିଲାମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଅନୁପସ୍ଥିତ କର୍ମଚାରୀଙ୍କୁ ଜରିମାନା କରାଯିବ

### ବ୍ଲକସ୍ତରୀୟ ଜନଶୁଣାଣି

ସାକ୍ଷୀଗୋପାଳ, ୧୬।୧୦ (ଡି.ଏନ୍.ଏ/ ସ୍ୱ.ପ୍ର.)

ସତ୍ୟବାଦୀ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର ଶନିବାର ସତ୍ୟବାଦୀ ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଯୋଗଦେଇଥିଲେ।

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପଞ୍ଚଦଶ ଅର୍ଥ କମିଶନ ଅନୁଦାନ, ଜାତୀୟ ସାମାଜିକ ସହାୟତା, ସମନ୍ୱିତ ଶିଶୁ ବିକାଶ ଓ ମମତା ଯୋଜନାର ସଫଳତା ସମ୍ପର୍କରେ ମୁଖ୍ୟ ଅତିଥି ଆଲୋଚନା କରିଥିଲେ। ପଞ୍ଚାୟତସ୍ତରରେ ଅନୁଷ୍ଠିତ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମରୁ ବାଦ ପଡିଥିବା ପ୍ରକଳ୍ପଗୁଡିକର ଅଭିଯୋଗ ଶୁଣାଣି କରାଯାଇଥିଲା। ଭିଆରପିଙ୍କ କାର୍ଯ୍ୟରେ ଅନିୟମିତତା ଭତ୍ତା ମଞ୍ଜୁର ଓ ଦେୟ ପ୍ରଦାନରେ ତ୍ରୁଟି ହେଉଛି। ଫଳରେ ଅଧିକାଂଶ ହିତାଧିକାରୀ ହଟହଟା ହେଉଛନ୍ତି ବୋଲି ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଶିବିରରେ ଅନୁପସ୍ଥିତ ଜେଆର୍‌ଏସ୍ ଓ ପିଇଓଙ୍କ ବେତନ ବନ୍ଦ କରିବା ସହ ସେମାନଙ୍କ ଉପରେ ଜରିମାନା ପାଇଁ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ଶିବିରରେ ବିଡ଼ିଓ ତଥା ତହସିଲଦାର ଜୟନ୍ତ ଜୟସିଂ, ଏବିଡିଓ ଅରକ୍ଷିତ ପ୍ରଧାନ, ଉପାଧ୍ୟକ୍ଷା ନିବେଦିତା ପାତ୍ର, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସିଡିପିଓ ରାଜଲକ୍ଷ୍ମୀ ଦାସ, ଏପିଓ ସନ୍ତୋଷ ନାୟକ, ଜିପିଓ ସୌଭାଗ୍ୟ ରଞ୍ଜନ କର, ବିଏସ୍ଏସ୍ଓ ଶ୍ରୀଲକ୍ଷ୍ମୀ ବେହେରା, ସାମାଜିକ ସମୀକ୍ଷକ ପ୍ରକାଶ ଚନ୍ଦ୍ର ଜେନା ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ।

## ୩ ବ୍ୟକ୍ତିତ୍ୱଙ୍କୁ କୁମାର ଉତ୍ସବ ସମ୍ମାନ

ପୁରୀ ଅଫିସ,୧୬।୧୦

ଐତିହ୍ୟ ଗ୍ରାମ ରଘୁରାଜପୁରରେ କଳାକ୍ଷେତ୍ର ଅନୁଷ୍ଠାନ ଦ୍ୱାରା କୁମାର ଉତ୍ସବ-୨୦୨୨ ଶୁକ୍ରବାର ପାଳିତ ହୋଇଯାଇଛି। ଉତ୍ସବର ସଭାପତି ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ପୁରୀ ସଦର ବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର, ସରପଞ୍ଚ ମହେନ୍ଦ୍ର କୁମାର ମହାପାତ୍ର, ଗୁଜରାଟର ଶିଳ୍ପୀଗୁରୁ ମୁକେଶ ମୟୁରିଆ, ନିର୍ମଳା କୃତି ବିକାଶ ଟ୍ରଷ୍ଟର ଚେୟାରମ୍ୟାନ ଦିଲୀପ କୁମାର ପଟ୍ଟନାୟକ, କଳାକ୍ଷେତ୍ରର ଚେୟାରମ୍ୟାନ କୈଳାସ ଚନ୍ଦ୍ର ମହାରଣା ଓ ସମ୍ପାଦକ ସୁଦର୍ଶନ ସ୍ୱାଇଁ, ପରମ୍ପରା ଅନୁଷ୍ଠାନର ସମ୍ପାଦକ ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ଅଭିଭାଷଣରେ ଐତିହ୍ୟ ଗ୍ରାମ ରଘୁରାଜପୁରର କୀର୍ତ୍ତି ଓ ଗାରିମାକୁ ଆହୁରି ବିଶ୍ୱସ୍ତରୀୟ କରାଯାଇପାରିବ ବୋଲି କହିଥିଲେ। ପରେ ନାଚ, ଗୀତ, ସଙ୍ଗୀତର ତାଳେ ତାଳେ ପିଲାଙ୍କ ପୁଚିଖେଳ ଓ ଦଉଡ଼ି ଡିଆଁ ଖେଳ ଚିର୍ତ୍ତାକର୍ଷକ ଥିଲା। ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦର କୁନି ପିଲାଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ଓ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଦାଶ ଆଣ୍ଡ ଦାଶ ଡାନ୍ସ ଗ୍ରୁପ ଦ୍ୱାରା ପରିବେଷିତ ସଙ୍ଗୀତ ନାଟକଭିତ୍ତିକ ପରିବେଷଣ ଦର୍ଶକଙ୍କୁ ବାନ୍ଧିରଖିଥିଲା। ଏହି ଅବସରରେ ବନବିହାରୀ ସାହୁ, ସଂସ୍କୃତିପ୍ରେମୀ ଶ୍ୟାମପ୍ରକାଶ ସେନାପତି, ନୃତ୍ୟଗୁରୁ ଜଗନ୍ନାଥ ମଲ୍ଲିକଙ୍କୁ କୁମାର ଉତ୍ସବ-୨୦୨୨' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉଦ୍‌ଘୋଷକ ଅଞ୍ଜନ କୁମାର ହୋତା ମଞ୍ଚ ପରିଚାଳନା କରିଥିଲେ।



ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରାଯାଉଛି।

## ସମାନ୍ତରାଳ ଭାବେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିଲା ବିଜେଡି

ପୁରୀ ଅଫିସ, ୧୬।୧୦

ବିଜେଡିର ପୁରୀ ଶାଖା ପକ୍ଷରୁ ସମାନ୍ତରାଳ ଭାବେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଦୁଇ ଗୋଷ୍ଠୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରାଯାଇଥିଲା। ପରେ 'ଓଡ଼ିଶା ମୋ' ପରିବାର' ଆନୁକୂଲ୍ୟରେ ଯୁଥ ହଷ୍ଟେଲରେ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦଘାଟନ କରିଥିଲେ। ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ବରିଷ୍ଠ ସେବାୟତ ରାମକୃଷ୍ଣ ଦାସ ମହାପାତ୍ର, ରବିନାରାୟଣ ସାମନ୍ତରାୟ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସୁରେନ୍ଦ୍ର ନାଥ ଦାଶ, ବିଜେଡି ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା, ଜିଲା ସମ୍ପାଦକ ଧରଣୀଧର ସାହୁ, ସାଧାରଣ ସମ୍ପାଦକ କିଶୋର ଛୋଟରାୟ, ଆଥଲେଟିକ ଆସୋସିଏଶନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ସମିତିସଭ୍ୟା ଗୀତାଞ୍ଜଳି ବେହେରା, ବିଜୟ କୁମାର ମିଶ୍ର, ମନୋରଞ୍ଜନ ସିଂହାରୀ, ପୂର୍ବତନ କାଉନସିଲର ସୁଚିସ୍ମିତା ସାହୁ, ସୁବାସ ସାହୁ, ସୌମ୍ୟରଞ୍ଜନ ମହାନ୍ତି, ବାବୁଲି ବାରିକ, ବିଶ୍ୱକେତନ ଦାଶ, ଅନନ୍ତ ପ୍ରଧାନ, ପ୍ରସନ୍ନ ମହାପାତ୍ର, ବାବାଜି ଫାରକ, ସନ୍ଧ୍ୟାରାଣୀ ଭଞ୍ଜ, ରୋଜାଲିନ ନାୟକ, ମାମିନା ସାହୁ, ଗୀତାଞ୍ଜଳି ସେନାପତି, ଭୁବନମୋହନ ପୂଜାପଣ୍ଡା, ହରିହର ସୁଆର, ଶ୍ରୀନିବାସ ମିଶ୍ର, ଗୋପାଳ ପଣ୍ଡା, ରାଜେଶ ତ୍ରିପାଠୀ, ଆମର ଜ୍ୟୋତି ପଟ୍ଟନାୟକ, ବିଶ୍ୱଜିତ ଦାଶ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଯୁଗ୍ମ ସଂଯୋଜକ ଭଗବାନ ପ୍ରତିହାରୀ ଓ ବିଜୁ ଯୁବ ଜନତା ଦଳର ଜିଲା ସଭାପତି ନାରାୟଣ ସ୍ୱାଇଁ ପରିଚାଳନା କରିଥିଲେ। ଶିବିରରେ ୧୭୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଯୁଥ ହଷ୍ଟେଲ ପରିସରରେ ଚାରା ରୋପଣ କରାଯାଇଥିଲା।

ସେହିପରି ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଚିତ୍ର, ରକ୍ତ, ଗଛ, ଜ୍ଞାନ ଏବଂ ଅଙ୍ଗଦାନରେ ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁ କାର୍ଯ୍ୟକ୍ରମ ହୋଇଥିଲା। ବିଜେଡି ରାଜ୍ୟ ସମ୍ପାଦକ ତଥା ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁର ଯୁଗ୍ମ ସଂଯୋଜକ ଷ୍ଟାଲିନ୍ ପରିଜାଙ୍କ ନେତୃତ୍ୱରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଯୋଗଦେଇ ଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପୁରୀ ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର, ସାମାଜିକ କର୍ମୀ ବଦ୍ରୀ ମିଶ୍ର ଏବଂ ଚିତ୍ରଗୁରୁ ପ୍ରତିଭା ରାୟ ପ୍ରମୁଖ ଯୋଗଦେଇ ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ପାଇଁ ମହାନାୟକ ନବୀନ ପଟ୍ଟନାୟକ ଓଡିଶାବାସୀଙ୍କ ହୃଦୟରେ ସ୍ମରଣ ରହିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ, ନଗର ସଭାପତି ସବ୍ୟସାଚୀ ମହାପାତ୍ର, ନଗର ସାଧାରଣ ସମ୍ପାଦକ ଭଗବାନ ପଡିଆରୀ, ପୂର୍ବତନ ପୌର ସଦସ୍ୟ ଭକ୍ତ ଚରଣ ଦାସ, ବାବୁଲା ପ୍ରସାଦ, ଶ୍ରୀପ୍ରକାଶ ମିଶ୍ର, ଯଜ୍ଞେଶ୍ୱର ମହାନ୍ତି, ପ୍ରୀତମ ଜଗଦ୍ଦେବ, କୃଷ୍ଣଚନ୍ଦ୍ର ପଣ୍ଡା, ରବି ସାମନ୍ତରା, ପୁଷ୍ପାଞ୍ଜଳି ରଣା, ଭାରତୀ ମହାପାତ୍ର, ବିନୋଦିନୀ ଦାସ, ସଦର ସଭାନେତ୍ରୀ ସୁସ୍ମିତା ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ସଦସ୍ୟ କେକ୍ କାଟି ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ। ଏହି ଅବସରରେ ତୁଳିରେ ନବୀନ ଓ ଜ୍ଞାନରେ ନବୀନ ଶୀର୍ଷକ ଚିତ୍ରକଳା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ରକ୍ତଦାନ ଶିବିରରେ ୭୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପରେ ଚାରାରୋପଣ କରାଯାଇଥିଲା। ସେହିପରି ୩୪ ଜଣ ବ୍ୟକ୍ତି ସେମାନଙ୍କ ଅଙ୍ଗଦାନ ପାଇଁ ପଞ୍ଜୀକରଣ କରିଥିଲେ। କାର୍ଯ୍ୟକ୍ରମକୁ ମାନସ ରଞ୍ଜନ, ରାକେଶ ରୋଶନ, ଆକାଶ, ସୌମ୍ୟ ଶିବୁନା ପ୍ରମୁଖ ପରିଚାଳନା କରିଥିଲେ।









ଶ୍ରୀମନ୍ଦିର ସମ୍ମୁଖରେ ପୁରୀ ନଗର ବିଜୁ ଜନତା ଦଳ ଏବଂ ପୁରୀ ବିଜୁ ଯୁବ ଜନତା ଦଳ ପକ୍ଷରୁ ଦୀପଦାନ କରାଯାଉଛି।

## ୧୩,୩୩୫ ଲିଟର ପୋଚ ନଷ୍ଟ

ଟିଗିରିଆ: ଟିଗିରିଆ ଥାନା ଅନ୍ତର୍ଗତ ବାଲିପୁଟ ପଞ୍ଚାୟତ ସଂଲଗ୍ନ ବରମାଣ ଓ କାଳିଟିଆବଲ୍ଲଭ ସରଂକ୍ଷିତ ଜଙ୍ଗଲରେ ଦେଶୀ ମଦ ରନ୍ଧା ଯାଉଥିବା ଖବର ପାଇ କଟକ ଜିଲା ଅବକାରୀ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଇଛି। ୧୩ ହଜାର ୩୩୫ ଲିଟର ପୋଚ ନଷ୍ଟ କରାଯିବା ସହିତ ୨୬୮୫ ଲିଟର ଦେଶୀ ମଦ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୩୯ ଲକ୍ଷ ଟଙ୍କା ବୋଲି କୁହାଯାଇଛି। ଏହି ଚଢ଼ାଉରେ ଆଇଆଇସି କେଶବ ଚନ୍ଦ୍ର ଦାଶ, ସଞ୍ଜୀତ ବାର୍ଲା, ବିଜୟ କୁମାର ଭଞ୍ଜ, ତେଲେସ୍ଫୋର ଲାକ୍ରା, ଦୁର୍ଯ୍ୟୋଧନ ଦିଗାଲ, ଦେବେନ୍ଦ୍ର କୁମାର ପାତ୍ର, ଦେବାନନ୍ଦ ଭୂୟାଁଙ୍କ ସମେତ ଆଠଗଡ ଅବକାରୀ ବିଭାଗ କର୍ମଚାରୀ ସହଯୋଗ କରିଥିଲେ। ଅବକାରୀ ବିଭାଗ ପକ୍ଷରୁ ୩ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି।

## ସଂକ୍ଷେପରେ

### ଏନ୍ଏଲ୍ୟୁଓ ପକ୍ଷରୁ ଆଇନ ଶିବିର

କଟକ ଅଫିସ, ୧୬।୧୦- ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା (ଏନ୍ଏଲ୍ୟୁଓ) ପକ୍ଷରୁ ପ୍ରୋଜେକ୍ଟ କୁଟୁମ୍ବ ତତ୍ତ୍ୱାବଧାନରେ କଟକ ସିଡିଏ ବାବାଟିଲ୍କା ନଗରରେ ମେଡିକୋ ଆଇନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବିବାଦର ସମାଧାନରେ ମଧ୍ୟସ୍ଥତାର ମହତ୍ତ୍ୱ ସମ୍ପର୍କିତ ଏକ ନାଟକ ପରିବେଷଣ କରିଥିଲେ। ଉକ୍ତ ଶିବିରରେ ଆୟୋଜିତ ମେଡିକାଲ କ୍ୟାମ୍ପରେ ଡାକ୍ତରୀ ସେବା ଯୋଗାଇବା ସହ ଛାତ୍ରୀଛାତ୍ରମାନେ ମଧ୍ୟସ୍ଥତା ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା, ବିଶ୍ୱବିଦ୍ୟାଳୟର ଅଧାପକ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ।

### ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଖୁଣ୍ଟୁଣୀ,୧୬।୧୦(ଡି.ଏନ.ଏ.)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଆଠଗଡ଼ ବ୍ଲକ ଓରନ୍ଦା ପଞ୍ଚାୟତରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳ ତରଫରୁ ରବିବାର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଳୀୟ କର୍ମୀମାନେ ବାଲି ଜଗନ୍ନାଥ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ। ପରେ ବାଲିଠାରୁ ପଦଯାତ୍ରା ବାହାରି କପୁରସିଂଠାରେ ଶେଷ ହୋଇଥିଲା। ଏଥିରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁଅ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏହି ପଦଯାତ୍ରାରେ ଆଠଗଡ ବ୍ଲକ ୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ମିନତୀ ଗାଗରାଇ, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜନ ଆଚାର୍ଯ୍ୟ, ପୂର୍ବତନ ଜିଲା ପରିଷଦ ସଦସ୍ୟ କେଶବ ଦଳେଇ, କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ, ଜ୍ଞାନରଞ୍ଜନ ପଟ୍ଟନାୟକ, ମୀତା ରାଉତ, ପ୍ରଣତୀ ନାୟକ, ରିନଝିନା ରାଉତ, ବର୍ଷା ରଣା, ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ବିନୋଦ କୁମାର ମାଝୀଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

### କାଳୀପୂଜା ପ୍ରସ୍ତୁତି ବୈଠକ

କଟକ ଅଫିସ,୧୬।୧୦- କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ ଚାଉଳିଆଗଞ୍ଜ ପୂଜା କମିଟି ସଭାଗୃହରେ କାଳୀ ପୂଜା ଓ ଭଷାଣୀ ଉତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଚଳିତବର୍ଷ ଦୁର୍ଗା ପୂଜାର ସଫଳତା ପାଇଁ ସମସ୍ତ ପୂଜା କମିଟିର ସଭାପତି ଓ ସମ୍ପାଦକ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, କଟକ ମହାନଗର ନିଗମ, ଲୋକପ୍ରତିନିଧି ଓ ରାଜନୈତିକ ନେତୃବୃନ୍ଦଙ୍କୁ ଧନ୍ୟବାଦ ଦେଇଥିଲେ। ଆସନ୍ତା ୨୪ରେ କାଳୀପୂଜା, ୨୬ ଓ ୨୭ରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ ୨୮ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏହାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଯୋବ୍ରା ପୂଜା କମିଟି ସଭାପତି ପ୍ରମୋଦ ଜେନା, ସମ୍ପାଦକ ଶ୍ରୀମନ୍ତ ଦାସ, ଅନ୍ଧରପୁର ପୂଜା କମିଟି ସଭାପତି ନିଶିଥ କରଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପୂର୍ବାଞ୍ଚଳ ଶାନ୍ତି କମିଟି ଅଧୀନ ସମସ୍ତ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ। ଚାଉଳିଆଗଞ୍ଜ ପୂଜା କମିଟି ସମ୍ପାଦକ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ମାସକରେ ୧୩ ପିଲା ନିଖୋଜ

## ଅପରାଧ ସମୀକ୍ଷା ବୈଠକ

- ୧୮,୮୪୦ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ
- ଅପରାଧୀଙ୍କୁ ଧରିବା ଉପରେ ଗୁରୁତ୍ୱାରୋପ

କଟକ ଅଫିସ,୧୬।୧୦

କମିଶନରେଟ ପୋଲିସ ଅଧୀନସ୍ଥ କଟକ ସହରାଞ୍ଚଳରେ ଗତ ସେପ୍ଟେମ୍ବରରେ ୧୩ ପିଲା ନିଖୋଜ ସମ୍ପର୍କିତ ମାମଲା ପୋଲିସକୁ ଚିନ୍ତାରେ ପକାଇଛି। ଅବଶ୍ୟ ୧୩ ପିଲାଙ୍କ ମଧ୍ୟରୁ ୫ ଜଣଙ୍କୁ ଉଦ୍ଧାର କରାଯାଇସାରିଲାଣି। ବାକି ପିଲାଙ୍କୁ ଉଦ୍ଧାର କରିବା ପୋଲିସ ପାଇଁ ଏକ ଆହ୍ୱାନ ହୋଇଛି।

କଟକ ସହରାଞ୍ଚଳ ପୋଲିସକୁ ମଧ୍ୟ ଅନ୍ୟାନ୍ୟ ଆପରାଧିକ କାର୍ଯ୍ୟକଳାପ ରୋକିବା ଦିଗରେ କସରତ କରିବାକୁ ପଡୁଛି। ସେପ୍ଟେମ୍ବର ମାସର ଅପରାଧ ସମୀକ୍ଷା ବୈଠକ ପରେ ଶନିବାର ପୋଲିସ ଅଧିକାରୀମାନଙ୍କୁ ଏନେଇ ଅଧିକ ଗୁରୁତର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପତ୍ତିଗତ ମାମଲାକୁ ନେଇ ମାସକ ମଧ୍ୟରେ ମୋଟ୍ ୮୬ଟି ମାମଲା ରୁଜୁ ହୋଇଥିଲା। ସେଥିରୁ ୩୩ଟି ମାମଲାରେ ପୋଲିସକୁ ସଫଳତା ମିଳିଥିବାବେଳେ ବାକି ମାମଲା ଝୁଲି ରହିଛି। ଏହି ୩୩ଟି ମାମଲାରେ ୪୯ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୨୭ ଲକ୍ଷ ୭୦୦ ଟଙ୍କାର ସମ୍ପତ୍ତି ଉଦ୍ଧାର ହୋଇପାରିଛି। ସେହିପରି ୧୦୪ଟି ଅବକାରୀ ମାମଲାରେ ୮୦୮ ବୋତଲ ଆସ୍କା ଫର୍ଟି, ୬୧୨ ଲିଟର ଦେଶୀ ମଦ, ୯୬ ବୋତଲ ଓ ୨୦ ଲିଟର ବିଦେଶୀ ମଦ ଜବତ କରାଯାଇ ୫୭ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୪ଟି ବେଆଇନ ଗଞ୍ଜେଇ କାରବାର ମାମଲାରେ ୮ ଜଣଙ୍କୁ ଗିରଫ କରାଯାଇ ୨୧ କେଜି ୭୧୬ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଗୋଟିଏ ମାମଲାରେ ଦେଶୀ ବନ୍ଧୁକ ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଟ୍ରାଫିକ ନିୟମ ଉଲ୍ଲଂଘନ ଘଟଣାରେ ୧୮,୮୪୦ ଜଣଙ୍କଠାରୁ ମୋଟ ୨ କୋଟି ୫ ଲକ୍ଷ ୧୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ସହରାଞ୍ଚଳ ପୋଲିସ ନିୟମ ଉଲଂଘନ କରିବା ଘଟଣାରେ ୧,୬୭୬ ଜଣଙ୍କଠାରୁ ୭ ଲକ୍ଷ ୨୫ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ୩୯ଟି ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ମାମଲାରେ ୨୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଥିସହ ୯ ଜଣ ଅଭ୍ୟାସଗତ ଅପରାଧିଙ୍କ ବିରୋଧରେ ୧୧୦ ଦଫାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସାଇବର ଅପରାଧ ମାମଲାରେ ମୋଟ ୧୧,୩୮,୫୮୦ ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଅଚଳ କରିଦିଆଯାଇଛି। ଏଥିସହ ୧,୭୫,୦୦୦ ଟଙ୍କା କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ଫେରସ୍ତ ଦିଆଯାଇଥିବା ସୂଚନା ମିଳିଛି। କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ଡିସିପିଙ୍କ କାର୍ଯ୍ୟାଳୟରେ ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିସିପି ପିନାକ ମିଶ୍ର ଅଧ୍ୟକ୍ଷତା କରି ପୁରୁଣା ମାମଲାଗୁଡ଼ିକର ତଦନ୍ତ କରାଯିବା ସହ ଅପରାଧିମାନଙ୍କୁ ଧରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଚଢ଼ାଉ ଅଭିଯାନ, ଅବକାରୀ, ସାଇବର ଅପରାଧ, ଏନ୍‌ବିଡବ୍ଲ୍ୟୁ ସମ୍ପର୍କିତ ମାମଲାରେ ତୁରନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ପୋଲିସ ଅଧିକାରୀଙ୍କୁ ଡିସିପି ପରାମର୍ଶ ଦେଇଥିଲେ। ଅତିରିକ୍ତ ଡିସିପି ଅନିଲ ମିଶ୍ର, ସେକ୍ ସରିଫୁଦ୍ଦିନ, ଏସିପି ଅମରେନ୍ଦ୍ର ପଣ୍ଡା, ଅଜୟ ଦାସ, ଅରୁଣ କୁମାର ସ୍ୱାଇଁ, ଆଶୁତୋଷ ମିଶ୍ର, ପ୍ରଣତି ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସେଠୀଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ ଉପସ୍ଥିତ ଥିଲେ।

# ‘ଲେଖକ ସମାଜକୁ ଦିଗ୍‌ଦର୍ଶନ ଦିଅନ୍ତୁ’



ସାରସ୍ୱତ ଆସରରେ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ଗହଣରେ ଉପସ୍ଥିତ ଅତିଥିବୃନ୍ଦ।

## ସାରଳା ସାହିତ୍ୟ ସଂସଦର ସାରସ୍ୱତ ଆସର

କଟକ ଅଫିସ, ୧୬।୧୦

ସାରଳା ସାହିତ୍ୟ ସଂସଦ ପକ୍ଷରୁ ଶାରଦୀୟ ସାରସ୍ୱତ ଆସର କଟକ ସାରଳା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଉପଭୋକ୍ତା ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ଦୁର୍ଗାପ୍ରସନ୍ନ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମ ସଂସ୍କୃତି ଓ ଭାଷା ସମୃଦ୍ଧ ଏବଂ ପୁରାତନ ବୋଲି କହିଥିଲେ। ସେହିପରି ଭେଷଜ ବିଜ୍ଞାନୀ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା କହିଥିଲେ, ସାହିତ୍ୟ ଓ ସାଂସ୍କୃତିକ ଆସର ସଭିଙ୍କୁ ଏକତ୍ରିତ କରିଥାଏ। ଓପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ. ସତ୍ୟକାମ ମିଶ୍ର ଲେଖକମାନେ ସମାଜକୁ ଲେଖା ମାଧ୍ୟମରେ ଦିଗ୍‌ଦର୍ଶନ ଦେବା ବାଞ୍ଛନୀୟ ବୋଲି କହିଥିଲେ। ଡ. ବୈରାଗୀ ଚରଣ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସଂସଦ ପକ୍ଷରୁ ଡ. ଉମେଶ ଚନ୍ଦ୍ର ଜେନାଙ୍କୁ ମାନସିଂହ ସାରସ୍ୱତ ସମ୍ମାନ, ବିଷ୍ଣୁଚରଣ ବଡୁଙ୍କୁ ବୌଦ୍ଧିକ ସାରସ୍ୱତ ସମ୍ମାନ, ବ୍ରଜକିଶୋର ଦାଶଙ୍କୁ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ, କେଶବ ଚନ୍ଦ୍ର ରାଉତରାୟଙ୍କୁ କଥା ସାହିତ୍ୟ ସମ୍ମାନ, ଲକ୍ଷ୍ମୀଧର ରଣାଙ୍କୁ ଶିଳ୍ପୀ ଶିରୋମଣି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ପ୍ରଫେସର ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ, ନାଟ୍ୟକାର ସଞ୍ଜୀତ ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। କବି ଗୋପା ଦାସ, ଗଳ୍ପିକା ସୋହାଗିନୀ ବେହେରା, ଡ. ବିରଞ୍ଚି କୁମାର ସାହୁ, ବିଭୁ ପ୍ରସାଦ ରାଉତ ମାନପତ୍ର ପାଠ ଓ ପ୍ରଭାକର ନାୟକ ଧନ୍ୟବାଦ ଦେଇଥିଲେ।




ସ୍ୱଚ୍ଛ ଓ ସବୁଜ ବାଲିଯାତ୍ରାର ଜନ ସଚେତନତା ନେଇ ଜିଲା ପ୍ରଶାସନ ପକ୍ଷରୁ ବାଲିଯାତ୍ରା ତଳ ପଡିଆରେ ରବିବାର ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

## ସିଆଇଟିୟୁ ଜିଲା ସମ୍ମିଳନୀ

### ଶ୍ରମିକଙ୍କ ସଂଗ୍ରାମ କର୍ପୋରେଟ ନୀତିକୁ ପ୍ରତିହତ କରିବ

କଟକ ଅଫିସ, ୧୬।୧୦

ସିଆଇଟିୟୁର ଚତୁର୍ଥ କଟକ ଜିଲା ସମ୍ମିଳନୀ ଖପୁରିଆସ୍ଥିତ ଓଡ଼ିଶା ସ୍ମଲ ମିଡିୟମ ଏଣ୍ଟରପ୍ରିନିୟର ଆସୋସିଏଶନ ହଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସିଆଇଟିୟୁ ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି ଉଦ୍‌ଘାଟନ କରି କହିଥିଲେ, ଦେଶରେ ବହୁ କୋଟି ଶ୍ରମଜୀବୀ ଦୟନୀୟ ଅବସ୍ଥାରେ ଅଛନ୍ତି। ଅପରପକ୍ଷରେ କର୍ପୋରେଟ ଧନୀ ଶ୍ରେଣୀଙ୍କ ଆୟ ବଢ଼ି ଚାଲିଛି। କେନ୍ଦ୍ର ସରକାରଙ୍କ କର୍ପୋରେଟ ପୋଷା ନୀତି ଯୋଗୁ ଏଭଳି ସ୍ଥିତି ଉପୁଜିଛି। କୃଷକଙ୍କ ମିଳିତ ଆନ୍ଦୋଳନ ଦ୍ୱାରା କୃଷି ଆଇନ ବାତିଲ କରିବାକୁ କେନ୍ଦ୍ର ସରକାର ବାଧ୍ୟ ହୋଇଥିଲେ। ସେହିପରି ଶ୍ରମିକ ଶ୍ରେଣୀର ମିଳିତ ସଂଗ୍ରାମ ହିଁ କର୍ପୋରେଟ ପୋଷା ନୀତିକୁ ପ୍ରତିହତ କରିପାରିବ ବୋଲି ମହାନ୍ତି କହିଥିଲେ। ଏହି ସମ୍ମିଳନୀରେ ଉଲ୍ଲାସ ସ୍ୱାଇଁ, ପୁଷ୍ପା ଦାଶ, ଅଭୟ ସ୍ୱାଇଁ, ରବି ନାରାୟଣ ମଲ୍ଲିକ, ଶୁଭଙ୍କର ଦାସ, ରଜନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବଦ୍ରି ନାରାୟଣ ଦାଶ ଧନ୍ୟବାଦ ଦେଇଥିଲେ। ଆଗାମୀ କାର୍ଯ୍ୟକାଳ ପାଇଁ ରବିନାରାୟଣ ମଲ୍ଲିକ ସଭାପତି, ପୀତାମ୍ବର ଲେଙ୍କା ଓ ବଦ୍ରି ନାରାୟଣ ଦାଶ ଉପସଭାପତି, ଅଭୟ ସ୍ୱାଇଁ ସମ୍ପାଦକ ଏବଂ ରଶ୍ମିରଞ୍ଜନ ତ୍ରିପାଠୀ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ।

# ନ୍ୟାୟିକ ବ୍ୟବସ୍ଥା ଜାଣିଲେ ଛାତ୍ରୀଛାତ୍ର

କଟକ ଅଫିସ,୧୬।୧୦

ଭଦ୍ରକ ଜିଲା ସାହାଡ଼ାସ୍ଥିତ ଲକ୍ଷ୍ମୀନାରାୟଣ ପବ୍ଲିକ୍ ସ୍କୁଲର ୩୪ ଜଣ ଛାତ୍ରୀଛାତ୍ର ରବିବାର ହାଇକୋର୍ଟ ପରିଦର୍ଶନରେ ଆସିଥିଲେ। ସେମାନେ ହେରିଟେଜ ବିଲ୍ଡିଂ, ହାଇକୋର୍ଟର ନୂତନ ବିଲ୍ଡିଂ, ଜଜ୍ ଲାଇବ୍ରେରୀ, କନଫରେନ୍ସ ହଲ, ମୁଖ୍ୟ ବିଚାରପତିଙ୍କ କୋର୍ଟ ଓ ଚାମ୍ବର ବୁଲି ଦେଖିଥିଲେ। ଆଇନଜୀବୀ କାଜଲ ସାହୁ ଓ ଶୈଳଜା ନନ୍ଦନ ସାହୁ ଉପସ୍ଥିତ ରହି ସେମାନଙ୍କୁ ନ୍ୟାୟିକ କାର୍ଯ୍ୟର ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ। ସେହିପରି କୋର୍ଟର ବିଭିନ୍ନ ପ୍ରକ୍ରିୟା ବିଷୟରେ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ଉପସ୍ଥିତ ଆଇନଜୀବୀମାନେ ଦେଇଥିଲେ। ସେମାନଙ୍କୁ ଜଜ୍ ଶପଥ ଗ୍ରହଣ ସମାରୋହର ଭିଡ଼ିଓ କ୍ଲିପ୍ ଦେଖାଯାଇଥିଲା। ମୁଖ୍ୟ ବିଚାରପତିଙ୍କ କୋର୍ଟ କକ୍ଷରେ ଛାତ୍ରୀଛାତ୍ରମାନେ ଜନସ୍ୱାର୍ଥ ମାମଲା ଶୁଣାଣି ଭିଡ଼ିଓ କ୍ଲିପ୍ ଦେଖିଥିଲେ। ଏହାପରେ ଓଡ଼ିଶା ଜୁଡ଼ିସିଆଲ ଏକାଡେମୀରେ ସେମାନଙ୍କୁ ଆଇନଜୀବୀ ଏବଂ ବିଚାରପତିଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦିଆଯାଇଥିଲା। ଜଷ୍ଟିସ ଏମ୍.ଏସ୍. ରମଣଙ୍କ ସହ ଛାତ୍ରୀଛାତ୍ରମାନେ ସାକ୍ଷାତ ଆଲୋଚନା କରିଥିଲେ।

# ସ୍ୱଚ୍ଛ, ସବୁଜ ବାଲିଯାତ୍ରା ଅଭିଯାନ ଆରମ୍ଭ

କଟକ ଅଫିସ,୧୬।୧୦

ଚଳିତବର୍ଷ କଟକ ବାଲିଯାତ୍ରାକୁ ସ୍ୱଚ୍ଛ, ସବୁଜ ସୁନ୍ଦର କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ରବିବାରଠାରୁ ଅଭିଯାନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବାଲିଯାତ୍ରା ବୋଇତ ପ୍ରବେଶ ଦ୍ୱାରଠାରୁ ଗଡଗଡ଼ିଆ ଘାଟ ପର୍ଯ୍ୟନ୍ତ କୀର୍ତ୍ତନ, ଲୋକନୃତ୍ୟ, ମାଦଳ ବାଜା ଓ ଶଙ୍ଖଧ୍ୱନି ସହ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିସହ ମହାନଦୀ ଆଳତୀ ମଧ୍ୟ ହୋଇଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାପାଳ ଚୟନୀ କହିଛନ୍ତି, ପାରମ୍ପାରିକ ରୀତିରେ କଟକର ଲୋକକଳା, ସଂସ୍କୃତି ଓ ପରମ୍ପରାକୁ ଗୁରୁତ୍ୱ ଦେଇ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ପ୍ରତିଦିନ ଅପରାହ୍ନ ସାଢେ ୪ଟାରୁ ସାଢେ ୫ଟା ମଧ୍ୟରେ ମହାନଦୀ ଆଳତୀ କରାଯିବ। ସେହିପରି ସିଏମ୍‌ସି ମେୟର ସୁବାସ ସିଂ କହିଥିଲେ, କଟକ ବାଲିଯାତ୍ରାକୁ ବିଶ୍ୱସ୍ତରରେ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ ନିମନ୍ତେ ସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ରୁଚି କମ୍ପାନୀ ଅଧ୍ୟକ୍ଷ ଡ଼ଃ ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ୩ ବନ୍ଧୁକ, ଗାଡ଼ି ଜବତ: ୩ ଗିରଫ

କଟକ ଅଫିସ,୧୬।୧୦

ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ଲାଲବାଗ ପୋଲିସ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିଆଳି ଥାନା ଅନ୍ତର୍ଗତ ଦୀଘିର ଗୋପୀନାଥ ପାତ୍ର, ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ଗତିରାଉତପାଟଣାର ଶ୍ରୀନାଥ ରାଉତ ଓ କିଶନନଗର ଥାନା ଅଞ୍ଚଳର ଜ୍ୟୋତିରଞ୍ଜନ ରାଉତ। ସେମାନଙ୍କଠାରୁ ୨ଟି ଦେଶୀ ବନ୍ଧୁକ, ଗୋଟିଏ ରିଭଲଭର, ୧୫ଟି ଗୁଳି, ୩ଟି ବାଇକ ଓ ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ସେମାନେ ବିହାରରୁ ବନ୍ଧୁକ ଆଣି ଓଡ଼ିଶାର କଟକ, ଭୁବନେଶ୍ୱର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ସମେତ ଅନ୍ୟ ଜିଲାରେ ବେଆଇନ କାରବାର କରୁଥିଲେ। ଶନିବାର ରାତି ପ୍ରାୟ ୮ଟାରେ ଆର୍‌ଏନ୍‌ଏଟି କଲେଜର ପୂର୍ବ ପାର୍ଶ୍ୱରେ ୪ ଜଣ ବେଆଇନ ବନ୍ଧୁକ କାରବାର କରୁଥିବା ପୋଲିସ ଖବର ପାଇଥିଲା। ଆଇଆଇସି ରବିନାରାୟଣ ଭଞ୍ଜ ସଦଳବଳେ ସେଠାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଥିଲେ।

# ଦୁର୍ଘଟଣାରେ ମହିଳା ମୃତ, ରାସ୍ତାରୋକୋ

କଟକ ସଦର,୧୬।୧୦(ଡି.ଏନ୍.ଏ.)

ସୋମପୁର-କିଶୋରନଗର ରାସ୍ତାର ତରିଲୋ ନିକଟରେ ରବିବାର ଏକ ଟ୍ରକ ଚକା ତଳେ ଚାପି ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶୋରନଗର ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ମନୱାର ବିବି(୪୫)। ଦୁର୍ଘଟଣା ପରେ ଘଟଣାସ୍ଥଳରେ ରାସ୍ତାରୋକୋ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟାରେ ମନୱାର ଓ ତାଙ୍କ ସ୍ୱାମୀ ସାୟେଦ ଆଯୁ ଅଲ୍ଲୀ ଏକ ବାଇକ୍(ନଂ. ଓଡ଼ି୨୧ଇ-୮୩୯୧)ରେ କିଶୋରନଗର ପଟୁ ସୋମପୁର ଆଡ଼କୁ ଆସୁଥିଲେ। ଏହି ସମୟରେ ଏକ ଅପେରା ପାର୍ଟିର ଟ୍ରକ (ନଂ.ଓଆର୦୪ବି-୩୮୮୩) ମଧ୍ୟ ଆସୁଥିଲା। ହଠାତ୍ ବାଇକ୍‌ଟି ଟ୍ରକକୁ ଅତିକ୍ରମ କଲାବେଳେ ଖାଲରେ ପଡି ଯାଇଥିଲା। ଫଳରେ ମନୱାର ତଳେ ପଡିଯିବାରୁ ଟ୍ରକ୍ ଚକ ତାଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ପ୍ରଦାନ ଦାବିରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ ଓ କିଶନ ନଗର ତହସିଲଦାର ଇନ୍ଦିରା ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟି ଜବତ କରି ତଦନ୍ତ ଚଳାଇଛି।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରବିବାର ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରାଯାଇ କଟକ ଚଣ୍ଡୀ ମନ୍ଦିରରେ ସମୂହ ଦୀପଦାନ।

# ସହର ଭିତରେ ବାଣ ଦୋକାନ ମନା

## ବିନା ଲାଇସେନ୍ସରେ ବାଣ ବିକିଲେ କାର୍ଯ୍ୟାନୁଷ୍ଠାନ

କଟକ ଅଫିସ,୧୬।୧୦

ଦୀପାବଳି ଉପଲକ୍ଷେ ବାଣ ଦୋକାନ ଖୋଲିବା ଉପରେ କମିଶନରେଟ୍ ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। କଟକ ସହର ଭିତରେ ବାଣ ଦୋକାନ ଖୋଲିବା ଉପରେ ସହରାଞ୍ଚଳ ପୋଲିସ କଟକଣା ଲଗାଇଛି। କେବଳ ସହର ବାହାରର ଖାଲି ସ୍ଥାନରେ ବାଣ ଦୋକାନ ଖୋଲିବା ନିମନ୍ତେ ଅନୁମତି ଦିଆଯିବ। ଏଥିସହ ବିନା ଲାଇସେନ୍ସରେ ବାଣ ଦୋକାନ ଖୋଲିଲେ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

ଦୀପାବଳି ପାଇଁ ଅନିୟନ୍ତ୍ରିତ ବାଣ କାରବାର ଯୋଗୁଁ ଅଗ୍ନିକାଣ୍ଡ ଘଟି ବହୁ ଧନ, ଜୀବନ ହାନି ହେବା ଭଳି ଦୁର୍ଘଟଣା ବିଗତ ବର୍ଷରେ ଘଟିଛି। ତେଣୁ ସହରବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବିହିତ ପଦକ୍ଷେପ ସ୍ୱରୂପ ବାଣ ବ୍ୟବସାୟକୁ ନିୟନ୍ତ୍ରିତ ପାଇଁ ପ୍ରୟାସ କରାଯାଇଛି। ବାଣ ଦୋକାନ ଖୋଲିବା ନିମନ୍ତେ ଆଗ୍ରହୀ ବ୍ୟକ୍ତିଙ୍କୁ ନିଜ ଥାନାରେ ଲାଇସେନ୍ସ ପାଇବା ନିମନ୍ତେ ଆବେଦନ କରିବାକୁ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ଆଧାରକାର୍ଡ ସମେତ ଅନ୍ୟାନ୍ୟ ବ୍ୟବସାୟିକ କାଗଜାତ ଦାଖଲ କରିବାକୁ ପଡ଼ିବ। କାଗଜପତ୍ର ଯାଞ୍ଚ ପରେ ଠିକ ଥିଲେ ଲାଇସେନ୍ସ ଦିଆଯିବ ବୋଲି ସ୍ପଷ୍ଟ କରାଯାଇଛି। ସହରର ଦେବୀଗଡ଼ା, କୃଷକ ବଜାର, ବାଲିଯାତ୍ରା ପଡ଼ିଆ ଭଳି ଖୋଲାଜାଗାରେ ବାଣ ଦୋକାନ ପାଇଁ ପୋଲିସ ପକ୍ଷରୁ ସ୍ଥାନ ଚିହ୍ନଟ କରାଯାଇଛି। ଏହାବାଦ୍ ଜଗତପୁର ଥାନା ଅଧୀନ ପଦ୍ମପୁର ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବାଣ ତିଆରି କରାଯାଉଥିବାରୁ ଉକ୍ତ ସ୍ଥାନରେ ପୋଲିସ ତୀକ୍ଷ୍ଣ ନଜର ରଖିଛି। କେଉଁଠାରେ ଯେପରି ଅଘଟଣ ନ ଘଟେ, ସେଥିପ୍ରତି ପୋଲିସ ଅଧିକାରୀମାନେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ୨୪ରେ କାଳୀପୂଜା, ୨୮ରେ ଭସାଣି




ବୈଠକରେ ଉପସ୍ଥିତ ବିଭିନ୍ନ ପୂଜା କମିଟିର ମୁରବି।

## କଟକ ମହାନଗର ଶାନ୍ତି କମିଟି ପକ୍ଷରୁ କାଳୀପୂଜା ପ୍ରସ୍ତୁତି ସଭା

### ରାତି ୧୨ଟା ପର୍ଯ୍ୟନ୍ତ ମାଇକ ବାଜିବ

କଟକ ଅଫିସ,୧୬।୧୦

ଚଳିତବର୍ଷ କାଳୀପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ପାଇଁ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଓସିଏ ସମ୍ମିଳନୀ କକ୍ଷରେ ରବିବାର ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୪ରେ କାଳୀପୂଜା, ୨୬ ଓ ୨୭ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୨୮ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ଦିନ ରାତ୍ର ୧୨ଟା ପର୍ଯ୍ୟନ୍ତ ମାଇକ ବାଜିବ। ପୂଜା ପୂର୍ବରୁ ସହରର ରାସ୍ତା ମରାମତି କରାଯିବ। ଏଥିସହ କଟକ ମହାନଗର ନିଗମ ପକ୍ଷରୁ ଦେବୀଗଡା ରାସ୍ତା ମରାମତି ସହ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରାଯିବ। ମୂର୍ତ୍ତି ବିସର୍ଜନ ନିମନ୍ତେ ୪/୫ ଟି କୃତ୍ରିମ ପୋଖରୀ ଖୋଳିବାକୁ ନିବେଦନ କରାଯାଇଥିଲା। କମିଟି ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ୍ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପିନାକ ମିଶ୍ର ଓ ଏଡିଏମ୍ ଶିବଶଙ୍କର ଟୋପେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାଧାରଣ ସମ୍ପାଦକ ଭିକାରୀ ଦାସ ୫ ଦଫା ସମ୍ବଳିତ ମୁଦ୍ରିତ ପ୍ରସ୍ତାବ ଆଗତ କରିଥିଲେ। ତାହା ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା। ଏହି ସଭାରେ ସର୍ବଶ୍ରୀ ରାଜକିଶୋର ନାୟକ, ବିଜୟ କୁମାର ଦାଶ, ନୃସିଂହ ଚରଣ ଚୌଧୁରୀ, ଦେବାଶିଷ ରାୟ, ପ୍ରଦୀପ କୁମାର ସିହ୍ନା, ନରେଶଚନ୍ଦ୍ର ସାହୁ, ଲିଙ୍ଗରାଜ ହାତୀ, ପୃଥୀରାଜ ସାହୁ, ଶିବେନ୍ଦ୍ର ହାତୀ, ବାମନଚନ୍ଦ୍ର ଆଚାର୍ଯ୍ୟ ଓ ଡ. ଦ୍ୱିପାୟନ ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କମିଟିର ସହ ସମ୍ପାଦକ ବିଜୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

**ଭାଗବତ ସପ୍ତାହ ପରାୟଣ ଉଦ୍‌ଯାପିତ**

ଜଟଣୀ,(ଡି.ଏନ୍.ଏ.):ଜଟଣୀ ପୌରାଞ୍ଚଳ ଅଧୀନ ଟ୍ରାଫିକ କଲୋନୀସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଭାଗବତ ସପ୍ତାହ ପରାୟଣ, ପ୍ରବଚନ ଓ ୧୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ୭ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ଉକ୍ତ ଜ୍ଞାନ ଯଜ୍ଞ ରବିବାର ଉଦ୍‌ଯାପିତ ହୋଇଛି। ଏହି ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମରେ ଅଁଳାଡିହ ମଠର ଅରବିନ୍ଦ ଦାସଜି ମହାରାଜ ଯୋଗଦେଇଥିଲେ। ପ୍ରତ୍ୟେକ ଦିନ ଭଜନ ଓ ସାମୂହିକ ହନୁମାନ ଚାଳିଶା ପାଠ କରାଯାଉଥିଲା।ମନ୍ଦିର ପରିଚାଳନା କମିଟି ଓ ଆୟୋଜକ ଭକ୍ତ ସମାଜର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ଭାଗବତ ପ୍ରେମୀ ଯୋଗଦେଇଥିଲେ।




ଖୋର୍ଦ୍ଧା: ମା' ଗଜଲକ୍ଷ୍ମୀ ଭସାଣି ଶୋଭାଯାତ୍ରାରେ ବାହାରିଥିବା ବିଭିନ୍ନ ପୂଜା କମିଟି ମଣ୍ଡପର ମେଢ଼।




ମା' ଗଜଲକ୍ଷ୍ମୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

# ମେଲାଣି ନେଲେ ଗଜଲକ୍ଷ୍ମୀ

ଖୋର୍ଦ୍ଧା ଅଫିସ,୧୬।୧୦

- ଭସାଣିରେ ସାମିଲ ହେଲେ ୨୪ ମେଢ଼
- ଶୋଭାଯାତ୍ରାରେ ଢୁଲୁକିଲା ସହର

ଖୋର୍ଦ୍ଧାରେ ସାତଦିନ ଧରି ଚାଲିଥିବା ମା'ଗଜଲକ୍ଷ୍ମୀ ରବିବାର ମେଲାଣି ନେଇଛନ୍ତି। ଖୋର୍ଦ୍ଧା ବ୍ୟବସାୟୀ ମହାସଂଘ ମିଳିତ ଭସାଣି କମିଟି ଆନୁକୂଲ୍ୟରେ ସାମୂହିକ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ, ପୌର ପ୍ରଶାସନ ଏବଂ ପୂଜା କମିଟିର ମିଳିତ ସହଯୋଗରେ ଏହି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଅପରାହ୍ଣରେ ୩୪ରୁ ୨୪ ପୂଜା କମିଟିର ମେଢ ବିଜେବି ହାଇସ୍କୁଲ ପଡିଆରେ ପହଞ୍ଚିଥିଲେ। ସନ୍ଧ୍ୟା ୬ଟାରେ ବାହାରିଥିଲା ଶୋଭାଯାତ୍ରା। ପାରମ୍ପରିକ ଲୋକନୃତ୍ୟ, ଢୋଲ, ଘଣ୍ଟଘଣ୍ଟା, ବାଜା ସହ ବାହାରିଥିଲା ବିରାଟ ପଟୁଆର। ରଙ୍ଗିନ ଆଲୋକରେ ଝଲସୁଥିଲା ସହର। ନୟାଗଡ ରୋଡ, ପେଟ୍ରୋଲ ପମ୍ପ ଛକ, ପୁରୁଣା ବସଷ୍ଟାଣ୍ଡ, ଟ୍ରାଫିକ ଛକ, ସମବାୟ ଛକ, ନୂଆବସଷ୍ଟାଣ୍ଡ, ବାଇପାସ ରୋଡ ଦେଇ ଟିଏଲସି ରୋଡସ୍ଥିତ ଖଣି ପୋଖରୀରେ ଅସ୍ଥାୟୀ ପୋଖରୀରେ ମର୍ତ୍ତିଗୁଡିକ ବିସର୍ଜନ କରାଯାଇଥିଲା। ଭସାଣିରେ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକେ ସାମିଲ ହୋଇଥିଲେ। ଆରବର୍ଷକୁ ମାଙ୍କୁ ସ୍ୱାଗତ ଜଣାଇ ଧନଲକ୍ଷ୍ମୀଙ୍କୁ ମେଲାଣି ଦେଇଥିଲେ ସହରବାସୀ। ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରେଷ୍ଠ ମୃଣ୍ମୟୀ ମୂର୍ତ୍ତି, ଶୋଭାଯାତ୍ରା ଓ ଶାନ୍ତିଶୃଙ୍ଖଳାକାରୀ ଦଳର ଚୟନ ଲାଗି ସମବାୟ ଛକରେ ପ୍ରସ୍ତୁତ ମଞ୍ଚରେ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଚୟନ କରିଥିଲେ। ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଉପଜିଲାପାଳ ଦେବବ୍ରତ ସାହୁ, ତହସିଲଦାର ଇପସିତ ସାହୁ, ଅତିରିକ୍ତ ଏସ୍‌ପି ଏସ୍.କେ ମୁର୍ମ୍ମୁ, ସଦର ଏସଡିପିଓ ଦିଲୀପ ଦାସ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସହରରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଅତିରିକ୍ତ ଏସ୍‌ପି ମୁର୍ମୁଙ୍କ ନେତୃତ୍ୱରେ ୩ଜଣ ଡିଏସପି, ୫ଜଣ ଇନିସ୍ପେକ୍ଟର, ୪୦ଜଣ ପୋଲିସ ଅଧିକାରୀଙ୍କ ସମେତ ୭୦ଜଣ ହୋମଗାର୍ଡ ନିୟୋଜିତ ହୋଇଥିଲେ।

## ଭସାଣି ଯାତ୍ରାର ଏପାଖ ସେପାଖ

### ମାନିଲେନି ନିର୍ଦ୍ଦେଶ

ଭସାଣିରେ ଡିଜେ ସାଉଣ୍ଡ ଲୋକଙ୍କୁ ଅତିଷ୍ଠ କରିଥିଲା। ପୂର୍ବରୁ ଜିଲା ପ୍ରଶାସନ ଏବଂ ପୂଜା କମିଟି ମିଳିତ ଭଷାଣି ଉତ୍ସବ ପ୍ରସ୍ତୁତି ବୈଠକରେ ଯେପରି ୬୫ ଡେସିବଲରୁ ଅଧିକ ଶବ୍ଦ ସୃଷ୍ଟି ହେବ ନାହିଁ ଏବଂ ଭକ୍ତି ସଙ୍ଗୀତ ପରିବେଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଅଶ୍ଳୀଳ ସଙ୍ଗୀତ ପରିବେଷଣ ଲାଗି ମନା କରାଯାଇଥିଲା। ହେଲେ କେହି ଏହାକୁ ଖାତିର କରି ନ ଥିଲେ।

### ମନମୋହିଲା ଲୋକନୃତ୍ୟ

ବିଭିନ୍ନ ପୂଜା କମିଟି ପକ୍ଷରୁ ଲୋକନୃତ୍ୟ ଆୟୋଜନ କରାଯାଇଥିଲା। ଦଶ ଅବତାର, ଦଶବିଦ୍ୟା ନାମ ସଂକୀର୍ତ୍ତନ, ମେଢନୃତ୍ୟ ଥିଲା ଆକର୍ଷଣୀୟ। ଶ୍ରୀକୃଷ୍ଣଙ୍କ ମେଢ ନୃତ୍ୟ ନିକଟରେ ଲୋକେ ସେଲ୍ଫି ନେଉଥିଲେ। ଶୋଭାଯାତ୍ରାରେ ଖୋର୍ଦ୍ଧାର ପାଇକ ବୀରବାଦ୍ୟ ତାଳେ ତାଳେ ସହରବାସୀ ଝୁମି ଉଠିଥିଲେ।

### ଟ୍ରାଫିକ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ଅନ୍ଧାର

ଭସାଣି ସମୟରେ ଆଲୋକୀକରଣ ଉପରେ ପୂର୍ବ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ରାସ୍ତାକଡ଼ ବିଦ୍ୟୁତ ମରାମତି ସହ ଷ୍ଟ୍ରିଟଲାଇଟ ସଜାଡ଼ିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ଭସାଣି ଯାତ୍ରା ଚାଲିଥିବା ବେଳେ ଟ୍ରାଫିକ ଛକ ଠାରୁ ନୂଆବସଷ୍ଟାଣ୍ଡ ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ ବନ୍ଦ ଯୋଗୁ ରାସ୍ତା ଅନ୍ଧାର ରହିଥିଲା। ଫଳରେ ପୂଜା କମିଟି ଏବଂ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।



ଭସାଣି ଶୋଭାଯାତ୍ରାରେ ବିଭିନ୍ନ ବେଶଧାରୀ।



ଶୋଭାଯାତ୍ରାରେ ଲୋକଙ୍କ ଗହଳି।

## ସଂକ୍ଷେପରେ

### ମାଙ୍କଡ଼ ଉପଦ୍ରବ: ୧୨ ଆହତ

୨ ମାଙ୍କଡ଼କୁ କାବୁ କଲା ବନ ବିଭାଗ

**ଟାଙ୍ଗୀ(ଖୋର୍ଦ୍ଧା), ୧୬।୧୦(ଡି.ଏନ୍.ଏ.):** ଟାଙ୍ଗୀରେ ଗତ ୫ଦିନ ହେବ ମାଙ୍କଡ଼ଙ୍କ ଉପଦ୍ରବ ଲାଗିରହିଛି। ଅଞ୍ଚଳର ପ୍ରାୟ ୧୨ଜଣଙ୍କୁ କାମୁଡି ଗୁରୁତର କରିଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଥିଲା। ଏ ସମ୍ପର୍କରେ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବନବିଭାଗ କର୍ମଚାରୀ ପହଞ୍ଚି ଦୁଇଟି ମାଙ୍କଡ଼କୁ ଟ୍ରାଙ୍କୁଲାଇଜ କରି କାବୁ କରିବାରେ ସକ୍ଷମ ହୋଇଥିଲେ। ପୁଣି ଆଉ କେତେକ ମାଙ୍କଡ଼ଙ୍କ ଉପଦ୍ରବ ଲାଗି ରହିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

### ଟ୍ରକ୍ ଧକ୍କାରେ ଯୁବକ ମୃତ

**ଯାଁଳା,୧୬।୧୦(ଡି.ଏନ୍.ଏ.):** ଇନ୍‌ଫୋଭ୍ୟାଲି ଥାନା ଅଧୀନ ଗଙ୍ଗଫଡା ଛକ ନିକଟରେ ରବିବାର ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଗୁରୁଜଙ୍ଗର ସରୋଜ ନାୟକ(୩୨)। ସୂଚନା ମୁତାବକ, ପୂର୍ବାହ୍ନ ୧୦ଟାରେ ସରୋଜ ବାଇକରେ ରଙ୍ଗ କାମ କରିବାକୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଗଙ୍ଗପଡା ଛକ ନିକଟରେ ପଛରୁ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡିଯିବାରୁ ଟ୍ରକ ଚକ ତାଙ୍କ ଗୋଡ଼ରେ ମାଡ଼ି ଯାଇଥିଲା। ସ୍ଥାନୀୟ ଲୋକେ ପୋଲିସ ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏମ୍ସ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟକୁ ମିଳିଲା ୧୦ ଏକର ପଟ୍ଟା

**ନିରାକାରପୁର,୧୬।୧୦(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ୧୯୫୯ ମସିହାରେ ପ୍ରତିଷ୍ଠା ଲାଭ କରିଥିଲା। ସେହିଦିନଠାରୁ କଲେଜ ୪୨ଏକର ଜାଗାରେ ଚାଲିଥିବା ବେଳେ ରେକର୍ଡ ଭୁକ୍ତ ହୋଇପାରି ନ ଥିଲା। ଫଳରେ ସ୍ୱୟଂଶାସିତ ମାନ୍ୟତାରୁ ବଞ୍ଚିତ ରହିଥିଲା ଏହି କଲେଜ। ଏପରିକି ଆସୁଥିବା (ୟୁଜିସି)ଟଙ୍କା ଖର୍ଚ୍ଚ ହୋଇପାରୁନଥିଲା। ଏନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଚଳିତ ବର୍ଷ ଗାନ୍ଧୀ ଜୟନ୍ତୀରେ ଉଚ୍ଚଶିକ୍ଷା ବିଭାଗ ମୁଖ୍ୟ ସଚିବ ବିଷ୍ଣୁ ପଦ ସେଠୀ କଲେଜକୁ ଆସିଥିବା ବେଳେ ତାଙ୍କୁ କଲେଜ ଅଧକ୍ଷ ଡ.ସଞ୍ଜୟ କୁମାର ମହାପାତ୍ର, ଶୁଭମ ଦାଶ କଲେଜ ନାଁରେ ଜମିପଟ୍ଟା କରିବା ପାଇଁ ଅନୁରୋଧ କରିଥିଲେ। ଶନିବାର ଜିଲାପାଳଙ୍କ ଅର୍ଡର ନମ୍ବର ୧୫୪୬୬ ରେ ୧୦ ଏକର ଜାଗାର ଅର୍ଡର ସିଟ୍ ବାହାରିବା ପରେ ଅଞ୍ଚଳବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ସାମୂହିକ ଦୀପଦାନ

ବାଲୁଗାଁ/ବାଣପୁର /ଜଟଣୀ/ନିରାକାରପୁର, ୧୬।୧୦(ଡି.ଏନ୍.ଏ.)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା କରି ଜଟଣୀରେ ବିଜେଡି ପକ୍ଷରୁ ସମୂହ ଦୀପଦାନ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିନ ଅବସରରେ ବାଲୁଗାଁ ଉତ୍ତରାୟଣୀ ମନ୍ଦିର ପରିସରରେ ବିଜେଡି ପକ୍ଷରୁ ଦୀର୍ଘାୟୁ କାମନା କରାଯାଇ ସାମୁହିକ ଦୀପଦାନ କରାଯାଇଛି। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷାଙ୍କ ପ୍ରତିନିଧିଭାବେ ସନ୍ତୋଷ ପାଇକରାୟ, ଶଙ୍କର ପାଇକରାୟ, ଏନ୍‌ଏସି ଉପାଧ୍ୟକ୍ଷ ଭଗବାନ ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ପ୍ରକାଶ କୁମାର ପ୍ରଧାନ, ଅକ୍ଷୟ ରଣସିଂହ, ବାଲୁଗାଁ ମଣ୍ଡଳ ବିଜେଡି ସଭାପତି ଜୟକୃଷ୍ଣ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ବୁଲା ଖାଁ, ଅଭିମନ୍ୟୁ ସ୍ୱାଇଁଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ।

ସେହିପରି ତୋରସିଂହ ପଞ୍ଚାୟତର ସମିତି ସଭ୍ୟ କୁମାର ଜଗତବଲ୍ଲଭ ମହାରଥାଙ୍କ ତତ୍ତ୍ୱାବଧାନରେ ବାଣପୁର ସରକାରୀ ଡାକ୍ତରଖାନା ଏବଂ ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ମା'ଭଗବତୀଙ୍କ ମନ୍ଦିର ପରିସରରେ ବିଜେଡି କର୍ମୀମାନେ ୧୦୮ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପୂର୍ବତନ ଏନଏସି ଉପାଧକ୍ଷ ଦାଶରଥି ସାହୁ, ମନୋଜ ପ୍ରଧାନ, ଶେଷଦେବ ପ୍ରଧାନ, ଅଶୋକ ଭୋଳ, ପିଙ୍କୁନ୍ ପ୍ରଧାନ, ପ୍ରକାଶ ପ୍ରଧାନ, ନବ ନାୟକ, ଗଙ୍ଗା ଶତପଥୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

ଜଟଣୀ ପୌରାଞ୍ଚଳ ଅଧୀନ ମା'ଉତ୍ତରାୟଣୀ, ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରାଙ୍ଗଣରେ ଜଟଣୀ ବିଜୁ ଛାତ୍ର, ଯୁବ ଛାତ୍ରଜନତା ଦଳ ଓ ଜଟଣୀ ବିକାଶ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରାଯାଇ ସାମୁହିକ ଦୀପଦାନ କରାଯାଇଥିଲା। ସେହିପରି ପାଣ୍ଡବ ଜେନା ଫାଉଣ୍ଡେଶନ ଅଧକ୍ଷଙ୍କ ନେତୃତ୍ୱରେ କଳିଙ୍ଗ ବିହାର ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପ୍ରଦୀପ ପଜ୍ୱଳନ କରାଯାଇ ଦୀର୍ଘାୟୁ କାମନା କରାଯାଇଥିଲା। ଜଟଣୀ ପୌରାଧକ୍ଷ ଆରତୀ ରାଉତ, ଜଟଣୀ ଯୁବ ବିଜେଡି ସଭାପତି ସନ୍ତୋଷ ଡାକୁଆ, ଜଟଣୀ ଛାତ୍ର ବିଜେଡି ସଭାପତି ସାଗର ସାମନ୍ତରାୟ, ଖୋର୍ଦ୍ଧା ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀ, ସନ୍ତୋଷ ହୋତା, ହେମନ୍ତ ମହାପାତ୍ର, ମନମୋହନ ରାଉତରାୟ, ରାମ ମହାରଣା, ଦିଲ୍ଲୀପ ସାହୁ, ଆଶୁତୋଷ ପ୍ରତାପସିଂ, ବୀର ସେଠୀ, ଫାୟାଜ ଜାଫର, ସାଦିକ ଖାଁ, ସ୍ମିତା ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜଟଣୀ ବିକାଶ ପରିଷଦର ସୁଦର୍ଶନ ସୁନ୍ଦରାୟ, ପ୍ରସନ୍ନ ସାହୁ, ଶୁସାନ୍ତ ରାଉତ ଯୋଗଦେଇଥିଲେ। ୯ ନମ୍ବର ଜୋନର ଜିଲା ପରିଷଦ ସଭ୍ୟା ମିତାଞ୍ଜଳି ବଳିୟାରସିଂହଙ୍କ ନେତୃତ୍ୱରେ ବଡ଼ପୋଖରିଆ ପଞ୍ଚାୟତ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ୭୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ ସଚିନ ବଳିଆରସିଂହ, ସାଗର ବଳିଆରସିଂହ ଯୋଗଦେଇଥିଲେ। ଅଞ୍ଚଳର ମହିଳା ଗୋଷ୍ଠୀ ଓ ଦଳୀୟ କର୍ମୀମାନେ କେକ୍ କାଟିଥିଲେ। ନିରାକାରପୁର ପଞ୍ଚାୟତରେ ଜିଲା ଉପସଭାପତି ବିପିନ ଜୟସିଂହଙ୍କ ନେତୃତ୍ୱରେ ୧୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ବିଜୟ ପାଲଟାସିଂହ ସ୍ଥାନୀୟ ସରକାରୀ ମେଡିକାଲ ପରିସର ସଫେଇ କରିଥିଲେ।

# ରାଷ୍ଟ୍ର ନିର୍ମାତା ପୁରସ୍କାର ସମାରୋହ

ବାଲୁଗାଁ,୧୬।୧୦(ଡି.ଏନ୍.ଏ.)

ଚିଲିକା-ବାଲୁଗାଁ ରୋଟାରୀ କ୍ଲବ୍ ପକ୍ଷରୁ ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲବ ସଭାପତି ରୋଟାରିଆନ ଡ.କୈଳାସ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ରାଷ୍ଟ୍ର ନିର୍ମାତା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରୋଟାରୀ ଜିଲା ସାଧାରଣ ସଚିବ ରୋଟାରିଆନ ମନୋଜ କୁମାର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭାପତି ଡ.ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ତଥା ବାଣପୁର ବ୍ଲକ୍‌ର ସହ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ହରିଚନ୍ଦନ, ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପୀନାଥ ପ୍ରଧାନ, କ୍ଲବ୍‌ର ଉପଦେଷ୍ଟା ରୋଟାରିଆନ ମୃଣାଳକାନ୍ତି ନାୟକ ରାଷ୍ଟ୍ର ନିର୍ମାଣ ପୁରସ୍କାରର ଗୁରୁତ୍ୱ, ଦାୟିତ୍ୱବଦ୍ଧତା ଏବଂ ଶିକ୍ଷକଙ୍କ ନିଷ୍ଠାପରତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମଗ୍ର ବିଶ୍ୱରେ ଶାନ୍ତି, ଶିକ୍ଷା ଓ ସମାଜସେବାକ୍ଷେତ୍ରରେ ରୋଟାରୀ ଇଣ୍ଟରନ୍ୟାଶନାଲ କ୍ଲବ୍‌ର କାର୍ଯ୍ୟକ୍ରମ ସହିତ ଶିକ୍ଷକମାନେ କିପରି ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ଶିକ୍ଷାର୍ଥୀଙ୍କ ଜୀବନଧାରା ବିକଶିତ କରନ୍ତି ମୁଖ୍ୟ ଅତିଥି ଉପସ୍ଥାପିତ କରିଥିଲେ। ଡ.ରଶ୍ମୀ ରଞ୍ଜନ ନାଥ ଶିକ୍ଷାୟତନ ଓ ଶିକ୍ଷକଙ୍କ ଦାୟିତ୍ୱବୋଧ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଟାଙ୍ଗୀ, ବାଣପୁର ଓ ଚିଲିକା ବ୍ଲକର କୃତୀ ଶିକ୍ଷକ ପ୍ରସନ୍ନ ଶ୍ରୀଚନ୍ଦନ, ଧର୍ମାନନ୍ଦ ବେହେରା, ପ୍ରମିଳା ବେହେରା, ନୀଳାଦ୍ରି ଭୂଷଣ ଦାଶ, ବବିତା ସାମନ୍ତରାୟ, ଗୋପୀନାଥ ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ପାଇକରାୟ ଓ ଦିଲ୍ଲୀପ କୁମାର ମହାପାତ୍ରଙ୍କ ସମେତ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଅଲାଇଡ଼ିହ ଗ୍ରାମର ଦୃଷ୍ଟିବାଧିତ ଅଧାପକ ପ୍ରସନ୍ନ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଆଇଏଫଏସ ଅଧିକାରୀ ଆଶୁତୋଷ ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ।



ଅତିଥି ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଯାଦବ ମହାସଂଘର ସାଙ୍ଗଠନିକ ବୈଠକ

ବେଗୁନିଆ,୧୬।୧୦(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରିର ହଟ୍ଟକେଶ୍ୱର ଦେବ ମନ୍ଦିର ପରିସରରେ ରବିବାର ଯାଦବ ମହାସଂଘର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବସନ୍ତ ସାମନ୍ତରାୟଙ୍କ ଅଧକ୍ଷତାରେ ତ୍ରୟୋଦଶ ବାର୍ଷିକ ବୈଠକରେ ରାଜ୍ୟ ସମ୍ପାଦକ ଚିନ୍ମୟ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ଯୁବ ସଂଯୋଜକ ନନ୍ଦଲାଲ ଯାଦବ ବକ୍ତା ଭାବେ ଏବଂ ଜିଲା ସଭାପତି ଶଙ୍କର ପ୍ରତାପ ମହାରଥୀ, ବେଗୁନିଆ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସେହିପରି ୮ ଦେଶର ସଭାପତି ଭ୍ରମରବର ବେହେରା, ରତ୍ନାକର ବେହେରା, ଗଙ୍ଗାଧର ବେହେରା, ଫକୀର ଚରଣ ବେହେରା, ଅନ୍ତର୍ଯ୍ୟାମୀ ବେହେରା, ରତ୍ନାକର ପରିଡା ଓ ଗୋଲକ ବିହାରୀ ଦାସ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ୨୨ ଦେଶ ଯାଦବ ମହାସଂଘର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଯାଦବ ଭାଇ ଯୋଗଦେଇଥିଲେ। ବିଗତ ବର୍ଷରେ ସଂଘ ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ତୃଣମୂଳସ୍ତରରୁ ସଙ୍ଗଠନକୁ ଆଗାମୀ ଦିନରେ କିପରି ଅଧିକ ମଜଭୁତ କରାଯାଇପାରିବ ଏବଂ ଭାଇଚାରାର ଭାବଧାରା ବଜାୟ ରଖିବାକୁ ସଭିଏଁ ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷାବିତ୍ ଗଗନ ବିହାରୀ ବେହେରା ଧନ୍ୟବାଦ ଦେଇଥିଲେ।




ଯାଦବ ମହାସଂଘର ସାଙ୍ଗଠନିକ ବୈଠକରେ ମଞ୍ଚାସୀନ ଅତିଥି।

# ବାଳିକା, ବାଳକ ବର୍ଗରେ ବିଏମ୍‌ସି ଚାମ୍ପିୟନ




ଅତିଥିଙ୍କ ଗହଣରେ ବିଏମ୍‌ସି ବାଳିକା ଓ ବାଳକ ବର୍ଗର ଚାମ୍ପିୟନ ଟିମ୍।

ଖୋର୍ଦ୍ଧା ଅଫିସ,୧୬।୧୦

**ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ଅନ୍ତର୍ଜାତୀୟ ଫୁଟ୍‌ବଲ ଫେଡେରେଶନ ସଙ୍ଗଠନ (ଫିଫା) ଦ୍ୱାରା ଭାରତରେ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବା ଅବସରରେ ଖୋର୍ଦ୍ଧା ଷ୍ଟାଡିୟମଠାରେ ଫିଫା ଦ୍ୱାରା ପ୍ରାୟୋଜିତ ଆନ୍ତଃ ବିଦ୍ୟାଳୟ ୧୭ ବର୍ଷରୁ କମ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବାଳକ ବର୍ଗରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୨-୧ ଗୋଲରେ ଭୁବନେଶ୍ୱର ବ୍ଲକକୁ ହରାଇ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ସେହିପରି ବାଳିକା ବର୍ଗରେ ବିଏମ୍‌ସି ୨-୦ ଗୋଲରେ ଜଟଣୀ ବ୍ଲକକୁ ହରାଇ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ବ୍ଲକ ଶିକ୍ଷାଧିକାରୀ ଡ. ନିରଞ୍ଜନ ମହାନ୍ତି, ସନାତନ ଜାଲି, ନଳିନୀକାନ୍ତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ୪ ଜଣଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ କରାଯାଇ ଟ୍ରଫି ପ୍ରଦାନ କରାଯାଇଛି। କ୍ରୀଡ଼ା ପ୍ରତିଭାକୁ ବିକଶିତ କରିଥାଏ। ଛାତ୍ରୀଛାତ୍ରମାନେ ପାଠପଢ଼ା ସହ କ୍ରୀଡ଼ା ପ୍ରତି ରୁଚି ରଖିଲେ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ବୋଲି ବିଧାୟକ ମିତ୍ର କହିଥିଲେ। ବିଜେବି ହାଇସ୍କୁଲ ପ୍ରଧାନ ଶିକ୍ଷକ ଏସ୍. ଗୋହର ଅଲ୍ଲୀ, ଜିଲା କ୍ରୀଡ଼ା ନିରୀକ୍ଷକ ପଠାଣି ଆଗାସିଂ, ଏବିଇଓ ସିଆରସିସି ଭରତ ଚନ୍ଦ୍ର ପ୍ରଧାନ, ଯୁଧିଷ୍ଠିର ସାହୁ, ଅମିୟ କୁମାର ପରିଡା, ରବିନାରାୟଣ ପଣ୍ଡା, ରେବତୀ ପଣ୍ଡା, ପୂର୍ଣ୍ଣଚନ୍ଦ୍ର କର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୃଷ୍ଣପ୍ରସାଦ,୧୬।୧୦(ଡି.ଏନ୍.ଏ.): ପୁରୀ ଜିଲା ସାମାଜିକ ସୁରକ୍ଷା ବିଭାଗ ସହଯୋଗ ଏବଂ ବ୍ଲକ ପ୍ରଶାସନର ସହାୟତାରେ ଚିଲିକା ନୂଆପଡା ନାରାୟଣୀ ବିଦ୍ୟାପୀଠ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ସ୍ଥାନରୁ ୧୪୩ ଜଣ ଅଂଶଗ୍ରହଣ କରିଥିଲେ। ବିଡିଓ ମନୋଜ କୁମାର ନାୟକ, ତହସିଲଦାର ଶରତ ଚନ୍ଦ୍ର ଗିରି, ସିଡିପିଓ ମନୋରମା ଦେବୀ, ବିଧାୟକଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ବ୍ଲକ ଉପାଧକ୍ଷା ଶକୁନ୍ତଳା ଗଡ୍ଡୁ, ଚିଲିକା ନୂଆପଡା ସରପଞ୍ଚ କବିତା ଜେନା, ମାଲୁଦ ସରପଞ୍ଚ ଗୀତାଞ୍ଜଳି ଜେନା, ଗୋମୁଣ୍ଡିଆ ସରପଞ୍ଚ ଦଷ୍ମନ୍ତ କୁମାର ସେଠୀ, କୁବେର ଜେନା, ରଞ୍ଜନ ବେହେରା, ରଶ୍ମୀ ରଞ୍ଜନ ସାହୁ, ଅଭିନ୍ନ ପଲାଇ, କାଶିମ୍ ମହମ୍ମଦ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ପାତ୍ର, ସନ୍ମୟ ଭୂଷଣ ପରିଡ଼ା, ରଶ୍ମୀ ରଞ୍ଜନ ପଟ୍ଟନାୟକ, ଶ୍ରୀମନ୍ତ ପ୍ରଧାନ, କମଳାକାନ୍ତ ବାସ୍କେ, ଆଲୋକ ଖୁଣ୍ଟିଆ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ।

### ମେଗା ସ୍ୱାସ୍ଥ୍ୟ ଶିବିର: ଚିକିତ୍ସିତ ହେଲେ ୨୨୫ ରୋଗୀ

ବୋଲଗଡ଼,୧୬।୧୦(ଡି.ଏନ୍.ଏ.): ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିବସ ଅବସରରେ ବୋଲଗଡ଼ ବ୍ଲକ ଆରିକମା ପଞ୍ଚାୟତ ଅଧୀନ ପଞ୍ଚାୟତ ହାଇସ୍କୁଲ ପରିସରରେ ରବିବାର ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ୮ ବିଭାଗ ଡାକ୍ତରଙ୍କ ଦ୍ୱାରା ୨୨୫ ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। ଅଭିଷେକ ସିଂହସାମନ୍ତ, ଡ. ସୌମେନ୍ଦ୍ର ସାହୁ, ଶୁଭକାନ୍ତ ମହାପାତ୍ର, ବୋଲଗଡ଼ ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ସୁନନ୍ଦିତା ସାହୁ, ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ପୂର୍ବତନ ଅଧକ୍ଷ ଗୋପାଳ ବେହେରା, ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀ, ଜିଲା ଯୁବ ବିଜେଡି ଉପସଭାପତି ଦିଲୀପ ମହାପାତ୍ର, ସ୍ଥାନୀୟ ସରପଞ୍ଚ ପ୍ରମୋଦ ରାଉତରାୟ, ସମିତିସଭ୍ୟ ସୁଶାନ୍ତ ପାଇକରାୟ, ଅଶୋକ ସାହୁ, ଦୀନବନ୍ଧୁ ସାହୁ, ଯୁଧିଷ୍ଠିର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସାଇ ଟ୍ରଷ୍ଟ ପକ୍ଷରୁ ଶିଶୁ ଖାଦ୍ୟ ବଣ୍ଟନ



ବୋଲଗଡ଼,୧୬।୧୦(ଡି.ଏନ୍.ଏ.): ବୋଲଗଡ ବ୍ଲକ କଡ଼ବ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ସାଇ ଟ୍ରଷ୍ଟ ଓଡିଶା ପକ୍ଷରୁ ମାଗଣା ଶିଶୁ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ସାଇ ଟ୍ରଷ୍ଟ ଓଡିଶାର ମୁଖ୍ୟ ଦୀପକ କୁମାର ବରାଡଙ୍କ ଦ୍ୱାରା ଅୟୋଜିତ ସଭାରେ ବସନ୍ତ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଡା. ବିଜୟ କୁମାର ଖୁଣ୍ଟିଆ, ସାମାଜିକ କର୍ମୀ ବିଜୟ ଗୁମାନସିଂ ପ୍ରମୁଖ ଯୋଗଦେଇ ସଂସ୍ଥାର ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ଖୋର୍ଦ୍ଧା ଜିଲା ସଂଯୋଜକ ଜଶଶ୍ରୀ ହରିଚନ୍ଦନ ବୋଲଗଡ ବ୍ଲକ ସଂଯୋଜକ ଧରିତ୍ରୀ ପାତ୍ର ଉପସ୍ଥିତ ଥିଲେ। ମଞ୍ଚ ଉପରେ ୧୧ଜଣ ଶିଶୁଙ୍କ ମା'ଙ୍କୁ ହର୍ଲିକ୍ସ ଓ ବିସ୍କେଟ ପ୍ୟାକେଟ ବଣ୍ଟାଯାଇଥିବା ବେଳେ ଅବଶିଷ୍ଟ ସ୍ଥାନୀୟ ସରପଞ୍ଚ ନଳିନୀ ବଡଜେନାଙ୍କ ମାର୍ଫତରେ ମୋଟ୍ ୩୦୦ ଶିଶୁଙ୍କ ମା'ଙ୍କୁ ବଣ୍ଟନ ପାଇଁ ଜିମା ଦିଆଯାଇଥିଲା। ଆଗାମୀ ଦିନରେ ଏଭଳି ସମସ୍ତ ପଞ୍ଚାୟତସ୍ତରୀୟ ବଣ୍ଟନ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ କରାଯିବ ବୋଲି ସାଇ ଟ୍ରଷ୍ଟର ମୁଖ୍ୟ ବରାଡ କହିଛନ୍ତି। ବଲ୍ଲଭ ପ୍ରଧାନ ଓ ଅକ୍ଷୟ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିସଭା

ବୋଲଗଡ଼,୧୬।୧୦(ଡି.ଏନ୍.ଏ.): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଶତ୍ରୁଘନ ମାନସିଂହଙ୍କ ସ୍ମୃତିଚାରଣ ସଭା ପିଟୁକୁଳି ପଞ୍ଚାୟତ ଅନ୍ତର୍ଗତ ଗିରିଗିରିଆ (ସିଉଳା) ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକକର୍ମୀ କୃଷ୍ଣ ମୋହନ ପାଲଟାସିଂହ ଅଧକ୍ଷତା କରିଥିଲେ। ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁଙ୍କ ସମେତ ବଂଶୀଧର ନାୟକ, କବିୟତ୍ରୀ ସକୁନ୍ତଳା ବଲିୟାରସିଂହ, ଶୁଭେନ୍ଦୁ ନାୟକ, କଂଗ୍ରେସ ନେତା ସଦାଶିବ ମହାପାତ୍ର, ପ୍ରଫୁଲ୍ଲ ପ୍ରଧାନ, ଐତିହାସିକ ରବୀନ୍ଦ୍ର ପରିଡା, ହରିବନ୍ଧୁ ସାହୁ, ପ୍ରମୋଦ ପ୍ରତାପସିଂହ, ବାଲ୍ମୀକ ବଲିୟାରସିଂହ, ପ୍ରଫେସର ଡା.ନବଘନ ପରିଡାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି ବିଶେଷ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ମୃତି ପୁରାଣି ପୁସ୍ତକ ଉନ୍ମୋଚିତ ହୋଇଥିଲା ଓ ଗ୍ରାମ ରାସ୍ତାକୁ ଶତ୍ରୁଘନ ମାର୍ଗ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ସୁରେଶ ଚନ୍ଦ୍ର ମାନସିଂହ ଧନ୍ୟବାଦ ଦେଇଥିଲେ।

# ଜିଲାରେ ହେବ ୫ ମେଗା ପାନୀୟଜଳ ପ୍ରକଳ୍ପ

**ଖୋର୍ଦ୍ଧା ଅଫିସ,୧୬।୧୦**

**ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଲା**
- ଖର୍ଚ୍ଚ ହେବ ୪୫୬.୫୧ କୋଟି
- ଉପକୃତ ହେବେ ୪ ବ୍ଲକର ୪,୧୬,୮୮୬ ଲୋକ

ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତିବଦ୍ଧ। ଖୋର୍ଦ୍ଧା ଜିଲାରେ ୫ଟି ବୃହତ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୪୫୬କୋଟି ୫୧ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ଏନେଇ ଖୋର୍ଦ୍ଧା ଜିଲା ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବିଜେଡି କାର୍ଯ୍ୟାଳୟ ପରିସରରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟ ଏହି ସୂଚନା ଦେଇଛନ୍ତି। ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଜିଲା ପରିଷଦ ଅଧକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ବାସନ୍ତୀ ମହାପାତ୍ର, ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ମାନସିଂ, ଜିଲା ଉପସଭାପତି ଦିଲୀପ ହୋତା, ଜିଲା ଯୁବ ବିଜେଡି ସଭାପତି ରାଜେଶ ପରିଡ଼ା ଏବଂ ଜିଲା ଛାତ୍ର ସଭାପତି ବିଶ୍ୱଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଏବଂ ଅନ୍ୟମାନେ।

ବିଜେଡି ଜିଲା ସଭାପତି ବଳବନ୍ତରାୟ କହିଛନ୍ତି, ଏହି ପ୍ରକଳ୍ପ ଦ୍ୱାରା ଖୋର୍ଦ୍ଧା ଜିଲାର ୪ ବ୍ଲକର ୬୩ଟି ପଞ୍ଚୟତ ଅନ୍ତର୍ଗତ ୩୫୬ ଗ୍ରାମରେ ବାସ କରୁଥିବା ପ୍ରାୟ ୪ଲକ୍ଷ ୧୬ହଜାର ୮୮୬ ଜନସାଧାରଣ ପାନୀୟଜଳ ପାଇବେ। ତନ୍ମଧ୍ୟରୁ ଟାଙ୍ଗୀ ବ୍ଲକ ଅଧୀନ ୧୭ଟି ପଞ୍ଚାୟତର ୧୧୦ଟି ଗ୍ରାମର ୧ଲକ୍ଷ ୩ହଜାର ୮୫, ଭୁବନେଶ୍ୱର ବ୍ଲକ ଅଧୀନ ୧୫ଟି ପଞ୍ଚୟତର ୮୭ ଗ୍ରାମର ପ୍ରାୟ ୯୧ହଜାର ୩୪୫, ବାଲିପାଟଣା ବ୍ଲକର ୧୫ଟି ପଞ୍ଚାୟତର ୭୫ଟି ଗ୍ରାମର ପ୍ରାୟ ୧ଲକ୍ଷ ୧୪ହଜାର ୪୫୯ ଜଣ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ଏହି ସମସ୍ତ ପ୍ରକଳ୍ପ ୨୪ ମାସ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ବିଧାୟକ ମିତ୍ର କହିଲେ ଯେ, ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସର୍ବଭାରତୀୟ ସ୍ତରରେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟ ପ୍ରଶଂସନୀୟ। ଶିକ୍ଷା, ସଂସ୍କୃତି, କ୍ରୀଡ଼ା, ଐତିହ୍ୟ ବିକାଶ, ଶିଳ୍ପର ଅଭିବୃଦ୍ଧି ଏବଂ ମିଶନ ଶକ୍ତି ମାଧ୍ୟମରେ ବିକାଶରେ ମହିଳାଙ୍କ ସହଭାଗିତାକୁ ଗୁରୁତ୍ୱ ଦେଉଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ, ସ୍ୱରୋଜଗାରକ୍ଷମ କରିବାରେ ମିଶନ ଶକ୍ତି ଏକ ପ୍ରଭାବଶାଳୀ ମାଧ୍ୟମ ସାଜିଛି ବୋଲି ସେ କହିଥିଲେ। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଏବଂ ପୌରାଞ୍ଚଳରେ ଚାଲିଥିବା ବିକାଶମୂଳକ ଯୋଜନା ତ୍ୱରାନ୍ୱିତ କରାଯିବ। ଏକ ସମୃଦ୍ଧ ଜିଲା ଗଠନ ଦିଗରେ ବିଜେଡିର ପ୍ରୟାସ ଜାରି ରହିବ ବୋଲି ବିଧାୟକ ମିତ୍ର କହିଥିଲେ।

## ମଣ୍ଡଳ ଶ୍ରମିକ କଂଗ୍ରେସର ମିଳିତ କର୍ମୀ ସମ୍ମିଳନୀ



ସମ୍ମିଳନୀରେ ଯୋଗ ଦେଇଥିବା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

**ଜଟଣୀ,୧୬।୧୦(ଡି.ଏନ୍.ଏ.):**

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ସ୍ଥିତ ବିଜେବି ଇନଷ୍ଟିଚ୍ୟୁଟରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ମିଳିତ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶ୍ରମିକ କଂଗ୍ରେସର ଓପନ ଲାଇନ, ମୁଖ୍ୟାଳୟ ଓ ମଣ୍ଡଳ ରନିଂ ବ୍ରାଞ୍ଚର ନେତୃବୃନ୍ଦ, କର୍ମକର୍ତ୍ତାଙ୍କୁ ନେଇ କର୍ମୀ ସମିଳନୀ ଅନୁଷ୍ଠିତ ହୋଇଥିଲା। ଏମ.ଜି.କେ ରାଓଙ୍କ ସଭାପତିତ୍ୱରେ ସଙ୍ଗଠନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ମଣ୍ଡଳ ସଂଯୋଜକ ପ୍ରମୋଦ ସାହାଣୀ, ସହ ସଂଯୋଜକ ସୁନିଲ ଭଞ୍ଜ, ସିଓବି ଏ.ଶ୍ରୀନିବାସ, ସୁବ୍ରତ ପଣ୍ଡା, ତ୍ରିଲୋଚନ ମହାନ୍ତି, ଶରତ ପଣ୍ଡା, ଭି.ଏସ୍.ପ୍ରସାଦ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶାଖା ସମ୍ପାଦକ ଏଲ୍.ଡି ମହାନ୍ତି, ଗୋପାଳ ଦାସ, ପ୍ରଫୁଲ୍ଲ ବେହେରା ସଙ୍ଗଠନର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ନାରୀ ନେତ୍ରୀ ବିଜୟଲକ୍ଷ୍ମୀ ଦାଶ, ରୁନି ବେହେରା, ଅର୍ପିତା ମହାନ୍ତି ମହିଳାମାନଙ୍କ କର୍ମ କ୍ଷେତ୍ରରେ ଉପୁଜୁଥିବା ଅସୁବିଧା ସମ୍ପର୍କରେ ସାଧାରଣ ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧୃଶାସନ ସାହୁ, ତ୍ରିଲୋଚନ ବେହେରା, କେ.ଟି ରାଓ, ରାକେଶ ଘଡାଇ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ସତ୍ୟରଞ୍ଜନ ପଟ୍ଟନାୟକ, ଅକ୍ଷୟ ପ୍ରଧାନ, ବିଜେବି ଇନଷ୍ଟିଚ୍ୟୁଟର ସମ୍ପାଦକ କୀର୍ତ୍ତି ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



କୋଣାର୍କ ନାଟ୍ୟ ମଣ୍ଡପ ଅର୍କବିହାର ପରିସରରେ ରବିବାର କୁମାର ଉତ୍ସବ ପାଳନ ଅବସରରେ ଅତିଥିଙ୍କ ଗହଣରେ କୁନିକୁନି ପିଲାମାନେ ।

## ଲୁଣା ଜଙ୍ଗଲ ବୃଦ୍ଧି ପାଇଁ ଚାରାରୋପଣ

**ଅସ୍ତରଙ୍ଗ,୧୬।୧୦(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିନ ଅବସରରେ ଉପକୂଳର ଅଗ୍ରଣୀ ଅନୁଷ୍ଠାନ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ପକ୍ଷରୁ ଲୁଣା ଜଙ୍ଗଲ ବୃଦ୍ଧି ପାଇଁ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ କେଲୁଣୀ ମୁହାଣ ନିକଟବର୍ତ୍ତୀ ସମ୍ବେଦନଶୀଳ ସ୍ଥାନ ନଟରା ଓ କରାଳ ନିକଟ ନଦୀବନ୍ଧଠାରୁ ୨୦୦ ମିଟର ପରେ ଜୁଆରିଆ ସ୍ଥାନର ଆର୍ଦ୍ରଭୂମିରେ ଚାରାରୋପଣ କରାଯାଇଛି। ମୁଖ୍ୟ ଅତିଥି ଅସ୍ତରଙ୍ଗ ସବୁଜ ଶାଖାର କ୍ଲବ ପ୍ରତିଷ୍ଠାତା ତଥା ମିଳିତ ମେଣ୍ଟର ଆବାହକ, ସାମାଜିକ କର୍ମୀ ଦିବାକର ଛାଟୋଇ ଚାରା ଲଗାଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ବିଶ୍ୱରେ ଆଦର୍ଶ ପାଲଟିଛନ୍ତି। ତେବେ ଯୁବଗୋଷ୍ଠୀ ତାଙ୍କ ଜନ୍ମଦିନରେ ସମ୍ମାନ ଜଣାଇ ଚାରାରୋପଣ କରି ପରିବେଶ ସୁରକ୍ଷାର ଏକ ନୂତନ ବାର୍ତ୍ତା ଦେଇଛନ୍ତି। ଉପକୂଳ ଜୈବ ବିବିଧତା ସଂରକ୍ଷଣ ଦିଗରେ ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଚନ୍ଦ୍ରମଣି ପରିଡ଼ା, ଅଶୋକ ବେହେରା, ଯୋଗେନ୍ଦ୍ର ବେହେରାଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ମହିଳା, ବୁଦ୍ଧିଜୀବୀ, ମତ୍ସ୍ୟଜୀବୀ, ଯୁବକ, ଛାତ୍ର ପ୍ରମୁଖ ଯୋଗଦେଇ ଚାରା ଲଗାଇ ଲୁଣା ଜଙ୍ଗଲ ସୁରକ୍ଷା ନିମନ୍ତେ ସଂକଳ୍ପ ନେଇଥିଲେ। ଅନୁଷ୍ଠାନର ପରିଚାଳନା ଟ୍ରଷ୍ଟି ତଥା ମିଳିତ ଜାତିସଂଘ ଯୁବ ଅଭିବକ୍ତା ସୌମ୍ୟ ରଞ୍ଜନ ବିଶ୍ୱାଳ, ରାଜ୍ୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରପ୍ରାପ୍ତ ବିଚିତ୍ରାନନ୍ଦ ବିଶ୍ୱାଳ ଓ ପରିବେଶପ୍ରେମୀ ଶିକ୍ଷକ ବିଜୟ ଭଞ୍ଜ ଲୁଣା ଜଙ୍ଗଲର ସୁରକ୍ଷାକୁ ନେଇ ଉପସ୍ଥିତ ଲୋକଙ୍କ ମଧ୍ୟରେ ଜନଜାଗରଣ ସୃଷ୍ଟି କରିଥିଲେ। ପ୍ରକାଶଥାଉକି, ଦେବୀ ମୁହାଣଠାରୁ କାଦୁଆ ମୁହାଣ ଅବବାହିକାରେ ଦୁର୍ଲଭ ଲୁଣା ଜଙ୍ଗଲ ଶୋଭାପାଉଛି। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସୁନାମି ଓ ମହାବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟବେଳେ ଲୁଣା ଜଙ୍ଗଲ ବା ହେନ୍ତାଳ ଜଙ୍ଗଲର ସବୁଜ ପ୍ରାଚୀର ଭାବରେ ଛିଡା ହୋଇ ଉପକୂଳବର୍ତ୍ତୀ ଅଞ୍ଚଳକୁ ସୁରକ୍ଷା ଦେଇଥାଏ। ମାଛବଂଶ ବୃଦ୍ଧି ପାଇଁ ଲୁଣା ଜଙ୍ଗଲର ଉପସ୍ଥିତି ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଉପକୂଳ ସୁରକ୍ଷା ପାଇଁ ସ୍ଥାନୀୟ ଲୋକଙ୍କ ସହଭାଗିତାରେ ଏପରି କାର୍ଯ୍ୟକ୍ରମ କରାଯାଇଥିଲା।

## ଓଡ଼ିଶାର କଳା, ସଂସ୍କୃତି ବିଶ୍ୱରେ ଅନନ୍ୟ

**କୋଣାର୍କ,୧୬।୧୦(ଡି.ଏନ୍.ଏ.):**

କୋଣାର୍କ ନାଟ୍ୟ ମଣ୍ଡପ ଅର୍କବିହାର ପରିସରରେ କୁମାର ଉତ୍ସବ ପାଳିତ ହୋଇଯାଇଛି। କୋଣାର୍କ ନାଟ୍ୟମଣ୍ଡପର ସଭାପତି ଖଗେଶ୍ୱର ଖଣ୍ଡାୟତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କୁମାର ଉତ୍ସବରେ ଅତିଥିଭାବେ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଞ୍ଜୁକ୍ତା ତ୍ରିପାଠୀ, ବରିଷ୍ଠ ଖବରଦାତା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ସମାଜସେବୀ ହରିଶ୍ଚନ୍ଦ୍ର ଦାଶ, ପରିବେଶବିତ ଉମେଶ ଚନ୍ଦ୍ର ସାଇଁ , ଜର୍ମାନୀ ନାୟକ, କାଉନସିଲର ବିସୋମ୍ବର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଓଡ଼ିଆ ଜାତିର ଐତିହ୍ୟ ଓ ପରମ୍ପରାରେ କୁମାର ଉତ୍ସବ ଏକ ସତନ୍ତ୍ର ସ୍ଥାନ ଅର୍ଜନ କରିପାରିଛି। ଓଡ଼ିଶାର କଳା ଓ ସଂସ୍କୃତି ବିଶ୍ୱରେ ଅନନ୍ୟ ଓ ଅଦ୍ୱିତୀୟ ବୋଲି ଅଭିହିତ କରିଥିଲେ। ଏହି ପରିପ୍ରେକ୍ଷୀରେ କୋଣାର୍କ ନାଟ୍ୟ ମଣ୍ଡପର କଳାକାରଙ୍କ ଦ୍ୱାରା ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ଉପରେ ପର୍ଯ୍ୟବେସିତ ଓଡ଼ିଶୀ, ଗୋଟିପୁଅ ନୃତ୍ୟ ସହ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। କୋଣାର୍କ ନାଟ୍ୟ ମଣ୍ଡପର ସମ୍ପାଦକ ଶିବାଶିଷ ପ୍ରଧାନ, ସୁଲୋଚନା ପ୍ରଧାନ, ପ୍ରସନ୍ନ ବେଉରିଆ, ଗୁରୁପଦ ବଳିଆରସିଂହ, ଡ.ରମଣୀ ରଞ୍ଜନ ଜେନାଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାଜପାର ସାଙ୍ଗଠନିକ, ପୁନରୁଦ୍ଧାର ବୈଠକ

**ବୋଲଗଡ଼,୧୬।୧୦(ଡି.ଏନ୍.ଏ.):**

ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଭାଜପାରେ ଗୋଷ୍ଠୀ କନ୍ଦଳ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରବିବାର ୬ଟି ମଣ୍ଡଳସ୍ତରୀୟ କର୍ମୀଙ୍କୁ ନେଇ ଭାଜପା ସାଙ୍ଗଠନିକ ଓ ପୁନରଦ୍ଧାର କାର୍ଯ୍ୟକ୍ରମ ବୋଲଗଡ ବ୍ଲକ ଅନ୍ତର୍ଗତ ବଙ୍କୋଇ ତାରେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଞ୍ଚଗଡ଼ ଭାଜପା ମଣ୍ଡଳ ପୂର୍ବତନ ସଭାପତି ସୁବାଷ ମିଶ୍ର ସଭାପତିତ୍ୱ କରିଥିଲେ। ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଦଳ ବିରୋଧୀ କାର୍ଯ୍ୟ ନେଇ ଉପସ୍ଥିତ ଭାଜପା କର୍ମୀ ବିରୋଧ କରିବା ସହିତ ଦଳର ନିୟମ ଅନୁସାରେ କାର୍ଯ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଭାଜପା ବେଗୁନିଆ ଦକ୍ଷିଣ ମଣ୍ଡଳ ସଭାପତି ଯାଜ୍ଞେଶ୍ୱର ସୁନ୍ଦରାୟ, ବୋଲଗଡ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ମଧ ବେଗୁନିଆ ମଣ୍ଡଳ ସଭାପତି ଭଗବାନ ପଣ୍ଡା, ପିଟୁକୁଳି ମଣ୍ଡଳ ସଭାପତି ଶେଖ ଦୌଲତ ଅଲ୍ଲୀ, ପୂର୍ବତନ ମଣ୍ଡଳ ସଭାପତି ସଞ୍ଜୟ ପ୍ରସାଦ ଛୁଆଳସିଂହ, ପାଟପୁର ପଞ୍ଚାୟତ ଭାଜପା ସଭାପତି ସୁରେଶ ପ୍ରଧାନ, ଆରିକମା ଗ୍ରାମ ପଞ୍ଚାୟତ ସଭାପତି ରମେଶ ପଣ୍ଡା, ଲକ୍ଷ୍ମୀଧର ପ୍ରଧାନ, ନିରଞ୍ଜନ ସାହଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ସ୍ୱଚ୍ଛତା ପ୍ରତି ନିଃସ୍ୱାର୍ଥ ପରିବାରର ଗୁରୁତ୍ୱ

**ଗୋପ,୧୬।୧୦(ଡି.ଏନ୍.ଏ.)**

ଦୀର୍ଘ ୬ ବର୍ଷ ଧରି ପୁରୀ ଜିଲାର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା, ଚାରାରୋପଣ, ରକ୍ତଦାନ ସହିତ ବିଭିନ୍ନ ଜନହିତକର ସେବାରେ ନିଃସ୍ୱାର୍ଥ ପରିବାର ଅନୁଷ୍ଠାନ ସେବା ଯୋଗାଇ ଆସିଛି। ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମକୁ ଆହୁରି ଅଧିକ କ୍ରିୟାଶୀଳ କରାଯିବ। ଗୋପ ଆଖଣ୍ଡଳେଶ୍ୱର ଶୈବପୀଠ ପରିସରରେ ନିଃସ୍ୱାର୍ଥ ପରିବାର ଅନୁଷ୍ଠାନ ଏବଂ ବ୍ରହ୍ମ ଚେତନା ପରିଷଦର ମିଳିତ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ବକ୍ତାମାନେ ଏହା କହିଛନ୍ତି। ପରିଷଦ ସମ୍ପାଦକ ସୁକାନ୍ତ ଚନ୍ଦ୍ର ନନ୍ଦ, ନିଃସ୍ୱାର୍ଥ ପରିବାରର ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ଖଟୋଇ, ସମରେନ୍ଦ୍ର ସିଂ, ସଭାପତି ରତ୍ନାକର ସେଠୀ, ଅନୁଷ୍ଠାନ ସମ୍ପାଦକ ସିଲନ ମହାନ୍ତି, ସତ୍ୟ ନାରାୟଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ପୀଠ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷର ଚାରା ରୋପଣ କରାଯାଇଥିଲା। ୨୦୧୪ରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ବାତ୍ୟା, ବନ୍ୟାରେ ସହଯୋଗର ହାତ ବଢାଇଥାଏ। ସେତିକିରେ ଏହି ଅନୁଷ୍ଠାନ ଅଟକି ନ ଯାଇ ଜିଲାର ବିଭିନ୍ନ ମନ୍ଦିର, ମସଜିଦ୍ ସହିତ ଗାଁ ରାସ୍ତା, ସ୍କୁଲ, କଲେଜ, ସରକାରୀ ପ୍ରତିଷ୍ଠାନ, ବେସରକାରୀ ଅନୁଷ୍ଠାନରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଆସିଛି। ଏବେ ସୁଦ୍ଧା ନିଃସ୍ୱାର୍ଥ ପରିବାର ବିଭିନ୍ନ ସ୍ଥାନରେ ୨ ହଜାରରୁ ଅଧିକ ଚାରାରୋପଣ କରିସାରିଲାଣି। ଏଥିସହ ଅନ୍ୟାନ୍ୟ ଜନହିତକର ସେବାରେ ନିଜକୁ ନିୟୋଜିତ କରିପାରିଛି। ନିଃସ୍ୱାର୍ଥ ପରିବାରରେ ୫୦ରୁ ଊର୍ଦ୍ଧ୍ୱ ସଭ୍ୟାସଭ୍ୟ ରହିଛନ୍ତି।

## ଶିକ୍ଷକ ଅଭାବ, ପାଠପଢ଼ା ବାଧାପ୍ରାପ୍ତ

**ଯାଁଳା,୧୬।୧୦(ଡି.ଏନ୍.ଏ.)**

- ପିଇଟି ଶିକ୍ଷକ ପଢ଼ାଉଛନ୍ତି ପାଠ
- ନାହାନ୍ତି ସଂସ୍କୃତ, ଗଣିତ, ବିଜ୍ଞାନ ଶିକ୍ଷକ
- ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ସରକାର ଶିକ୍ଷାର ବିକାଶ ସହ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରିବାରେ ଲାଗିପଡିଛନ୍ତି। ବିଦ୍ୟାଳୟକୁ ସ୍ମାର୍ଟରେ ରୂପାନ୍ତରଣ କରି ପିଲାଙ୍କ ପାଠପଢା ସ୍ମାର୍ଟ କରାଉଛନ୍ତି। ହେଲେ ଜଟଣୀ ବ୍ଲକ ମୁଣ୍ଡମୁହାଣ କୃଷ୍ଣ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରରେ ଏହାର ବାସ୍ତବ ରୂପ ଦେଖିବାକୁ ମିଳିଛି।

ସୂଚନା ମୁତାବକ, ପୂର୍ବରୁ ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ୩ ଶିକ୍ଷକ, ହେଡ୍‌ମାଷ୍ଟର, ୪ର୍ଥରୁ ୫ମ ପର୍ଯ୍ୟନ୍ତ ୬ ଶିକ୍ଷକ, ହେଡ୍‌ମାଷ୍ଟର ଏବଂ ୮ମରୁ ୧୦ମ ପର୍ଯ୍ୟନ୍ତ ୭ ଶିକ୍ଷକ, ହେଡ୍ ମାଷ୍ଟର, ଜଣେ କିରାଣି ଓ ୩ ପିଅନ ଥିଲେ। ପରେ ସରକାର ସମସ୍ତ ସ୍ତରକୁ ମିଶାଇ ଗୋଟିଏ ବିଦ୍ୟାଳୟରେ ପରିଣତ କରିଦେଲେ। ମୁଣ୍ଡମୁହାଣ କୃଷ୍ଣ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରରେ ୧ମରୁ ୮ମ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ୧୧ ଜଣ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ୭ ଶିକ୍ଷକ ଅଛନ୍ତି। ୯ମ ଓ ୧୦ମ ପାଇଁ ମାତ୍ର ୪ ଶିକ୍ଷକ ଥିବାବେଳେ ୩ ପିଇଟି ଶିକ୍ଷକ ଅଛନ୍ତି। ପିଇଟି ଶିକ୍ଷକଙ୍କ ପାଠପଢ଼ାକୁ ପିଲାମାନେ ବେଳେବେଳେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଥିସହ ସଂସ୍କୃତ ଶିକ୍ଷକ ନ ଥିବାରୁ ପିଲାଙ୍କୁ ସଂସ୍କୃତ ପଢ଼ିବାରେ କଷ୍ଟକର ହେଉଛି। ସେହିଭଳି ଗଣିତ ଓ ବିଜ୍ଞାନ ପାଠପଢ଼ାରେ ସମାନ ସ୍ଥିତି ଉପୁଜିଛି। ଇତିମଧ୍ୟରେ ସ୍କୁଲରୁ ୬ ଜଣ ଶିକ୍ଷକ ବଦଳି ହୋଇଗଲେଣି। କିନ୍ତୁ ବଦଳି ପରେ ଏଠାକୁ ଅନ୍ୟ ଶିକ୍ଷକଙ୍କୁ ପଠାଯାଉନାହିଁ। ଶିକ୍ଷକ ଅଭାବରୁ ପିଲାମାନେ ଠିକ୍ ଶିକ୍ଷାଲାଭ ପାଇପାରୁନାହାନ୍ତି। ଏନେଇ ଡିଇଓଙ୍କୁ ବାରମ୍ବାର ଫୋନ ଯୋଗେ ଯୋଗାଯୋଗ କରାଯିବା ପରେ ସେ ଫୋନ ଉଠାଇଥିଲେ। ଖୁବ୍‌ଶୀଘ୍ର ବିଦ୍ୟାଳୟକୁ ଶିକ୍ଷକ ଦିଆଯିବ ବୋଲି ସେ କହିଥିଲେ।

## ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପାଚେରି ଫାଟକ ନାହିଁ

**ବୋଲଗଡ଼,୧୬।୧୦(ଡି.ଏନ୍.ଏ.):**

**ରାତିରେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ**

ଖୋର୍ଦ୍ଧା ଜିଲା ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ପାଚେରି ନ ଥିବାରୁ ଏହାର ପରିସର ମୁକୁଳା ପଡିଛି। କାର୍ଯ୍ୟଦିବସରେ ଏଠାରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନଙ୍କ ଯିବାଆସିବା ଲାଗି ରହିଥାଏ। କାର୍ଯ୍ୟାଳୟ ବନ୍ଦ ପରେ ଅର୍ଥାତ୍ ରାତି ହେଲେ ଏଠାରେ ଅସାମାଜିକଙ୍କ ଆଡ୍ଡା ଜମୁଥିବା ଗୋପବନ୍ଧୁ ବିହାର ଓ ନୂଆସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥ ପାର୍ଶ୍ୱରେ ଏହି କାର୍ଯ୍ୟାଳୟ ରହିଥିଲେ ମଧ ଏଠାରେ ଆଲୋକୀକରଣ କିମ୍ବା ଜଗୁଆଳି ବ୍ୟବସ୍ଥା ନାହିଁ। ଫଳରେ ରାତିରେ ଏହା ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟୁଛି। ଗତ ସୋମବାର ରାତିରେ ଏହି କାର୍ଯ୍ୟାଳୟ ସମ୍ମୁଖ ଦୁଇଟି ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୂର୍ବରୁ ଏଭଳି ଅନେକ ଥର ଚୋରି ହୋଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏହି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ପୁରୁଣା ଘର ଏବଂ ଏକ ଅଙ୍ଗନଓ୍ୱାଡି କେନ୍ଦ୍ର ରହିଛି। ଦୁଇମାସ ପୂର୍ବେ ୧ ଲକ୍ଷ ଟଙ୍କା ବିନିଯୋଗରେ ଏହାର ସମ୍ମୁଖ ପାଚେରି ନିର୍ମାଣ କରାଯାଇଥିବା ବେଳେ ଫାଟକ ଲାଗିନାହିଁ। ଏଥିସହ ପଛପଟ ଏବଂ ଦୁଇ ପାଖ ଖୋଲା ରହିଥିବାରୁ ଅସାମାଜିକ ଅବାଧରେ ପ୍ରବେଶ କରୁଛନ୍ତି। ଏନେଇ ସହ ଶିକ୍ଷାଧିକାରୀ ପଦ୍ମଚରଣ ବେହେରା କହିଛନ୍ତି, କାର୍ଯ୍ୟାଳୟ ସମ୍ମୁଖ ଫାଟକ ଓ ଅନ୍ୟ ତିନିପଟ ପାଚେରି ନିର୍ମାଣ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଜଣାଯାଇଥିବା ବେଳେ ଏହା ଶୀଘ୍ର କାର୍ଯ୍ୟକାରୀ ହେବ। ସିସିଟିଭି କ୍ୟାମେରା, ଆଲୋକୀକରଣ ଏବଂ ରାତ୍ର ଜଗୁଆଳି ନିଯୁକ୍ତ ଲାଗି ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

## 'ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଏକତା ସୃଷ୍ଟି ହୋଇଥାଏ'

**ଗୋପ,୧୬।୧୦(ଡି.ଏନ୍.ଏ.)**

କିଛି ମାତ୍ରାରେ ଓଡ଼ିଆ ଘରର ସଂସ୍କୃତି, ପରମ୍ପରା ଏବେ ବିଲୁପ୍ତ ହେବାକୁ ବସିଲାଣି। କୁଶୁପୁର ଯୁବ ପରିଷଦ ଓ ଗଜଲକ୍ଷ୍ମୀ ପୂଜା କମିଟି ଏହି ପରମ୍ପରା, ସଂସ୍କୃତିକୁ ବଞ୍ଚାଇ ରଖିବା ଅନ୍ୟମାନଙ୍କ ପାଇଁ ଉଦାହରଣ। ସାଂସ୍କୃତିକ କାର୍ଯ୍ୟକ୍ରମ ଫଳରେ ଆମ ଭିତରେ ଏକତା ସୃଷ୍ଟି ହେବା ସହ ଅଞ୍ଚଳ ଲାଗି ଏହା ଏକ ସୁନ୍ଦର ପ୍ରୟାସ। ଗୋପ ବ୍ଲକ କୁଶୁପୁରଠାରେ ଶନିବାର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହା କହିଥିଲେ। ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇଞ୍ଜିନିୟର ସଞ୍ଜୀବ ନାରାୟଣ ସାହୁ, କ୍ଲବ ପୁରାତନ ବୟୋଜ୍ୟେଷ୍ଠ ସଭ୍ୟ ରତ୍ନାକର ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ବିଭିନ୍ନ ଅଞ୍ଚଳରୁ ବିଲୁପ୍ତ ହୋଇ ଯାଉଥିବାବେଳେ ଦୀର୍ଘ ୨୫ ବର୍ଷ ଧରି ଏଠାରେ ଚାଲୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠାନ ଓ ଅଞ୍ଚଳ ଲାଗି ଗର୍ବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ ।

**ଅନୁଷ୍ଠାନ ପକ୍ଷରୁ ୨ ପ୍ରତିଭା ସମ୍ମାନିତ**

ଚଳିତବର୍ଷ ଓଡ଼ିଶା ପ୍ରଶାସନିକ ସେବାରେ ସଫଳତା ହାସଲ କରିଥିବା ତାପସ ରଞ୍ଜନ ମଲ୍ଲିକ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିବା ୩ ବର୍ଷର ବାଳକ ଏମ୍.ଏ. ପ୍ରତ୍ୟୁଷଙ୍କୁ ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀ ଦାଶ ସମ୍ମାନିତ କରିଥିଲେ। ୪ ଦିନ ତଳେ ଧରିତ୍ରୀ ଖବରକାଗଜରେ ଏହି ୨ ସମ୍ମାନିତଙ୍କ ସମ୍ପର୍କରେ ଖବର ପ୍ରକାଶ ପାଇଥିଲା। ଏହା ଯୋଗୁ ଅନୁଷ୍ଠାନ ପ୍ରଥମ କରି ଏପରି ଏକ ପ୍ରୟାସ ଆରମ୍ଭ କରିଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଶନିବାର ରାତି ୧୦ଟାରେ ମନ୍ତ୍ରୀ ଦାଶ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ୨ଦିନ ଧରି ଡ୍ରାମା କାର୍ଯ୍ୟକ୍ରମ ହୋଇଯାଇଛି। କାର୍ଯ୍ୟକ୍ରମକୁ ଗୋପ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ଶାଶ୍ୱତ ରଞ୍ଜନ ପ୍ରଧାନ, ମନଦିପ୍ ପାଇକରାୟ, ରବୀନ୍ଦ୍ରନାଥ ପ୍ରଧାନ, ପ୍ରକାଶ ପାଇକରାୟ, ସନ୍ତୋଷ ସ୍ୱାଇଁ, ରାକେଶ ପାଇଟାଳ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ବାଲିଅନ୍ତା,୧୬।୧୦(ଡି.ଏନ୍.ଏ.): ହଂସପାଳ-ବନମାଳୀପୁର ଅଭୟମୁଖୀ ରାସ୍ତାର ଭିଙ୍ଗାରପୁର ନିକଟସ୍ଥ କେନାଲ କାଜ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଲିଅନ୍ତା ଥାନା ବେଣ୍ଡପୁର ଗ୍ରାମର ଦେବେନ୍ଦ୍ର ଜେନା। ଗୁରୁତର ଉକ୍ତ ଗ୍ରାମର କେଶବ ଜେନାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଦେବେନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ବାବଦରେ ସ୍ଥାନୀୟ ଲୋକେ କୌଣସି ସଠିକ୍ ତଥ୍ୟ ଦେଇପାରୁ ନାହାନ୍ତି। ରବିବାର ଏହି ରାସ୍ତାର ବାଲିଅନ୍ତାଠାରୁ ଭିଙ୍ଗାରପୁର ମଧ୍ୟରେ ପୃଥକ୍ ପୃଥକ୍ ୫ଟି ଦୁର୍ଘଟଣା ଘଟିଛି।

### ଭାରତୀୟ କିଷାନ ସଂଘର କାର୍ଯ୍ୟକାରିଣୀ ବୈଠକ

କଟକ ସଦର,୧୬।୧୦(ଡି.ଏନ୍.ଏ.): ୪୨ ମୌଜା ଥାନା ଅନ୍ତର୍ଗତ ଦଧିବାମନପୁରଠାରେ ଭାରତୀୟ କିସାନ ସଂଘ ଓଡ଼ିଶା ପ୍ରଦେଶର କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସଂଘର ରାଷ୍ଟ୍ରୀୟ ସଭାପତି ବଦ୍ରି ନାରାୟଣ ଚୌଧୁରୀ ଓ କେନ୍ଦ୍ର ସଙ୍ଗଠନ ମନ୍ତ୍ରୀ ଶ୍ରୀନିବାସ ଜୀ ଉଦ୍‌ଘାଟନ କରିଥିଲେ। ଏଥିରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା, କୃଷିଜାତ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ, କୁକ୍କୁଟ ଚାଷୀମାନଙ୍କର ସମସ୍ୟା ଓ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ କୃଷକ ସମାବେଶର ଆୟୋଜନ କରାଯିବା ଉପରେ ଆଲୋଚନା ହୋଇଥିଲା। ପ୍ରଦେଶ ସଭାପତି ରବୀନ୍ଦ୍ର ନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଦେବୀ ପ୍ରସାଦ ପତି ବିବରଣୀ ପାଠ କରିଥିଲେ। ରଞ୍ଜନ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ

କଟକ ସଦର,୧୬।୧୦(ଡି.ଏନ୍.ଏ.)- କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତର ହାଟସାହିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୂତନ ଆଶା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କର ଦୀର୍ଘଜୀବନ କାମନା କରାଯାଇଥିଲା। ରୁଦ୍ରନାରାୟଣ ପଣ୍ଡା, ବିଶ୍ୱଜିତ୍ ଦାଶ, ପଙ୍କଜ ଦାଶ ଓ ଋଷିକେଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

### ଶିବିରରୁ ୨୮୨ ୟୁନିଟ୍ ରକ୍ତ ସଂଗ୍ରହ

କଣ୍ଟାପଡା,୧୬।୧୦(ଡି.ଏନ୍.ଏ.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରବିବାର ନିଆଳି ନିର୍ବାଚନ ମଣ୍ଡଳୀସ୍ତରୀୟ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୮୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଧାୟକ ପ୍ରମୋଦ ମଲ୍ଲିକଙ୍କ ନେତୃତ୍ୱରେ ନିଆଳି, କଣ୍ଟାପଡା ଓ ବାରଙ୍ଗ ବ୍ଲକ ଅଧୀନ ୭ଟି ପଞ୍ଚାୟତର ୨୮୨ ଜଣ ରକ୍ତ ଦାନ କରିଥିଲେ।

### ଦୈବଜ୍ଞ ବ୍ରାହ୍ମଣ ସଂଘର ଜିଲାସ୍ତରୀୟ ସଭା

**କଟକ ଅଫିସ,୧୬।୧୦:** ଖାନ୍‌ନଗରସ୍ଥିତ ଆଖଣ୍ଡଳମଣୀ ମନ୍ଦିରରେ କଟକ ଦୈବଜ୍ଞ ବ୍ରାହ୍ମଣ ସଂଘର ଜିଲାସ୍ତରୀୟ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସ୍ତରୀୟ ସଙ୍ଗଠନ, ପଞ୍ଚାୟତରୁ ଜିଲାରେ ଥିବା ଦୈବଜ୍ଞ ପରିବାରର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ମନୋରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ସଭାପତି ସନ୍ତୋଷ ମିଶ୍ର, ସମ୍ପାଦକ ପ୍ରେମାନନ୍ଦ ସେନାପତି ଅତିଥି ଭାବେ ଯୋଗଦେଇ ସଂଘର ସଦସ୍ୟମାନେ ସାମାଜିକ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିନୋଦ ସେନାପତି ସଭା ପରିଚାଳନା କରିଥିବାବେଳେ ସୁନାକର ନାୟକ, ତାପସ କୁମାର ମହାପାତ୍ର, ଅଶୋକ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ବିଡିଏ ପାଇଁ ଭୁବନେଶ୍ୱର ବିଶ୍ୱସ୍ତରରେ ପ୍ରଶଂସିତ

**ବିଡିଏ କର୍ମଚାରୀ ସମବାୟ ଋଣ ଓ ମିତବ୍ୟୟ ସମିତିର ରୌପ୍ୟ ଜୟନ୍ତୀ**

ଭୁବନେଶ୍ୱର, ୧୬।୧୦ (ବ୍ୟୁରୋ)


କାର୍ଯ୍ୟକ୍ରମରେ ଅତିଥିମାନେ ବିଡିଏର ବାର୍ଷିକ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

ବିଡିଏ ପାଇଁ ଭୁବନେଶ୍ୱର ବିଶ୍ୱସ୍ତରରେ ପ୍ରଶଂସିତ। ପ୍ରବଳ ବର୍ଷାରେ ମୁମ୍ବାଇ, ଚେନ୍ନାଇରେ ଯେଉଁ ପରିସ୍ଥିତି ଉପୁଜୁଛି ସେଭଳି ପରିସ୍ଥିତି ଭୁବନେଶ୍ୱରରେ ହେଉନାହିଁ। ଏହା ବିଡିଏର ଅବଦାନ। କର୍ମଚାରୀଙ୍କ ଦକ୍ଷତା, ମନୋବଳ ଓ ଅକ୍ଳାନ୍ତ ପରିଶ୍ରମ ବଳରେ ଏସବୁ ସମ୍ଭବ ହୋଇ ପାରିଛି। ଏହି କର୍ମଚାରୀଙ୍କୁ ଆର୍ଥିକ ମଜଭୁତ କରିବାକୁ ଋଣ ଓ ମିତବ୍ୟୟ ସମିତି ଉଦ୍ୟମ କରିବା ଆବଶ୍ୟକ ବୋଲି ବିଧାୟକ (ମଧ୍ୟ) ଅନନ୍ତ ନାରାୟଣ ଜେନା କହିଛନ୍ତି। ରବିବାର ବିଡିଏ କର୍ମଚାରୀ ସମବାୟ ଋଣ ଓ ମିତବ୍ୟୟ ସମିତିର ରୌପ୍ୟ ଜୟନ୍ତୀ ବିଡିଏ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ବିଡିଏର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱଜିତ ମହାନ୍ତି ଯୋଗଦେଇ ଅର୍ଥ ଜମା ହୋଇ ରହିବା ଅପେକ୍ଷା ଏହାକୁ ବିନିଯୋଗ କରି ଆର୍ଥିକ ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଡିଏର ଅର୍ଥ ସଦସ୍ୟ ରୁଦ୍ରନାରାୟଣ ଆଚାର୍ଯ୍ୟ ଯୋଗଦେଇ, ପଡି ରହିଥିବା ଜମି କିଭଳି ବିନିଯୋଗ ହୋଇପାରିବ ଓ କର୍ମଚାରୀଙ୍କ ହିତ ପାଇଁ ବିଡିଏର କିଭଳି ଏକ କର୍ପସ ଫଣ୍ଡ୍ ସୃଷ୍ଟି କରାଯାଇ ପାରିବ ତାହା ଉପରେ ଆଲୋକପାତ କରିଥିଲେ। ସମିତି ସଭାପତି ଶୁଭ୍ରାଂଶୁ ଶେଖର ମହାନ୍ତି ସଭା ପରିଚାଳନା କରିଥିଲେ। ସମ୍ପାଦକ କୁଳମଣୀ ଦାସ ସମ୍ପାଦକୀୟ ବିବରଣୀ ପାଠରେ ସମିତି ସଦସ୍ୟଙ୍କ ପାଇଁ ୨ ଲକ୍ଷରେ ସୀମିତ ଥିବା ଋଣ ପରିମାଣ ୫ ଲକ୍ଷକୁ ବୃଦ୍ଧି କରାଯାଇଥିବା ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବାର୍ଷିକ ରିପୋର୍ଟ ଉନ୍ମୋଚନ କରିବା ସହ ସମିତି ସଦସ୍ୟଙ୍କୁ ଉପହାର ପ୍ରଦାନ କରିଥିଲେ।

# ମୁହଁ ଖୋଲିଲେ ବ୍ୟବସାୟୀ, ଫସାଉଥିଲେ ଅର୍ଚ୍ଚନା

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)



ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ଅଭିନେତା, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ବ୍ଲାକ୍‌ମେଲିଂ କରି ଟଙ୍କା ଲୁଟୁଥିବା ରହସ୍ୟମୟୀ ମହିଳା ଅର୍ଚ୍ଚନା ନାଗ ଏବେ ଜେଲରେ ଅଛନ୍ତି। ତାଙ୍କୁ ନେଇ ଏବେ ବି ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ଏପରିସ୍ଥିତିରେ ଅର୍ଚ୍ଚନାଙ୍କ ବିରୋଧରେ ବରମୁଣ୍ଡାରେ ରହୁଥିବା ଶଶାଙ୍କ ଶେଖର ସାହୁ ନାମକ ଜଣେ ଜଣେ ବ୍ୟବସାୟୀ ଗଣମାଧ୍ୟମ ଜରିଆରେ ରବିବାର ମୁହଁ ଖୋଲିଛନ୍ତି। ସେ କହିଛନ୍ତି, କିଛିମାସ ତଳେ ରାଜ୍ୟର ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚାମ୍ବରକୁ ସେ ଯାଇଥିବା ବେଳେ ସେଠାରେ ଅର୍ଚ୍ଚନା ଥିଲେ। ସେଠାରେ ଅର୍ଚ୍ଚନାଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଅର୍ଚ୍ଚନା ତାଙ୍କୁ ଠିକଣା ଏବଂ ନାମ ପଚାରିଥିଲେ। ପରେ ଅର୍ଚ୍ଚନା ତାଙ୍କୁ ଫେସ୍‌ବୁକରେ ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଇଥିଲେ। ସେ ଏହି ନିବେଦନକୁ ସ୍ୱୀକାର କରିବା ପରେ ଅର୍ଚ୍ଚନା ତାଙ୍କୁ ଫଶାଇବାକୁ ଚେଷ୍ଟା କରିଥିଲେ। ମେସେଞ୍ଜରରେ ଚାଟିଂ କରିବା ପରେ ମୋବାଇଲ ନମ୍ବର ନେଇଥିଲେ। ତେବେ ତାଙ୍କୁ ଫୋନ୍ କରି ପୁଅ ଦେହ ଅସୁସ୍ଥ ଥିବା କହି ଫେବୃୟାରୀ ୯ରେ ୨୫ ହଜାର ଟଙ୍କା ମାଗିଥିଲେ। ସେ ଟଙ୍କା ଦେଇ ନ ଥିଲେ। ପରେ ହ୍ୱାଟ୍ସଆପ୍‌ରେ ଅର୍ଚ୍ଚନାଙ୍କୁ ସେ ବ୍ଲକ୍ କରିଦେଇଥିଲେ। ଏହାର କିଛିଦିନ ପରେ ସେ ମେସେଞ୍ଜରରେ ପୁଣି କଲ୍ କରିଥିଲେ। ଫୋନ୍ ଉଠାଇବା ପରେ ଅର୍ଚ୍ଚନା ପୁଣି ତାଙ୍କୁ ବୁଝାଇ ଗାଡ଼ି କିସ୍ତି ଦେବା ପାଇଁ ୧୫ ହଜାର ଟଙ୍କା ମାଗିଥିଲେ। ଏହାପରେ ତାଙ୍କୁ ଘରକୁ ଡାକିଥିଲେ। ହେଲେ ସେ ଅର୍ଚ୍ଚନାଙ୍କ ଘରକୁ ଯାଇ ନ ଥିଲେ। ତେବେ ଏନେଇ ପୋଲିସ ପଚାରିଲେ ସହଯୋଗ କରିବେ ବୋଲି ଶଶାଙ୍କ କହିଛନ୍ତି।

# ସବ୍ୟସାଚୀ ମହାପାତ୍ରଙ୍କୁ 'ମିଟି କା ଗୁମାନ' ସମ୍ମାନ


ଚଳଚ୍ଚିତ୍ର ପ୍ରଯୋଜକ ସବ୍ୟସାଚୀ ମହାପାତ୍ର ଅତିଥିଙ୍କଠାରୁ 'ମିଟି କା ଗୁମାନ' ସମ୍ମାନ ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ଅନେକ ପ୍ରତିଭା ଅଛନ୍ତି ଯେଉଁମାନେ ଆଗକୁ ଆସି ପାରୁନାହାନ୍ତି। ବିଶେଷକରି ମହିଳାମାନେ ଆଗକୁ ଆସି ପ୍ରତିଭା ପ୍ରଦର୍ଶନ କରିବାକୁ ସୁଯୋଗ ପାଉନାହାନ୍ତି। କୀର୍ତ୍ତନ, ଭାଗବତ ଓ ଲୋକକଳା ଆଦି ଗାଁର କଳା ସଂସ୍କୃତି ଧୀରେ ଧୀରେ ହଜିଯାଉଛି। ଲୁଚି ରହିଥିବା ପ୍ରତିଭାକୁ ଆଗକୁ ଆଣିବା ସହ ଗାଁ ଗହଳିର କୁଟୀର ଶିଳ୍ପଠାରୁ ଆରମ୍ଭ କରି ଓଡ଼ିଶାର ନିଛକ କଳା ଓ ସଂସ୍କୃତିକୁ ଖୋଜିବାର ଏକ ନୂଆ ପ୍ରୟାସ ସ୍ୱରୂପ ରବିବାର ସୂଚନା ଭବନରେ ଅନୁଷ୍ଠିତ ହୋଇଥିଲା 'ମିଟି କା ଗୁମାନ' – ଆମ ମାଟିର କଳା। ସ୍ଥାପନା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଲୋକକଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ କଳା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଚଳଚ୍ଚିତ୍ର ପ୍ରଯୋଜକ ସବ୍ୟସାଚୀ ମହାପାତ୍ରଙ୍କୁ 'ମିଟି କା ଗୁମାନ', ସାହିତ୍ୟ ପାଇଁ ଶ୍ରୀ ସାହିତ୍ୟର ସମ୍ପାଦକ କୃଷ୍ଣ ନାୟକଙ୍କୁ 'ଆମ ମାଟିର କଳା ସମ୍ମାନ'ଏବଂ ସାମାଜିକ ସେବା କ୍ଷେତ୍ରରେ ଗାନ୍ଧୀବାଦୀ ନେତ୍ରୀ ସମାଜସେବୀ କୃଷ୍ଣା ମହାନ୍ତିଙ୍କୁ 'ସ୍ୱପ୍ନ ବିନୋଦିନୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହା ସହ ୨୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ସମ୍ମାନିତ ଅତିଥି ମହିଳା କମିଶନ ଅଧ୍ୟକ୍ଷା ଡ. ମିନତୀ ବେହେରା, ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କର, ମେୟର ସୁଲୋଚନା ଦାସ, ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ଡ. ଦିଲୀପ ରାଉତରାୟ, ବିଶେଷ ଅତିଥି ଭାବେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ଓ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇଥିଲେ। ଟ୍ରଷ୍ଟ ପ୍ରତିଷ୍ଠାତା ନିବେଦିତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟ୍ରଷ୍ଟର ସମ୍ପାଦକ ସରୋଜ କୁମାର ଭୂୟାଁ, ଶାନ୍ତା ବଳିଆରସିଂହ, ଗିତା ବଳିଆରସିଂହ, ସଚିକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସରୋଜ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।

## ଇପିଏଫ୍ ପେନ୍‌ସନର୍ସ ସଂଘର କର୍ମଶାଳା

ଭୁବନେଶ୍ୱର, ୧୬।୧୦ (ବ୍ୟୁରୋ)

ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ଓ ରାଜ୍ୟ ନିଗମ କର୍ମଚାରୀ ମହାସଂଘ ପକ୍ଷରୁ ଇପିଏଫ୍ ପେନସନ ସମ୍ବନ୍ଧୀୟ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ପରିଚାଳିତ ପ୍ରାୟ ୩୨ଟି ସଂସ୍ଥାର କର୍ମଚାରୀ ସଂଗଠନର ଶତାଧିକ ନେତା ଯୋଗଦେଇଥିଲେ। କର୍ମଶାଳାରେ ବିଜୟ କୁମାର ଜେନା ସଭାପତିତ୍ୱ କରିଥିବାବେଳେ ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଯୋଗଦେଇ ଇପିଏଫ୍ ପେନସନ ସ୍କିମ ବାବଦରେ ଆଲୋଚନା କରିଥିଲେ। ଏଥିସହ କେନ୍ଦ୍ର ସରକାର ଓ ଇପିଏଫ୍ କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବକୁ ସମାଲୋଚନା କରିଥିଲେ। ବକ୍ତାମାନେ ସଂଗଠନକୁ ସୁଦୃଢ କରିବା ପାଇଁ ନୂଆ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ନିଗମଗୁଡ଼ିକରେ ଏପରି କର୍ମଶାଳା ଅନୁଷ୍ଠିତ କରାଯିବା ସହ ବିଭିନ୍ନ ଘରୋଇ ସ୍କୁଲ, ହସ୍ପିଟାଲ ଓ ଗଣମାଧ୍ୟମରେ କାର୍ଯ୍ୟ କରି ଅବସର ନେଇଥିବା କର୍ମଚାରୀଙ୍କୁ ଏହି ସଂଘରେ ସଭ୍ୟ ଭାବେ ସାମିଲ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନିଗମ କର୍ମଚାରୀ ମହାସଂଘ ଉପଦେଷ୍ଟା ମୁକ୍ତିକାନ୍ତ ମହାପାତ୍ର, ନଟବର ଆଚାର୍ଯ୍ୟ, ଅଧ୍ୟକ୍ଷ ସତ୍ୟ ରଞ୍ଜନ ପଟ୍ଟନାୟକ, ମହାସଚିବ ସରୋଜକାନ୍ତ ମଲ୍ଲିକ, ଖୋର୍ଦ୍ଧା ଜିଲା ସଭାପତି ପ୍ରଫୁଲ୍ଲ କୁମାର ଦାସ, ସମ୍ପାଦକ ମାୟାଧର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଥିଲେ। ଗୀତାଞ୍ଜଳୀ ପାତ୍ର ଧନ୍ୟବାଦ ଦେଇଥିଲେ।

## ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**ସରକାରୀ ଆବାସିକ ବିଦ୍ୟାଳୟରେ ଛାତ୍ରୀ ଗର୍ଭବତୀ ଘଟଣା**

ଭୁବନେଶ୍ୱର,୧୬।୧୦(ବ୍ୟୁରୋ): ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀ ଗର୍ଭବତୀ ହେବା ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ମାନବାଧିକାର କର୍ମୀ ତଥା ସୁପ୍ରିମକୋର୍ଟ ଓକିଲ ରାଧାକାନ୍ତ ତ୍ରିପାଠୀ କିଛିମାସ ତଳେ ଏନେଇ ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି କମିଶନ କ'ଣ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେନେଇ ଆଗାମୀ ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଧାକାନ୍ତ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ, କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବେଲଘର ପଞ୍ଚାୟତର ଏସ୍‌ସି/ଏସ୍‌ଟି ବିଭାଗ ଦ୍ୱାରା ପରିଚାଳିତ ଏକ ଆବାସିକ ଉଚ୍ଚ ବାଳିକା ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ମୃତ ଶିଶୁପୁତ୍ର ଜନ୍ମଦେଇଥିଲେ। ପରେ ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅକ୍ଟୋବର ୬ରେ ଛାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଡାକ୍ତରଙ୍କ ଅବହେଳାରୁ ଏପରି ଘଟିଥିବା ଅଭିଯୋଗ କରିଥିଲେ। ଗତ ଜୁଲାଇରେ ମାଲକାନଗିରି ଜିଲା ଚମ୍ପାନଗରସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଥିଲେ। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ୨୦୧୫ ମାର୍ଚ୍ଚରେ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଅନୁସୂଚିତ ଜନଜାତି ବିଭାଗ ମନ୍ତ୍ରୀ ଲାଲ ବିହାରୀ ହିମିରିକା ବିଭିନ୍ନ ଆବାସିକ ବିଦ୍ୟାଳୟରେ ଯୌନ ନିର୍ଯାତନାର ଶିକାର ହୋଇଥିବା ୧୭ଜଣ ନାବାଳିକାଙ୍କ ପରିଚୟ ଦେଇଥିଲେ। ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ହୋଇଥିଲେ ମଧ୍ୟ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ତେବେ ଏସବୁ ଘଟଣାରେ ଅଭିଯୁକ୍ତ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ବିଭିନ୍ନ ଘଟଣାରେ ପୀଡିତାଙ୍କୁ କ୍ଷତିପୂରଣ ରାଶି ଦିଆଯାଇଛି କି ନାହିଁ ଏବଂ ଭବିଷ୍ୟତରେ ଏଭଳି ନ ଘଟିବା ପାଇଁ କି ପଦକ୍ଷେପ ନିଆଯାଇଛି, ଏସବୁ ଜାଣିବାକୁ କମିଶନଙ୍କ ନିକଟରେ ଅଭିଯୋଗକାରୀ ଆବେଦନ କରିଛନ୍ତି।

# ଭାଷାଗତ ଭିନ୍ନତା ସତ୍ତ୍ୱେ ସାହିତ୍ୟ ସମସ୍ତଙ୍କୁ ବାନ୍ଧିରଖେ

**ଓଡ଼ିଶା ଉତ୍ସବ ଉଦ୍‌ଯାପିତ**

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ଜୀବନକୁ ସୁନ୍ଦର ଓ ଅର୍ଥପୂର୍ଣ୍ଣ କରିବା ସାହିତ୍ୟର ଲକ୍ଷ୍ୟ। ଭାଷାଗତ ଭିନ୍ନତା ସତ୍ତ୍ୱେ ସାହିତ୍ୟ ସମସ୍ତଙ୍କୁ ବାନ୍ଧି ରଖିଥାଏ। କର୍ଣ୍ଣାଟକ ମାଟିରେ 'ଓଡ଼ିଶା ଉତ୍ସବ' ପ୍ରକୃତରେ 'ଜୀବନ ଉତ୍ସବ' ବୋଲି ରବିବାର ବେଙ୍ଗାଲୁରୁର ରବୀନ୍ଦ୍ର କଳାକ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ୩ ଦିନିଆ ଓଡ଼ିଶା ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ଣ୍ଣାଟକ ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ପ୍ରଫେସର ବି.ଭି.ବସନ୍ତ କୁମାର କହିଛନ୍ତି। ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି କହିଛନ୍ତି, କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ଓଡ଼ିଶାରେ କିପରି ଅନୁରୂପ 'କର୍ଣ୍ଣାଟକ ଉତ୍ସବ' ଆୟୋଜିତ ହୋଇପାରିବ ସେ ଦିଗରେ ସବୁପ୍ରକାର ଉଦ୍ୟମ କରିବେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଛନ୍ତି, ୩ ଏକାଡେମୀକୁ ନେଇ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବ କନ୍ନଡ଼ ଏବଂ ଓଡ଼ିଆ ଭାଷା ସାହିତ୍ୟର ସମ୍ପର୍କ ସୁଦୃଢ଼ କରିପାରିଛି। ଉଭୟ ଭାଷାର ଲୋକେ ଏହାକୁ ଆପଣାର ପର୍ବ ଭାବେ ଗ୍ରହଣ କରି ଏହି ଉତ୍ସବରେ ସାମିଲ ହୋଇଛନ୍ତି। ଦିଲ୍ଲୀ ଓ କୋଲକାତାରେ ଏହି ଉତ୍ସବ ଆୟୋଜନ ପାଇଁ ଉଦ୍ୟମ କରାଯିବ। ଏକାଡେମୀର ସଭାପତି ଡ. ହୃଷିକେଶ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ଡ. ସୁବୋଧ ଆଚାର୍ଯ୍ୟ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ପ୍ରବାସୀ ଓଡ଼ିଆଙ୍କ ପକ୍ଷରୁ ଏହି ୩ଦିନିଆ ଉତ୍ସବର ଉପଲବ୍ଧି ବ୍ୟକ୍ତ କରିଥିଲେ। ଏକାଡେମୀର ଉପସଭାପତି ଡ. ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ପ୍ରଦାନ କରିଥିଲେ। କନ୍ନଡ଼ ଲେଖକ ବି.ଭି.ବସନ୍ତ କୁମାର, ମହାଦେବ ଶଙ୍କନାପୁରା ଓ ମଧୁରାଣୀ ମୟିସୁରୁଙ୍କୁ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶନିବାର ଏକାଡେମୀ ପକ୍ଷରୁ ପ୍ରବାସୀ ଲେଖକମାନଙ୍କୁ ନେଇ ଏକ ମନୋଜ୍ଞ ଗଳ୍ପ ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାକୁ ଏକାଡେମୀ ସଭାପତି ଡ. ମଲ୍ଲିକ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଏଚ୍.ଏସ୍.ଶିବପ୍ରକାଶ ଓ ସମ୍ମାନିତ ଅତିଥି ଭାବେ କନ୍ନଡ଼ ଲେଖିକା ଛାୟା ଭଗବତ ଯୋଗ ଦେଇଥିଲେ। ଗାଳ୍ପିକା ପ୍ରବୀଣା ମହାନ୍ତି ପାଠୋତ୍ସବ ଓ ଆଲୋଚନାଚକ୍ର ପରିଚାଳନା କରିଥିଲେ। ଉପସଭାପତି ଡ. ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକାଡେମୀ ପକ୍ଷରୁ ପୁସ୍ତକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା।

## ଆରମ୍ଭ ହେଲା ଗାନ୍ଧୀ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଗାନ୍ଧିଜୀଙ୍କ ଉପରେ ଚିତ୍ରାଙ୍କନ କରୁଛନ୍ତି।

ଭୁବନେଶ୍ୱର, ୧୬।୧୦ (ବ୍ୟୁରୋ)

ହେଲ୍ପମେଟ୍ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗାନ୍ଧୀ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରବିବାର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା, ଭାଗବତ ଗୀତା ପାଠ, ଦେଶାତ୍ମକ ସଙ୍ଗୀତ, ଗାନ୍ଧୀ ଭଜନ, ଗାନ୍ଧୀ କୁଇଜ୍, ଖଦି ଫେସନ ଶୋ' ସହିତ ଗାନ୍ଧୀ ଓଡ଼ିଶା ଆଗମନର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ଯୋଗଗୁରୁ ସୁଧାଂଶୁ ଅଧିକାରୀ, ଜୟଶ୍ରୀ ଧଳ, ତାରାକାନ୍ତ ପରିଡା, ସିନେ କଳାକାର ଦିଲ୍ଲୀପ ନାୟକ ବିଚାରକ ଭାବେ ଯୋଗ ଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ର ଗାନ୍ଧୀଙ୍କ ଦିଗ୍‌ଦର୍ଶନ ଓ ଜୀବନାଦର୍ଶରେ ପ୍ରଭାବିତ ହୋଇ ଶୃଙ୍ଖଳିତ ନାଗରିକ ଭାବେ ଉଭା ହେବେ ବୋଲି ଅନୁଷ୍ଠାନର ଉପସଭାପତି ନିହାରିକା ପଟ୍ଟନାୟକ ଏବଂ ସମ୍ପାଦିକା ନିବେଦିତା ଭଞ୍ଜ କହିଥିଲେ। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏଭଳି ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି ଡ. ଅଞ୍ଜଳୀ ତ୍ରିପାଠୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ସହ ସମ୍ପାଦିକା ଲୀନ ମିଶ୍ର ଏବଂ ସଦସ୍ୟମାନେ ପରିଚାଳନା କରିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜୟନ୍ତୀ ପାଳନ ଅବସରରେ ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୩ ନଂ. ୱାର୍ଡର ପଳାସପଲ୍ଲୀରୁ ଝରଣାସାହି ଅଭିମୁଖେ ବାହାରିଥିବା ଜନସମ୍ପର୍କ ପଦଯାତ୍ରା।



ଭୁବନେଶ୍ୱର ଜିଲା ମହିଳା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିବସରେ ଏଜି ଛକଠାରେ ଔଷଧୀୟ ଚାରା ବଣ୍ଟନ କରାଯାଉଛି।